# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ନଭେମ୍ବର ୮/୨୦୧୯ (୨୦ ପୃଷ୍ଠା) Dhenkanal, Friday, November 8 / 2019 ★★★★★

୧୫ଶ ଭାଗ ୨୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଦାମୀ ହିରୋ ଅକ୍ଷୟ୍ କୁମାର**

ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଅକ୍ଷୟ୍ କୁମାରଙ୍କ ୩ଟି ଫିଲ୍ମ ରିଲିଜ୍ ହୋଇସାରିଛି। ତାଙ୍କୁ ବଲିଉଡ୍‌ର ସବୁଠାରୁ ଦାମୀ ଅଭିନେତା ବୋଲି କୁହାଯାଉଛି।

**୧୨ ୧୮**

**ରୋହିତଙ୍କ କୀର୍ତ୍ତିମାନ**

ରୋହିତ ଶର୍ମା ଗୁରୁବାର ପ୍ରଥମ ଭାରତୀୟ ଏବଂ ବିଶ୍ୱର ଦ୍ୱିତୀୟ କ୍ରିକେଟର ଭାବେ ୧୦୦ ଟି୨୦ ମ୍ୟାଚ ଖେଳିବାର ଗୌରବ ଅର୍ଜନ କରିଛନ୍ତି।



## ବାଂଲାଦେଶ ମୁହାଁଇଲା 'ବୁଲ୍‌ବୁଲ୍'

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ନିକଟରେ ସୃଷ୍ଟି ହୋଇଥିବା ଲଘୁଚାପ ଗୁରୁବାର ବାତ୍ୟା 'ବୁଲ୍‌ବୁଲ୍'ରେ ପରିଣତ ହୋଇଛି। ସନ୍ଧ୍ୟା ସୁଦ୍ଧା ଏହି ସାମୁଦ୍ରିକ ଝଡ ଭୟଙ୍କର ରୂପ ଧାରଣ କରି ପୂର୍ବ- କେନ୍ଦ୍ରୀୟ ବଙ୍ଗୋପ ସାଗରରୁ ଉତ୍ତର ପଶ୍ଚିମ ଦିଗ ଦେଇ ଘଣ୍ଟାକୁ ୨୧ କିଲୋମିଟର ବେଗରେ ଗତି କରୁଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ବୁଲ୍‌ବୁଲ ପାରାଦୀପଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗଠାରୁ ୫୬୦ କିଲୋମିଟର, ଆଣ୍ଡାମାନର ମାୟାବନ୍ଦରଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗର ୬୮୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଭୟଙ୍କର ସାମୁଦ୍ରିକ ଝଡ(ସିଭିୟର ସାଇକ୍ଲୋନିକ ଷ୍ଟର୍ମ)ରେ ପରିଣତ ହୋଇ ଉତ୍ତର-ଉତ୍ତରପଶ୍ଚିମ ଦିଗ ଦେଇ ଗତି କରିବ। ଆସନ୍ତା ୯ ତାରିଖ ସକାଳେ ବାତ୍ୟା ପଶ୍ଚିମବଙ୍ଗ ଉପକୂଳ ଓ ବାଂଲାଦେଶ ଦେଇ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସ୍ଥଳଭାଗକୁ ଛୁଇଁବା ବେଳକୁ ବୁଲ୍‌ବୁଲର ଘଣ୍ଟା ପ୍ରତି ବେଗ ୧୨୦ରୁ ୧୪୫ କିଲୋମିଟର ରହିବ ବୋଲି ଅନୁମାନ କରାଯାଉଛି। ୧୦ ତାରିଖ ବେଳକୁ ଏହାର ବେଗ କମି ଆସିବ ଏବଂ ୧୨ ତାରିଖରେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବ। ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ନ ଥିଲେ ମଧ୍ୟ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଝଡବର୍ଷା ହେବାର ଆଶଙ୍କା ରହିଛି। ୮ ତାରିଖରେ ଜଗତ୍‌ସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ଘଣ୍ଟାକୁ ୪୫ରୁ ୫୦ ଏବଂ ବେଳେ ବେଳେ ଏହା ୬୫ କିଲୋମିଟର ବେଗରେ ପବନ ବହିବ। ସେହିପରି ୯ ତାରିଖରେ ଉକ୍ତ ଜିଲାଗୁଡ଼ିକରେ ପବନର ବେଗ ୭୦ରୁ ୮୦ ଓ ବେଳେ ବେଳେ ୯୦ କିଲୋମିଟର ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଏହି ସମୟରେ ପୁରୀ, ଗଞ୍ଜାମ ଏବଂ ଯାଜପୁର ଜିଲାରେ ମଧ୍ୟ ଘଣ୍ଟାକୁ ୪୦ରୁ ୫୦ କିଲୋମିଟର ବେଗରେ ଝଡବର୍ଷା ହେବାର ସମ୍ଭାବନା ରହିଛି। ବାତ୍ୟା ପ୍ରଭାବରେ ଉପକୂଳ ଅଶାନ୍ତ ରହିବ। ୮ରୁ ୧୦ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ବାତ୍ୟା ପ୍ରଭାବରେ ୮ ଓ ୯ ତାରିଖରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପ୍ରବଳ ଓ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ୮ ତାରିଖରେ ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ଭଦ୍ରକ ଜିଲାରେ ଝଡ ବର୍ଷା ହେବ। ସେହି ସବୁ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ସେହିପରି ୯ ତାରିଖରେ କଟକ, ଯାଜପୁର ଓ ମୟୂରଭଞ୍ଜ ଜିଲାରେ ପ୍ରବଳ ଏବଂ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତ୍‌ସିଂହପୁର ଜିଲାରେ ☞ପୃଷ୍ଠା-୪

**୧୨ ଘଣ୍ଟାରେ ଉଗ୍ରରୂପ ନେବ**

- ଉପକୂଳ, ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା
- ୩ ଜିଲାରେ ୨ଦିନ ପାଇଁ ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ
- ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- କେନ୍ଦ୍ର ସରକାରଙ୍କ ସହ ଏସ୍‌ଆରସିଙ୍କ ଆଲୋଚନା







### ୯ ରେ ୯ ଜିଲାର ଶିକ୍ଷାନୁଷ୍ଠାନ ବନ୍ଦ

**ଭୁବନେଶ୍ୱର, ୭।୧୧(ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟା 'ବୁଲ୍‌ବୁଲ'କୁ ଦୃଷ୍ଟିରେ ରଖି ୯ଟି ଜିଲାର ସ୍କୁଲ, କଲେଜ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ୯ ତାରିଖରେ ଛୁଟି ଘୋଷଣା କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ ଓ ଯାଜପୁର। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାତ୍ୟା ପ୍ରସ୍ତୁତି ବୈଠକ ପରେ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି) ପ୍ରଦୀପ କୁମାର ଜେନା ଏହି ସୂଚନା ଦେଇଛନ୍ତି। ତେବେ ଶୁକ୍ରବାର ବର୍ଷା ଓ ପବନର ଗତିକୁ ଦେଖି ଜିଲା ପ୍ରଶାସନ ଶିକ୍ଷାନୁଷ୍ଠାନ ବନ୍ଦ ନିଷ୍ପତ୍ତି ନେବାକୁ ଜିଲାପାଳଙ୍କୁ କୁହାଯାଇଛି। ପ୍ରଭାବିତ ହେବାକୁ ଥିବା ୯ ଜିଲାରେ ୨ଟି ଲେଖାଏ ଓଡ୍ରାଫ ଟିମ୍ ଏବଂ ଗୋଟିଏ ଲେଖାଏ ଏନ୍‌ଡିଆରଏଫ୍ ଟିମ୍‌କୁ ପଠାଯାଇଛି। ଏସବୁ ଜିଲାରେ ଅଗ୍ନିଶମ ବିଭାଗକୁ ସଜାଗ ରଖାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି।

## ଆଜିଠୁ ପଞ୍ଚୁକ ବ୍ରତ
### ୫ ଦିନ ୫ ବେଶରେ ଦର୍ଶନ ଦେବେ ମହାପ୍ରଭୁ



**ପୁରୀ ଅଫିସ, ୭।୧୧:** ଶୁକ୍ରବାରଠାରୁ ଆରମ୍ଭ ହେବ ମହା କାର୍ତ୍ତିକର ପଞ୍ଚୁକ ବ୍ରତ। ଶ୍ରୀମନ୍ଦିରରେ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପଞ୍ଚୁକ ବେଶ ଅନୁଷ୍ଠିତ ହେବ। ଶୁକ୍ରବାର ଶ୍ରୀମନ୍ଦିରରେ ହରି ଉତ୍‌ଥାପନ ଏକାଦଶୀ ନୀତି ସମ୍ପନ୍ନ ହେବା ସହିତ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହେବ। ସେହିପରି ନଭେମ୍ବର ୯ରେ ବାଙ୍କଚୁଡ, ୧୦ରେ ତ୍ରିବିକ୍ରମ, ୧୧ରେ ଲକ୍ଷ୍ମୀନୃସିଂହ ଏବଂ ନଭେମ୍ବର ୧୨ତାରିଖ କାର୍ତ୍ତିକ ପୂର୍ଣ୍ଣିମାରେ ରାଜାଧିରାଜ ବେଶ ତଥା ସୁନାବେଶ ଅନୁଷ୍ଠିତ ହେବ। ପଞ୍ଚୁକ ବ୍ରତ ପାଇଁ ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁ ଏବଂ ହବିଷିଆଳିଙ୍କ ଭିଡ଼ ଜମିଲାଣି। ଏଥିଲାଗି ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଏକାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଗୋଟିଏ ଏବଂ କେବଳ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଆଉ ଗୋଟିଏ ପୋଲିସ ବ୍ୟବସ୍ଥା ହୋଇଛି। ପଞ୍ଚୁକରେ ୩୦ ପ୍ଲାଟୁନ ଫୋର୍ସ ସହ ୧୦୦ରୁ ଊର୍ଦ୍ଧ୍ୱ ପୋଲିସ ଅଫିସର ନିୟୋଜିତ ହେବେ ବୋଲି ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି। ସେହିପରି ସେରକାରୀ ଲାଇଫ୍‌ଗାର୍ଡଙ୍କ ସମେତ ନୋଳିଆ ସମ୍ପ୍ରଦାୟର ଯୁବକଙ୍କୁ ବେଳାଭୂମିରେ ନିୟୋଜିତ କରାଯିବ। ଜଗନ୍ନାଥ ବଲ୍ଲଭ, ପୁରୁଣା ଜେଲ ପଡ଼ିଆ, ଶରଧାବାଲି, ଜିଲା ସ୍କୁଲ, ଯାତ୍ରୀକା, ଲୋକନାଥ ଘାଟ, ତାଳବଣିଆରେ ଚାରିଚକିଆ ଯାନ ପାର୍କିଂ ବ୍ୟବସ୍ଥା କରାଯାଇଛି। ମୋଚିସାହି ଛକ ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଏବଂ ମାର୍କେଟ ଛକସ୍ଥିତ ମାର୍କେଟ କମ୍ପ୍ଲେକ୍ସ ପରିସରରେ ବାଇକ୍ ପାର୍କିଂ କରାଯିବ। ଟାଉନ ଥାନାଠାରୁ ଆଗକୁ କାର୍, ଜିପ୍ ଆଦି ଚାରିଚକିଆ ଯାନ ମନ୍ଦିର ଆଡକୁ ଛଡ଼ାଯିବ ନାହିଁ।

## ବିଭୁ ରାଉତରାୟ ହାଇକୋର୍ଟ ବିଚାରପତି ନିଯୁକ୍ତ
### ଆଜି ନେବେ ଶପଥ

କଟକ ଅଫିସ, ୭।୧୧

ଓଡ଼ିଶା ହାଇକୋର୍ଟରେ ନୂଆ ବିଚାରପତି ଭାବେ ବ୍ରହ୍ମପୁର ଜିଲା ଦୌରାଜଜ୍ ଥିବା ବିଭୁ ପ୍ରସାଦ ରାଉତରାୟ ଶୁକ୍ରବାର ଶପଥ ଗ୍ରହଣ କରିବେ। କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ତାଙ୍କ ନିଯୁକ୍ତି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଶୁକ୍ରବାର ଅପରାହ୍ନ ୨ଟାରେ ହାଇକୋର୍ଟ ପୁରୁଣା ବିଲ୍ଡିଂର ନୂତନ ସମ୍ମିଳନୀ କକ୍ଷରେ ଏହି ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ପକ୍ଷରୁ ସୂଚନା ମିଳିଛି।



ଗତ ଅକ୍ଟୋବର ୩ରେ ସୁପ୍ରିମ୍‌କୋର୍ଟ କଲେଜିୟମ୍ ବିଭୁ ପ୍ରସାଦ ରାଉତରାୟ ଏବଂ ଆଇନଜୀବୀ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ନାମ ଓଡିଶା ହାଇକୋର୍ଟ ଜଜ୍ ଭାବେ ସୁପାରିସ କରିଥିଲେ। ଉଭୟଙ୍କ ନାମକୁ କଲେଜିୟମ୍ କେନ୍ଦ୍ର ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା। ମାତ୍ର କେନ୍ଦ୍ର ସରକାର ବିଭୁପ୍ରସାଦଙ୍କ ନାମକୁ ଅନୁମୋଦନ କରିଛନ୍ତି। ବିଭୁପ୍ରସାଦଙ୍କ ନିଯୁକ୍ତି ଫଳରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୫ରେ ପହଞ୍ଚିବ। ତେବେ ଆସନ୍ତା ୧୨ରେ ବିଚାରପତି ଡ. ଅକ୍ଷୟ ରଥ ଅବସର ନେବେ। ସେତେବେଳେ ପୁନର୍ବାର ବିଚାରପତିଙ୍କ ସଂଖ୍ୟା ୧୪ ରହିବ।

## 'ନିବେଶ ଲାଗି ଭାରତ ସବୁଠୁ ଅନୁକୂଳ'

ଧର୍ମଶାଳା(ହି.ପ୍ର.),୭।୧୧(ପି.ଟି.)

ପୁଞ୍ଜିନିବେଶ ଲାଗି ଭାରତ ଏବେ ସବୁଠୁ ଅନୁକୂଳ ଲକ୍ଷ୍ୟସ୍ଥଳ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ୨୦୧୪ରୁ ୨୦୧୯ ମଧ୍ୟରେ ବିଶ୍ୱ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ (ବ୍ୟବସାୟ ଲାଗି ସହଜ ବ୍ୟବସ୍ଥା) ସୂଚକାଙ୍କରେ ଭାରତ ୭୯ ସ୍ଥାନ ଉପରକୁ ଉଠିପାରିଛି। ଶିଳ୍ପ ସଂସ୍ଥା ଲାଗି ତୃଣମୂଳ ସ୍ତରର ଆବଶ୍ୟକତାକୁ ହୃଦୟଙ୍ଗମ କରି ସରକାର ନିଷ୍ପତ୍ତି ନେଉଥିବାରୁ ପ୍ରତିବର୍ଷ ଏହି ର୍ୟାଙ୍କରେ ଉନ୍ନତି ଘଟୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହିତ ଭାରତରେ ବ୍ୟବସାୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଆମେ ଅର୍ଥନୀତିର ମୌଳିକତାକୁ ଦୁର୍ବଳ ହେବାକୁ ଦେଉ ନ ଥିବାରୁ ଭାରତ ଅର୍ଥନୀତିରେ ସୁଦୃଢ଼ ହୋଇପାରିଛି।

ପୁରୁଣା ଆଇନକୁ ରଦ୍ଦ କରିବା, ନିବେଶକମାନଙ୍କ ପାଇଁ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଆଦି ଏକାଧିକ ଆର୍ଥିକ ସଂସ୍କାର ନୀତି ଗତ କିଛି ବର୍ଷ ମଧ୍ୟରେ ଗ୍ରହଣ କରାଯାଇଛି। ବ୍ୟବସାୟରେ ଇନ୍ସପେକ୍ଟର ରାଜ୍‌କୁ ହଟାଇଦିଆଯାଇଛି। ଏବେ ରାଜ୍ୟ ଅନୁମତିକୁ ଗୁରୁତ୍ୱ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

୨୦୨୫ ସୁଦ୍ଧା ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥାରେ ପହଞ୍ଚାଇବାକୁ ହେଲେ ପ୍ରତ୍ୟେକ ରାଜ୍ୟ ଓ ଜିଲାର ସହଯୋଗ ଆବଶ୍ୟକ ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ କହିଛନ୍ତି। ହିମାଚଳପ୍ରଦେଶକୁ ପୁଞ୍ଜି ଆକୃଷ୍ଟ କରିବା ଲାଗି ଦୁଇଦିନିଆ ବିଶ୍ୱ ନିବେଶକ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ପ୍ରତି ରାଜ୍ୟ ଓ ଜିଲା ସେମାନଙ୍କ ସାମର୍ଥ୍ୟ ବଳରେ ଲକ୍ଷ୍ୟ ହାସଲ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବେ। ପୂର୍ବ ଅବସ୍ଥା ଏବେ ନାହିଁ। ବର୍ତ୍ତମାନ ରାଜ୍ୟଗୁଡ଼ିକ ପୁଞ୍ଜି ଆକୃଷ୍ଟ କରିବା ଲାଗି ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ହିମାଚଳପ୍ରଦେଶରେ ପର୍ଯ୍ୟଟନ, ଔଷଧ ଓ ଅନ୍ୟ ସେକ୍ଟରରେ ପୁଞ୍ଜିନିବେଶ ଲାଗି ପର୍ଯ୍ୟାପ୍ତ ସୁଯୋଗ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ନିବେଶକଙ୍କୁ ଆକୃଷ୍ଟ କରିବା ଲାଗି ହିମାଚଳପ୍ରଦେଶ ସରକାର ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ସମ୍ମିଳନୀରେ ୨୦୦ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସମେତ ୧୭୦୦ରୁ ଅଧିକ ବ୍ୟବସାୟ ପ୍ରତିନିଧି ଯୋଗଦେଇଥିଲେ।

## କୋଇଲା ମନ୍ତ୍ରୀଙ୍କ ଦିନିକିଆ ତାଳଚେର ଗସ୍ତ
## ଖଣି ଦୁର୍ଘଟଣା କ୍ଷତିପୂରଣ ୧୫ ଲକ୍ଷକୁ ବୃଦ୍ଧି

ତାଳଚେର,୭।୧୧(ନି.ପ୍ର.)

ଦେଶରେ ପ୍ରଚୁର କୋଇଲା ରହିଛି। କେବଳ ଓଡ଼ିଶାରେ ଦେଶର ୨୫ ପ୍ରତିଶତ (୭୫ ବିଲିୟନ ଟନ୍) କୋଇଲା ଗଚ୍ଛିତ ଅଛି। ତଥାପି ବିଦେଶରୁ ବାର୍ଷିକ ୨୩୫ ମିଲିୟନ ଟନ୍ କୋଇଲା ଆମଦାନୀ କରାଯାଉଛି। ଫଳରେ ଦେଶର ୨ଲକ୍ଷ ୭୧ କୋଟି ଟଙ୍କା କ୍ଷତି ଘଟୁଛି। ଗୁରୁବାର ଦିନିକିଆ ତାଳଚେର ଗସ୍ତରେ ଆସିଥିବା କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଏହା ପ୍ରକାଶ କରିଛନ୍ତି। ଏଥିସହ ଖଣି ଦୁର୍ଘଟଣାରେ ପ୍ରାଣ ହରାଉଥିବା ଶ୍ରମିକଙ୍କ ପରିବାରକୁ ପୂର୍ବରୁ ୫ଲକ୍ଷ ଟଙ୍କାର ଯେଉଁ କ୍ଷତିପୂରଣ ରାଶି ମିଳୁଥିଲା ତାହାକୁ ଆଜିଠାରୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବା ମନ୍ତ୍ରୀ ଘୋଷଣା କରିଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରଥମେ ଭୁବନେଶ୍ୱରୀ କୋଇଲା ଖଣିକୁ ଆକାଶ ମାର୍ଗରୁ ନିରୀକ୍ଷଣ କରିଥିଲେ। ☞ପୃଷ୍ଠା-୪

- ଦେଶର ୨୫ ପ୍ରତିଶତ କୋଇଲା ଓଡ଼ିଶାରେ
- ୨୦୨୩-୨୪ରେ ୧ ହଜାର ମିଲିୟନ ଟନ୍ ଉତ୍ପାଦନ
- ୨୦୨୪ ସୁଦ୍ଧା ଆଉ ୪ ହଜାର କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି




ଏମ୍‌ସିଏଲ୍‌ର ଭୁବନେଶ୍ୱରୀ କୋଇଲା ଖଣି ପରିଦର୍ଶନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ।

**ସ୍ୱତନ୍ତ୍ର**

**୩ ବର୍ଷ ପୂରିଲା ବିମୁଦ୍ରୀକରଣ**

୨୪

**ଆଜିର ସମ୍ପାଦକୀୟ**

**ଅଲଗାବାଦ ଛାଡ଼**

**ଆଜିର ମନ୍ତବ୍ୟ**

" ଭାରତକୁ ୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ପ୍ରତ୍ୟେକ ରାଜ୍ୟ ଓ ଜିଲାର ଭୂମିକା ରହିଛି।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ରେ ଭାରତ ୫,୧୫୧ କୋଟି ଟଙ୍କା ମୂଲ୍ୟର ଜୈବିକ ଖାଦ୍ୟ ସାମଗ୍ରୀ ବିଦେଶକୁ ରପ୍ତାନି କରିଛି।

– ବାଣିଜ୍ୟ ମନ୍ତ୍ରଣାଳୟ


Taste the difference! Vencobb FRESH CHICKEN

07.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply

Issued in the Interest of Consumers


## ଆଜ୍‌ମେର-ପୁରୀ ଏକ୍ସପ୍ରେସ୍ ଇଞ୍ଜିନରେ ନିଆଁ



ଟ୍ରେନ୍ ଇଞ୍ଜିନରୁ ନିଆଁ ଲିଭାଇ ଦିଆଯାଇଛି।

ବଇଣ୍ଡା, ୭।୧୧(ଡି.ଏନ୍.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଷ୍ଟେଶନ ନିକଟରେ ଗୁରୁବାର ଅପରାହ୍ନରେ ଆଜ୍‌ମେର-ପୁରୀ ଏକ୍ସପ୍ରେସ୍ ଇଞ୍ଜିନରେ ନିଆଁ ଲାଗି ଯାଇଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ତେବେ ଟ୍ରେନ୍ ଅଟକାଯାଇ ନିଆଁ ଲିଭାଯିବା ଓ ଇଞ୍ଜିନ ବଦଳାଯିବା ପରେ ଏକ୍ସପ୍ରେସ୍ ପୁରୀ ଅଭିମୁଖେ ଯାତ୍ରା କରିଥିଲା।

ପ୍ରକାଶ ଯେ, ଆଜ୍‌ମେର-ପୁରୀ ଏକ୍ସପ୍ରେସ୍ ସମ୍ବଲପୁର ଦେଇ ପୁରୀ ଅଭିମୁଖେ ଯାଉଥିବା ବେଳେ ସରିଗିପାଲି ଷ୍ଟେଶନ ପରଠାରୁ ଡିଜେଲ ଇଞ୍ଜିନ ନମ୍ବର ୧୮୪୨୨ରେ ନିଆଁ ଲାଗିଯାଇଥିଲା। ☞ପୃଷ୍ଠା-୪

**ଶିବସେନାକୁ ଶିକାର ଭୟ**

## ହୋଟେଲରେ ୫୬ ବିଧାୟକ

ମୁମ୍ବାଇ,୭।୧୧(ପି.ଟି./ଆଇଏଏନ୍‌ଏସ୍)

ମହାରାଷ୍ଟ୍ରରେ କ୍ଷମତା ଭାଗବଣ୍ଟା ଛିଣ୍ଡୁନାହିଁ। ଦୁଇ ସହଯୋଗୀ ଭାଜପା ଓ ଶିବସେନା ମଧ୍ୟରେ ହିସାବକିତାବ ସରୁନାହିଁ। ତେଣୁ ସରକାର ଗଠନରେ ବିଳମ୍ବ ହେବାରେ ଲାଗିଛି। ଶୁକ୍ରବାର ବିଧାନସଭା କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାବେଳେ ଶେଷ ମୁହୂର୍ତ୍ତରେ କିଛି ବି ଘଟିପାରେ। ତେଣୁ ୫୦:୫୦ ସୂତ୍ରକୁ ନେଇ ଅଡ଼ି ବସିଥିବା ଶିବସେନା ପକ୍ଷରୁ ଗୁରୁବାର ଦଳର ସମସ୍ତ ୫୬ ବିଧାୟକଙ୍କୁ ବାନ୍ଦ୍ରାର ଏକ ଘରୋଇ ହୋଟେଲରେ ରଖାଯାଇଛି। ରାଜନୈତିକ ସଙ୍କଟ ଦୂର ନ ହେବା ଯାଏ ଉକ୍ତ ହୋଟେଲରେ ରଖାଯିବ ବୋଲି ଦଳ ସୂତ୍ରରୁ ପ୍ରକାଶ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ସମ୍ଭାବ୍ୟ ଶିକାର ଭୟକୁ ନେଇ ଶିବସେନା ଏପରି ପଦକ୍ଷେପ ନେଇଥିବା କଂଗ୍ରେସ ସମାଲୋଚନା କରିଛି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅକ୍ଟୋବର ୨୧ରେ ହୋଇଥିଲା, ଯାହାର ଫଳାଫଳ ୨୪ ତାରିଖରେ ପ୍ରକାଶ ପାଇଥିଲା। ଭାଜପାକୁ ୧୦୫ ଓ ଏହାର ସହଯୋଗୀ ଶିବସେନାକୁ ୫୬ ଆସନରେ ସଫଳତା ମିଳିଛି। ବିରୋଧୀ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ୫୪ ଆସନ ଦଖଲ କରିଥିବାବେଳେ କଂଗ୍ରେସ ପ୍ରାର୍ଥୀ ୪୪ ଆସନରେ ବିଜୟୀ ହୋଇଛନ୍ତି। ବିଧାନସଭା କାର୍ଯ୍ୟକାଳ ଶୁକ୍ରବାର ଶେଷ ହେବାକୁ ଥିବାବେଳେ ସରକାର ଗଠନ ପାଇଁ ଅଦ୍ୟାବଧି କୌଣସି ଦଳ କିମ୍ବା ମେଣ୍ଟ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇନାହିଁ। ପ୍ରଥମ ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ପଦ ନିଜ ପାଖରେ ରଖିବାକୁ ଶିବସେନା ଚାହୁଁଛି, ଯାହାକୁ ଭାଜପା ପ୍ରତ୍ୟାଖ୍ୟାନ କରିସାରିଛି। ବିଧାୟକ ଦଳ ନେତା ତଥା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ନେତୃତ୍ୱରେ ପୁଣି ସରକାର ଗଠନ କରାଯିବ ବୋଲି ଭାଜପା ସ୍ପଷ୍ଟ କରିଛି। ଜୁହୁକ ସଂଖ୍ୟା ୧୪୫ ହୋଇଥିବାରୁ ଭାଜପାକୁ ସରକାର ଗଠନ ଲାଗି ଆଉ ୪୦ ସଦସ୍ୟଙ୍କ ସମର୍ଥନ ଜରୁରୀ। ତେଣୁ ଶିବସେନାରେ ବିଭାଜନ କରାଇ ଭାଜପା କ୍ଷମତା ଅକ୍ତିଆର କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଗୁରୁବାର ଶିବସେନାର ସମସ୍ତ ୫୬ ବିଧାୟକଙ୍କୁ ବାନ୍ଦ୍ରା ୱେଷ୍ଟ୍ର ☞ପୃଷ୍ଠା-୮



ଶିବସେନା ବିଧାୟକମାନଙ୍କୁ ରଖାଯାଇଥିବା ବାନ୍ଦ୍ରାର ରଙ୍ଗ ଶାରଦା ହୋଟେଲ ବାହାରେ ମୁତୟନ ପୋଲିସ।

### ଆଜି ସରିବ ମହାରାଷ୍ଟ୍ର ବିଧାନସଭା କାର୍ଯ୍ୟକାଳ

## ଦୁର୍ଘଟଣାରେ ୨ ଯବାନଙ୍କ ମୃତ୍ୟୁ

ଜମ୍ମୁ-କଶ୍ମୀରର କୁପୱାଡ଼ା ଜିଲାରେ ସଡ଼କ ଦୁର୍ଘଟଣାରେ ୨ ଜଣ ସେନା ଯବାନ ନିହତ ହୋଇଛନ୍ତି। ବୁଧବାର ରାତିରେ ପ୍ରବଳ ତୁଷାରପାତ ଯୋଗୁ ରାସ୍ତା ଦେଖାଯାଉ ନ ଥିବାରୁ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ରାଇଫଲମ୍ୟାନ୍ ଭୀମ ବାହାଦୁର ପୁନ୍ ଓ ଗନର୍ ଅଖିଳେଶ କୁମାରଙ୍କ ମୃତ୍ୟୁ ଘଟିଛି।

### ସଂକ୍ଷେପରେ

## ଖଣି କର୍ମଚାରୀଙ୍କ ଉପରେ ଆକ୍ରମଣ: ୩୭ ମୃତ

**ଓ୍ବାଗାଡୁଗୁ,୭।୧୧(ଏଏଫ୍‌ପି):** ପଶ୍ଚିମ ଆଫ୍ରିକୀୟ ଦେଶ ବୁର୍କିନା ଫାସୋରେ ଜେହାଦୀ ହିଂସାରେ ୩୭ ଜଣଙ୍କ ମୃତ୍ୟୁ ଘଟିବା ସହ ୬୦ ଜଣ ଆହତ ହୋଇଛନ୍ତି। ଗତ ୫ ବର୍ଷ ମଧ୍ୟରେ ଏହା ସବୁଠୁ ଭୟାବହ ଆକ୍ରମଣ ବୋଲି କୁହାଯାଉଛି। ସେଠାରେ ଥିବା କାନାଡା ଖଣି କମ୍ପାନୀ କର୍ମଚାରୀମାନେ ଯାଉଥିବା ବସ୍ ଉପରେ ଆକ୍ରମଣ ହୋଇଥିଲା। ସାମାଫୋ ଖଣି କମ୍ପାନୀର କର୍ମଚାରୀ, ଠିକାଦାର ଓ ଯୋଗାଣକାରୀ ୫ଟି ବସ୍‌ରେ ଯାଉଥିଲାବେଳେ ସଶସ୍ତ୍ର ଜେହାଦୀମାନେ ଆକ୍ରମଣ କରିଥିଲେ। ୨୦୧୫ରୁ ଏଠାରେ ଜେହାଦି ବିଦ୍ରୋହରେ ଶହ ଶହ ଲୋକ ପ୍ରାଣ ହରାଇଲେଣି।

## ଏନ୍‌କାଉଣ୍ଟର ବେଳେ ଯବାନ ଶହୀଦ

**ବିଜାପୁର,୭।୧୧(ପି.ଟି.):** ଛତିଶଗଡ଼ର ବିଜାପୁର ଜିଲାରେ ଗୁରୁବାର ମାଓବାଦୀଙ୍କ ସହ ଗୁଳି ବିନିମୟ ବେଳେ ଜଣେ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଛନ୍ତି। ଏହି ଏନ୍‌କାଉଣ୍ଟରବେଳେ କେତେଜଣ ମାଓବାଦୀ ନିହତ ହୋଇଥିବା ସନ୍ଦେହ କରାଯାଉଥିଲାବେଳେ ସୁରକ୍ଷା ବଳ ପକ୍ଷରୁ ଉକ୍ତ ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଥିବା ପୋଲିସ କହିଛି। ସିଆର୍‌ପିଏଫ୍, ଏହାର କୋବ୍ରା ୟୁନିଟ୍ ଏବଂ ରାଜ୍ୟ ପୋଲିସ ପକ୍ଷରୁ ଭୋର ୪ଟାରେ ପମେଡ୍ ଅଞ୍ଚଳରେ ମିଳିତ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ମାଓବାଦୀଙ୍କ ଗୁଳିମାଡ଼ରେ ସିଆର୍‌ପିଏଫ୍ କନ୍‌ଷ୍ଟେବଲ କାମତା ପ୍ରସାଦ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପଡୋଶୀ ତେଲଙ୍ଗାନାର ଚେର୍ଲା ହସ୍ପିଟାଲ ନିଆଯାଇଥିଲାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଇତିହାସର ଆଇନାରେ

## ନଭେମ୍ବର ୮ର ପ୍ରମୁଖ ଘଟଣା

୨୦୧୬ ନଭେମ୍ବର ୮ରେ ଭାରତରେ ନରେନ୍ଦ୍ର ମୋଦି ସରକାର ବିମୁଦ୍ରୀକରଣ ଲାଗୁକରିଥିଲେ। ମାତ୍ର କିଛି ଘଣ୍ଟା ମଧ୍ୟରେ ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳହୋଇଯିବାରୁ ଲୋକମାନେ ନାନାଦି ସମସ୍ୟା ଭୋଗିଥିଲେ।

୧୯୨୭ ନଭେମ୍ବର ୮ରେ ସିନ୍ଧ୍ ପ୍ରଦେଶର କରାଚିରେ ଭାଜପାର ସର୍ବବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ଜନ୍ମ। ୧୯୯୮ରୁ ୨୦୦୪ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ସେ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଉପପ୍ରଧାନମନ୍ତ୍ରୀ ଥିଲେ। ଭାଜପାର ଶକ୍ତି ବୃଦ୍ଧିରେ ତାଙ୍କର ପ୍ରମୁଖ ଭୂମିକା ଥିଲା।

### ରାୟ ପୂର୍ବରୁ ଆକ୍ରମଣ ଆଶଙ୍କା

# ଅଯୋଧ୍ୟାରେ ସୁରକ୍ଷା ଛାଉଣି

**ଅଯୋଧ୍ୟା/ନୂଆଦିଲ୍ଲୀ,୭।୧୧ (ପି.ଟି./ଆଇଏଏନ୍‌ଏସ୍)**



ଅଯୋଧ୍ୟା ମାମଲାର ବହୁ ପ୍ରତୀକ୍ଷିତ ରାୟ ଆସନ୍ତା ସପ୍ତାହରେ ପ୍ରକାଶ ପାଇବାକୁ ଥିବାବେଳେ ରାମଙ୍କ ଜନ୍ମଭୂମିରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ୩୦ ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍‌ଙ୍କୁ ନିୟୋଜିତ କରାଯାଇଛି।

ସିଜେଆଇ ରଞ୍ଜନ ଗୋଗୋଇ ଆସନ୍ତା ୧୭ରେ ଅବସର ନେବାକୁ ଥିବାବେଳେ ଏହାର ଦିନେ କିମ୍ବା ଦୁଇଦିନ ପୂର୍ବରୁ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ୍ ଜମି ବିବାଦ ମାମଲାର ରାୟ ଆସିପାରେ। ଏଭଳି ସମୟରେ ଆତଙ୍କବାଦୀମାନେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରି ଦଙ୍ଗା ଭିଆଇ ପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ସୁରକ୍ଷା ସଂସ୍ଥାଗୁଡ଼ିକୁ ଆକ୍ରମଣ ନେଇ ସୂଚନା ମିଳିବା ପରେ ୧୨ ତାରିଖ ସୁଦ୍ଧା ସମସ୍ତ ଧର୍ମଶାଳାକୁ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଯୋଧ୍ୟା ବାହାର ଓ ଅଚିହ୍ନା ଲୋକଙ୍କୁ ମଙ୍ଗଳବାର ରାତି ସୁଦ୍ଧା ସହର ଛାଡି ଚାଲିଯିବାକୁ ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ରାୟକୁ ନେଇ ଅଦ୍ୟାବଧି କୌଣସି ଉତ୍ତେଜନା ଦେଖାଦେଇ ନ ଥିବାବେଳେ ସମସ୍ତଙ୍କ ମନରେ ଆଶଙ୍କା ରହିଛି। ରାୟ ପ୍ରକାଶ ପାଇବା ଦିନ ଯେତିକି ପାଖେଇ ଆସୁଛି ଅଯୋଧ୍ୟା ସହରରେ ପୋଲିସ ଓ ସୁରକ୍ଷା ଯବାନଙ୍କ ସଂଖ୍ୟା ସେତେ ବଢ଼ିଚାଲିଛି। ସୁପ୍ରିମକୋର୍ଟ ରାୟ ପ୍ରକାଶ ପାଇବା ପୂର୍ବରୁ ସଜାଗ ରହିବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ପରାମର୍ଶ ଦେଇଛନ୍ତି। ଉତ୍ତରପ୍ରଦେଶ ବିଶେଷକରି ଅଯୋଧ୍ୟା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୪ ହଜାର ଅର୍ଦ୍ଧସାମରିକ ବାହିନୀ ଯବାନ ପଠାଇଛି। ପ୍ରତ୍ୟେକ ରାଜ୍ୟ ସମ୍ବେଦନଶୀଳ ଅଞ୍ଚଳରେ ପର୍ଯ୍ୟାପ୍ତ ପୋଲିସ ମୁତୟନ କରିବାକୁ କେନ୍ଦ୍ର ପକ୍ଷରୁ ଆଡଭାଇଜରି ପଠାଯାଇଛି।

ଅଯୋଧ୍ୟା ମାମଲାରେ ସର୍ବୋଚ୍ଚ ଅଦାଲତ ଯାହା ରାୟ ଦେବେ ତାକୁ ସମସ୍ତେ ମାନିନେବେ ବୋଲି ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ନିଷ୍ପତ୍ତି ନେଇସାରିଥିଲାବେଳେ ଏଭଳି ସୁରକ୍ଷା ବ୍ୟବସ୍ଥା କ'ଣ ପାଇଁ ବୋଲି ଜଣେ ସ୍ଥାନୀୟ ଛାତ୍ର ପ୍ରଶ୍ନ କରିଛନ୍ତି। ନଭେମ୍ବର ୨୦ ପୂର୍ବରୁ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟରେ ଏକାଧିକ ବିବାହ ଥିଲାବେଳେ ସେଗୁଡ଼ିକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଅନେକ ଲୋକ ଅଯୋଧ୍ୟା ଭ୍ରମଣ କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି। ଆଗକୁ କଟକଣା ଜାରି ହେବା ଆଶଙ୍କା କରି ଅଯୋଧ୍ୟା ବାସିନ୍ଦା ଅତ୍ୟାବଶ୍ୟକ ସାମଗ୍ରୀ କିଣିନେଇ ଘରେ ମହଜୁଦ କରି ରଖୁଥିବା ଦେଖିବାକୁ ମିଳିଛି। ବିଶାଳ ରାମମନ୍ଦିର ନିର୍ମାଣ ପାଇଁ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ୧୯୯୦ରୁ ଜାରି ରଖିଥିବା ପଥର ଖୋଦେଇ କାମକୁ ପ୍ରଥମ ଥର ପାଇଁ ବନ୍ଦ କରିଛି। ପୁଣି ପଥର ଖୋଦେଇ କାମ କେବେ ଆରମ୍ଭ ହେବ ସେ ସମ୍ପର୍କରେ ରାମ ଜନ୍ମଭୂମି ନ୍ୟାସ ନିଷ୍ପତ୍ତି ନେବ ବୋଲି ଭିଏଚ୍‌ପି ପକ୍ଷରୁ କୁହାଯାଇଛି।

**■ସଜାଗ ରହିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ**

**■ପଥର ଖୋଦେଇ କାମ ବନ୍ଦ କଲା ଭିଏଚ୍‌ପି**

୧୯୯୨ରେ ବାବ୍ରୀ ମସ୍‌ଜିଦ ଭଙ୍ଗାଯିବା ପରେ ଅଯୋଧ୍ୟାରେ କର୍ଫ୍ୟୁ ଜାରି ହୋଇଥିଲା। ଏହା ପରେ ମଧ୍ୟ ଏକାଧିକ ଥର କଟକଣା ଲାଗୁ ହୋଇଛି। ତେଣୁ ସତର୍କତା ସ୍ୱରୂପ ଲୋକେ ତେଜରାତି ସାମଗ୍ରୀ ସମେତ ଔଷଧ ମହଜୁଦ୍ ରଖୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ମୋହିନୀ ଶ୍ରୀବାସ୍ତବ କହିଛନ୍ତି। ଯଦିଓ ସମସ୍ତେ ଅଯୋଧ୍ୟା ରାୟକୁ ଗ୍ରହଣ କରିନେବା ଲାଗି ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିନେଇଛନ୍ତି, ତଥାପି କେତେଜଣ ଅଶାନ୍ତି ସୃଷ୍ଟିକାରୀ ହିଂସାକାଣ୍ଡ ଘଟାଇପାରନ୍ତି ବୋଲି ଆଶଙ୍କା କରାଯାଉଥିବା ଶ୍ରୀବାସ୍ତବ କହିଛନ୍ତି। ମସ୍‌ଜିଦ ଭଙ୍ଗାଯିବା ପରେ ଅଯୋଧ୍ୟାରେ ଦଙ୍ଗା ସୃଷ୍ଟି ହୋଇଥିଲା। ବହୁ ଘର ଓ ଦୋକାନ ପୋଡିଦିଆଯାଇଥିଲା। ଏଥର ସବୁକିଛି ସ୍ୱାଭାବିକ୍ ରହିଥିଲେ ବି ଲୋକଙ୍କ ମନରେ ଭୟ ରହିଥିବା ମହମ୍ମଦ ଅହସାନ୍ କହିଛନ୍ତି। ଅଯୋଧ୍ୟା ରାୟ ଦିନ ଇଣ୍ଟରନେଟ ସେବା ବନ୍ଦ ରହିଲେ ଗୁଜବକୁ ରୋକାଯାଇପାରିବ ବୋଲି ସେ ମତ ଦେଇଛନ୍ତି।

ଅଯୋଧ୍ୟା ରାୟ ପାଇଁ ଜିଲା ପ୍ରଶାସନ ପୂର୍ଣ୍ଣ ପ୍ରସ୍ତୁତିରେ ରହିଛି। ଯବାନମାନଙ୍କ ରହଣି ପାଇଁ ସରକାରୀ ଓ ଘରୋଇ ସମସ୍ତ ସ୍କୁଲକୁ ନିଆଯାଇଥିଲାବେଳେ ହୋଟେଲ, ଲଜ୍ ଓ ଗେଷ୍ଟହାଉସ୍‌ଗୁଡ଼ିକୁ ବୁକ୍ କରାଯାଇଛି। ଜିଲା ମାଜିଷ୍ଟ୍ରେଟ୍ ଅନୁଜ୍ ଝା ହିନ୍ଦୁ ଓ ମୁସଲମାନ ନେତାମାନଙ୍କ ସହ ଯୋଗାଯୋଗରେ ରହିବା ସହିତ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାର ପ୍ରତିଶ୍ରୁତି ଦେଇଛନ୍ତି। ମୁସଲମାନ ବହୁଳ ଥେରି ବଜାର ଓ କଜ୍ରିଆନାରେ ସର୍ବାଧିକ ସୁରକ୍ଷା ବଳ ମୁତୟନ କରାଯାଇଛି।

## ହନିଟ୍ରାପ୍‌ରେ ନ ପଡ଼ିବାକୁ ଯବାନଙ୍କୁ ପରାମର୍ଶ

**ନୂଆଦିଲ୍ଲୀ,୭।୧୧(ଆଇଏଏନ୍‌ଏସ୍)**

ଯବାନମାନେ ପାକିସ୍ତାନୀ ମହିଳାଙ୍କ ପ୍ରେମ ଫାଶରେ ନ ପଡିବା ଲାଗି ସୈନ୍ୟବାହିନୀ ପରାମର୍ଶ ଦେଇଛି। ଏନେଇ ସେନା ପକ୍ଷରୁ ଆଡଭାଇଜରି ଜାରି କରାଯାଇ, ଯବାନମାନଙ୍କୁ ସତର୍କ ରହିବା ଓ ଅପରିଚିତଙ୍କ ସହ ସମ୍ପର୍କ ରଖିବାରୁ ଦୂରେଇ ରହିବାକୁ କୁହାଯାଇଛି। ଭାରତୀୟ ଯବାନମାନଙ୍କୁ ମହିଳାଙ୍କ ପ୍ରେମ ଜାଲରେ ଫସାଇବା ପାଇଁ ପାକିସ୍ତାନ ପ୍ରାୟ ୧୫୦ ପ୍ରୋଫାଇଲ ବ୍ୟବହାର କରୁଥିବା ଜଣାପଡିଛି। ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ ଥିବା ଭାରତୀୟ ଯବାନଙ୍କୁ ପାକ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଟାର୍ଗେଟ କରୁଥିବା ଉକ୍ତ ଆଡଭାଇଜରିରେ କୁହାଯାଇଛି। ହନି ଟ୍ରାପ୍ ଉଦ୍ୟମ ପ୍ରତି ସତର୍କ ରହିବା ଏବଂ ସୋସିଆଲ ମିଡିଆରେ ସମ୍ବେଦନଶୀଳ ତଥ୍ୟ ନ ଛାଡିବା ପାଇଁ ପରାମର୍ଶ ଦିଆଯାଇଛି। ଯବାନଙ୍କୁ ଫସାଇବା ପାଇଁ ମହିଳାଙ୍କ ବ୍ୟତୀତ ଛଦ୍ମବେଶୀ ବାବାଙ୍କୁ ମଧ୍ୟ ନିୟୋଜିତ କରାଯାଉଥିବା ଜଣାପଡିଛି।

## ବରଫପାତରେ ୪ ମୃତ

**ଶ୍ରୀନଗର, ୭।୧୧(ପି.ଟି.)**

କଶ୍ମୀରରେ ପ୍ରବଳ ବରଫପାତ ଯୋଗୁ ଗୁରୁବାର ୪ ଜଣଙ୍କ ମୃତ୍ୟୁହୋଇଛି। ମୃତକଙ୍କ ମଧ୍ୟରେ ସେନାରେ କୁଲିକାମ କରୁଥିବା ୨ ସ୍ଥାନୀୟ ଯୁବକ ଅଛନ୍ତି। ସେମାନେ ହେଲେ ମନ୍‌ଜୁର ଅହମ୍ମଦ ଓ ଇସ୍କ ଖାନ୍। କୁପ୍‌ୱାଡ଼ା ଜିଲା ଫରୱାର୍ଡ ପୋଷ୍ଟରେ ସେମାନେ କାମ କରୁଥିବାବେଳେ ବରଫ ଖଣ୍ଡ ସେମାନଙ୍କ ଉପରେ ପଡ଼ିବାରୁ ସେମାନଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷରେ ବିଦ୍ୟୁତ କାମ କରୁଥିବା ପିଡବ୍ଲ୍ୟୁଡି ଇନ୍ସପେକ୍ଟର ମନ୍‌ଜୁର ଅହମଦ ପ୍ରବଳ ବରଫପାତର ଶିକାର ହୋଇ ପ୍ରାଣ ହରାଇଛନ୍ତି। ଶ୍ରୀନଗର ଜିଲା ପ୍ରଶାସନ ପକ୍ଷରୁ ମନ୍‌ଜୁରଙ୍କ ନିକଟ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ଘୋଷଣା ହୋଇଛି। ସେହିଭଳି ଜଣେ ପଥିକ ଯାଉଥିବାବେଳେ ବରଫରେ ଆଚ୍ଛାଦିତ ଏକ ଗଛର ଡ଼ାଳ ଭାଙ୍ଗିଯାଇ ତାଙ୍କ ଉପରେ ପଡ଼ିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ପ୍ରବଳ ବରଫପାତ ଯୋଗୁ ଅନେକ ଗାଡ଼ି ଓ ଅଟୋରିକ୍ସା କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।



## କବର ଉପରେ ଶିଳ୍ପ ବିକାଶ ହୋଇପାରିବନି: ଏନ୍‌ଜିଟି

**ନୂଆଦିଲ୍ଲୀ,୭।୧୧(ପି.ଟି.)**

ଲୋକଙ୍କ କବର ଉପରେ ଶିଳ୍ପ ବିକାଶ ହୋଇପାରିବ ନାହିଁ। ବାୟୁ କିମ୍ବା ଜଳର ମାନକୁ ଜଳାଞ୍ଜଳି ଦେଇ ଏହା କରାଯାଇ ନ ପାରେ ବୋଲି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) କହିଛନ୍ତି। ପ୍ରଦୂଷଣ ସୃଷ୍ଟି କରୁଥିବା ଶିଳ୍ପସଂସ୍ଥାଗୁଡିକୁ ତଦାରଖ କରିବା ସମୟସୀମା କମାଇବାକୁ ଏନ୍‌ଜିଟି ଅଧ୍ୟକ୍ଷ ଆଦର୍ଶ କୁମାର ଗୋୟଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ବାରମ୍ବାର ସେହିସବୁ ସଂସ୍ଥା ପରିଦର୍ଶନ କରିବାକୁ ହେବ। ଜୀବନ ଧାରଣ ଲାଗି ଜରୁରୀ ଜଳ ଓ ବାୟୁର ମାନ ପ୍ରଦୂଷଣ ଯୋଗୁ ଖରାପ ହେବାରେ ଲାଗିଛି। ଏହାକୁ ସୁରକ୍ଷିତ ରଖିବାକୁ ହେବ ବୋଲି ଏନ୍‌ଜିଟି କହିଛନ୍ତି।




## ହାଇଦ୍ରାବାଦର ମୁନ୍ନୀ ଭର୍ଜିନିଆ ସିନେଟର

**ହାଇଦ୍ରାବାଦ,୭।୧୧**

ପିଲାଦିନେ ହାଇଦ୍ରାବାଦରେ ମୁନ୍ନୀ ଭାବେ ପରିଚିତ ଥିଲେ ଗାଜଲା ହାଶମୀ। ତାଙ୍କ ପରିବାର ଆମେରିକା ଚାଲିଯାଇଥିଲେ। ୫୦ ବର୍ଷ ପରେ ଆମେରିକାର ଭର୍ଜିନିଆ ପ୍ରଦେଶରେ ମୁନ୍ନୀ ଇତିହାସ ରଚିଛନ୍ତି। ଡେମୋକ୍ରାଟ ପ୍ରାର୍ଥୀ ହାଶମୀ ରିପବ୍ଲିକାନ ପ୍ରାର୍ଥୀ ଗ୍ଲେନ୍ ଷ୍ଟୁର୍ଟେଭାଣ୍ଟଙ୍କୁ ପରାସ୍ତ କରି ସିନେଟକୁ ନିର୍ବାଚିତ ହୋଇଛନ୍ତି। ସିନେଟ ଯିବାରେ ସେ ପ୍ରଥମ ମୁସଲମାନ ଆମେରିକୀୟ ମହିଳା ଓ ଭର୍ଜିନିଆରୁ ପ୍ରଥମ ଭାରତୀୟ-ଆମେରିକୀୟ। ଗାଜଲା ହାଶ୍ମୀ ଏକ ଆମେରିକୀୟ ନାଁ ହୋଇଥିବାରୁ ପ୍ରଚାର ବେଳେ ଏହା ବେଶ୍ ପ୍ରଭାବ ପକାଇଥିଲା। ପ୍ରଚାର ପାଇଁ ସେ ନିକଟରେ ଚାକିରି ଛାଡ଼ିଥିଲେ। ସେ ରେନୋଲ୍ଡସ୍ କମ୍ୟୁନିଟି କଲେଜର ଟିଚିଂ ଓ ଲର୍ନିଂ ବିଭାଗରେ ସେଣ୍ଟର ଫର୍ ଏକ୍ସଲେନ୍ସ ନିର୍ଦ୍ଦେଶକ ଥିଲେ।



## ପାକିସ୍ତାନର ନୂଆ ଘୋଷଣାରୁ ଦ୍ୱନ୍ଦ୍ୱ

**ଇସ୍‌ଲାମାବାଦ, ୭।୧୧ (ଆଇଏଏନ୍‌ଏସ୍)**

କର୍‌ତାରପୁର କରିଡରକୁ ନେଇ ପାକିସ୍ତାନ ସରକାରଙ୍କ ନୂଆ ଘୋଷଣା ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। କର୍‌ତାରପୁର ଗୁରୁଦ୍ୱାର ଆସିବା ଲାଗି ଭାରତୀୟ ତୀର୍ଥଯାତ୍ରୀଙ୍କର ପାସ୍‌ପୋର୍ଟ ଆଣିବା ଆବଶ୍ୟକ ନାହିଁ ବୋଲି ପାକ୍ ବହିର୍ବ୍ୟାପାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏଥିସହିତ ୧୦ ଦିନ ଆଗରୁ ତୀର୍ଥଯାତ୍ରୀମାନଙ୍କ ନାଁ ଘୋଷଣା କରିବା ଆବଶ୍ୟକ ନାହିଁ। କରିଡର ଉଦ୍‌ଘାଟନ ଅବସରରେ ୯ ଓ ୧୦ ତାରିଖରେ ତୀର୍ଥଯାତ୍ରୀଙ୍କ ୨୦ ଡଲାର ସେବା ଟିକସକୁ ଛାଡ଼ କରାଯାଇଥିବା ବହିର୍ବ୍ୟାପାର ବିଭାଗ ମୁଖପାତ୍ର ମହମ୍ମଦ ଫୈଜଲ କହିଛନ୍ତି। ଅନ୍ୟପକ୍ଷରେ କର୍‌ତାରପୁର ସାହିବ୍ ଗୁରୁଦ୍ୱାର ଆସିବାକୁ ଚାହୁଁଥିବା ଭାରତୀୟ ତୀର୍ଥଯାତ୍ରୀଙ୍କୁ ପାସ୍‌ପୋର୍ଟ ଆଣି ଆସିବାକୁ ପଡିବ ବୋଲି ପାକ୍ ସେନା ପକ୍ଷରୁ କୁହାଯାଇଛି। ଇଣ୍ଟରସର୍ଭିସେସ୍ ପବ୍ଲିକ୍ ରିଲେଶନ୍ସର ମହାନିର୍ଦ୍ଦେଶକ ମେଜର ଜେନେରାଲ ଅସିଫ୍ ଗଫୁର ଟୁଇଟ୍ କରି ଏହା ଜଣାଇଛନ୍ତି। କର୍‌ତାରପୁର ଆସିବାକୁ ଚାହୁଁଥିବା ଭାରତୀୟ ଶିଖଙ୍କ ପାଇଁ ପାସ୍‌ପୋର୍ଟ ଆବଶ୍ୟକ ନାହିଁ ବୋଲି ପୂର୍ବରୁ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କହିଥିଲେ। ରାଜନେତା ନବଜୋତ୍ ସିଂ ସିଦ୍ଧୁ କର୍‌ତାରପୁର ଯିବା ଲାଗି ପାକିସ୍ତାନ ଭିଜା ଜାରି କରିଥିବା ଏହାର ବହିର୍ବ୍ୟାପାର ବିଭାଗ ମୁଖପାତ୍ର କହିଛନ୍ତି।

ଶନିବାର କର୍‌ତାରପୁର କରିଡର ଉଦ୍‌ଘାଟନ ହେବାକୁ ଯାଉଥିଲାବେଳେ ପାକିସ୍ତାନର ଭିନ୍ନ ଭିନ୍ନ ଘୋଷଣାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବା ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି। ତେଣୁ କରିଡରକୁ ନେଇ ସ୍ୱାକ୍ଷରିତ ହୋଇଥିବା ଦ୍ୱିପାକ୍ଷିକ ବୁଝାମଣା ଅନୁଯାୟୀ ଭାରତ ସରକାର କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।



କର୍‌ତାରପୁର କରିଡର

# ସରକାର ଗଠନ ବିଳମ୍ବିତ

**ମୁମ୍ବାଇ,୭।୧୧**

ମହାରାଷ୍ଟ୍ରରେ ସରକାର ଗଠନ ବିଳମ୍ବିତ ହୋଇଛି। ତ୍ରୟୋଦଶ ବିଧାନସଭା ଅବଧି ଶେଷ ହେବା ପାଇଁ ୨୪ ଘଣ୍ଟାରୁ କମ୍ ସମୟ ବାକି ଥିବାବେଳେ କେଉଁ ଦଳ ବା ମେଣ୍ଟ କ୍ଷମତାର ଡୋରି ଧରିବ ତାକୁ ନେଇ କିଛି ସ୍ପଷ୍ଟ ହୋଇନାହିଁ। ଏଭଳି ସମୟରେ ଭାଜପା ଜାଣିଶୁଣି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ପାଇଁ ସ୍ଥିତି ସୃଷ୍ଟି କରୁଛି ବୋଲି ଶିବସେନା ପକ୍ଷରୁ ଅଭିଯୋଗ କରାଯାଇଛି। ସେପଟେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଭେଟି ସମ୍ଭାବ୍ୟ ସାମ୍ବିଧାନିକ ସଙ୍କଟ ପରିପ୍ରେକ୍ଷୀରେ ବିଳମ୍ବଜନିତ ଆଇନଗତ ଦିଗ ସମ୍ପର୍କରେ ଆଲୋଚନା କରିଛି।

ସରକାର ଗଠନ ନେଇ ଦୁଇ ସହଯୋଗୀ ଭାଜପା ଓ ଶିବସେନା ମଧ୍ୟରେ ଟଣାଓଟରା ଲାଗିରହିଛି। କେହି କାହାକୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନାରାଜ। ଶୁକ୍ରବାର ବିଧାନସଭାର କାର୍ଯ୍ୟକାଳ ଶେଷ ହେଉଥିବାବେଳେ ଏହାର ଦିନକ ପୂର୍ବରୁ ଦୁଇ ଦଳ ପକ୍ଷରୁ କରାଯାଇଛି ଶେଷ କସରତ। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ନିଜ ବାସଭବନରେ ଦଳୀୟ ବିଧାୟକମାନଙ୍କୁ ମନ୍ତ୍ରଣା ଦେବା ପରେ ସେମାନଙ୍କୁ ବାନ୍ଦ୍ରାର ଏକ ହୋଟେଲକୁ ନିଆଯାଇଛି। ସେପଟେ ରାଜ୍ୟ ଭାଜପା ମୁଖ୍ୟ ଚନ୍ଦ୍ରକାନ୍ତ ପାଟିଲ ଏବଂ ମନ୍ତ୍ରୀ ସୁଧୀର ମୁଙ୍ଗନ୍ତିୱାର ଓ ଗିରୀଶ ମହାଜନ ରାଜ୍ୟପାଳଙ୍କୁ ଭେଟିଛନ୍ତି।



ମହାରାଷ୍ଟ୍ର ରାଜଭବନରେ ରାଜ୍ୟପାଳ ଭଗତ ସିଂ କୋଶିୟାରୀଙ୍କୁ ଭେଟୁଛନ୍ତି ରାଜସ୍ୱମନ୍ତ୍ରୀ ଚନ୍ଦ୍ରକାନ୍ତ ପାଟିଲ, ଅର୍ଥମନ୍ତ୍ରୀ ସୁଧୀର ମୁଙ୍ଗନ୍ତିୱାର ଓ ବରିଷ୍ଠ ଭାଜପା ନେତାମାନେ।



ଶିବସେନା ବୈଠକ ପରେ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ସଞ୍ଜୟ ରାଉତ୍।

ସରକାର ଗଠନରେ ବିଳମ୍ବ ହୋଇଥିବା ଚନ୍ଦ୍ରକାନ୍ତ ସ୍ୱୀକାର କରିବା ସହ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ଦଳର ନେତାଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି।

ଏନେଇ ବରିଷ୍ଠ ଶିବସେନା ନେତା ସଞ୍ଜୟ ରାଉତ୍ କହିଛନ୍ତି, ରାଜ୍ୟପାଳଙ୍କୁ ଭେଟିଥିବା ଭାଜପା ନେତାମାନେ ସରକାର ଗଠନ ପାଇଁ ଦାବି କାହିଁକି ଜଣାଇଲେ ନାହିଁ। ସେମାନେ ଖାଲିହାତରେ କାହିଁକି ଫେରିଲେ। ଭାଜପା ସରକାର ଗଠନ ପ୍ରକ୍ରିୟାକୁ ବିଳମ୍ବିତ କରି ରାଷ୍ଟ୍ରପତି ଶାସନ ଜାରି ପାଇଁ ସ୍ଥିତି ସୃଷ୍ଟି କରୁଛି। ଭାଜପା ସରକାର ଗଠନ ପାଇଁ ନିଜ ଅକ୍ଷମତା ଘୋଷଣା କଲେ ଶିବସେନା ପରବର୍ତ୍ତୀ ପଦକ୍ଷେପ ନେବ। ଶିବସେନାର ଆଭିମୁଖ୍ୟରେ କିଛି ପରିବର୍ତ୍ତନ ଆସିନାହିଁ। ଆମ ଦଳରୁ ହିଁ ମୁଖ୍ୟମନ୍ତ୍ରୀ ହେବେ। ଆମ ପାଖରେ ସଂଖ୍ୟାବଳ ଅଛି, ଯାହାକି ବିଧାନସଭାରେ ଜଣାପଡ଼ିବ ବୋଲି ରାଉତ୍ କହିଛନ୍ତି। ଏହା ପୂର୍ବରୁ ସରକାର ଗଠନ ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଓ ଉଦ୍ଧବ ଠାକ୍‌ରେଙ୍କ ମଧ୍ୟରେ ଆଲୋଚନା ଚାଲିଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ରାଉତ୍ ଏହାକୁ ଖଣ୍ଡନ କରିଥିଲେ। ଏହି ପ୍ରସଙ୍ଗରେ ନାଗପୁରରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ମହାରାଷ୍ଟ୍ରରେ ସରକାର ଗଠନ ପ୍ରକ୍ରିୟା ସହ ଆର୍‌ଏସ୍‌ଏସ୍ ମୁଖ୍ୟଙ୍କୁ ଯୋଡ଼ାଯିବା ଅନୁଚିତ। ସେ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚାକୁ ଗଡ଼କରୀ ଖଣ୍ଡନ କରିବା ସହ ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ ଓ ଫଡ଼ନବିସ ହିଁ ମୁଖ୍ୟମନ୍ତ୍ରୀ ହେବେ ବୋଲି କହିଛନ୍ତି। ଇତିମଧ୍ୟରେ ରାଜ୍ୟର ଆଡ୍‌ଭୋକେଟ ଜେନେରାଲ ଆଶୁତୋଷ କୁମ୍ଭାକୋନି ରାଜଭବନରେ ରାଜ୍ୟପାଳଙ୍କୁ ଭେଟି ଆଇନଗତ ଓ ସାମ୍ବିଧାନିକ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି।

**ମହାରାଷ୍ଟ୍ରରେ ମହା ଡ୍ରାମା**

**■ଭାଜପା ରାଷ୍ଟ୍ରପତି ଶାସନ ସ୍ଥିତି ସୃଷ୍ଟି କରୁଛି: ଶିବସେନା**

**■ସରକାର ଗଠନ ସହ ଆର୍‌ଏସ୍‌ଏସ୍ ମୁଖ୍ୟଙ୍କୁ ଯୋଡ଼ନାହିଁ: ଗଡ଼କରୀ**

**■ବିଳମ୍ବର ଆଇନଗତ ଦିଗକୁ ନେଇ ରାଜ୍ୟପାଳଙ୍କୁ ଭେଟିଲା ଭାଜପା**




# ଝିଅକୁ ଧରି ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ରାୟଗଡ଼ା ଅଫିସ,୭।୧୧

ଦୁଇମାସର ଶିଶୁ କନ୍ୟାକୁ ଧରି ଜଣେ ମହିଳା ମାଓବାଦୀ ଗୁରୁବାର ରାୟଗଡ଼ା ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ହେଲା ପାର୍ବତୀ ଓରଫ୍ ରିଙ୍କି(୨୭)। ଛତିଶଗଡ଼ର ବିଜାପୁର ଜିଲା ମାର୍ଥୁ ଥାନା ଅଧୀନ ୱାଚମ ଗାଁରେ ତାଙ୍କ ଘର। ତାଙ୍କ ନାଁରେ ୧ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା।

- ଘୁମୁସର ଦଲମ୍‌ର ସଦସ୍ୟ ଥିଲେ ପାର୍ବତୀ
- ମୁଣ୍ଡ ଉପରେ ଥିଲା ୧ଲକ୍ଷ ଟଙ୍କା ପୁରସ୍କାର

ସୂଚନା ଅନୁଯାୟୀ, ପାର୍ବତୀ ବାଂଶଧାର–ଘୁମୁସର–ନାଗାବଳୀ ଡିଭିଜନର ଘୁମୁସର ଦଲମ୍‌ରେ ଆଠ ବର୍ଷ ଧରି କାମ କରୁଥିଲେ। ତାଙ୍କ ସ୍ୱାମୀ ରାଜୁ ସିପିଆଇ ମାଓବାଦୀ ସଂଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଭାବେ କାମ କରୁଛନ୍ତି। ସଙ୍ଗଠନରେ ମହିଳାମାନଙ୍କୁ ହୀନଦୃଷ୍ଟିରେ ଦେଖାଯାଉଛି। ସେମାନଙ୍କୁ ଉପଯୁକ୍ତ ସମ୍ମାନ ମିଳୁନି। ଝିଅ ପୁଅଙ୍କ ଭିତରେ ଭେଦଭାବ କରାଯାଉଛି, ଝିଅଙ୍କୁ ନିଜ ମତ ରଖିବାକୁ ଦିଆଯାଉନାହିଁ, ଝିଅମାନଙ୍କ ପାଇଁ ସଙ୍ଗଠନ ପକ୍ଷରୁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ସେମାନଙ୍କୁ ସୁରକ୍ଷା ମଧ୍ୟ ଦିଆଯାଉନି। ସେ ଗର୍ଭବତୀ ଥିବାବେଳେ ସଙ୍ଗଠନ ତାଙ୍କୁ ଜଙ୍ଗଲରେ ଏକା ଛାଡି ଚାଲି ଯାଇଥିଲା। ମାଓବାଦୀଙ୍କ ଆଦର୍ଶ ମଧ୍ୟ ଆଗ ଭଳି ଆଉ ନାହିଁ। ଏ ସବୁରେ ଅତିଷ୍ଠ ହୋଇ ସଙ୍ଗଠନ ଛାଡ଼ିଛି ବୋଲି ପାର୍ବତୀ ପୋଲିସ ଆଗରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପାର୍ବତୀ ରାୟଗଡ଼ା ଜିଲା କତ୍ରାକାବାନ୍ଦିଲି ବିସ୍ଫୋରଣ, ଧାମନପଙ୍ଗ ବିସ୍ଫୋରଣ, ଡଙ୍ଗାମତି ବିସ୍ଫୋରଣ, ଜରପାରେ ଏସ୍‌ଓଜି ଟିମ୍ ଉପରେ ଆକ୍ରମଣ, ଡିଭିଏଫ ଯବାନଙ୍କ ମୃତ୍ୟୁ ଘଟଣା, କଳାହାଣ୍ଡି ଜିଲା ପାହାପଦର ଗ୍ରାମର ରାଜେନ୍ଦ୍ର ସାହୁଙ୍କୁ ହତ୍ୟା, ବାବୁପଦର ଗାଁର ଭୀମ ଦୋରାଙ୍କୁ ହତ୍ୟା, ବଣ୍ଡାକଲି ଗାଁରେ ପୋଲିସ ଏବଂ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ଘଟଣାରେ ସମ୍ପୃକ୍ତ ଥିବା ଏସ୍‌ପି ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

# ଆରମ୍ଭ ହେଲା ଡିଷ୍ଟ୍ରିକ୍ଟ ପାଲିଆଟିଭ୍ କେୟାର ପ୍ରୋଗ୍ରାମ

# 'ସୁସ୍ଥ ଓଡ଼ିଶା ଲକ୍ଷ୍ୟ ହାସଲରେ ସହାୟକ ହେବ'



ଡିଷ୍ଟ୍ରିକ୍ଟ ପାଲିଆଟିଭ୍ କେୟାର ପ୍ରୋଗ୍ରାମ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅନ୍ୟ ପଦାଧିକାରୀମାନେ।

ଭୁବନେଶ୍ୱର, ୭।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗୁରୁବାର ଡିଷ୍ଟ୍ରିକ୍ଟ ପାଲିଆଟିଭ୍ କେୟାର ପ୍ରୋଗ୍ରାମ (ଡିପିସିପି) ଲୋକସେବା ଭବନରୁ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟର ଶୁଭାରମ୍ଭ ସମୟରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସମସ୍ତ ଜିଲାର ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କ ସହ ଆଲୋଚନା କରାଯାଇଥିଲା। ଏହି ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ରାଜଧାନୀସ୍ଥିତ କ୍ୟାପିଟାଲ ହସ୍ପିଟାଲ ଏବଂ ସୁନ୍ଦରଗଡ ଜିଲା ରାଉରକେଲା ଆରଜିଏଚ୍‌ରେ ମଧ୍ୟ କାର୍ଯ୍ୟକାରୀ ହେବ। ପ୍ରତି ଜିଲା ମୁଖ୍ୟ ଚିକିତ୍ସାଳୟରେ ୬ ଶଯ୍ୟା ବିଶିଷ୍ଟ ଡିପିସିପି ସେବା କାର୍ଯ୍ୟକାରୀ କରାଯିବ। ଏହି କାର୍ଯ୍ୟକ୍ରମ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ୧୦ ଜିଲା ପକ୍ଷରୁ ୧୦.୨୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା କରାଯାଇସାରିଛି। ୩୯ ଜଣ ମେଡିକାଲ ଅଫିସର ଏବଂ ୪୨ ଜଣ ନର୍ସିଂ ଷ୍ଟାଫ ଏଥିପାଇଁ ପ୍ରଶିକ୍ଷିତ ହୋଇସାରିଥିବା ଜଣାପଡିଛି।

ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା ଲକ୍ଷ୍ୟ ହାସଲରେ ଏହି ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ସହାୟକ ହେବ। ଆଗାମୀ ଦୁଇ ମାସ ମଧ୍ୟରେ ନବରଙ୍ଗପୁର ଜିଲାରୁ ଗୃହଭିତ୍ତିକ ସ୍ୱାସ୍ଥ୍ୟ ସେବା ଆରମ୍ଭ କରାଯିବ। ପରବର୍ତ୍ତୀ ସମୟରେ ଏହା ଜିଲାରେ ମଧ୍ୟ କାର୍ଯ୍ୟକାରୀ କରାଯିବ। ବିଶେଷ କରି କ୍ରୋନିକ୍ କିଡ୍‌ନୀଜନିତ

- ପ୍ରତି ଜିଲା ମୁଖ୍ୟାଳୟ ସହ କ୍ୟାପିଟାଲ, ଆରଜିଏଚ୍‌ରେ ହେବ କାର୍ଯ୍ୟକାରୀ
- ନବରଙ୍ଗପୁର ଜିଲାରୁ ଆରମ୍ଭ ହେବ ଗୃହଭିତ୍ତିକ ସ୍ୱାସ୍ଥ୍ୟସେବା

ସମସ୍ୟା, ଷ୍ଟ୍ରୋକ୍, କାର୍ଡିଓ ଭାସକୁଲାର ରୋଗ, ହେମିପ୍ଲେଗିଆ, ପାରାଲିସିସ୍, ଏଚ୍‌ଆଇଭି /ଏଡ୍‌ସ ପ୍ରଭୃତି ଚିକିତ୍ସା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଡିପିସିପି କାର୍ଯ୍ୟକ୍ରମ ଜରିଆରେ ଡାକ୍ତରଖାନାକୁ ଆସୁଥିବା ଏବଂ ଆସୁ ନ ଥିବା ରୋଗୀଙ୍କ ଚିକିତ୍ସା କରାଯିବ। ବିଶେଷ କରି ଇନ୍–ପେସେଣ୍ଟଙ୍କ (ଆନ୍ତଃ ବିଭାଗ ରୋଗୀ) ସ୍ୱାସ୍ଥ୍ୟଗତ ସଚେତନତା, ନିଜର ଯତ୍ନ ନେବାର ଉପାୟ, ମାଗଣା ଔଷଧ ବଣ୍ଟନ, ମାଗଣା ଫିଜିଓଥେରାପି ଏବଂ କାଉନସେଲିଂ, ଆଧ୍ୟାତ୍ମିକ ଆୟୁର୍ବେଦ ସେବା, ସୁଷମ ଖାଦ୍ୟ ସମ୍ପର୍କିତ ସଚେତନତା ସହ ଜରୁରିକାଳୀନ ସହାୟତା ପ୍ରଦାନ କରାଯିବ। ସେହିଭଳି ଆଉଟ୍–ପେସେଣ୍ଟ (ବହିଃ ବିଭାଗ) ସେବାରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସହ ରୋଗ ସମ୍ପର୍କିତ ନିୟମିତ ଆଲୋଚନା, ମାଗଣା ଔଷଧ, ରୋଗୀଙ୍କ ସମେତ ପରିବାରଙ୍କ କାଉନସେଲିଂ ଏବଂ ବିଭିନ୍ନ ସମ୍ବେଦନଶୀଳ ରୋଗରେ ଉନ୍ନତମାନର ରେଫେରାଲ ସେବା ଯୋଗାଇ ଦିଆଯିବ। ଉଲ୍ଲେଖଯୋଗ୍ୟ, ୨୦୧୭ରେ ଜିଲାସ୍ତରୀୟ କର୍କଟ ପ୍ରତିକାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ଦ୍ୱାରା ୩୦,୦୦୦ କର୍କଟ ରୋଗୀଙ୍କ କାଉନସେଲିଂ କରାଯାଇଥିଲା। ୧୪,୦୦୦ ରୋଗୀ କେମୋଥେରାପି ଗ୍ରହଣ କରିଥିଲେ। ଏହାକୁ ବାଦ୍ ଦେଲେ ବିଏସ୍‌କେୱାଇ ଜରିଆରେ ଓଡ଼ିଶା ସରକାର ୮୪ ପ୍ରକାର କର୍କଟ ପ୍ରତିରୋଧକ ଔଷଧ ସେବା ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ଜିଲାରେ ଉନ୍ନତ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ହିଁ ଏହି କାର୍ଯ୍ୟକ୍ରମରେ ସେବା ଯୋଗାଇ ଦେବେ। ସେବା ମାନ ନେଇ ମଧ୍ୟ ନିୟମିତ ବ୍ୟବଧାନରେ କାଉନସେଲିଂ କରାଯିବ। ସର୍ବୋପରି ସବୁ ସମୟରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ କର୍କଟ ରୋଗ ସେବା କ୍ଷେତ୍ରରେ ଓଡ଼ିଶା ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ବୋଲି ରାଜ୍ୟ ସରକାରଙ୍କ ପରାମର୍ଶଦାତା (କର୍କଟ ରୋଗ ସେବା) ଡକ୍ଟର ଦିଲୀପ ପେଣ୍ଡାରକର ମତ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ସମ୍ପର୍କିତ ଲୋଗୋ ଉନ୍ମୋଚନ ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ, ସିଏମ୍‌ଓ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ, ସ୍ୱାସ୍ଥ୍ୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ପ୍ରମୁଖ ଉପସ୍ଥିତ ରହିଥିଲେ।

# କ୍ୟାପିଟାଲ ହସ୍ପିଟାଲରେ ହେବ ହାର୍ଟ ସର୍ଜରି

ଭୁବନେଶ୍ୱର, ୭।୧୧(ବ୍ୟୁରୋ)

କ୍ୟାପିଟାଲ ହସ୍‌ପିଟାଲରେ ହାର୍ଟ ସର୍ଜରି ବିଭାଗ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୨୦୨୦ ଜାନୁୟାରୀ ୧୫ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରାଯାଉଛି। ଏହି ମର୍ମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରୁ ଜଣାପଡ଼ିଛି ଯେ ସାଧାରଣ ଲୋକଙ୍କୁ ଉନ୍ନତ ମାନର ହାର୍ଟ କେୟାର ସୁବିଧା ଯୋଗାଇଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଡାକ୍ତର ଓ ପାରାମେଡିକାଲ୍ ଷ୍ଟାଫ୍ ନିଯୁକ୍ତ କରିବା ପାଇଁ ସରକାର ଉଦ୍ୟମ କରୁଛନ୍ତି। ସରକାରୀ ବିଧି ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଏହା ସହିତ ୧୫ ଜଣ ନର୍ସଙ୍କୁ ଆଇସିୟୁ ମ୍ୟାନେଜ୍‌ମେଣ୍ଟ ଟ୍ରେନିଂ ଦେବା ପାଇଁ ସରକାର ଚିନ୍ତା କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ୩୦ ଶଯ୍ୟା ବିଶିଷ୍ଟ କାର୍ଡିଆକ୍ କେୟାର ୟୁନିଟ୍ ଆରମ୍ଭ କରିବାକୁ ସରକାର ଯୋଜନା କରିଛନ୍ତି। ସେଥି ମଧ୍ୟରୁ ୧୫ଟି ପୁରୁଷ ରୋଗୀ ଓ ୧୫ଟି ମହିଳା ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ହେବ। ଏଥି ସହିତ ୧୦ ଜଣ ହାଉସ୍‌କିପିଙ୍ଗ୍ ଷ୍ଟାଫ୍‌ଙ୍କ ସହ କ୍ୟାଥ୍‌ଲ୍ୟାବ୍, ଇସିଜି, ଇକୋ, ଟିଏମ୍‌ଟି ଟେକ୍‌ନିସିଆନ୍ ନିଯୁକ୍ତି ଦେବା ପାଇଁ ସରକାର ସ୍ଥିର କରିଛନ୍ତି। ଏହା ସହିତ ସଂକ୍ରମଣ ରୋକିବା ପାଇଁ ଷ୍ଟେରିଲାଇଜେସନ୍ ଉପରେ ଧ୍ୟାନ ଦେଉଛନ୍ତି। ଏହି ଅବସରରେ ଡିଏମ୍‌ଇଟିଙ୍କୁ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଉଚ୍ଚ ମାନର ହାର୍ଟ କେୟାର ୟୁନିଟ୍ ପାଇଁ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ସରକାରଙ୍କୁ ଖୁବ୍ ଶୀଘ୍ର ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସତ୍ୟସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହାୟର ମେଡିକାଲ୍ ସାଇନ୍ସ, ବେଙ୍ଗାଲୁରୁ ଓ ପୁଟ୍ଟପର୍ତ୍ତି ହସ୍‌ପିଟାଲ୍‌ର କାର୍ଡିଆକ୍ ସାଇନ୍ସେସ୍ ବିଭାଗର ଅଧ୍ୟକ୍ଷ ଡା. ପ୍ରଭାତ କୁମାର ଦାସ ଏହି ଅବସରରେ ହାର୍ଟ କେୟାର ୟୁନିଟ୍‌କୁ ଆସନ୍ତା ଜାନୁୟାରୀ ୧୫ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ..............................



କାର୍ତ୍ତିକ୍
ପରିବାରବର୍ଗ



ପ୍ରିତମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

### ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କ ବଲାଙ୍ଗୀର,ସୋନପୁର ଗସ୍ତ

# ୮୪ କୋଟି ବ୍ୟୟରେ ସୋନପୁରରେ ନୂଆ ଡାକ୍ତରଖାନା ହେବ

**ବଲାଙ୍ଗୀର ଅଫିସ/ସୋନପୁର,୭।୧୧(ନି.ପ୍ର.)**

■ ରୋଗୀ, ଡାକ୍ତରଙ୍କ ସହ ଆଲୋଚନା କଲେ
■ ଆହାର କେନ୍ଦ୍ରରେ ଖାଇଲେ ମଧ୍ୟାହ୍ନ ଭୋଜନ

୮୪ କୋଟି ଟଙ୍କା ବ୍ୟୟରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେବ। ଏଥିପାଇଁ ସରକାର ଅନୁମୋଦନ କରିଛନ୍ତି। ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ କହିଛନ୍ତି। ଏଥିପାଇଁ ଜମି ସମସ୍ୟା ରହିଛି। ଆସନ୍ତା ଦୁଇ ଦିନ ଭିତରେ ତା'ର ସମାଧାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଗୁରୁବାର ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ୫-ଟି ସଚିବ ପାଣ୍ଡିଆନ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ଅବସରରେ ଏହା ସ୍ପଷ୍ଟ କରିଛନ୍ତି। ସେମାନେ ଚିକିତ୍ସାଳୟର ବହିଃବିଭାଗ ଓ ଆନ୍ତଃବିଭାଗ ବୁଲି ଦେଖିବା ସହ ରୋଗୀ ଓ ତାଙ୍କ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିଥିଲେ।

ଏହି ଟିମ୍ ମଧ୍ୟାହ୍ନ ୧୨ଟାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଭେଷଜ, ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ ଏବଂ ସର୍ଜରୀ ୱାର୍ଡକୁ ଯାଇ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରିଥିଲେ। ନିରାମୟ ଯୋଜନାରେ ମାଗଣା ଔଷଧ, ଖାଦ୍ୟ ଓ ଡାକ୍ତରମାନେ କିଭଳି ଚିକିତ୍ସା କରୁଛନ୍ତି ସେ ସମ୍ପର୍କରେ ରୋଗୀମାନଙ୍କୁ ପଚାରି ବୁଝିଥିଲେ। ସଚିବ ଏଥିରେ ସନ୍ତୋଷ ପ୍ରକାଶ କରିବା ସହ ସ୍ୱଚ୍ଛତା ଦିଗରେ ଆଉ ଟିକିଏ ଧ୍ୟାନ ଦେବାକୁ କହିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶାସନିକ ଅଧିକାରୀ ଓ ଡାକ୍ତରଙ୍କ ସହ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ବୈଠକ କରିଥିଲେ। ଏଥିରେ ମେଡିକାଲର ସମସ୍ୟା ଓ ଏହାର କିପରି ସମାଧାନ ହୋଇପାରିବ ଆଲୋଚନା ହୋଇଥିଲା। ପରେ ଏହି ଟିମ୍ ଆହାର କେନ୍ଦ୍ରକୁ ଯାଇ ମଧ୍ୟାହ୍ନଭୋଜନ କରିଥିଲେ। ସେହି କେନ୍ଦ୍ରରେ ଭୋଜନ କରୁଥିବା ଶ୍ରମିକଙ୍କ ସହ ଆଲୋଚନା କରି ସବୁ ଦିନ ଏଭଳି ଖାଦ୍ୟ ଦିଆଯାଉଛି କି ନାହିଁ ୫-ଟି ସଚିବ ପଚାରି ବୁଝିଥିଲେ। ଏହି ଟିମ୍ ସହିତ ସମ୍ବଲପୁର ଡିଆଇଜି ହିମାଂଶୁ ଲାଲ, ସୁବର୍ଣ୍ଣପୁର ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଉପଜିଲାପାଳ ବଳରାମ ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଦିଲୀପ କୁମାର ପଣ୍ଡା, ଡାକ୍ତର ପ୍ରଦୀପ କୁମାର ଗୁରୁ, ଡାକ୍ତର ବୈଦ୍ୟନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।



ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, ୫-ଟି ସଚିବ ଭି.କାର୍ତ୍ତିକେୟନ ପାଣ୍ଡିଆନ ଓ ଅନ୍ୟମାନେ।

ଏହି ଟିମ୍ ପ୍ରଥମେ ବଲାଙ୍ଗୀରରେ ପହଞ୍ଚି ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ଯାଇଥିଲେ। ମାତୃ ଓ ଶିଶୁ ରୋଗ ବିଭାଗକୁ ଯାଇ ରୋଗୀ ଓ ସମ୍ପର୍କୀୟଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସର୍ଜରୀ ୱାର୍ଡ ଓ ଡାଇଲିସିସ୍ ୱାର୍ଡ ପରିଦର୍ଶନ କରିଥିଲେ। ହସପିଟାଲରେ ରୋଗୀଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି କି ନାହିଁ ଓ ଏହାର ମାନ କିପରି ରହୁଛି ପଚାରିଥିଲେ। ହସ୍‌ପିଟାଲର ନିରାମୟ କାଉଣ୍ଟରରୁ ରୋଗୀଙ୍କୁ ମାଗଣାରେ ଔଷଧ ମିଳୁଛି କି ନାହିଁ , ନିଦାନ ବିଭାଗରେ ରୋଗୀଙ୍କ ରକ୍ତ, ମଳ, ମୂତ୍ର, ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ନିରୀକ୍ଷା କରାଯାଉଛି କି ନାହିଁ ପଚାରିଥିଲେ। ରୋଗୀଙ୍କୁ ଚିକିତ୍ସା ବେଳେ ଡାକ୍ତରଙ୍କ ବ୍ୟବହାର କିଭଳି ରହୁଛି ତାହା ମଧ୍ୟ ପଚାରଥିଲେ। ରୋଗୀ ତଥା ରୋଗୀ ସମ୍ପର୍କୀୟଙ୍କ ସହ ଆଲୋଚନା କରିବା ସହ ହସପିଟାଲର ବିଭିନ୍ନ ୱାର୍ଡ ପରିଦର୍ଶନ ପ୍ରଶାସନିକ ଭବନରେ ସ୍ୱାସ୍ଥ୍ୟ ଅଧିକାରୀ ଓ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଖଣି ଦୁର୍ଘଟଣା କ୍ଷତିପୂରଣ ...

ପରେ ଖଣି ଅଞ୍ଚଳକୁ ଯାଇ ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ। ଏହି ଅବସରରେ ମନ୍ତ୍ରୀ ଜୋଷୀ କହିଥିଲେ ଯେ, ତାଳଚେରର ଯାହା ସମସ୍ୟା ଅଛି ତାହାର ସମାଧାନ କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ଖାଲି ସ୍ୱପ୍ନ ଦେଖିଲେ ଚଳିବ ନାହିଁ, ସବୁ ଦଳ ମିଶି ଦେଶ ପାଇଁ କାମ କରିବା ଦରକାର। ଏଥିସହ ତାଳଚେର ଠାରେ ଏମ୍‌ସିଏଲ୍ ପକ୍ଷରୁ ନବନିର୍ମିତ ମେଡିକାଲ କଲେଜ ଖୁବଶୀଘ୍ର ଉଦ୍‌ଘାଟନ ହେବ ଓ ଏକ ଭଲ ସଂସ୍ଥା ଦ୍ୱାରା ପରିଚାଳନା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ୨୦୧୯-୨୦ରେ କୋଲ୍‌ଇଣ୍ଡିଆ ୬୬୦ ମିଲିୟନ ଟନ୍ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛି। ୨୦୨୩-୨୪ରେ ଏହା ୧ ହଜାର ମିଲିୟନ ଟନ୍‌ରେ ପହଞ୍ଚିବ। ତେବେ ବର୍ତ୍ତମାନ ସୁଦ୍ଧା ଏମ୍‌ସିଏଲ୍‌ରେ ଲକ୍ଷ୍ୟଧାର୍ଯ୍ୟ ଠାରୁ ୧୧ ପ୍ରତିଶତ କମ୍ ଉତ୍ପାଦନ ହୋଇଛି। ତେଣୁ ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବାକୁ କେନ୍ଦ୍ରମନ୍ତ୍ରୀ ସମସ୍ତଙ୍କ ସହଯୋଗ ଲୋଡିଥିଲେ। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ, ଏମ୍‌ସିଏଲ୍‌ରେ ଅଦ୍ୟାବଧି ୧୬ ହଜାର ଚାକିରି ଦିଆଯାଇଛି। ୨୦୨୪ ସୁଦ୍ଧା ଆହୁରି ୪ ହଜାର କ୍ଷତିଗ୍ରସ୍ତ ନିଯୁକ୍ତି ପାଇବେ। ରେଳ ଭିତ୍ତିଭୂମିର ବିକାଶ ପାଇଁ ୯ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇ ୩୩୦ କିମି ରେଳପଥର ଉନ୍ନତୀକରଣ କରାଯାଇଛି। ପ୍ରତି ଗ୍ରାମକୁ ମେଡିକାଲ ଟିମ୍ ଯାଇ ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିବେ। ଏମ୍‌ସିଏଲ୍ ପକ୍ଷରୁ ୧୧୫ କୋଟି ଟଙ୍କା ବ୍ୟୟରେ ଶୁଦ୍ଧ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିପାଇଁ ଅଦ୍ୟାବଧି ୨୨ କୋଟି ଟଙ୍କା ଖର୍ଚ୍ଚ ସରିଲାଣି। ଆଗାମୀ ଦିନରେ ଏମ୍‌ସିଏଲ୍ କୋଇଲା ଉତ୍ତୋଳନ କ୍ଷେତ୍ରରେ ୧ ନମ୍ବର ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ପରେ ଡେରା ହାଇସ୍କୁଲ ଶ୍ରେଣୀଗୃହ ଓ ଲିଙ୍ଗରାଜ ଠାରେ ୨୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଅତ୍ୟାଧୁନିକ ଡିଏଭି ସ୍କୁଲର ଭୂମି ପୂଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଲ୍ ଇଣ୍ଡିଆର ଅଧ୍ୟକ୍ଷ ଏ.କେ. ଝା, ଏମ୍‌ସିଏଲ୍ ଅଧ୍ୟକ୍ଷ ଭୋଳାନାଥ ଶୁକ୍ଳା, କୋଇଲା ଯୁଗ୍ମ ସଚିବ ଆର.କେ. ସିହ୍ନା, ଡିଏଭି ଟ୍ରଷ୍ଟର ଡି.ଭି. ସେଠୀ, ଏମ୍‌ସିଏଲ୍‌ର ପଦାଧିକାରୀମାନେ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ବିଧାୟକ, ଜମିହରା କ୍ଷତିଗ୍ରସ୍ତ, ଟ୍ରକ୍ ମାଲିକ ସଂଘ, ବିଭିନ୍ନ ଶ୍ରମିକ ସଙ୍ଗଠନ ସହିତ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ। ଏମ୍‌ସିଏଲ୍‌ର ବରିଷ୍ଠ ପଦାଧିକାରୀଙ୍କ ସହ ମଧ୍ୟ ଏକ ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ଯୋଗ ଦେଇଥିଲେ।

### ଆଜ୍‌ମେର-ପୁରୀ ଏକ୍ସପ୍ରେସ୍ ...

ଟ୍ରେନ୍ ଦ୍ରୁତଗତିରେ ଥିବାରୁ ଚାଳକ ଜାଣି ପାରି ନ ଥିଲେ। ତେବେ ହଣ୍ଡପା ଷ୍ଟେଶନ ପାରହେବା ସମୟରେ କର୍ମଚାରୀମାନେ ନିଆଁ ଲାଗିଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ହଣ୍ଡପା ଷ୍ଟେଶନ କର୍ମଚାରୀ ଓ ବଇଣ୍ଡା ଫାଣ୍ଡି ଅଧିକାରୀ ଏ.କେ. ଗଡ଼ନାୟକ ଟ୍ରେନ୍ ଚାଳକଙ୍କୁ ସୂଚନା ଦେଇଥିଲେ। ଚାଳକ ତୁରନ୍ତ ଟ୍ରେନ ଅଟକାଇବା ପରେ ଇଞ୍ଜିନ ଓ ଷ୍ଟେଶନରେ ଥିବା ଅଗ୍ନିନିର୍ବାପକ ଯନ୍ତ୍ର ସହାୟତାରେ ନିଆଁକୁ ଆୟତ କରାଯାଇଥିଲା। ଏଥିସହିତ ବାମୁର ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତରେ ସହଯୋଗ କରିଥିଲେ। ଉକ୍ତ ଇଞ୍ଜିନ ପରିବର୍ତ୍ତେ ଏକ ଇଲେକ୍ଟ୍ରିକ ଇଞ୍ଜିନ ଲଗାଯିବା ପରେ ଟ୍ରେନ୍ ପୁରୀ ଅଭିମୁଖେ ଯାତ୍ରା କରିଥିଲା।

### ବାଂଲାଦେଶ ମୁହାଁଇଲା...

ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଏହି ଦୁଇଦିନ ପାଇଁ ବିଭାଗ ପକ୍ଷରୁ ୟେଲୋ ଏବଂ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଉପକୂଳ ଜିଲାଗୁଡିକରେ ଧାନ, ବିରି, ମୁଗ ଓ ପନିପରିବା କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ପାଚିଲା ଧାନ ଖଳାକୁ ନେଇ ଯିବାକୁ କୃଷି ବିଭାଗ ପକ୍ଷରୁ ପରାମର୍ଶ ଜାରି କରାଯାଇଛି। ବାତ୍ୟା ଯୋଗୁ ଉତ୍ତର ଓଡିଶା ଉପକୂଳବର୍ତ୍ତୀ ଜିଲାଗୁଡିକରେ କଚ୍ଚା ଘର, ଗଛ, ଲୁଣାବନ୍ଧ ଭାଙ୍ଗିବା ସହ ବିଦ୍ୟୁତ୍ ବ୍ୟବସ୍ଥା ଆଂଶିକ କ୍ଷତିଗ୍ରସ୍ତ ହେବ। ଏପରିକି କେତେକ ସ୍ଥାନରେ ବର୍ଷାଜଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେବା ସହିତ ସମୁଦ୍ର ନିକଟବର୍ତ୍ତୀ ଜମିରେ ବ୍ୟାପକ ଫସଲ ହାନିର ସମ୍ଭାବନା ରହିଛି। ସମୁଦ୍ରକୂଳକୁ ପର୍ଯ୍ୟଟକମାନଙ୍କୁ ନ ଛାଡିବା ଲାଗି ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା, ଜଗତ୍‌ସିଂହପୁର ଓ ପୁରୀ ଜିଲାର ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଶୁକ୍ରବାର ଓ ଶନିବାର ଛୁଟି ଘୋଷଣା କରାଯାଇଛି। ଏଥିସହିତ ଉକ୍ତ ଜିଲାଗୁଡିକର ସମସ୍ତ ସରକାରୀ କର୍ମଚାରୀଙ୍କର ଛୁଟିକୁ ମଧ୍ୟ ବାତିଲ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି) ପ୍ରଦୀପ କୁମାର ଜେନା ପ୍ରଭାବିତ ହେବାକୁ ଥିବା ଜିଲାଗୁଡିକର ଜିଲାପାଳଙ୍କ ସହ ବରାବର ଯୋଗାଯୋଗରେ ରହିଛନ୍ତି। ସମସ୍ତ ପ୍ରକାର ପ୍ରତିକାରମୂଳକ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆରସି କହିଛନ୍ତି ଯେ ବାତ୍ୟା ବୁଲ୍‌ବୁଲ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ଆଡକୁ ମୁହାଁଇଛି। ଏହାର ପ୍ରଭାବରେ ୪ଟି ଜିଲାରେ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ୟେଲୋ ୱାର୍ନିଂ ଜାରି କରିଛି। ଯଦିଓ ବାତ୍ୟା ଓଡିଶା ଉପକୂଳ ଦେଇ ଅତିକ୍ରମ କରିବ ନାହିଁ ତେବେ ବି ଏହାର ପ୍ରଭାବରେ ଉତ୍ତର ଓଡିଶାର ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଚାଷୀମାନେ ସେମାନଙ୍କ ଧାନକୁ ଘୋଡାଇ ରଖିବାକୁ ପରାମର୍ଶ ଦିଆଯାଇଛି। ବାତ୍ୟା ମୁକାବିଲା ନେଇ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ରଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବାତ୍ୟା ଆଶଙ୍କା ଥିବା ରାଜ୍ୟଗୁଡିକ ସହିତ ଆଲୋଚନା ଜାରି ରଖିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର କାମ ପାଇଁ ଅର୍ଥର ଅଭାବ ରହିବ ନାହିଁ ମାତ୍ର ବିଭିନ୍ନ ପ୍ରକାରର ସମସ୍ୟାରେ ମନ ଆନ୍ଦୋଳିତ ରହିପାରେ। ଅତୀତ ସ୍ମୃତି ରୋମନ୍ଥନ କରି କିମ୍ବା ମା'ଙ୍କ ସ୍ୱାସ୍ଥ୍ୟ ସମସ୍ୟା ହେତୁ ଭାବପ୍ରବଣ ହୋଇପାରନ୍ତି। ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ପ୍ରତିଦ୍ୱନ୍ଦ୍ୱିତା ଓ ଯାତ୍ରାରୁ ସୁଫଳ ପାଇବେ।

**ବୃଷ**
କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ମାଧ୍ୟମରେ ସାମୟିକ ବାଧା ସୃଷ୍ଟି କରିବ। ସାଧାରଣ କଥାରେ ମତାନ୍ତର ସହ କଥା କଟାକଟିଜନିତ ଅଶାନ୍ତ ବାତାବରଣ ସୃଷ୍ଟି ହୋଇପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ମିଥୁନ**
ପରିସ୍ଥିତି ପ୍ରତି ସଚେତନ ରହି କାମ କରିଚାଲିଲେ କୌଣସି ଅସୁବିଧା ହେବନାହିଁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ରହିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଶିଳ୍ପ, ବାଣିଜ୍ୟ, କଳା ସାହିତ୍ୟ ଓ ରାଜନୈତିକ ସ୍ତରରେ ସମସ୍ୟା ସମାଧାନ ହୋଇଯିବ । ଅପରାହ୍ନରେ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ ।

**କର୍କଟ**
ବର୍ତ୍ତମାନ ପାଇଁ କୌଣସି ପ୍ରକାରର ସମସ୍ୟା ନ ଥିଲେ ମଧ୍ୟ ଏଣୁ ତେଣୁ କଥାଗୁଡିଏ ଭାବି ମନକୁ ଭାରାକ୍ରାନ୍ତ କରିବେ। ପରିବେଶିକ କୁପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ବ୍ୟତିକ୍ରମ ମଧ୍ୟରେ ଚଳିବାକୁ ପଡ଼ିପାରେ। ବ୍ୟବସାୟ, ବନ୍ଧୁସମ୍ପର୍କ, ନୂତନ କାମରେ ଅନୁପ୍ରବେଶ ମନକୁ ସାନ୍ତ୍ୱନା ଦେବାରେ ସହାୟକ ହେବ।

**ସିଂହ**
ଆକସ୍ମିକ ସମସ୍ୟାଜନିତ ଟେନ୍ସନ ସୃଷ୍ଟି ହୋଇପାରେ। କୌଣସି କାମ ମଧ୍ୟ ଅଟକି ନ ରହିଲେ ମଧ୍ୟ ମନ ବିଚଳିତ ହେତୁ ଶାନ୍ତି ଭଗ୍ନ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ନୂତନତ୍ୱ ଯୋଡ଼ି ପାରନ୍ତି। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଯାତ୍ରା ସମୟରେ ପ୍ରତ୍ୟେକ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି।

**କନ୍ୟା**
କୌଣସି ସମସ୍ୟାର ଆଶଙ୍କା କରି ମନ ବିବ୍ରତ ରହିପାରେ। ବନ୍ଧୁ ମିଳନ ସଙ୍ଗକୁ ବାଣିଜ୍ୟ, ବ୍ୟବସାୟ ସକାଶେ ଅନୁକୂଳ ପରିବେଶ ସୃଷ୍ଟିର ସୂଚନା ହାତେ ହାତେ ପାଇଯିବେ। କିନ୍ତୁ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ ଅଯଥା ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ। ପରିବହନ, ବ୍ୟବସାୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା**
ନୂଆଁ କାମ କରିବାର ନିଷ୍ପତ୍ତି ନେବେ। ଆର୍ଥିକ ଅଭିବୃଦ୍ଧି ସଙ୍ଗକୁ ବିଳାସବ୍ୟସନ ଓ ମନୋରଂଜନର ମଜା ଉଠାଇବେ। ଅପରାହ୍ନେ ଅପରର ମନଗଢ଼ା କଥା ଶୁଣି ମନକୁ ଭାରାକ୍ରାନ୍ତ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ହିଁ ପାଇବେ।

**ବିଛା**
ସୁଯୋଗର ସଦ୍ ବ୍ୟବହାର କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବେ। ପାରିବାରିକ, ଲୋକସମ୍ପର୍କ, ପରିବହନ କ୍ଷେତ୍ରରେ କିଛି ନା କିଛି ସମସ୍ୟା ଅବଶ୍ୟ ରହିବ। ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବାର ଆଶା କରାଯାଇପାରେ । ଆର୍ଥିକ ସଂକଟ ଦୂରେଇଯିବ। ନିକଟ ସମ୍ପର୍କୀୟ ଶତ୍ରୁଭାବ ପୋଷଣ କରିବେ।

**ଧନୁ**
ଦିନସାରା ମୁହଁରେ ହସ ଲାଖିରହିବ। ବନ୍ଧୁଙ୍କ ଆତିଥ୍ୟ ସଙ୍ଗକୁ ନୂତନ ବସ୍ତ୍ରଭୂଷଣ ଯୋଗ ମଧ୍ୟ ରହିଛି। ପରିବାରର କୌଣସି ବ୍ୟତିକ୍ରମଜନିତ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିପାରନ୍ତି। ଅଫିସ୍‌ରେ କୌଣସି ବନ୍ଧୁଙ୍କ କାର୍ଯ୍ୟଶୈଳୀକୁ ନାପସନ୍ଦ କରି ପରୋକ୍ଷ ସମାଲୋଚିତ ହେବାକୁ ପଡ଼ିପାରେ। ଶିଳ୍ପ, ବ୍ୟବସାୟ, ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ।

**ମକର**
ପାରିବାରିକ କ୍ଷେତ୍ରର ବ୍ୟତିକ୍ରମ ବନ୍ଧୁଙ୍କ ମଧ୍ୟସ୍ଥତାରେ ସମାଧାନ ହୋଇଯିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କର ଚେଷ୍ଟା ବିଫଳ ପ୍ରମାଣିତ ହେବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ଆଗ୍ରହ ପ୍ରକାଶ କରିବେ। ରାଜନୈତିକ କ୍ଷେତ୍ରରେ କିମ୍ବା ସରକାରୀ ସ୍ତରରେ ସମସ୍ୟା ସମାଧାନରେ ସଫଳ ହେବେ।

**କୁମ୍ଭ**
ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିପାରେ। ବନ୍ଧୁଙ୍କ ମାଧ୍ୟମରେ କାମ ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ କିଛିନା କିଛି ପ୍ରତିବନ୍ଧକ ଲାଗି ରହିବା ହେତୁ ନିରୁତ୍ସାହିତ ରହିପାରନ୍ତି। କର୍ମକ୍ଷେତ୍ରରେ ପୂର୍ବପ୍ରସ୍ତୁତିରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହେବାର ସମ୍ଭାବନା ରହିଛି। ବ୍ୟବସାୟ ଦିଗଟି ମନ୍ଦ ହେବନି କିନ୍ତୁ ପରିବହନରେ ସମସ୍ୟା ଦେଖାଦେବ।

**ମୀନ**
ବୌଦ୍ଧିକତା, ବନ୍ଧୁ ସମ୍ପର୍କ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସୁସମ୍ପର୍କ ଅକ୍ଷୁଣ୍ଣ ରହିବ। ସତର୍କତା ଅଭାବରୁ ଟଙ୍କା ପଇସା,ଦରକାରୀ କାଗଜପତ୍ର ହଜିଯାଇପାରେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦକ୍ଷେପ ନେବା ଠିକ୍ ହେବ। ଅଫିସ୍‌ରେ ଫାଇଲ୍ ପତ୍ର କିମ୍ବା ସହକର୍ମୀଙ୍କ ସହ ବିବାଦ ବଢ଼ିପାରେ। ମାନସିକ ସ୍ଥିତି ପୂର୍ବପରି ରହିବ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ଯୁକ୍ତ ଦ୍ୱାଦଶୀ ଶୁକ୍ରବାର, ନଭେମ୍ବର ୮ ତାରିଖ, ଶ୍ରୀମନ୍ଦିରରେ ଲକ୍ଷ୍ମୀନାରାୟଣ ବେଶ, ଭୀଷ୍ମ ପଞ୍ଚକ ବା ବକ ପଞ୍ଚକ ଆରମ୍ଭ, ବକପଞ୍ଚକ ସ୍ନାନ, ଶରତ୍ ରାସ ଆରମ୍ଭ, ରାଶି/ନକ୍ଷତ୍ର- ପୂର୍ବଭାଦ୍ର, ଦିବା ଘ୦୨।୧୨ମି. ଗତେ ଉତ୍ତରଭାଦ୍ର/ମୀନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୦୭।୨୫ମି. ଗତେ ଘ୦୯।୩୯ମି. ମଧ୍ୟେ, ଘ୦୧୧।୫୩ ମି. ଗତେ ଘ୦୨।୫୨ମି. ମଧ୍ୟେ, ଦିବା ଘ୦୩।୩୬ମି. ଗତେ ଘ୦୫।୦୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୦୭ମି. ଗତେ ଘ୧୧।୩୧ମି. ମଧ୍ୟେ ରାହୁ କାଳ।


# classifieds Everyday
0674-2580101, 2549302




**SALE**

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418




**SALE**

Plot for sale near infosys-2 Road side ଘରବାରି ପାଚେରି, ପାଣି ଓ Electricity ସୁବିଧା ସହିତ and କଟକ, ଭୁବନେଶ୍ୱର NH-5 ଠାରୁ ଏକ କିଲୋମିଟର ଭିତରେ ଘରବାରି plot ମିଳୁଅଛି। 9438101895, 8917527255. D-15070

**କଟକ-ଗୋପାଳପୁର ଧାକୁଲେଇପାଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68409

ଭୁବନେଶ୍ୱର ବାଲିଅନ୍ତାରେ **Ready to move Duplex, Tamando**ରେ **yellowzone plot** କିଣନ୍ତୁ। **9348767829.** D-68412

Plot for sale Nakhara & Sundarpada, Bhubaneswar. Gharabari demarcated 30' wide road. Immediate registration & possession. Contact: 7008683329, 9348243488. D-67719

**Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412.** D-68022

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68152

**NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075.** D-68415

36 decimal land with 2storied building at Plot No. 629/2492, Khata No.2676, Mouza-Nayapalli, Bhubaneswar for sale. Contact: 8763055738. D-68162

ଭୁବନେଶ୍ୱର **Airport** ଠାରୁ **5K.M** ଦୂରତାରେ ସୁନ୍ଦରପଦାରେ ବାସୋପଯୋଗୀ ପ୍ଲଟ୍ **Possession** ସହ ମିଳୁଛି। **9040008777.** D-68414

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

**2400sqft GA plot immediately sale at Bharatpur (Sum Hospital) Bhubaneswar, only buyer directly contact Deepak- 9937329999.** D-68025

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

ଭୁବନେଶ୍ୱର ନୂଆଗାଁରେ **Yellowzone** ଘରବାରି ପ୍ଲଟ୍ **1200sqft. @2300/-** ବିକ୍ରିହେବ- **9861082584.** D-68417

**3800sqft GA plot immediately sale at Surya nagar, Bhubaneswar, only buyer directly contact Deepak- 9937329999.** D-68024

ଭୁବନେଶ୍ୱର ପିତାପଲ୍ଲି **Biswas +2 Science College backside**ରେ **Yellowzone** ପ୍ଲଟ୍ ମିଳୁଅଛି। **8594954102.** D-68419




Furnished Office rooms-godown, 1700sqft. near Railway station Kharavelanagar, Bhubaneswar. 9178577306. D-68421

Ground floor room V.S.S.Nagar adequate parking for office, residence 7978059473. D-91086

**Tolet - Commercial space for Showroom, Restaurant, Office, Shop and Store etc. 1500sqft. Area with Toilet, Electric transformer, watersupply at 100ft. road, Jagamara, Khandagiri, Bhubaneswar. Call: 7894438145, 7440001511.** D-63960

Semi furnished 3BHK flat at Shreekhetra Residency, Patrapada, Bhubaneswar. Contact: 9825315882, 8007991651. D-15042




Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies & gents smart therapist. 9040900385. D-66992

Ayurvedic herbal body massage trend therapist Mob: 8018246332. D-66993

Newly open full body massage by ladies, gents therapist. 8018656899 D-60847

Ayurvedic full body massage by ladies, gents therapist. 7008773793 D-60848

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161

Refresh your mind and soul with best therapy at Orchid Salon/Spa. 9937287222. D-66998




CFL/LED ଅଗରବତୀ, ପେପରପ୍ଲେଟ୍, ଚପଲ ମେସିନ୍ ବସାଇବା ପାଇଁ ଯୋଗାଯୋଗ: 9937655255, 9777961337. D-68163

LED Bulb/ Light ଏବଂ Inverter Bulbର ହୋଲସେଲିଙ୍ଗ୍ ବ୍ୟବସାୟ କରି ଲାଭବାନ ହୁଅନ୍ତୁ। କମ୍ପାନୀ ସୁବିଧା ଦରରେ LED Bulb/ Light ଯୋଗାଇ ଦେବ। M/s Leqond India, M: 7978628533, 7381599164. D-15125

Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରତାପ ଜେନା ପାଇବେ ଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)



ପଞ୍ଚାୟତିରାଜ ଓ ପାନୀୟଜଳ, ଗୃହ ଓ ନଗର ଉନ୍ନୟନ, ଆଇନ ମନ୍ତ୍ରୀ ପ୍ରତାପ ଜେନା ଚଳିତ ବର୍ଷର ଫେମ୍ ଇଣ୍ଡିଆ ପକ୍ଷରୁ ଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର ପାଇବେ। ନଭେମ୍ବର ୯ରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ସେ ଏହି ପୁରସ୍କାର ଗ୍ରହଣ କରିବେ। ଫେମ୍ ଇଣ୍ଡିଆ ପକ୍ଷରୁ ମନ୍ତ୍ରୀମାନଙ୍କ ବିଭିନ୍ନ କାର୍ଯ୍ୟର ଆକଳନ ସହ ସରକାରୀ ଯୋଜନାଗୁଡ଼ିକୁ ଠିକଣା ବାଟରେ ନେବା, ଦାୟିତ୍ୱସମ୍ପନ୍ନ ହୋଇ କାର୍ଯ୍ୟ କରିବା ଓ ସର୍ବୋପରି ଦୁର୍ନୀତିଠାରୁ ଦୂରେଇ ରହିବା ଆଦି ଦିଗକୁ ଆକଳନ କରାଯିବା ପରେ ଏହି ଜାତୀୟ ସ୍ତରର ପୁରସ୍କାର ପ୍ରଦାନ କରାଯାଇଥାଏ। ଫେମ୍ ଇଣ୍ଡିଆ ପତ୍ରିକା ପକ୍ଷରୁ କୁହାଯାଇଛି ଯେ ଗୋଟିଏ ରାଜ୍ୟର ବିକାଶ ଏହାର ମନ୍ତ୍ରୀଙ୍କ ଉପରେ ନିର୍ଭର କରେ। ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକୁ ମନ୍ତ୍ରୀ ଠିକ୍ ବାଟରେ ନେବା ଫଳରେ ସରକାରଙ୍କ ବିକାଶକୁ ବଡ ସଫଳତା ମିଳିଥାଏ। ଯଦି ମନ୍ତ୍ରୀ ଦୁର୍ନୀତିଗ୍ରସ୍ତ ଓ ଦାୟିତ୍ୱହୀନ ହେବେ ତେବେ ତାଙ୍କ ବିଭାଗ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିବ। ସାମ୍ବାଦିକତା କ୍ଷେତ୍ରରେ ୮ ବର୍ଷର ଦୀର୍ଘ ଯାତ୍ରା କାଳରେ ସଫଳ ମନ୍ତ୍ରୀମାନଙ୍କୁ ଫେମ୍ ଇଣ୍ଡିଆ ଉତ୍ସାହିତ କରି ଆସିଛି। ଏହି କ୍ରମରେ ଚଳିତବର୍ଷ ରାଜ୍ୟ ମନ୍ତ୍ରୀମାନଙ୍କର ବିଭିନ୍ନ ପ୍ରଦର୍ଶନକୁ ନେଇ ଆକଳନ ହୋଇଛି। ସେଗୁଡ଼ିକ ହେଲା ପରିଚାଳନା କ୍ଷେତ୍ରରେ ଉପଯୁକ୍ତ ଦକ୍ଷତା, ସରକାରୀ କଳ ଓ ଲକ୍ଷ୍ୟକୁ ଠିକଣା ଭାବେ ବୁଝିବା ସହିତ ଅଫିସରମାନଙ୍କୁ ନିୟନ୍ତ୍ରଣ କରିବାର କଳା ହିଁ ଜଣେ ମନ୍ତ୍ରୀଙ୍କ ସଫଳତାକୁ ଦର୍ଶାଇଥାଏ। ଚୂଡ଼ାନ୍ତ ଆକଳନରେ ଓଡିଶା କ୍ୟାବିନେଟ ମନ୍ତ୍ରୀ ଜେନାଙ୍କୁ ଶ୍ରେଷ୍ଠ ମନ୍ତ୍ରୀ ପୁରସ୍କାର ପ୍ରଦାନ ଲାଗି ଚୟନ କରାଯାଇଛି।

# ନିଶା ବେପାରୀଙ୍କ ଗୁଳିମାଡ଼ରେ ପୁଅ ମୃତ, ବାପା ଗୁରୁତର

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)

## ରାଜଧାନୀରେ ଆଉ ଏକ ହତ୍ୟା

- ବ୍ରାଉନସୁଗାର ବେପାରକୁ ବିରୋଧ କରିବାରୁ ମୁଣ୍ଡ ଗଡ଼ିଲା
- ବାହାଦୁରପୁରରେ ଉତ୍ତେଜନା, ୪ ପ୍ଲାଟୁନ ଫୋର୍ସ ମୁତୟନ
- ସାଇଣ୍ଟିଫିକ୍ ଟିମ୍, ବରିଷ୍ଠ ପୋଲିସ ଅଧିକାରୀଙ୍କ ତଦନ୍ତ



ଅନିଲ ଜେନା

ରାଜଧାନୀରେ ପୁଣି ଫୁଟିଛି ଗୁଳି। ଗଡ଼ିଛି ଆଉ ଏକ ମୁଣ୍ଡ। ବ୍ରାଉନ ସୁଗାର ବେପାରକୁ ବିରୋଧ କରିବାରୁ ବାପା ଓ ପୁଅଙ୍କୁ ଗୁଳିମାଡ଼ ହୋଇଛି। ନିଶା ବେପାରିଙ୍କ ଗୁଳିମାଡ଼ରେ ପୁଅର ମୃତ୍ୟୁ ଘଟିଥିବାବେଳେ ବାପା ଗୁରୁତରଭାବେ ଆହତ ହୋଇଛନ୍ତି। ଖଣ୍ଡଗିରି ଥାନା ବାହାଦୂରପୁର ହନୁମାନ ମନ୍ଦିର ସମ୍ମୁଖରେ ଗୁରୁବାର ଘଟିଛି ଏହି ଲୋମଟାଙ୍କୁରା ଘଟଣା। ମୃତକ ଜଣକ ହେଲେ ବାହାଦୂରପୁରର ଅନିଲ ଜେନା ଓ ଗୁରୁତର ଆହତ ବାପା ହେଲେ ଅଭିମନ୍ୟୁ ଜେନା। ଅନିଲଙ୍କ ଡାହାଣ ଛାତିରେ ଦୁଇ ରାଉଣ୍ଡ ଓ ଅଭିମନ୍ୟୁଙ୍କ ଡାହାଣ ଗୋଡ଼ରେ ଗୋଟିଏ ଗୁଳି ବାଜିଛି। ପୋଲିସ ପହଞ୍ଚି ଗୁଳିକାଣ୍ଡ ଘଟିଥିବା ସ୍ଥାନକୁ ଚିହ୍ନଟ କରିଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବାବେଳେ ଓ ଫରେନ୍ସିକ୍ ଟିମ୍ ରକ୍ତ ନମୁନା ସଂଗ୍ରହ କରିଛି। ଅଭିଯୋଗ ଆଧାରରେ ପୋଲିସ ସରକନ୍ତରା ଅଞ୍ଚଳର ବାପି ଓରଫ ଭରତ ସାହୁ, ସହଯୋଗୀ ହାପି ଓ ଆଲୋକଙ୍କ ନାମରେ ହତ୍ୟା ମାମଲା (ନଂ.୬୩୫/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ବାହାଦୂରପୁର ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଅଭିଯୋଗ ଅନୁସାରେ, ବାପି ଓ ସହଯୋଗୀମାନେ ଦୀର୍ଘବର୍ଷ ହେବ ବ୍ରାଉନସୁଗାର ସହ ଅନ୍ୟ ବେଆଇନ ନିଶା ଦ୍ରବ୍ୟ ବେପାର କରନ୍ତି। ବିଶେଷକରି ସ୍କୁଲ ଓ କଲେଜ ପିଲାଙ୍କୁ ଫସାଇ ନିଶା ଖୁଆନ୍ତି। ନିଶା ଖାଇ ଗାଁ ପିଲାମାନେ ବରବାଦ ହେଉଥିବାରୁ ବାହାଦୂରପୁର ଗ୍ରାମବାସୀ ଏହାକୁ ବିରୋଧ କରିଆସୁଛନ୍ତି। ଗତ ଦୀପାବଳିରେ ମୃତ ଅନିଲର ବଡ଼ଭାଇକୁ ବାପି ଓ ସହଯୋଗୀ ବ୍ରାଉନ ସୁଗାର ଖାଇବାକୁ ଦେଇଥିଲେ। ବ୍ରାଉନ ସୁଗାର ଖାଇବା ପରେ ସେ ପରିବାର ସଦସ୍ୟଙ୍କୁ ମାରପିଟ୍ କରିବା ସହ ଅସୁସ୍ଥ ହୋଇପଡିଥିଲେ। ଏହା ଜାଣିବା ପରେ ଅନୀଲ ଫୋନ କରି ବାପିଙ୍କୁ ଗ୍ରାମରେ ବ୍ରାଉନ ସୁଗାର ବେପାର ନ କରିବାକୁ ତାଗିଦ କରିଥିଲେ। ଏହାକୁ ନେଇ ବାପି ଓ ସହଯୋଗୀମାନେ ଅନୀଲଙ୍କୁ ଟାର୍ଗେଟ କରିବା ସହ ୨୪ ଘଣ୍ଟା ଭିତରେ ହତ୍ୟା କରିବାକୁ ଧମକ ଦେଇଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ଅନୀଲ ନିକଟ ବଜାରକୁ କୌଣସି କାମରେ ଯାଇଥିଲେ। ଫେରୁଥିବାବେଳେ ଅପରାହ୍ନ ସାଢ଼େ ୫ଟାରେ ବାହାଦୂରପୁର ହନୁମାନ ମନ୍ଦିର ସମ୍ମୁଖରେ ବାପି, ୨ ସହଯୋଗୀ ଆଲୋକ ଓ ହାପି ମୁହଁରେ କପଡାବାନ୍ଧି ଏକ ପଲ୍ସରରେ ଆସି ତାଙ୍କୁ ଅଟକାଇଥିଲେ। ବାପି ହଠାତ ବନ୍ଧୁକ ବାହାର କରି ଅନୀଲଙ୍କ ଛାତିକୁ ଦୁଇ ରାଉଣ୍ଡ ଗୁଳି କରିଥିଲେ। ଗୁଳି ଶବ୍ଦ ଓ ଚିତ୍କାର ଶୁଣି ଅନୀଲଙ୍କ ବାପା ଅଭିମନ୍ୟୁ ଦୌଡ଼ିଯାଇ ସେମାନଙ୍କୁ ବିରୋଧ କରିଥିଲେ। ହେଲେ ଅଭିଯୁକ୍ତମାନେ ଅଭିମନ୍ୟୁଙ୍କ ଉପରକୁ ଗୁଳି କରି ପଳାଇଥିଲେ। ଉଭୟ ତଳେ ପଡି ଚିତ୍କାର କରୁଥିବାବେଳେ ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଏମ୍ସ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅନୀଲଙ୍କ ଛାତିରୁ ଡାକ୍ତର ଗୁଳି କାଢିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାସହ ଅଭିମନ୍ୟୁଙ୍କ ଗୋଡ଼ରୁ ଗୁଳି ବାହାର କରାଯାଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ନିକଟରେ ଏୟାରଫିଲ୍ଡ ଥାନାଞ୍ଚଳରେ ଅମରେଶ ନାୟକ ହତ୍ୟା ଘଟଣାରେ ପୋଲିସ ଏଯାଏ ସମସ୍ତ ଅଭିଯୁକ୍ତଙ୍କୁ ଧରିପାରିନି। ଦୁଇ ସପ୍ତାହ ମଧ୍ୟରେ ଦୁଇଟି ହତ୍ୟାକାଣ୍ଡ ଏବେ କମିଶନରେଟ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

### ଅଭିଯୁକ୍ତଙ୍କ ନାମରେ ରହିଛି ବହୁ ମାମଲା

ଗୁଳିମାଡ଼ କରିଥିବା ବାପିଙ୍କ ନାମରେ ଖଣ୍ଡଗିରି ସମେତ ବିଭିନ୍ନ ଥାନାରେ ହତ୍ୟା ଓ ହତ୍ୟା ଉଦ୍ୟମ ଭଳି ଏକାଧିକ ସଙ୍ଗୀନ ମାମଲା ରହିଛି। ନିକଟରେ ମଧ୍ୟ ବାପି ଜେଲରୁ ବାହାରିବା ପରେ ପୁଣି ବ୍ରାଉନ ସୁଗାର ବେପାର ଆରମ୍ଭ କରିଥିଲେ। ପାଖରେ ଖୁଲମଖୁଲା ବନ୍ଧୁକ ରଖି ବୁଲୁଥିଲେ। ଯେଉଁମାନେ ତାଙ୍କୁ ବିରୋଧ କରୁଥିଲେ ସେ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇ ପାଟି ବନ୍ଦ କରିଦେଉଥିଲେ। ଏଠାରେ ପ୍ରଶ୍ନ ଉଠୁଛି, ଜେଲ ଫେରିବା ପରେ ବାପି ପୁଣି ଅପରାଧ ସାମ୍ରାଜ୍ୟ ବିସ୍ତାର କରି ଚାଲିଥିଲେ ମଧ୍ୟ ପୋଲିସ ତାଙ୍କ ଉପରେ ନଜର କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲା କାହିଁକି?

## ଜିଲା ଯୋଗାଣ ବିଭାଗ ବିକିଲା ପିଆଜ

# କିଲୋ ପ୍ରତି ୪୯ ଟଙ୍କା, ଜଣଙ୍କୁ ୨ କିଲୋ

କଟକ ଅଫିସ, ୭।୧୧

ଖୋଲା ବଜାରରେ ପିଆଜ କିଲୋ ପିଛା ୬୦ରୁ ୭୦ ଟଙ୍କାରେ ବିକ୍ରି ହେଉଛି। ଏଭଳି ପରିସ୍ଥିତିକୁ ମୁକାବିଲା କରିବା ପାଇଁ କଟକ ଜିଲା ଯୋଗାଣ ବିଭାଗ ପକ୍ଷରୁ ଗୁରୁବାରଠାରୁ ପିଆଜ ବିକ୍ରି ଆରମ୍ଭ ହୋଇଛି। ବକ୍ସିବଜାର, କଲେଜ ଛକ ଓ ସିଡିଏଠାରେ ଥିବା ମୈତ୍ରୀ ସେଣ୍ଟରରେ କିଲୋ ପ୍ରତି ୪୯ ଟଙ୍କାରେ ପିଆଜ ବିକ୍ରି କରାଯାଉଛି। ଜଣେ ଖାଉଟିଙ୍କୁ ୨ କେଜି ପର୍ଯ୍ୟନ୍ତ ପିଆଜ ଦେବାକୁ ବ୍ୟବସ୍ଥା ହୋଇଛି। ତେବେ କଟକରେ ଦୈନିକ ୨ରୁ ୩ ଟ୍ରକ୍ ପିଆଜ ଆବଶ୍ୟକତା ଥିବାବେଳେ ଉପରୋକ୍ତ ପରିମାଣର ପିଆଜ ଉପଲବ୍ଧ ଥିବା ଜିଲା ସହକାରୀ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର କହିଛନ୍ତି। କଳାବଜାରକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ମିଶ୍ର ସୂଚନା ଦେଇଛନ୍ତି।

# ଲାଞ୍ଚ ନେଇ ଜିଲା ଶ୍ରମ ଅଧିକାରୀ ଗିରଫ

## ଟଙ୍କା ନଷ୍ଟ କରି ନ ପାରି ଭିଜିଲାନ୍ସ ଅଧିକାରୀଙ୍କୁ କାମୁଡ଼ିଲେ

ଫୁଲବାଣୀ ଅଫିସ, ୭।୧୧



ରଞ୍ଜନ କିଶୋର ବେହେରା।

କନ୍ଧମାଳ ଜିଲା ଶ୍ରମ ଅଧିକାରୀ ଗୁରୁବାର ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଗିରଫରୁ ବର୍ତ୍ତିବା ପାଇଁ ଜିଲା ଶ୍ରମ ଅଧିକାରୀ ରଞ୍ଜନ କିଶୋର ବେହେରା ଲାଞ୍ଚ ଟଙ୍କାକୁ ପାଟିରେ ପୂରାଇ ନଷ୍ଟ କରିବାକୁ ଚେଷ୍ଟା କରିବା ବେଳେ ଭିଜିଲାନ୍ସ ଇନ୍ସପେକ୍ଟରଙ୍କୁ କାମୁଡ଼ି ରକ୍ତାକ୍ତ କରିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ମୃତ୍ୟୁକାଳୀନ ସହାୟତା ରାଶି ମିଳିବା ଫାଇଲକୁ ଜିଲାପାଳଙ୍କ ନିକଟକୁ ପଠାଇବା ନିମନ୍ତେ ଲାଞ୍ଚ ନେବାବେଳେ ସଂପୃକ୍ତ ଅଧିକାରୀ ଧରାପଡ଼ି ଗିରଫ ହୋଇଛନ୍ତି। ଏ ନେଇ ଭିଜିଲାନ୍ସରେ ନଂ.୩୦/୧୯ରେ ଏକ ମାମଲା ରୁଜୁ କରାଯାଇ ଶ୍ରମ ଅଧିକାରୀ ବେହେରାଙ୍କୁ କୋର୍ଟଚାଲାଣ କରାଯାଇଛି। ଫୁଲବାଣୀସ୍ଥିତ ତାଙ୍କ ଭଡ଼ା ଘର ଓ କଟକ ସିଡିଏ ୧୦ରେ ଥିବା ବାସଭବନ ଉପରେ ଚଢାଉ କରାଯାଇ ଯାଞ୍ଚ ଚାଲିଥିବା ଭିଜିଲାନ୍ସ ଡିଏସ୍‌ପି ରବିକାନ୍ତ ସୁନା ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ୪ ଶ୍ରମିକ ତଥା ନୀରୋଦା ପ୍ରଧାନ, ଇନ୍ଦିରା କହଁର, କୁନ୍ତିମାଳା ପ୍ରଧାନଙ୍କ ସ୍ୱାମୀ ଏବଂ ଗଜପତି ପ୍ରଧାନଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ମୃତକମାନଙ୍କ ନାମ ଶ୍ରମ କାର୍ଯ୍ୟାଳୟରେ ପଞ୍ଜୀକୃତ ରହିଛି। ତେଣୁ ସେମାନଙ୍କ ସମ୍ପର୍କୀୟମାନଙ୍କୁ ସରକାରୀ ନିୟମ ଅନୁସାରେ ଅକାଳ ମୃତ୍ୟୁ ଯୋଗୁ ୧ ଲକ୍ଷ ଟଙ୍କା ଲେଖାଏ ସହାୟତା ଦେବାପାଇଁ ଟିକାବାଲିର ଆଞ୍ଚଳିକ ବିଶ୍ୱକର୍ମା ଶ୍ରମିକ ସଂଘର ସଭାପତି ବାବୁଜା ପ୍ରଧାନ ଆବେଦନ କରିଥିଲେ। ଏ ସମ୍ପର୍କିତ ଫାଇଲ ଯାଞ୍ଚ କରି ଜିଲାପାଳଙ୍କ ନିକଟକୁ ପଠାଇବାକୁ ଶ୍ରମିକ ସଂଘ ସଭାପତି ପ୍ରଧାନଙ୍କୁ ଜିଲା ଶ୍ରମ ଅଧିକାରୀ ବେହେରା ୧୫ ହଜାର ଟଙ୍କା ମାଗିଥିଲେ। ଏ ନେଇ ପ୍ରଧାନ ବୁଧବାର ଫୁଲବାଣୀସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ଗୁରୁବାର ସେ ୧୫ ହଜାର ଟଙ୍କା ନେଇ ଶ୍ରମ ଅଧିକାରୀ ବେହେରାଙ୍କୁ ତାଙ୍କ ଅଫିସ ପ୍ରକୋଷ୍ଠରେ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ଉକ୍ତ ଟଙ୍କା ଜବତ କରିବା ବେଳେ ଶ୍ରମ ଅଧିକାରୀ ବେହେରା ତାହାକୁ ପାଟିରେ ପୂରାଇ ଦେଇଥିଲେ। ଇନ୍ସପେକ୍ଟର ପୁଲସ୍ତି ଛତ୍ରିଆ ତାଙ୍କ ପାଟିରୁ ଟଙ୍କା ବାହାର କରୁଥିବା ବେଳେ ବେହେରା ହାତକୁ କାମୁଡି ରକ୍ତାକ୍ତ କରି ଦେଇଥିଲେ। ପରେ ଉକ୍ତ ଟଙ୍କା ଜବତ କରାଯାଇ ବେହେରାଙ୍କୁ ଗିରଫ କରାଯାଇଥିଲା। ଚଢ଼ାଉରେ ଭିଜିଲାନ୍ସ ଇନ୍ସପେକ୍ଟର ଛତ୍ରିଆଙ୍କ ସମେତ ଇନ୍ସପେକ୍ଟର କ୍ରିଷ୍ଣା କୁମାରୀ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ଅନୁଗୋଳ ଫାଶୀ ଦଣ୍ଡାଦେଶ ମାମଲା

# ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଯୁକ୍ତି ଉପସ୍ଥାପନ

କଟକ ଅଫିସ, ୭।୧୧

ଅନୁଗୋଳ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାର ଅଭିଯୁକ୍ତଙ୍କୁ ନିମ୍ନ ଅଦାଲତ ଫାଶୀ ଦଣ୍ଡାଦେଶ ଦେଇଥିଲେ। ତେବେ ଗୁରୁବାର ହାଇକୋର୍ଟରେ ଅଭିଯୁକ୍ତଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନା କରାଯାଇଛି। ଗୁରୁବାର ହାଇକୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହେବା ପରେ ଅଭିଯୁକ୍ତ ଶ୍ରୀନିବାର ଦେହୁରୀ ଓରଫ ଅନାମଙ୍କ ତରଫରୁ ଯୁକ୍ତି ଉପସ୍ଥାପନ ଆରମ୍ଭ ହୋଇଛି। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏସ୍.କେ. ମିଶ୍ର ଏବଂ ବିଚାରପତି ଜଷ୍ଟିସ୍ ଏ.କେ. ମିଶ୍ରଙ୍କ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିବାବେଳେ ଶୁକ୍ରବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅନୁଷ୍ଠିତ ହେବ।

ମାମଲାର ବିବରଣୀରୁ ପ୍ରକାଶ, ଅନୁଗୋଳ ଥାନା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଏକ ଦୋକାନ ରହିଛି। ତାଙ୍କର ୧୨ବର୍ଷୀୟା ଝିଅ ଗତ ଜାନୁୟାରୀ ୨୦ ତାରିଖ ମଧ୍ୟାହ୍ନ ୧୨ଟାରେ ଘରୁ ଖାଦ୍ୟ ନେଇ ବାପାଙ୍କ ପାଖକୁ ଯାଉଥିଲେ। ହେଲେ ଅନାମ ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଇ ସ୍ଥାନୀୟ ଏକ ବୁଦା ନିକଟରେ ବଳାତ୍କାର କରିଥିଲେ। ଧରାପଡ଼ିଯିବା ଭୟରେ ସେ ତାଙ୍କୁ ପଥରେ ଛେଚି ହତ୍ୟା କରିଥିଲେ। ଏହି କାଣ୍ଡ ଘଟାଇ ଅନାମ ଫେରାର ହୋଇଯାଇଥିବାବେଳେ ପୋଲିସ ତାଙ୍କୁ କଲିକତାରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର କରି ଅନୁଗୋଳର ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ।

ଓଡ଼ିଶା ଶାସନ

ଭଦ୍ରକ ଜିଲ୍ଲାର ହସ୍ତଶିଳ୍ପ କାରିଗରମାନଙ୍କର ଗଣନା

ଭଦ୍ରକ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ହସ୍ତଶିଳ୍ପ କାରିଗରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଜ୍ୟ ସରକାରଙ୍କ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ତରଫରୁ ଆସନ୍ତା ତା-୧୧.୦୯.୨୦୧୯ ଠାରୁ ହସ୍ତଶିଳ୍ପ କାରିଗରମାନଙ୍କର ଗଣନା କାର୍ଯ୍ୟକ୍ରମ ଚାଲୁଅଛି । ଜିଲ୍ଲାରେ କାର୍ଯ୍ୟରତ କାରିଗରମାନେ ଉକ୍ତ ଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଅଛନ୍ତି । ଏହା ଏବେ ଶେଷ ପର୍ଯାୟରେ ପହଞ୍ଚିଛି । ଏତଦ୍ୱାରା ପୁନର୍ବାର ସୂଚନା ଦିଆଯାଉଛି କି ଯଦି ଏ ପର୍ଯ୍ୟନ୍ତ କୌଣସି କାରିଗର ଏହି ସର୍ଭେ ର ଅନ୍ତର୍ଭୁକ୍ତ ହୋଇନାହାନ୍ତି , ପରିସଂଖ୍ୟାନ କାର୍ଯ୍ୟାଳୟରେ ଜିଲ୍ଲା ସଂଯୋଜକ (ଫୋନ ନମ୍ବର ୦୬୭୮୪-୨୪୦୩୬୪, ମୋବାଇଲ ନମ୍ବର ୭୯୭୮୩୯୭୧୭୪) ଙ୍କ ସହିତ ତୁରନ୍ତ ୧୧.୧୧.୨୦୧୯ ସୁଦ୍ଧା ଯୋଗାଯୋଗ କରିପାରିବେ । ଏ ସମ୍ପର୍କିତ ଅଧିକ ବିବରଣୀ ପାଇଁ ଆମର ଦେୟମୁକ୍ତ ସହାୟତା ନମ୍ବର ୧୮୦୦-୩୪୫-୭୧୬୩ ସହ ଯୋଗାଯୋଗ କରିପାରିବେ।

ନିର୍ଦ୍ଦେଶକ
ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ

43002/13/0014/1920
No. DSPL-147

ମୁଖ୍ୟତଃ ଆମର ଏଠାରେ ବଂଚିବାର ଗୋଟିଏ ମାତ୍ର କାରଣ ହେଲା– ଆମେ ନିଜକୁ ଜାଣିବା– ଆମେ କ'ଣ ? ତାହା ହିଁ ଆମକୁ ଜାଣିବାକୁ ହେବ। ଆମେ ମଧ୍ୟ ଜାଣିବା– କାହିଁକି ଆମେ ଏଠାକୁ ଆସିଛୁ ଓ ଆମର କ'ଣ କରିବାକୁ ଅଛି ? ଯଦି ଆମେ ଏହା ଜାଣି ନାହୁଁ– ତେବେ ଆମ ଜୀବନ ଆମ ପାଇଁ ଓ ଅନ୍ୟ ପାଇଁ ନିରର୍ଥକ।
–ଶ୍ରୀମା

# ଅଲଗାବାଦ ଛାଡ଼

ଚଳିତ ସପ୍ତାହରେ ଭାରତ ଆଞ୍ଚଳିକ ବ୍ୟାପକ ଆର୍ଥିକ ଭାଗୀଦାରି (ଆର୍‌ସିଇପି) ଶିଖର ବୈଠକରୁ ଶେଷ ମୁହୂର୍ତ୍ତରେ ଓହରିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆର୍‌ସିଇପି ବୈଠକରେ ଭାଗନେବା ପାଇଁ ବ୍ୟାଙ୍କକ୍ ଯାଇଥିଲେ। ତେଣୁ ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ବିଶ୍ୱାସ କରି ନେଇଥିଲେ ଯେ ଭାରତ ବିଶ୍ୱର ବୃହତ୍ତମ ବାଣିଜ୍ୟ ଗୋଷ୍ଠୀ ସହ ଯୋଗଦେବ। ଆର୍‌ସିଇପିରେ ୧୬ଟି ରାଷ୍ଟ୍ର ସଦସ୍ୟ ଅଛନ୍ତି– ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରସଂଘ (ଏସିଆନ୍)ର ୧୦ଟି ରାଷ୍ଟ୍ର ଏବଂ ଏହା ସହ ମୁକ୍ତ ବାଣିଜ୍ୟ ଚୁକ୍ତିନାମାରେ ଅଂଶୀଦାର ଥିବା ୬ଟି ରାଷ୍ଟ୍ର। ଏହିସବୁ ଦେଶର ମୋଟ ଜନସଂଖ୍ୟା ହେଉଛି ୩୦୦ କୋଟି, ଯାହା ବିଶ୍ୱ ଜନସଂଖ୍ୟାର ୪୫ ପ୍ରତିଶତ ଏବଂ ମିଳିତ ମୋଟ ଘରୋଇ ଉତ୍ପାଦ (ଜିଡିପି) ହେଉଛି ୨୧.୩ ଟ୍ରିଲିୟନ ଆମେରିକୀୟ ଡଲାର। ସାରା ବିଶ୍ୱର ବ୍ୟବସାୟ କ୍ଷେତ୍ରରେ ଏହିସବୁ ଦେଶର ୪୦ ପ୍ରତିଶତ ଶେୟାର ରହିଛି। ଭାରତ ଉକ୍ତ ସଂଗୋଷ୍ଠୀରେ ଯୋଗ ନ ଦେଇ ଓହରିଆସିବା ପରେ ଗୋଷ୍ଠୀର ଓଜନ କିଛି ପରିମାଣରେ କମିଯାଇଛି। ତେବେ ଭାରତ ସାଙ୍ଗରେ ରହୁ ବା ନ ରହୁ ଆର୍‌ସିଇପି ତଥାପି ବିଶ୍ୱର ବୃହତ୍ତମ ବାଣିଜ୍ୟିକ ଗୋଷ୍ଠୀ ହୋଇ ରହିବ।

ତଥାପି ପ୍ରଶ୍ନ ଉଠୁଛି ପ୍ରଧାନମନ୍ତ୍ରୀ ମୋଦି କାହିଁକି ଶେଷ ମୁହୂର୍ତ୍ତରେ ଗୋଷ୍ଠୀରେ ସାମିଲ ହେବାକୁ ମନା କରିଦେଲେ। ଭାରତ କ'ଣ ଏପରି ସର୍ତ୍ତ ରଖିଲା ଯାହା ଗ୍ରହଣ କରିବାକୁ ଗୋଷ୍ଠୀ ମନା କରିଦେଲା ? ଭାରତ ଚାହୁଁଥିଲା ଚାଇନାରୁ ଆମଦାନି କରାଯାଉଥିବା ଦ୍ରବ୍ୟଗୁଡ଼ିକର ଏକ ସୀମା ରହୁ। ପୁଣି ଭାରତ ସେବା କ୍ଷେତ୍ରରେ ଅଧିକ ବ୍ୟବସାୟ କରିବାକୁ ଚାହୁଁଥିଲା। ଭାରତୀୟ ଦ୍ରବ୍ୟ ଓ ସେବା ଯେପରି ଚାଇନା ବଜାରରେ ଅଧିକ ସୁଯୋଗ ପାଇବ ତାହା ଭାରତର ଇଚ୍ଛା ଥିଲା। କୃଷିଜାତ ଓ ଦୁଗ୍ଧଜାତ ଦ୍ରବ୍ୟ ଉପରେ ଶୁଳ୍କ ହ୍ରାସକୁ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଥିଲା। ଏସବୁ ଦାବି କିଛି ନୂଆ ନୁହେଁ। ବିଭିନ୍ନ ମଞ୍ଚରୁ ଭାରତ ଏହିସବୁ ଦାବି ମାନିନେବାକୁ ଚାପ ପକାଇ ଆସୁଛି। ତେଣୁ ଆର୍‌ସିଇପିରେ ଚାଇନାର ପ୍ରଭାବ ଅଧିକ ଥିବାରୁ ଭାରତର ଦାବିଗୁଡ଼ିକୁ ଯେ ଗ୍ରହଣ କରାଗଲା ନାହିଁ, ତାହା ବୁଝିବାରେ କୌଣସି ଅସୁବିଧା ନାହିଁ।

ବର୍ତ୍ତମାନ ଆମେରିକା ଓ ଚାଇନା ଭିତରେ ବାଣିଜ୍ୟ କାରବାରକୁ ନେଇ ଅଚଳାବସ୍ଥା ଦେଖାଦେଇଥିବା ବେଳେ ଚାଇନା ଚାହୁଁଛି ଭାରତର ମନ ନେଇ ଆମେରିକାରେ ହେଉଥିବା କ୍ଷତିକୁ ଭରଣା କରିବ। ଭାରତ ପାଇଁ ଗୋଷ୍ଠୀରେ ଯୋଗଦେବା ଅର୍ଥ ଚାଇନା ପଛରେ ଠିଆହେବା। ଏହା ଆମେରିକାକୁ କେବେହେଲେ ଖୁସି କରିବ ନାହିଁ।

## ଆଜିର ଅର୍ଥନୀତି

ତେବେ ଯାହା ହେଉ ନା କାହିଁକି ଭାରତ ଏପରିଭାବେ ଆର୍‌ସିଇପିରୁ ଉଠି ଚାଲିଆସିବା ଉତ୍ତମ କୂଟନୀତିର ପରିଚାୟକ ନୁହେଁ। ଯଦି ଭାରତ ଉକ୍ତ ବହୁମୁଖୀ ବାଣିଜ୍ୟ ଗୋଷ୍ଠୀରେ ଯୋଗଦେବାର ନ ଥିଲା, ତେବେ ମୂଳରୁ ମୋଦି ସେଠାକୁ ଯିବା ହିଁ ଉଚିତ ନ ଥିଲା।

ଭାରତର ଆର୍‌ସିଇପିରୁ ଏପରିଭାବେ ଓହରିଆସିବାକୁ ଦେଶରେ ବିଭିନ୍ନ ବର୍ଗରୁ ସ୍ୱାଗତ କରାଯାଉଛି। ଭାରତରେ ଛୋଟ ବଡ଼ ବ୍ୟବସାୟୀ ଓ କୃଷକମାନେ ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ପ୍ରଥମେ ଆର୍‌ସିଇପିକୁ ସ୍ୱାଗତ କରିଥିବା ସିଆଇଆଇର ମନୋଭାବରେ ପରିବର୍ତ୍ତନ ଘଟିଛି। ଚାଇନା ସହ ଭାରତର ବ୍ୟାପକ ଦ୍ୱିପାକ୍ଷିକ ବାଣିଜ୍ୟିକ ନିଅଣ୍ଟ ଦେଖାଦେଇଛି, ଯାହାର ପରିମାଣ ୫୩୦୦ କୋଟି ଡଲାର ହେବ। ଚାଇନାଠାରୁ ଅଧିକ ରପ୍ତାନି ଗ୍ରହଣ କଲେ ଏହି ନିଅଣ୍ଟ ଆହୁରି ବୃଦ୍ଧି ପାଇବ। ଆର୍‌ସିଇପି ସହ ଯୋଗ ଦେବାକୁ ରାଜି ହୋଇଥିଲେ ତାହା ଚାଇନା ସହ ଏକ ପକ୍ଷପାତମୂଳକ ବାଣିଜ୍ୟିକ ରାଜିନାମା ସହ ସମାନ ହୋଇଥାନ୍ତା। ଏହା ଭାରତୀୟ ଶିଳ୍ପଗୁଡ଼ିକ ପ୍ରତି କ୍ଷତିକାରକ ହୋଇଥାନ୍ତା।

ଯେଉଁ ଦେଶଗୁଡ଼ିକ ସହ ଆମେ ମୁକ୍ତ ବାଣିଜ୍ୟ ରାଜିନାମା କରିଛୁ, ତାହା ଆମ ପାଇଁ ଖୁସିର କାରଣ ହୋଇପାରି ନାହିଁ। ଦକ୍ଷିଣ କୋରିଆ, ଏସିଆନ୍ ଓ ଜାପାନ ପ୍ରଭୃତି ସହ ମୁକ୍ତ ବାଣିଜ୍ୟ ରାଜିନାମା ହେବା ପରେ ବ୍ୟବସାୟ ବୃଦ୍ଧି ପାଇଥିଲେ ମଧ୍ୟ ରପ୍ତାନି ତୁଳନାରେ ଆମଦାନି ପରିମାଣ ବୃଦ୍ଧି ପାଇଛି। ନୀତି ଆୟୋଗର ତଥ୍ୟ ଅନୁସାରେ ଆର୍‌ସିଇପିର ଅଧିକାଂଶ ସଦସ୍ୟ ରାଷ୍ଟ୍ରଙ୍କ ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟିକ ନିଅଣ୍ଟ ରହିଛି। ଆର୍‌ସିଇପି ଦେଶଗୁଡ଼ିକୁ ଆମର ରପ୍ତାନି ଭାରତର ମୋଟ ରପ୍ତାନିର ମାତ୍ର ୧୫ ପ୍ରତିଶତ ଥିବାବେଳେ ଏହି ଦେଶଗୁଡ଼ିକରୁ ଆମଦାନି ଆମ ମୋଟ ଆମଦାନିର ୩୫ ପ୍ରତିଶତ ରହିଛି।

ଆର୍‌ସିଇପିରେ ଯୋଗ ଦେଇଥିଲେ ଭାରତର ଲାଭ ଅପେକ୍ଷା କ୍ଷତି ଅଧିକ ହୋଇଥାନ୍ତା। ତେବେ ଏଥିରେ ଯୋଗ ନ ଦେବା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ। ଅର୍ଥନୀତିରେ ଅଲଗାବାଦ ସ୍ଥାଣୁତା ଆଡ଼କୁ ବାଟ କଢ଼ାଇବ। ଭାରତ ତା'ର ସଂସ୍କାର କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ସହ ଆମ ଶିଳ୍ପଗୁଡ଼ିକୁ ଦକ୍ଷ କରିତୋଳିବା ଦରକାର, ଯାହାଦ୍ୱାରା ସେମାନେ ବିଶ୍ୱସ୍ତରରେ ପ୍ରତିଯୋଗିତାକ୍ଷମ ହୋଇପାରିବେ। ନିଜ ଶିଳ୍ପଗୁଡ଼ିକୁ ବଞ୍ଚାଇବା ପାଇଁ ଆମଦାନୀ ଶୁଳ୍କ ବୃଦ୍ଧି ଓ କୋଟା ଧାର୍ଯ୍ୟ ପ୍ରଭୃତି ଅନିଶ୍ଚିତ ସୁରକ୍ଷାବାଦ ଆମ କମ୍ପାନୀଗୁଡ଼ିକର ଦକ୍ଷତାକୁ ପଙ୍ଗୁ କରିଦେବ। ସେମାନେ ଆନ୍ତର୍ଜାତିକ ବଜାରରେ କେବେ ବି ପ୍ରତିଯୋଗିତାକ୍ଷମ ହୋଇପାରିବେ ନାହିଁ। ଆର୍‌ସିଇପିରେ ଯୋଗ ନ ଦେବାର ନିଷ୍ପତ୍ତି ବର୍ତ୍ତମାନ ସରକାରଙ୍କର ଉତ୍ତମ ଅର୍ଥନୈତିକ ପଦକ୍ଷେପ ବୋଲି ମନେହୋଇପାରେ, ମାତ୍ର ଦୀର୍ଘକାଳୀନ ଭିତ୍ତିରେ ଏହା କ୍ଷତିକାରକ ସାବ୍ୟସ୍ତ ହେବାର ସମ୍ଭାବନା ରହିଛି।

# ଆସୁଛି ଫଇସଲା



ଅନିଲ ବିଶ୍ୱାଳ

ସବୁଆଡେ ଗୋଟିଏ ଚର୍ଚ୍ଚା। ସୁପ୍ରିମ୍‌କୋର୍ଟରେ ବହୁଚର୍ଚ୍ଚିତ ରାମମନ୍ଦିର ସମ୍ପର୍କରେ ଦୀର୍ଘ ୭୦ ବର୍ଷ ଧରି ଚାଲିଥିବା ବିଚାରର ଫଇସଲା ଆସୁଛି। ଏହା ହେଉଛି ସ୍ୱାଧୀନ ଭାରତର ସବୁଠାରୁ ଲମ୍ବା ମକଦ୍ଦମା। କେବଳ ସେତିକି ନୁହେଁ ଏ ବିବାଦରେ ଏକ ମକଦ୍ଦମା ସ୍ୱାଧୀନତା ପୂର୍ବରୁ ବ୍ରିଟିଶ କୋର୍ଟରେ ବି ଚାଲିଥିଲା। ସୁପ୍ରିମ୍‌କୋର୍ଟଙ୍କ ରାୟ ଯାହା ବି ଆସିବ ତାକୁ ସମସ୍ତ ପକ୍ଷ ମାନିବେ ଏ ପ୍ରକାର ଆଶା ଓ ବିଶ୍ୱାସ ସମସ୍ତଙ୍କର ରହିଛି, କାରଣ ଗତ ୭୦ ବର୍ଷରେ ଏହି ବିବାଦର ସମାଧାନ ହୋଇପାରିଲା ନାହିଁ। ୭୦ ବର୍ଷରେ ବିଶ୍ୱର ଇତିହାସ ବହୁତ ବଦଳିଛି। ୧୯୪୫ରେ ଜର୍ମାନୀର ବିଭାଜନ ହୋଇଥିଲା। ୭୦ ବର୍ଷରେ ଜର୍ମାନୀ ପୁଣି ଏକାଠି ହୋଇ ଭାରି ଯାନ୍ତ୍ରିକ ଶିଳ୍ପରେ ବିଶ୍ୱରେ ନିଜର ପ୍ରଭାବ ଜାହିର କରିପାରିଲା। ୧୯୬୩ ମସିହାରେ ସ୍ୱାଧୀନତା ପାଇଥିବା ସିଙ୍ଗାପୁର ମାତ୍ର ୩୦ବର୍ଷରେ କ'ଣ ହୋଇଗଲା ତାହା ସମସ୍ତେ ଜାଣନ୍ତି। ୭୦ ବର୍ଷ କିଛି କମ୍ ସମୟ ନୁହେଁ। ଗୋଟିଏ ବିବାଦୀୟ ଜମିକୁ ନେଇ ମାମଲା ୭୦ ବର୍ଷ ଚାଲିବା ବୋଧହୁଏ ବିଚାର ବ୍ୟବସ୍ଥାର ଗୋଟିଏ ଦରିଦ୍ର ଚେହେରାକୁ ଦେଖାଉଛି କହିଲେ ଭୁଲ ହେବ ନାହିଁ। ରାୟ ଯାହା ବି ଆସୁ, ତାହା କଦାପି ଦୁଇ ପକ୍ଷକୁ ଖୁସି କରି ନ ପାରେ। କିନ୍ତୁ ଏଠାରେ ସମସ୍ତଙ୍କୁ ବଡ଼ପଣ ଦେଖାଇବାକୁ ପଡ଼ିବ। ସୁନ୍ନି ୱାକଫ୍ ବୋର୍ଡ ଯିଏ ଏହି ମାମଲାକୁ ୭୦ ବର୍ଷ ଧରି ଲଢ଼ିଆସିଲେ, ମାମଲା ବିଚାରର ଶେଷ ଦିନରେ ବିବାଦୀୟ ଜମିକୁ ରାମ ମନ୍ଦିର ନିର୍ମାଣ ପାଇଁ ଦିଆଯାଉ ବୋଲି ଏକ ସତ୍ୟପାଠ ଦେଇ ଦାବି କରିବା ନିଶ୍ଚିତ ଭାବେ ଯେତିକି ଖୁସିର କଥା ସେତିକି ଆଶ୍ଚର୍ଯ୍ୟର କଥା ମଧ୍ୟ। ସେ ଯାହା ବି ହେଉ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ସମସ୍ତଙ୍କ ପାଇଁ ସର୍ବମାନ୍ୟ ହେଉ, ଏହା ହିଁ କାମନା।

ରାମ ମନ୍ଦିର ନିର୍ମାଣ ପ୍ରସଙ୍ଗକୁ ପ୍ରାୟ ସମସ୍ତେ ଏକ ରାଜନୈତିକ ବିଷୟ ଏବଂ ହିନ୍ଦୁ–ମୁସଲମାନ ପ୍ରସଙ୍ଗ ବୋଲି ଭାବନ୍ତି। ହେଲେ ବାସ୍ତବରେ ରାମ ମନ୍ଦିର ନିର୍ମାଣ ଏକ ରାଜନୈତିକ ବିଷୟ ନୁହେଁ, ବରଂ ଏହା ହେଉଛି ହିନ୍ଦୁମାନଙ୍କର ଆସ୍ଥା, ବିଶ୍ୱାସ ଓ ଭାବନାର କଥା। ରାମ ମନ୍ଦିର ଆନ୍ଦୋଳନ ରାଜନୈତିକ ଆନ୍ଦୋଳନ ନୁହେଁ, ଏହା ହେଉଛି ଦେଶର ସାଂସ୍କୃତିକ ସ୍ୱାଧୀନତାର ଆନ୍ଦୋଳନ। ଏ ଆନ୍ଦୋଳନ ୫୦୦ ବର୍ଷର ପୁରୁଣା ଆନ୍ଦୋଳନ, ଯେତେବେଳେ ଆଜିଭଳି କଂଗ୍ରେସ କିମ୍ବା ଭାଜପା ନ ଥିଲେ। କେବେ ଏହାକୁ ସାଧୁସନ୍ଥମାନେ ଚଳାଇଥିଲେ ତ କେବେ ରାଜନେତାମାନେ ଚଳାଇଛନ୍ତି। ଗାନ୍ଧିଜୀ ଯେଉଁ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ କରିଥିଲେ ସେତେବେଳେ ରାମ ହିଁ ଥିଲେ ତାଙ୍କ ଆଦର୍ଶ। ଏହାକୁ କିନ୍ତୁ ଏକ ରାଜନୈତିକ ପ୍ରସଙ୍ଗ ଭାବରେ ସବୁବେଳେ ଚିତ୍ରଣ କରାଯାଇଛି, ଯାହା ଏହି ପ୍ରସଙ୍ଗକୁ ଟିକିଏ କ୍ଷୁଣ୍ଣ କରିଛି। ବିଶେଷଭାବେ ୧୯୯୨ ମସିହାରେ ବାବ୍ରୀ ମସ୍‌ଜିଦ ଭାଙ୍ଗିବା ପରେ ଏପରି ଆରୋପ ପ୍ରତ୍ୟାରୋପ ବେଶି ହୋଇଛି।

ହେଲେ ଆମେ ଭୁଲିଯିବା ଉଚିତ ନୁହେଁ ୧୮୮୩ ମସିହାରେ ଯେତେବେଳେ ନା ଭାଜପା ଥିଲା ନା କଂଗ୍ରେସ ଥିଲା ସେତେବେଳେ ମହନ୍ତ ରଘୁବୀର ଦାସ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦକୁ ଭାଙ୍ଗି ସେଠାରେ ରାମ ମନ୍ଦିର ନିର୍ମାଣ ହେଉ ବୋଲି ଦାବି କରିଥିଲେ। ରାମ ମନ୍ଦିର ନିର୍ମାଣ ଆନ୍ଦୋଳନ ଏକ ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନ ଭାବେ ଲୋକଙ୍କ ଭାବପ୍ରବଣତା ସହିତ ରହିଛି। ଆନ୍ଦୋଳନର ନେତୃତ୍ୱ କିଏ କେତେବେଳେ ନେଇଛନ୍ତି ତାହା ଭିନ୍ନ କଥା କିନ୍ତୁ ଏହା ଏକ ଜନ ଆନ୍ଦୋଳନ, ଏଥିରେ କୌଣସି ସନ୍ଦେହ ନାହିଁ। ଏହା ମଧ୍ୟ ହିନ୍ଦୁ–ମୁସଲମାନ କଥା ନୁହେଁ। ୨ ବର୍ଷ ତଳେ ଉତ୍ତରପ୍ରଦେଶ ଶିୟା ସେଣ୍ଟ୍ରାଲ ୱାକଫ୍ ବୋର୍ଡର ଚେୟାରମ୍ୟାନ ୱାସିମ ରିଜ୍‌ଭି ଗୋଟିଏ ଚିଠି ଅଲ୍ ଇଣ୍ଡିଆ ମୁସ୍‌ଲିମ ପର୍ସନାଲ ଲ' ବୋର୍ଡକୁ ଲେଖି କହିଥିଲେ ଯେ, ୧୫୨୮ରେ ବାବରଙ୍କ ନିର୍ଦ୍ଦେଶରେ ଅଯୋଧ୍ୟା ରାମମନ୍ଦିରକୁ ଭାଙ୍ଗି ମସ୍‌ଜିଦ ନିର୍ମାଣ ହୋଇଥିଲା। ବର୍ତ୍ତମାନ ସେହି ସ୍ଥାନରେ ପୁଣି ରାମଙ୍କ ମନ୍ଦିର ନିର୍ମାଣ ହେଉ। ଭାରତରେ ରହୁଥିବା ମୁସଲମାନଙ୍କ ଭିତରୁ ୯୯% ମୁସଲମାନଙ୍କ ପୂର୍ବପୁରୁଷ ତ କେବେ ହିନ୍ଦୁ ଥିଲେ। ସେମାନଙ୍କର ଡିଏନ୍ଏ ଓ ଭାରତରେ ରହୁଥିବା ୧୦୦ କୋଟି ହିନ୍ଦୁଙ୍କ ଡିଏନ୍ଏ ତ ପୂରା ସମାନ। ସେମାନେ ଯେତେବେଳେ ହିନ୍ଦୁ ଥିଲେ ରାମ ତାଙ୍କର ଆରାଧ୍ୟ ଥିଲେ। ଆଜି ବି ସେମାନଙ୍କ ମନରେ ପ୍ରଭୁ ଶ୍ରୀରାମଙ୍କ ପ୍ରତି ଶ୍ରଦ୍ଧା ଅଛି।

ରାମ କିଏ ? ଭାରତରେ ରହୁଥିବା ସାଧାରଣ ଲୋକଙ୍କର ପୂର୍ବପୁରୁଷ ହେଉଛନ୍ତି ରାମ। ରାମଙ୍କ ଜୀବନ ଆଦର୍ଶରେ ପରିପୂର୍ଣ୍ଣ। ପ୍ରଜାବତ୍ସଳ, ଧର୍ମପରାୟଣ, ତ୍ୟାଗପୂତ ଜୀବନ ପାଇଁ ସେ ପୂଜା ପାଆନ୍ତି। ଯୁଗ ଯୁଗ ପାଇଁ ଶ୍ରୀରାମଚନ୍ଦ୍ରଙ୍କ ଆଦର୍ଶ ଜୀବନ ପ୍ରେରଣା ହୋଇ ରହିଆସିଛି। ଇଣ୍ଡୋନେସିଆ, ବାଂଲାଦେଶ ଆଦି ମୁସଲମାନବହୁଳ ଦେଶରେ ଆଜି ବି ରାମାୟଣର ନାଟକ ପରିବେଷଣ ହୁଏ। ସେମାନଙ୍କ ଉପାସନା ପଦ୍ଧତି ବଦଳିଯାଇଛି ସତ, ପ୍ରଭୁ ରାମଙ୍କ ପ୍ରତି ଥିବା ଶ୍ରଦ୍ଧା କମିନି। ରାମଙ୍କ ଚରିତ୍ରରୁ ସମାଜକୁ ଦିଗ୍‌ଦର୍ଶନ ମିଳେ। ଆଉ ସେପଟେ ବାବର ଜଣେ ଅନୁପ୍ରବେଶକାରୀ ଲୁଟେରା ହୋଇ ଭାରତକୁ ଆସିଥିଲେ। ଉଜ୍‌ବେକିସ୍ତାନରେ ଜନ୍ମିତ ବାବର କାବୁଲରେ ବାରମ୍ବାର ଯୁଦ୍ଧ ହାରିଲା ପରେ ଭାରତ ଆସିଥିଲେ। ବାବରଙ୍କୁ ତାଙ୍କ ଜନ୍ମସ୍ଥାନ କାବୁଲରେ ଜଣେ ପରାଜିତ ସୈନିକ ଭାବେ ମାନନ୍ତି।

ଏ ମାମଲା କେବଳ ମନ୍ଦିର–ମସ୍‌ଜିଦର ମାମଲା ନୁହେଁ କି ଜମି ବିବାଦର ମାମଲା ନୁହେଁ। ଅଯୋଧ୍ୟାରେ ୨ଥର ଖୋଦେଇ ହୋଇଛି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ଦ୍ୱାରା। ୧୯୭୭ରେ ଯେତେବେଳେ ବାବ୍ରୀ ମସ୍‌ଜିଦ ଥିଲା ଓ ୨୦୦୩ରେ ଯେତେବେଳେ ବାବ୍ରୀ ମସ୍‌ଜିଦ ଭାଙ୍ଗି ଯାଇଥିଲା, ଦୁଇ ଥର ଯାକ ଖୋଦେଇରେ ମନ୍ଦିର ଥିବାର ପ୍ରମାଣ ମିଳିଛି। ୧୯୭୭ରେ ହୋଇଥିବା ଖୋଦେଇରେ ଏଏସ୍ଆଇର ଅଧିକାରୀ ବି.ବି. ଲାଲ୍, କେ.କେ. ମହମ୍ମଦ ସାମିଲ ଥିଲେ। ମସ୍‌ଜିଦର ତଳେ ବିଭିନ୍ନ ଖମ୍ବ ମିଳିଲା, ଯେଉଁଠି ହିନ୍ଦୁ ଦେବତାଙ୍କର ମୂର୍ତ୍ତି ଥିଲା। ହିନ୍ଦୁମାନଙ୍କ ପୂଜା ପଦ୍ଧତିର ଚିତ୍ର ଥିଲା। ନିଜେ କେ.କେ. ମହମ୍ମଦ ନିଜର ବହି 'ମେ ହୁଁ ଭାରତୀୟ'ରେ ଏ କଥା ଉଲ୍ଲେଖ କରିଛନ୍ତି ଓ ଏ କଥା ମଧ୍ୟ ଲେଖିଛନ୍ତି, କିପରି ତାଙ୍କ ଉପରେ ମୁସଲମାନ ନେତାମାନେ ଚାପ ପକାଉଥିଲେ ସେଠାରେ ମନ୍ଦିର ନ ଥିଲା ବୋଲି ରିପୋର୍ଟ ଦେବା ପାଇଁ। ୨୦୦୩ରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଦ୍ୱିତୀୟ ଥର ପାଇଁ ଖୋଦେଇ ହୋଇଥିଲା। ସେତେବେଳେ ହୋଇଥିବା ଖୋଦେଇ ଠିକ୍ ମସ୍‌ଜିଦ ଯେଉଁଠି ଥିଲା ସେଇଠି ହୋଇଥିଲା, କାରଣ ବାବ୍ରୀ ଢାଞ୍ଚା ଭାଙ୍ଗିଯାଇଥିଲା। ସେଠାରେ ସେତେବେଳେ ୮୫ଟା ଖମ୍ବ ମିଳିଲା। ଖୋଦେଇ ବେଳେ ଦୁଇ ଜଣ ମାଜିଷ୍ଟ୍ରେଟ ଉପସ୍ଥିତ ରହୁଥିଲେ, ଖୋଦେଇରେ କାମ କରୁଥିବା ଶ୍ରମିକମାନେ ବି ଅଧା ମୁସଲମାନ ଓ ଅଧା ହିନ୍ଦୁ ଥିଲେ। ଏଏସ୍ଆଇର ବିଶେଷଜ୍ଞ କମିଟିରେ ବି ଅଧା ହିନ୍ଦୁ ଓ ଅଧା ମୁସଲମାନ ଥିଲେ। ଖୋଦେଇରେ ଗୋଟିଏ ଶିଳାଲେଖ ମିଳିଲା, ଯାହାକୁ ଏବେ 'ବିଷ୍ଣୁହରି ଶିଳାଲେଖ' ବୋଲି କୁହାଯାଉଛି। ୫ ଫୁଟ୍ ଲମ୍ବ, ୨ ଫୁଟ୍ ଚଉଡ଼ା, ୨୦ ଲାଇନ ଲେଖାଥିବା ଏହି ଶିଳାଲେଖରେ ଲେଖାହୋଇଛି କି ବିଦ୍ୱାନ୍‌ଶ୍ରେଷ୍ଠ ମହାରାଜା ଗୋବିନ୍ଦଚନ୍ଦ୍ର ଏଠାରେ ଭବ୍ୟ ରାମମନ୍ଦିର ନିର୍ମାଣ କରିଛନ୍ତି। ଆଉ ଏକ ଲେଖା ମିଳିଲା ମସ୍‌ଜିଦ ଉପରେ। କୁତୁବୁଦ୍ଦିନ ଆଇବାକ୍‌ଙ୍କ ଦ୍ୱାରା ଏହି ଲେଖାରେ ଲେଖାଯାଇଛି କି ହିନ୍ଦୁମାନଙ୍କ ଉପରେ ମୁସଲମାନଙ୍କର ବିଜୟ ହୋଇଛି। ୨୭ ମନ୍ଦିରକୁ ଭାଙ୍ଗି ଏହି ମସ୍‌ଜିଦ ନିର୍ମାଣ ହୋଇଛି। ଏବେ ଅପେକ୍ଷା ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ। କ'ଣ ରାୟ ଦେଉଛନ୍ତି ବିଚାରପତି। ଐତିହାସିକ ତଥ୍ୟ ପ୍ରମାଣର ଆଧାର ଏବଂ ଲୋକଙ୍କ ଭାବନାକୁ ଅଦାଲତ କେତେ ଗୁରୁତ୍ୱର ସହିତ ନେଉଛନ୍ତି ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

ହରିରାଜପୁର, ପୁରୀ,
ମୋ– ୯୪୩୮୫୭୯୨୯୦

# ଖବରଦାତାଙ୍କ ଦୁଃଖ



ଅଲେଖ ଚନ୍ଦ୍ର ମିଶ୍ର

ଅଶୀ ଦଶକର କଥା। ସେତେବେଳର କଟକ ଜିଲା ଜଗତ୍‌ସିଂହପୁର ସବ୍‌ଡିଭିଜନ ଅନ୍ତର୍ଗତ ବିରିଡି ବ୍ଲକ୍ ଅଞ୍ଚଳରେ ଘଟିଥିଲା ଏକ ବୀଭତ୍ସ, ଲୋମହର୍ଷଣକାରୀ ଅଘଟଣ, ଯାହାକୁ ଲୋକମାନେ ଏ ପର୍ଯ୍ୟନ୍ତ ଭୁଲି ନ ଥିବେ। ସମ୍ପୃକ୍ତ ଅଞ୍ଚଳରେ ରହୁଥିଲେ ନବକିଶୋର ମହାପାତ୍ର ନାମକ ଜଣେ ସାଦାସିଧା ଲୋକ। ସ୍ତ୍ରୀ ଛବିରାଣୀ ଓ ଦୁଇଟି ଛୋଟ ପିଲାଙ୍କୁ ନେଇ ହସଖୁସିରେ କଟୁଥିଲା ତାଙ୍କର ଦିନ। ହଠାତ୍ ତାଙ୍କ ଜୀବନରେ ମାଡ଼ିଆସିଲା ଘୋର ଅନ୍ଧକାର। ନବକିଶୋର ଥିଲେ ଖବରକାଗଜ ପାଇଁ ଏକ ସାଧାରଣ ଖବରଦାତା। ସ୍ଥାନୀୟ ଅଞ୍ଚଳରେ ଘଟିଥିବା ଏକ ଦୁର୍ନୀତି ଓ ବେଆଇନ କାର୍ଯ୍ୟ ସମ୍ପର୍କରେ ଏକ ଖବରକାଗଜକୁ ଜଣେଇଦେବାରୁ ସେ ସେହି ଅଞ୍ଚଳର ଏକ କୁଖ୍ୟାତ ମାଫିଆ ଗୋଷ୍ଠୀର ପ୍ରତିଶୋଧର ଶିକାର ହୋଇପଡ଼ିଲେ। ସେମାନେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଚକ୍ରାନ୍ତ କରୁଥିବାର ସୁରାକ ପାଇ ବିଚରା ସେଇ ରାତିରେ ଲୁଚିଛପି ସପରିବାର ଗାଁ ଛାଡ଼ି ଅନ୍ୟତ୍ର ଚାଲିଯାଉଥିଲା ବେଳେ ନିକଟସ୍ଥ ବିଲୁଆଖାଇ ନଦୀର ବାଲୁକା ଶଯ୍ୟାରେ ସମ୍ପୃକ୍ତ ମାଫିଆ ଗୋଷ୍ଠୀ ନବଙ୍କ ସ୍ତ୍ରୀ ଛବିରାଣୀଙ୍କୁ ଗୋଡ଼େଇ ଗୋଡ଼େଇ ଧରିଲେ। ସେଇ ନଈବାଲିରେ ତାଙ୍କୁ ଗଣବଳାତ୍କାର କରି ଅତି ନୃଶଂସଭାବେ ହତ୍ୟା କଲେ। ନବ ତାଙ୍କର ଦୁଇଟି ପିଲାଙ୍କୁ ନେଇ ପଳେଇଯିବାକୁ ସକ୍ଷମ ହେଲେ। ସେତେବେଳେ ଏହି ଘଟଣାଟି ସାରା ଓଡ଼ିଶାରେ ଚହଳ ପକେଇଥିଲା।

କେବଳ ଓଡ଼ିଶାରେ ନୁହେଁ ସାରା ଭାରତରେ ସର୍ବତ୍ର ଘଟିଚାଲିଛି ଏହିପରି ମର୍ମନ୍ତୁଦ ଘଟଣା। ଦେଶର ବିଭିନ୍ନ ପ୍ରାନ୍ତରେ ଘଟୁଥିବା ବେଆଇନ କାର୍ଯ୍ୟକଳାପ, ଅନୁସନ୍ଧାନମୂଳକ ବିବରଣୀ, ଧାର୍ମିକ ଅସହିଷ୍ଣୁତା କିମ୍ବା ରାଜନେତାମାନଙ୍କର କାରନାମା ଭଳି ସମ୍ବେଦନଶୀଳ ତଥ୍ୟାବଳୀ ଖବରକାଗଜ ମାଧ୍ୟମରେ ଲୋକଲୋଚନକୁ ଆଣି ଖବରଦାତା ଏବଂ ପତ୍ରକାରମାନେ ମାଫିଆ ତଥା ଅସାମାଜିକମାନଙ୍କର କ୍ରୋଧାଗ୍ନିରେ ଭସ୍ମୀଭୂତ ହୋଇଯାଉଛନ୍ତି, ଯେମିତି ହୋଇଛନ୍ତି ନରେନ୍ଦ୍ର ଡାବୋଲକର, ଗୋବିନ୍ଦ ପାନସାରେ, ଏମ୍ଏମ୍ କାଲବର୍ଗୀ, ଗୌରୀ ଲଙ୍କେଶ ପ୍ରମୁଖ। ତଥ୍ୟ ଅନୁସାରେ ୨୦୧୫ରୁ ୨୦୧୭ ମଧ୍ୟରେ ଭାରତରେ ୧୫ଜଣ ଖବରଦାତାଙ୍କୁ ହତ୍ୟା କରାଯାଇଛି। ବିଶ୍ୱ ସମୁଦାୟ ବି ଏଭଳି ସମସ୍ୟାରୁ ମୁକ୍ତ ନୁହେଁ, ଯାହାର ଦୃଷ୍ଟାନ୍ତ ହେଉଛନ୍ତି ଅଷ୍ଟ୍ରେଲିଆର ଜୁଲିଆନ ଆସାଞ୍ଜ, ଇରାକର ଚେଲ୍‌ସି ମ୍ୟାନିଂ ଏବଂ ଏଡୱାର୍ଡ ସ୍ନୋଡେନ। ୨।୧୦।୨୦୧୮ରେ ୱାଶିଂଟନ ପୋଷ୍ଟର ପ୍ରତିନିଧି ସୌଦି ଆରବର ଜମାଲ ଖସୋଗୀ ଏକ ଅନୁସନ୍ଧାନମୂଳକ ତଥ୍ୟ ପ୍ରକାଶ କରିଥିବା ଯୋଗୁ ଇସ୍ତାନବୁଲସ୍ଥିତ ସୌଦି ଆରବ ଦୂତାବାସଠାରେ ତାଙ୍କୁ ନିଷ୍ଠୁର ଭାବରେ ହତ୍ୟା କରାଯିବା ଘଟଣା ଏଭଳି ଅପରାଧର ଇତିହାସରେ ଆଉ ଏକ ପୃଷ୍ଠା ଯୋଡ଼ିଦେଇଛି। ପ୍ରଖ୍ୟାତ ଅନ୍ତର୍ଜାତୀୟ ସଂସ୍ଥା 'ରିପୋର୍ଟ ୱିଦାଉଟ୍ ବର୍ଡର'ର ତଥ୍ୟ ଅନୁସାରେ କେବଳ ୨୦୧୮ରେ ସାରା ବିଶ୍ୱରେ ୮୦ ଜଣ ଖବରଦାତାଙ୍କୁ ସଂହାର କରାଯାଇଛି।

ଏଭଳି ନିର୍ଯାତନାର ପରିସର କେବଳ ଖବରଦାତାଙ୍କ କ୍ଷେତ୍ରରେ ସୀମିତ ନୁହେଁ। ୨୦୦୫ରୁ ପ୍ରଚଳିତ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ମାଧ୍ୟମରେ ତଥ୍ୟ ସଂଗ୍ରହକାରୀମାନେ ବି ସମଦଶାପନ୍ନ। ୨୦୧୭ରେ ଭାରତରେ ୬୫ ଜଣ ଆର୍‌ଟିଆଇ ଆବେଦନକାରୀଙ୍କୁ ହତ୍ୟା କରାଯାଇଛି।

ଅନେକ ସମୟରେ ସରକାରୀ କର୍ମଚାରୀମାନେ ବି ଆକ୍ରୋଶର ଶରବ୍ୟ ହୁଅନ୍ତି। ଯେଉଁମାନେ ସତ୍ୟାନ୍ୱେଷୀ ଏବଂ ସରକାରୀ ଦପ୍ତରରେ ଚାଲିଥିବା ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ଓ ସ୍ୱେଚ୍ଛାଚାର ବିପକ୍ଷରେ ସ୍ୱର ଉତ୍ତୋଳନ କରନ୍ତି ସେମାନଙ୍କୁ ଅଯଥାରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ଜଡ଼ିତ କରାଯାଏ। ଏହାର ଏକ ଦୁଃଖଦ ଉଦାହରଣଭାବେ ୨୦୦୩ରେ ଘଟିଥିବା ଏକ ଘଟଣାର ଅବତାରଣା କରାଯାଇପାରେ। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥାର ଗୟା କାର୍ଯ୍ୟାଳୟରେ ମ୍ୟାନେଜର ଥିବା ସତ୍ୟେନ୍ଦ୍ର କୁମାର ଦୁବେ ବିଭାଗୀୟ ଅଧିକାରୀଙ୍କର ଦୁର୍ନୀତି ସମ୍ବନ୍ଧରେ ପ୍ରଧାନମନ୍ତ୍ରୀଙ୍କୁ ଏକ ଗୋପନୀୟ ପତ୍ର ଲେଖି ନିଜର ପରିଚୟ ଗୋପନ ରଖିବାକୁ ଅନୁରୋଧ କରିଥିଲେ। କିନ୍ତୁ ପତ୍ରଟି ପ୍ରକାଶ ପାଇଗଲା, ଯାହାଫଳରେ ଦୁବେଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣା ପରେ ସରକାରଙ୍କର ଚେତା ପଶିଲା ଏବଂ ପାର୍ଲାମେଣ୍ଟରେ ପାରିତ ହେଲା ହ୍ୱିସିଲ୍‌ବ୍ଲୋୟର୍ସ ପ୍ରୋଟେକ୍ସନ ଆକ୍ଟ–୨୦୧୪, ଯାହାର ମୁଖ୍ୟାଂଶ ହେଲା ଏହିପରି: ଦୁର୍ନୀତିର ଅଭିଯୋଗ, ଜାଣିଶୁଣି କ୍ଷମତାର ଅପବ୍ୟବହାର, ସରକାରୀ ଚାକିରିଆଙ୍କ ବିରୋଧରେ ଆପରାଧିକ ବା ଫୌଜଦାରି ମାମଲା ଇତ୍ୟାଦି ଘଟଣା କିମ୍ବା ଘଟିବାର ଆଶଙ୍କାକୁ ସମ୍ପୃକ୍ତ ଅଧିକାରୀଙ୍କ ଦୃଷ୍ଟିକୁ ଆଣୁଥିବା ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନକୁ ସମ୍ପୂର୍ଣ୍ଣ ନିରାପତ୍ତା ଯୋଗାଇଦିଆଯିବ। ଯେଉଁମାନେ ନିଜ ପରିଚୟ ଗୋପନ ରଖିବାକୁ ଚାହୁଁଥିବେ ସେମାନଙ୍କର ପରିଚୟ ସମ୍ପୂର୍ଣ୍ଣ ଗୁପ୍ତ ରଖାଯିବ। ଯେଉଁମାନେ ପୋଲିସ ସୁରକ୍ଷା ଚାହୁଁଥିବେ ସେମାନଙ୍କୁ ତୁରନ୍ତ ପୋଲିସ ସହାୟତା ଯୋଗାଇଦିଆଯିବ।

ଏସବୁ ସତ୍ତ୍ୱେ ପରିସ୍ଥିତି ଯଥା ପୂର୍ବଂ ତଥା ପରମ୍ ରହିଛି। ସେମିତି ସଚ୍ଚୋଟ, ନିର୍ଭୀକ, ନିରପେକ୍ଷ ଓ ସ୍ୱାଧୀନଚେତା ନ ହେଲେ ଜଣେ ସଫଳ ଖବରଦାତା ହୋଇପାରିବନି। ଦିନ ଥିଲା ଯେତେବେଳେ ଖବରଦାତାମାନେ (ଯଥା ଦଫାଦାର, ଚୌକିଦାର) ସମାଜରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ଏବେ ତ ତାହା ନାହିଁ। କିନ୍ତୁ ଖବରଦାତାମାନେ ସେହିପରି କର୍ତ୍ତବ୍ୟପରାୟଣ ହୋଇ ରହିଛନ୍ତି। ସେଇମାନଙ୍କ ଯୋଗୁ ହିଁ ସ୍ଥାନୀୟ ସମସ୍ୟାର ସମାଧାନ, ଅସୁବିଧାରେ ପଡ଼ିଥିବା ଲୋକଙ୍କ ପାଇଁ ସାହାଯ୍ୟ ଭିକ୍ଷା, ସତ୍ୟର ପରିପ୍ରକାଶ, ଅନ୍ୟାୟର ପ୍ରତିରୋଧ, ଦେଶ ବିଦେଶର ଖବର ଗାଁଗଣ୍ଡାରେ ପହଞ୍ଚେଇବା ଇତ୍ୟାଦି ଜନହିତକର କାର୍ଯ୍ୟ ସମ୍ପାଦିତ ହୋଇଥାଏ। ଅତଏବ କିଏ ସାହାଯ୍ୟ କରୁ ବା ନ କରୁ ଯେଉଁ ଜନସାଧାରଣଙ୍କ ପାଇଁ ସେମାନଙ୍କର ଜୀବନ ଉତ୍ସର୍ଗୀକୃତ, ସେହିମାନେ ଯଦି ତାଙ୍କ ପଛରେ ଛିଡ଼ା ହୁଅନ୍ତି କୌଣସି ଶକ୍ତି ସେମାନଙ୍କର ଅନିଷ୍ଟ କରିପାରିବନି। ଚତୁର୍ଥ ସ୍ତମ୍ଭ ଅକ୍ଷତ ରହିବ।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର,
ଭୁବନେଶ୍ୱର, ମୋ–୯୪୩୮୬୭୩୮୯୮

## ଏଇ ଭାରତରେ

ପଟିଆଲାର ଝିଅ ସନ୍ଧ୍ୟା। ପଟିଆଲା ଟ୍ରକ୍ ସଂଘ ନିକଟସ୍ଥ ଏକ ବସ୍ତିରେ ଝୁମ୍ପୁଡି ଘରେ ପାଞ୍ଚ ଭଉଣୀ–ଭାଇ ଓ ମାଆବାପାଙ୍କ ସହ ରହନ୍ତି ସେ। ସକାଳ ହେଲେ ତାଙ୍କ ମା' ଜରି ପ୍ଲାଷ୍ଟିକ ଗୋଟାଇବାକୁ ବାହାରିଯାନ୍ତି। ବାପା ଜଣେ ବୁଲାବିକାଳି। ପାଞ୍ଚ ଭଉଣୀ ଓ ଭାଇଙ୍କ ମଧ୍ୟରେ ସନ୍ଧ୍ୟା ବଡ଼। ଏଣୁ ପରିବାରର ଅଭାବ ଅନଟନ ପୂରଣ କରିବା ପାଇଁ ତାଙ୍କୁ ଭିକ୍ଷା ମାଗିବାକୁ ପଡେ। କିନ୍ତୁ 'ପଢିବି ଆଗକୁ ବଢିବି' ଏହି ଇଚ୍ଛା ପୂରଣ କରିବା ଲାଗି ସେ ଭିକ ମାଗିବା ଛାଡି ପଢିଛନ୍ତି। ଦଶମ ପାସ୍ କରିଛନ୍ତି। ପଢିବା ଭିତରେ ଅର୍ଥାଭାବ ପୂରଣ କରିବା ପାଇଁ ଦୋକାନୀମାନଙ୍କ ଘରେ କାମ ବି ସେ କରିଛନ୍ତି। ବସ୍ତିରେ ଦିନେ ଶିକ୍ଷାର ନୂଆ ସକାଳ ଆସିବ ବୋଲି କେହି କେବେ ଭାବି ନ ଥିଲେ। କିନ୍ତୁ ଦାରିଦ୍ର୍ୟର ଶିକୁଳି ଛିଣ୍ଡାଇ ଶିକ୍ଷାର ଏହି ସକାଳ ନେଇ ଆସିଛନ୍ତି ସନ୍ଧ୍ୟା। ଦଶମ ପାସ୍ କରିବା ପରେ ବେଙ୍ଗାଲୁରୁସ୍ଥିତ ନୂଆ ଗୁରୁକୁଳ ସଂସ୍ଥା ଦ୍ୱାରା ପରିଚାଳିତ ଏକ ବର୍ଷର ସଫ୍ଟୱେର ଡେଭ୍‌ଲପ୍‌ମେଣ୍ଟ କୋର୍ସର ପ୍ରବେଶିକା ପରୀକ୍ଷାରେ ସନ୍ଧ୍ୟା ପାସ୍ କରିଛନ୍ତି। ସେଠାରେ ବର୍ଷେ ଶିକ୍ଷାଲାଭ କରିବା ପରେ ସଫ୍ଟୱେର ବିକାଶ କରିବା ଲାଗି ସକ୍ଷମ ହୋଇପାରିବେ ଓ ତାଙ୍କ ପରିବାରର ଦାରିଦ୍ର୍ୟ ଦୂର ହୋଇଯିବ ବୋଲି ଆଶା ରଖିଛନ୍ତି ସନ୍ଧ୍ୟା। ବସ୍ତିର ଝିଅ ସନ୍ଧ୍ୟା ଏବେ ସଭିଙ୍କ ପାଇଁ ଆଦର୍ଶ ପାଲଟିଯାଇଛନ୍ତି। ବସ୍ତିର ଅନ୍ୟ ପିଲାମାନେ ବି ସନ୍ଧ୍ୟାଙ୍କ ଭଳି ପଢିବା ଆରମ୍ଭ କରିଦେଇଛନ୍ତି। 'ଏଭ୍ରି ହ୍ୟାଣ୍ଡ୍ ପେନ୍' ନାମକ ସଂସ୍ଥା ସନ୍ଧ୍ୟାଙ୍କୁ ପଢିବାରେ ସାହାଯ୍ୟ କରିଛି । ଜୀବନରେ ଆଉ ଏମିତି ଅନ୍ଧାର କେବେ ନ ଆସୁ ବୋଲି ସେ କହିଛନ୍ତି। ନିଜେ ରୋଜଗାର କରିବା ପରେ ତାଙ୍କ ଭଳି ଅସହାୟମାନଙ୍କ ପାଇଁ କାମ କରିବେ ବୋଲି କହିଛନ୍ତି ସନ୍ଧ୍ୟା।

## ୨୫ ବର୍ଷ ତଳର ଧରିତ୍ରୀ

୮ ନଭେମ୍ବର ୧୯୯୪

- ଆଣବିକ ଉନ୍ନୟନ ସହଯୋଗ ସଂକ୍ରାନ୍ତରେ ଚାଇନା ଏବଂ କାନାଡା ମଧ୍ୟରେ ଦୁଇଟି ରାଜିନାମା ସ୍ୱାକ୍ଷରିତ।
- ତାମିଲନାଡୁରେ ଚାଲିଥିବା ସପ୍ତାହବ୍ୟାପୀ ଝଡ଼ବର୍ଷାରେ ୫୪ ଜଣଙ୍କ ପ୍ରାଣହାନି।
- ନିଜ ଦେଶର ବ୍ୟବସାୟୀମାନେ ଉତ୍ତରକୋରିଆରେ ପୁଞ୍ଜି ବିନିଯୋଗ କରିବା ନେଇ ଦକ୍ଷିଣ କୋରିଆ ଦୀର୍ଘ ୫୦ ବର୍ଷ ହେଲା ଜାରି କରି ଆସିଥିବା ନିଷେଧାଜ୍ଞାକୁ ଉଠାଇ ଦେବା ଲାଗି ଘୋଷଣା କରିଛି।

## ଚିରନ୍ତନୀ

ଖସିଗଲା କଳସୀ କାଖରୁ ତଳେ
ଚରଣ ଯୁଗଳ ଯେ ତିନ୍ତିଲା ଜଳେ,
ଅଯତନ ବେଶ ଗୋ ବାସ ଭୂଷଣ
କି ଶବଦ ବିହିଲା ଏତେ କଷଣ !

(ବଂଶୀ ଧ୍ୱନି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | | | 3 | | 2 | 7 | 9 | | A | 8 |
| 5 | 1 | | | 7 | | | | | | | 3 | | 6 | |
| | | D | | | | 2 | A | 9 | | | | | | 3 |
| B | | | 4 | | | | 7 | | | 6 | | | E | |
| C | | A | | 2 | 1 | | 5 | | | 8 | E | | | |
| | | C | | 4 | 5 | | 9 | | | E | 0 | | | |
| | A | | | 6 | | 1 | | | 4 | B | | | | 2 |
| 2 | | 6 | 0 | | D | 8 | | | | 3 | | C | | |
| | | 0 | C | | 7 | E | | | 1 | | | | | |
| | D | 5 | | 1 | 3 | | | | | 9 | 2 | | | |
| | | 1 | | | E | 9 | | 6 | | | | | | A |
| | | | | C | | | | | 7 | 0 | | | | |
| | | | B | | 9 | | 4 | 7 | | 1 | D | | | |
| | 4 | 8 | | D | | C | | | | | | | | |
| E | 9 | | | | 2 | D | | | | 5 | A | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 7 | 8 | 2 | 3 | 5 | 6 | 9 | B | 4 | C | A | 0 | 1 | E |
| 9 | 4 | 5 | A | E | 0 | 8 | C | 1 | D | 7 | 3 | 2 | B | 6 |
| 1 | B | 3 | D | 4 | C | A | 0 | 2 | 6 | 8 | E | 7 | 9 | 5 |
| E | 2 | A | 8 | 6 | B | 7 | 5 | 3 | 1 | 0 | 9 | C | D | 4 |
| C | 0 | 6 | 7 | 9 | 1 | 4 | D | E | 5 | B | 2 | 8 | 3 | A |
| A | 5 | 9 | 4 | 1 | 8 | C | 7 | D | 3 | 2 | 6 | B | E | 0 |
| 4 | 8 | D | 3 | C | 2 | 1 | B | 6 | 9 | E | 0 | A | 5 | 7 |
| 0 | 6 | 7 | E | 5 | A | 3 | 4 | 8 | C | D | B | 9 | 2 | 1 |
| 3 | E | C | 9 | B | 7 | 0 | 2 | 5 | A | 1 | 8 | 4 | 6 | D |
| B | 1 | 2 | 6 | 0 | D | E | A | 9 | 7 | 4 | 5 | 3 | 8 | C |
| 5 | 3 | 1 | 0 | 7 | E | B | 8 | 4 | 2 | 6 | C | D | A | 9 |
| 8 | C | 0 | 5 | 2 | 6 | D | E | A | B | 9 | 4 | 1 | 7 | 3 |
| 2 | D | E | 1 | A | 4 | 9 | 3 | C | 8 | 5 | 7 | 6 | 0 | B |
| 6 | A | 4 | B | 8 | 9 | 5 | 1 | 7 | 0 | 3 | D | E | C | 2 |
| 7 | 9 | B | C | D | 3 | 2 | 6 | 0 | E | A | 1 | 5 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡାକ୍ତରଙ୍କ ପ୍ରତି ହିଂସା

ମହାଶୟ,

ସେବାକୁ ବ୍ରତ ଭାବରେ ଗ୍ରହଣ କରିବା ନିମନ୍ତେ ମେଧାବୀ ଛାତ୍ରୀ–ଛାତ୍ରମାନେ ସାଧାରଣତଃ ଆଗ୍ରହ ପ୍ରକାଶ କରିଥାନ୍ତି। ଏଥିନିମନ୍ତେ ସେମାନଙ୍କୁ କଠୋର ପରୀକ୍ଷାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହୁଏ। ଡାକ୍ତରୀ ପାଠ ଏଗାରବର୍ଷ ଅଧ୍ୟୟନ କରିବାକୁ ହୁଏ। ସରକାର, ସମାଜ ଓ ତାଙ୍କ ପରିବାର ଏହି ସମୟରେ ତାହାଙ୍କୁ ମାନସିକ, ବୌଦ୍ଧିକ ଓ ଆର୍ଥିକ ସହଯୋଗ କରିଥାନ୍ତି। ଆମ ଦେଶରେ ୧୦,୯୨୬ ଜଣ ନାଗରିକଙ୍କ ପାଇଁ ଜଣେ ମାତ୍ର ଡାକ୍ତର ଥିବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦର୍ଶାଇଛନ୍ତି ; ମାତ୍ର ୧୦୦୦ଜଣରେ ଜଣେ ଡାକ୍ତର ରହିବା କଥା। ସୁତରାଂ, ଅଧୁନା ଜଣେ ଡାକ୍ତର ଦଶ ଗୁଣ ଅର୍ଥାତ୍ ଦଶଜଣ ଡାକ୍ତରଙ୍କ କାମ କରୁଛନ୍ତି। ଅନ୍ୟପକ୍ଷରେ ଡାକ୍ତରଖାନାଗୁଡ଼ିକରେ ପର୍ଯ୍ୟାପ୍ତ ଭିତ୍ତିଭୂମି ନାହିଁ। କିନ୍ତୁ, ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ସର୍ବୋତ୍ତମ ଚିକିତ୍ସାର ଆଶା ନେଇ ଆସୁଛନ୍ତି। ଏପରିସ୍ଥଳେ ଡାକ୍ତର ଯାହାବି କଲେ ରୋଗୀ ଓ ସମ୍ପର୍କୀୟମାନେ ଅସନ୍ତୁଷ୍ଟ ହେଉଛନ୍ତି। ରୋଗୀଙ୍କ ସମ୍ପର୍କୀୟମାନେ ହିଂସା ସୃଷ୍ଟି କରୁଛନ୍ତି ଓ ସେବା କରିବା ମନୋବୃତ୍ତି ଆଘାତ ପାଉଛି। ଏହି ପୃଷ୍ଠଭୂମିରେ ଭିମ୍‌ସାର ଡାକ୍ତର ପାଟ୍ଟଯୋଷୀଙ୍କ ଘଟଣା ମୋତେ ଗଭୀର ଆଘାତ ଦେଇଛି। ମୁଁ ତାଙ୍କଠାରୁ ସେବା ପାଇଛି। ଏପରି ଜଣେ ଡାକ୍ତର ଆଜି ସମାଜରେ ବିରଳ। ଡାକ୍ତର, ଡାକ୍ତରଖାନାର ଭିତ୍ତିଭୂମିକୁ ବିଚାର କରିବା ସହ ନିଜର ଆର୍ଥିକ ଅବସ୍ଥା ଭିତରେ ସନ୍ତୁଳନ ରକ୍ଷା ହେଲେ ଡାକ୍ତର–ରୋଗୀ–ଡାକ୍ତରଖାନା ଓ ସମ୍ପର୍କୀୟମାନେ ପରସ୍ପର ଶ୍ରଦ୍ଧାଶୀଳ ହେବେ। ବିଶ୍ୱାସ, ଧୈର୍ଯ୍ୟ, ଶ୍ରଦ୍ଧା ସମ୍ପର୍କକୁ ଦୃଢ କରିବ। ଡାକ୍ତର ଓ ରୋଗୀଙ୍କ ମଧ୍ୟରେ ମଧୁର ସମ୍ପର୍କ ଗଢି ଉଠୁ।

ବନଲତା ପଟ୍ଟନାୟକ, ଶିକ୍ଷୟିତ୍ରୀ, କୋଣାର୍କ ନଗର, ପଲ୍ଲା, ଖୋରଧା

### ଭାରତର ଜିଡିପି କେତେ

ଜୁଲାଇ ୨୮ରେ ରାଷ୍ଟ୍ରପତି ବିଦେଶ ଗସ୍ତରେ ଥିବାବେଳେ କହିଥିଲେ ଯେ, ଏବେ ଭାରତର ଜିଡିପି ୨.୬ ଟ୍ରିଲିୟନ ଡଲାର। ଅଗଷ୍ଟ ପ୍ରଥମ ସପ୍ତାହରେ ବିଶ୍ୱବ୍ୟାଙ୍କ ଭାରତର ଅର୍ଥନୀତି ୨.୭ ଟ୍ରିଲିୟନ ଡଲାର ଥିବା ଦର୍ଶାଯାଇଛି। ପ୍ରଧାନମନ୍ତ୍ରୀ ଗତ ସ୍ୱାଧୀନତା ଦିବସ ଭାଷଣରେ କହିଥିଲେ ଯେ, ଏବେ ଭାରତର ଜିଡିପି ୩ ଟ୍ରିଲିୟନ ଡଲାର। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି ଯେ, ଏବେ ଭାରତର ଜିଡିପି ୨.୮ ଟ୍ରିଲିୟନ ଡଲାର। ଏଣୁ ଏବେ ପ୍ରକୃତରେ ଭାରତର ଜିଡିପି କେତେ ?

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କିଶୋରନଗରରେ ବଢୁଛି ଚୋରା ମଦ କାରବାର

ବଇଣ୍ଡା, ୭।୧୧(ଡି.ଏନ୍.ଏ.)- ଅନୁଗୋଳ ଜିଲା କିଶୋରନଗର ଥାନା ଅଞ୍ଚଳର ହିମିତିରା, ସଞ୍ଜାମୁରା, ବାଟିମୁଣ୍ଡା, ଜଏରାଟ, କଦଳୀମୁଣ୍ଡା, ଅଙ୍ଗପଡ଼ା, ଧରଡ଼ପାଳ, ତୁରୁଡ଼ା ଆଦି ବିଭିନ୍ନ ଗ୍ରାମରେ ଚୋରା ମଦ କାରବାର ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏ ଦିଗରେ ପୋଲିସ କିମ୍ବା ଅବକାରୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି। ଅଞ୍ଚଳବାସୀଙ୍କ ଅଭିଯୋଗ ମୁତାବକ, ଗ୍ରାମାଞ୍ଚଳରେ ଥିବା କେତେକ ପାନ ଦୋକାନ, ତେଜରାତି ଦୋକାନୀ ବିଦେଶୀ ମଦ ବିକ୍ରି ରଖୁଛନ୍ତି। ସେହିପରି ଝୁମ୍ପୁଡ଼ି ହୋଟେଲ ଓ କେତେକ ବ୍ୟକ୍ତି ସେମାନଙ୍କ ଘରେ ଚୋରା ଦେଶୀ ପାଉଚ ମଦ ବିକ୍ରି କରୁଛନ୍ତି। ଏଥିସହ ବାହାରକୁ ମଧ ମଦ ଚାଲାଣ କରାଯାଉଛି। ଫଳରେ ଦିନକୁ ଦିନ ବିଶୃଙ୍ଖଳା ବଢୁଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସ୍‌ପି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଅବକାରୀ ବିଭାଗର ଉପନୀରିକ୍ଷକ ପ୍ରଫୁଲ୍ଲ କୁମାର ପତି କହିଛନ୍ତି, ଚୋରା ମଦ ରୋକିବା ପାଇଁ ବିଭାଗ ପକ୍ଷରୁ ଚଢାଉ କରାଯାଉଛି।

### ପୋଖରୀରେ ବୁଡ଼ି ଜଣେ ମୃତ

କଣିହାଁ, ୭।୧୧(ଡି.ଏନ୍.ଏ.)- କଣିହାଁ ବ୍ଲକ ସମଲ ଥାନା କୁଲୁଇ ଗ୍ରାମର ଗୋଲଖ ନାୟକ (୭୦) ଗ୍ରାମ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଗୋଲଖ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସି ଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ଖବରପାଇ କଣିହାଁ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ନଂ. ୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା, ୭।୧୧(ଡି.ଏନ୍.ଏ.)- ହଣ୍ଡପା ପୋଲିସ ବୁଧବାର ରାତିରେ ନାକିଚି ଅଞ୍ଚଳରୁ ବରଗଡ଼ ଜିଲା ସୋହେଲା ଗ୍ରାମର ଗୋବିନ୍ଦ ଷଣ୍ଢଙ୍କୁ ଗିରଫ କରିଛି। ତାଙ୍କ ନାମରେ ପୂର୍ବରୁ ଥାନାରେ ମାମଲା ଥିବାବେଳେ ସେ ଦୀର୍ଘଦିନ ହେଲା ଫେରାର ଥିଲେ। ନାକିଚି ଅଞ୍ଚଳରେ ବୁଲୁଥିବା ଖବରପାଇ ହଣ୍ଡପା ସେକେଣ୍ଡ ଅଫିସର ସରୋଜ କୁମାର ଦାସ ଚଢାଉ କରି ଗିରଫ କରିଥିଲେ।

### ୧୧ଦିନରେ ପହଞ୍ଚିଲା ଅନଶନ

ହାଟଡିହୀ, ୭।୧୧ (ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ପଂଚାୟତରେ ୬ଦଫା ଦାବିନେଇ ୱାର୍ଡ ସଭ୍ୟାସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ଦୁର୍ନୀତିର ଭିଜିଲାନ୍ସ ତଦନ୍ତ, ସରପଞ୍ଚ ଓ ପିଇଓଙ୍କୁ ବହିଷ୍କାର ସହ ଗିରଫ, କାର୍ଯ୍ୟକରି ପାଉଣା ମିଳୁ ନଥିବା, ପଞ୍ଚାୟତ ଅନୁଦାନକୁ କାର୍ଯ୍ୟ ନକରି ଉଠାଇ ନେବା, ହେରଫେର ହୋଇଥିବା ଟଙ୍କା ପଞ୍ଚାୟତ ପାଣ୍ଠିକୁ ଫେରାଇ ଆଣିବା ପ୍ରମୁଖ ଦାବି ଏହାର ଅନ୍ତର୍ଭୁକ୍ତ। ଅନଶନକୁ ୧୧ଦିନ ପୂରିସାରିଛି। କିନ୍ତୁ ପ୍ରଶାସନିକ ସ୍ତରରେ ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯାଇନି। ଫଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଅନଶନକାରୀ ଚଳିତମାସ ୧୧ତାରିଖରୁ ଆମରଣ ଅନଶନରେ ବସିବେ ବୋଲି ନିଷ୍ପତ୍ତି ନେଇ ପ୍ରଶାସନକୁ ଅବଗତ କରାଇଛନ୍ତି।

## ଜିଲାସ୍ତରୀୟ ଶିଶୁ ଦିବସ 'ମହକ'

# ପିଲାଙ୍କ ବିକାଶ ପାଇଁ ସମସ୍ତେ ଯତ୍ନବାନ ହୁଅନ୍ତୁ



ଅତିଥିଙ୍କ ସହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ।

ଅନୁଗୋଳ ଅଫିସ, ୭।୧୧

ଅନୁଗୋଳ ଜିଲାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନର ପିଲାମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଜିଲାସ୍ତରୀୟ ଶିଶୁ ଦିବସ ଉପଲକ୍ଷେ ମହକ-୨୦୧୯ କାର୍ଯ୍ୟକ୍ରମ ଗୁରୁବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜିତ ଏହି ଦିବସକୁ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ମହକ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

୨୦୧୩ରୁ ଇନ୍ଦ୍ରଧନୁ ନାମରେ ଏହି ଦିବସ ପାଳନ ହେଉଥିଲା। ୨୦୧୮ ଠାରୁ ଏହା 'ମହକ' ନାମରେ ଅନୁଷ୍ଠିତ ହେଉଛି। ନଭେମ୍ବର ୧୪ ଶିଶୁ ଦିବସ ଅବସରରେ ଜିଲାସ୍ତରୀୟ ଆୟୋଜିତ ହେଉଥିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅସହାୟ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଇ ସେମାନଙ୍କ ସୃଜନଶୀଳ ପ୍ରତିଭାର ବିକାଶ କରିବା। ଏହି କାର୍ଯ୍ୟକ୍ରମରେ ଶିଶୁମଙ୍ଗଳ କମିଟି ଅଧ୍ୟକ୍ଷ ସଞ୍ଜୀବ କୁମାର କର, ପୂର୍ବତନ ଅଧ୍ୟକ୍ଷ ଦୁଷ୍ମନ୍ତ ଗଡ଼ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ, ଜିଲା ପଞ୍ଚାୟତ ଅଧିକାରୀ ଗୁରୁଭା ସିଂ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ମାନସିକ, ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ଦଳଗତ ନୃତ୍ୟ ଓ ଟ୍ୟାଲେଣ୍ଟ ହଣ୍ଟ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିବା ସହ ପିଲାମାନଙ୍କ ପ୍ରତିଭାକୁ ପ୍ରଶଂସା କରିଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି ସମ୍ମାନିତ ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଲିପି ମହାପାତ୍ର ଓ ଶିଶୁ ଯତ୍ନ ଅନୁଷ୍ଠାନର ପିଲାମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରତ୍ୟୁଷା ଅମାନ୍ତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ୪ଟି ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର ଓ କର୍ମକର୍ତ୍ତାଙ୍କ ସମେତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ଓ ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ଏଲ୍‌ପିଓ ପ୍ରଦୀପ ନାୟକ, କାଉନସିଲର ଝରଣା ନାୟକ, ମଧୁମିତା ଧଳ ଓ ଦିଲୀପ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଗୋଶାଳା ପାଇଁ ଦାବିପତ୍ର



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ତାଳଚେର,୭।୧୧(ନି.ପ୍ର.)

ତାଳଚେର ମାରୁୱାଡି ସମାଜ ପକ୍ଷରୁ ଏକ ଗୋଶାଳା ନିର୍ମାଣ ନିମନ୍ତେ ଜମି ଯୋଗାଇ ଦେବାକୁ ଗୁରୁବାର ପ୍ରଶାସନକୁ ଅନୁରୋଧ କରାଯାଇଛି। ସଭାପତି ଶଙ୍କର ଲାଲ ମୋଦିଙ୍କ ନେତୃତ୍ୱରେ ପବନ ଜେନ, ଉପସଭାପତି ଗୋପାଳ ମୋଦି ଓ ଅନ୍ୟମାନେ ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ସହ ତହସିଲଦାର ଓ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯଥାଶୀଘ୍ର ଗୋଶଳା ନିମନ୍ତେ ଆବଶ୍ୟକ ଜମି ଯୋଗାଇ ଦେବାକୁ ସେମାନେ ଅନୁରୋଧ କରିଥିଲେ।

## ସ୍କାଉଟ୍ସ ଓ ଗାଇଡ୍ସର ପ୍ରତିଷ୍ଠା ଉତ୍ସବ




ଅନୁଗୋଳ ଅଫିସ, ୭।୧୧

ଅନୁଗୋଳସ୍ଥିତ ରୋଟାରୀ ପବ୍ଲିକ ସ୍କୁଲ ପରିସରରେ ସ୍କାଉଟ୍ସ ଓ ଗାଇଡ୍ସର ପ୍ରତିଷ୍ଠା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ସ୍କାଉଟ୍ସ ଓ ଗାଇଡ୍ସ ପତାକା ଉତ୍ତୋଳନ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ସ୍କାଉଟ୍ସ ମାଷ୍ଟର ଦୁଷ୍ୟନ୍ତ ନାଥ ଓ ଗାଇଡ୍ସ କ୍ୟାପଟେନ ବବିତା ମଞ୍ଜରୀ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଶପଥପାଠ କରିବା ସହ ମିଷ୍ଟାନ୍ନ ଓ ସ୍କାଉଟ୍ସ ବ୍ୟାଚ ଦେଇ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

## ଫଟୋରେ ଖବର



କିଶୋରନଗର ବ୍ଲକ ବଇଣ୍ଡାରେ କାର୍ତ୍ତିକେଶ୍ୱର ପୂଜା ପାଇଁ ଗୁରୁବାର ଗ୍ରାମବାସୀଙ୍କ ପକ୍ଷରୁ କଳସ ଯାତ୍ରା କରାଯାଉଛି।

## ଡ୍ରାଇଭିଂ ଲାଇସେନ୍ସ ସମ୍ପର୍କିତ ବୈଠକ

ଆଠମଲ୍ଲିକ,୭।୧୧(ଡି.ଏନ୍.ଏ.)

ଆଠମଲ୍ଲିକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ଅସ୍ଥାୟୀ କ୍ୟାମ୍ପ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆଠମଲ୍ଲିକ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରିଥିଲେ। ଆଠମଲ୍ଲିକ ଉପଖଣ୍ଡର ଆଠମଲ୍ଲିକ କଲେଜ, ଠାକୁରଗଡ଼ ଏବଂ କିଶୋରନଗର ବ୍ଲକ ସଦର ମହକୁମାରେ ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ଅସ୍ଥାୟୀ କ୍ୟାମ୍ପ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ଜନସାଧାରଣ ଯେପରି ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ପ୍ରଶାସନ ତରଫରୁ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ତାନା ମୁର୍ମୁ, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର, ଆଠମଲ୍ଲିକ କଲେଜ ଅଧକ୍ଷ କ୍ୟାପଟେନ ଦିଲୀପ କୁମାର ସିଂ ସାମନ୍ତ, ମୋଟର ଯାନ ନିରୀକ୍ଷକ ଚିତ୍ତରଞ୍ଜନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ।

## ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ ପାଇଁ ଦାବିପତ୍ର



ଅନୁଗୋଳ ଅଫିସ, ୭।୧୧

ଅନୁଗୋଳ ଷ୍ଟାଡିୟମ ଏବେ ଜରାଜୀର୍ଣ୍ଣ ହୋଇପଡ଼ିଛି। ଏପରି କି ଷ୍ଟାଡିୟମର କେତେକ ଗାଲେରୀ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେଣୁ ଏହାର ନବୀକରଣ ସହ ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମାଣ ପାଇଁ 'ଆମ ଅନୁଗୋଳ ଆମ ଗୌରବ' ପକ୍ଷରୁ ତାଳଚେର ଗସ୍ତରେ ଆସିଥିବା କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋଇଲା ଓ ଖଣି ସିଏସ୍‌ଆର୍ ପାଣ୍ଠିରୁ ଏଥିପାଇଁ ଅନୁଦାନ ଦେବାକୁ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି।

## 'ଗୁଣାତ୍ମକ ଶିକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉ'




ଆଇ ଡ୍ରିମ୍ କଲେଜରେ ସ୍ୱାଗତ ଓ ପୁରସ୍କାର ବିତରଣ ଉତ୍ସବ।

ତାଳଚେର,୭।୧୧(ନି.ପ୍ର.)

ତାଳଚେରସ୍ଥିତ ଆଇ ଡ୍ରିମ୍ କଲେଜରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ଦୀପ୍ତିରଞ୍ଜନ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ଲିଙ୍ଗରାଜ ଏରିଆ ମହାପ୍ରବନ୍ଧକ ଏ.କେ. ଧଳ, ରଶ୍ମିରଞ୍ଜନ ମିଶ୍ର, ଦୀପକ ପ୍ରଧାନ ଯୋଗ ଦେଇ ଗୁଣାତ୍ମକ ମାନର ଶିକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କଲେଜର ଯୁଗ୍ମ ସମ୍ପାଦିକା ମଧୁସ୍ମିତା ନାଏକ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଖେଳରେ କହ୍ନେୟାକୁ ପ୍ରଥମ, ୱାରିୟରକୁ ୨ୟ ଓ ଜାଗୁଆରକୁ ୩ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରିୟଦର୍ଶନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସମସ୍ତ ଅଧାପିକା, ଅଧାପକ କର୍ମଚାରୀ, ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ନିଆଁ ଲାଗି ମହିଳା ଗୁରୁତର

**ଅନୁଗୋଳ ଅଫିସ, ୭।୧୧:** ଅନୁଗୋଳ ତାମ୍ରିତ କଲୋନୀରେ ଗୁରୁବାର ପୂର୍ବାହ୍ନରେ ପୂଜା କରୁଥିବାବେଳେ ଧୂପଦାନିରୁ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଶିବ ନାରାୟଣ ଦାସଙ୍କ ସ୍ତ୍ରୀ ସ୍ୱର୍ଣ୍ଣପ୍ରଭା ଦାସ(୫୩)। ସ୍ୱର୍ଣ୍ଣପ୍ରଭା ଠାକୁର ଘରେ ଧୂପ ଦେବା ସମୟରେ ତାଙ୍କ ଶାଢ଼ୀରେ ନିଆଁ ଲାଗିଯାଇଥିଲା। ଘରେ କେହି ନ ଥିବାବେଳେ ଚିତ୍କାର ଶୁଣି ପଡ଼ୋଶୀରେ ରହୁଥିବା ଜଣେ ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

PARADIP PORT TRUST
E-TENDER CALL NOTICE
Name of the Work : "Up-grdation of Power Supply Network to Administrative Building".
Estimated Cost : ₹ 68,43,080/-.
Last date & time of submission of bid : Dt. 24/11/2019 up to 17:00 Hrs.
Refer our website for details : https://eprocure.gov.in/eprocure/app.
Executive Engineer (PED-III)
PPT/PR/435/19-20 Dt.07.11.2019

## ଆଜିଠୁ ମହୀଧରପୁରରେ କାର୍ତ୍ତିକେଶ୍ୱର ପୂଜା

ବଅଁରପାଳ, ୭।୧୧(ଡି.ଏନ.ଏ.)



ବଅଁରପାଳ ବ୍ଲକ ମହୀଧରପୁରର ପ୍ରସିଦ୍ଧ କାର୍ତ୍ତିକେଶ୍ୱର ପୂଜା ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ପୂଜା ଉପଲକ୍ଷେ ମହୀଧରପୁର ଚଳଚଞ୍ଚଳ ହୋଇଉଠିଛି। ଚଳିତ ବର୍ଷ ହାଟଛକ, ବଜାର ଛକ, ରଘୁନାଥବଜାର, ମଧୁକେଶ୍ୱରୀ ବଜାର, ବଙ୍ଗଳା ଛକ, ସେରଣାବେଡା, ବରସାହି, କଲେଜ ଛକ, ନୂଆସାହି, କାଳିଶଙ୍କର ରୋଡ, ନିମ ସାହି, ଜାମୁ ସାହି, ଆନନ୍ଦ ବଜାର, ଚେପୁଟି ଗଡ଼ିଆ ଆଦି ୨୦ଟି ମଣ୍ଡପରେ ପ୍ରଭୁ କାର୍ତ୍ତିକେଶ୍ୱର ପୂଜା ପାଇବେ। ମଣ୍ଡପଗୁଡିକୁ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଛି। ପ୍ରଭୁ କାର୍ତ୍ତିକଙ୍କ ନିଳେନ୍ଦ୍ରୀ ହରଣର ଦୃଶ୍ୟ ଲୋକଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ବରସାହି ପୂଜା କମିଟି ସଦସ୍ୟ କହିଛନ୍ତି। ଅନ୍ୟପକ୍ଷେ ହାଟଛକରେ ପୌରାଣିକ ବିଷୟ ବସ୍ତୁ ସହ ଲୋକପ୍ରିୟ ନଟିଆ କମେଡି ତୋରଣରେ ସ୍ଥାନ ପାଇଛି। ଏ ବର୍ଷ ହାଟଛକ ମିନାବଜାରର ଆୟୋଜନ କରିଛି। ବିଭିନ୍ନ ପ୍ରକାର ଖାଦ୍ୟପଦାର୍ଥ, ମନୋହରୀ, କଂସାବାସନ ଦୋକାନୀ ସେମାନଙ୍କ ପସରା ମେଲେଇ ଦେଲେଣି। ଆସନ୍ତା ୧୩ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ।

## ପ୍ରଭାବୀ ଭାଷଣ ସମ୍ପର୍କ ଯୋଡ଼େ

ତାଳଚେର,୭।୧୧(ନି.ପ୍ର.)



ସ୍କେଟିଂ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

ଜୁନିୟର ଚାମ୍ବର ଇଣ୍ଟରନ୍ୟାଶନାଲ (ଜେସିଆଇ) ତାଳଚେର ଶାଖା ପକ୍ଷରୁ ପ୍ରଭାବୀ ଭାଷଣ କଳା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାଳଚେର ଶାଖା ସଭାପତି ରାକେଶ ଗୁପ୍ତା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳାରେ ବିଭିନ୍ନ ବର୍ଗର ୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମହାରାଷ୍ଟ୍ର ନାଗପୁରର ପ୍ରଶିକ୍ଷକ ରବିନ୍ଦ୍ର ମିଶାଲ ପ୍ରଭାବୀ ଭାଷଣର କଳାକୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଜେସିଆଇ ଅନୁଗୋଳର ପୂର୍ବତନ ସଭାପତି ଆଶିଷ ଅଗ୍ରୱାଲ ପ୍ରଭାବୀ ଭାଷଣ ମନୁଷ୍ୟର ବ୍ୟକ୍ତିତ୍ୱ ଓ ସାଧାରଣ ଜନତାଙ୍କ ସହ ସମ୍ପର୍କ ଯୋଡିବାରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ହେମନ୍ତ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ କଲେଜ ପଡିଆଠାରେ ଏକ ଜିଲାସ୍ତରୀୟ ରୋଲର ସ୍କେଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ରଶ୍ମିରଞ୍ଜନ ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜେସିଆଇର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ଗିରି ଏହାକୁ ପରିଚାଳନା କରିଥିଲେ।

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. C/SBP/Cash lifting/19, ତା:31.10.2019
କାର୍ଯ୍ୟର ନାମ : 03(ତିନି) ବର୍ଷ ଅର୍ଥାତ୍ 36 ମାସ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର 52 ଗୋଟି ଷ୍ଟେସନ (36 ଗୋଟି ଷ୍ଟେସନ ଦୈନିକ ଏବଂ 16 ଗୋଟି ଷ୍ଟେସନ ଦ୍ୱି-ସାପ୍ତାହିକ) ଗୁଡ଼ିକରୁ ଷ୍ଟେସନ ନଗଦଟଙ୍କା ଏବଂ ଉପକରଣଗୁଡ଼ିକର ଉଠାଣ ତଥା ତାହାକୁ FA & CAO, ପୂର୍ବ ତଟ ରେଳପଥର ଆକାଉଣ୍ଟ୍‌ରେ ଜମା କରିବା ନିମନ୍ତେ ବ୍ୟାଙ୍କରେ ପ୍ରସ୍ତୁତିକରଣ (Lodgement)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 1,17,42,322/-, EMD (ଟଙ୍କାରେ) : ଶୂନ୍ୟ, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/- GST@18% ସହିତ, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 03 (ତିନି) ବର୍ଷ ଅର୍ଥାତ୍ 36(ଛତିଶ)ମାସ।
ଟେଣ୍ଡର ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.22.11.2019 ରିଖ 1100 ଘଟିକାରେ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.22.11.2019 ରିଖ 1130 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ(ସମନ୍ୱୟ)/ ସମ୍ବଲପୁର
PR-490/K/19-20

## ସଂକ୍ଷେପରେ

### ମହାପ୍ରସାଦ ଅଳିଆ ଗଦାରେ ପକାଯିବା ପ୍ରସଙ୍ଗ

# ଏଭଳି ହେବା କଥା ନୁହେଁ: ଜିଲାପାଳ

ପୁରୀ ଅଫିସ, ୭।୧୧: ଅଳିଆ ଗଦାରେ ମହାପ୍ରଭୁଙ୍କ ମହାପ୍ରସାଦ ପକାଯିବାକୁ ନେଇ ଭକ୍ତ, ସେବାୟତ ଏବଂ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମହାପ୍ରଭୁଙ୍କ ଲୀଳାସ୍ଥଳ ଶ୍ରୀକ୍ଷେତ୍ରରେ ଘଟିଛି ଏଭଳି ଅଭାବନୀୟ ଘଟଣା। କିଛିଦିନ ତଳେ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ହବିଷିଆଳି ଆଶ୍ରୟସ୍ଥଳୀରେ ଏଭଳି ଚିତ୍ର ଦେଖିବାକୁ ମିଳିଥିଲା। ବଳକା ମହାପ୍ରସାଦ ଅଳିଆ ଗଦାରେ ଫିଙ୍ଗାଯାଇଥିଲା। ଏହାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ପୁରୀ ଜିଲାପାଳ ବଳୱନ୍ତ ସିଂ। ଗୁରୁବାର ଏହି ପ୍ରସଙ୍ଗରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ଚଳିତବର୍ଷ ପ୍ରାୟ ୩ ହଜାର ହବିଷିଆଳି ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ସେମାନଙ୍କ ସେବାରେ ପ୍ରାୟ ୫୦୦ କର୍ମଚାରୀ ନିୟୋଜିତ ଅଛନ୍ତି। ଏହାରି ଭିତରେ ଛୋଟ ମୋଟ ଭୁଲ୍ ହେଉଛି। ଏହାକୁ ସୁଧାରିବା ଲାଗି ପ୍ରୟାସ କରାଯାଉଛି। ହବିଷିଆଳିଙ୍କ ପାଇଁ ଆସୁଥିବା ମହାପ୍ରସାଦ ସେମାନେ ସେବନ କରିବା ପରେ ଯାହା ବଳକା ରୁହେ ତାହା ନିରାଶ୍ରୟ ଲୋକଙ୍କୁ ବଣ୍ଟାଯାଏ। ହେଲେ ନିକଟରେ ବଳକା ମହାପ୍ରସାଦ ଫିଙ୍ଗା ଯାଇଥିବା ନଜରକୁ ଆସିଛି। ଏପରି ହେବା କଥା ନୁହେଁ। ଏହି ଘଟଣାର ତଦନ୍ତ କରାଯାଉଛି। ଆଗକୁ କିଭଳି ଏହି ତ୍ରୁଟି ନ ହେବ ସେ ନେଇ ଯତ୍ନବାନ ହେବାକୁ କର୍ମଚାରୀଙ୍କୁ ତାଗିଦ୍ କରାଯାଇଛି।

### ନଗଡ଼ାରେ ପ୍ରଶାସନିକ ଅଧିକାରୀଙ୍କ ଭିଡ଼

# ବିକାଶ ପରଖିଲେ ପଞ୍ଚାୟତିରାଜ ପ୍ରକଳ୍ପ ନିର୍ଦ୍ଦେଶକ

କାଳିଆପାଣି,୭।୧୧(ଡି.ଏନ୍.ଏ.)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ନଗଡ଼ାରେ ଏବେ ବହୁ ପ୍ରଶାସନିକ ଅଧିକାରୀଙ୍କ ଗସ୍ତ ଦେଖିବାକୁ ମିଳିଛି। ବୁଧବାର ଭାରପ୍ରାପ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ନଗଡ଼ାରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିବାବେଳେ ଗୁରୁବାର ରାଜ୍ୟ ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ (ପିଆର୍ଏସ୍ପିଡି) ରାଜେଶ ପ୍ରଭାକର ପାଟିଲ ନଗଡ଼ା ଗସ୍ତ କରିଛନ୍ତି। ତାଙ୍କ ସହ ରୁରାଲ ହାଉସିଂ ଡେପୁଟି ସେକ୍ରେଟାରୀ କୁଳମଣି ମିଶ୍ର, ଜୀବିକା ମିଶନର ନାରାୟଣ ମିଶ୍ର, ସୁକିନ୍ଦା ବିଡିଓ ବିଶ୍ୱଜିତ ଦାସ ପ୍ରମୁଖ ନଗଡ଼ା ଗସ୍ତରେ ସାମିଲହୋଇ ଉପର, ମଝି ଓ ତଳ ନଗଡ଼ାର ଘରଘର ବୁଲି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ବିଶେଷକରି ସ୍ୱାସ୍ଥ୍ୟ, ଜୀବନ ଜୀବିକା, ଖାଦ୍ୟ ସୁରକ୍ଷା, ଅଙ୍ଗନୱାଡ଼ି ପ୍ରଭୃତି କାର୍ଯ୍ୟର ତଦାରଖ କରିଥିଲେ। ଏହି ସମସ୍ତ ବିଭାଗରେ ୩ ବର୍ଷ ମଧ୍ୟରେ ହୋଇଥିବା ବ୍ୟୟ ନଗଡ଼ାବାସୀଙ୍କୁ କେତେଦୂର ଉପଦେୟତା ପ୍ରଦାନ କରିଛି ତାହା ପରଖିଥିଲେ। ଯାଜପୁର ଭାରପ୍ରାପ୍ତ ଜିଲାପାଳ ମହାନ୍ତିଙ୍କ ଗସ୍ତ ସମୟରେ ନଗଡ଼ାରେ ଖାଦ୍ୟ ସୁରକ୍ଷାରେ



ନଗଡ଼ା ଗସ୍ତରେ ଆସିଥିବା ପଞ୍ଚାୟତିରାଜ ବିଭାଗ ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସ୍ଥିତି ସମୀକ୍ଷା କରୁଛନ୍ତି।

ମିଳୁଥିବା ସାମଗ୍ରୀରେ ବାଟମାରଣା ହେଉଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ନଗଡ଼ାବାସୀଙ୍କ ଅଭିଯୋଗ ପରେ ପିଆର୍ଏସ୍ପିଡି ପାଟିଲ ତଦାରଖ କରିଥିଲେ। ସେହିପରି ଅଙ୍ଗନାୱାଡି କେନ୍ଦ୍ରର ସ୍ଥାୟୀ ଗୃହ ଏବଂ ଶିଶୁମାନଙ୍କୁ ସକାଳ ଜଳଖିଆ ପ୍ରଦାନ କରା ନ ଯିବା ସମ୍ପର୍କରେ ମଧ୍ୟ ତଦାରଖ କରିଥିଲେ। ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଦିଆଯାଇଥିବା ଛେଳି ଓ କୁକୁଡ଼ା ସମ୍ପର୍କରେ ଯାଞ୍ଚ କରିଥିଲେ। ନଗଡ଼ାରେ ଖାଦ୍ୟ ସୁରକ୍ଷା ସାମଗ୍ରୀ ପ୍ରଦାନ କରିବାକୁ ଦାୟିତ୍ୱ ନେଇଥିବା ଚିଙ୍ଗୁଡିପାଳର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ୨ରୁ ୩ ମାସରେ ଥରେ ସାମଗ୍ରୀ ନଗଡ଼ାଠାରୁ ୧୫ କିମି ଦୂରରେ ପ୍ରଦାନ କରୁଛି। ଏମିତିକି ୨ରୁ ୩ମାସର ଏତେ ପରିମାଣ ସାମଗ୍ରୀ ପାହାଡ ଚଢ଼ି ଘରକୁ ନେବା ପରିବର୍ତ୍ତେ ଅଧିକାଂଶ ଜୁଆଙ୍ଗ ଜନଜାତି ଉକ୍ତ ଗୋଷ୍ଠୀକୁ ସ୍ୱଳ୍ପ ମୂଲ୍ୟରେ ସାମଗ୍ରୀ ବିକ୍ରି କରି ଦେଉଛନ୍ତି। ଭାରପ୍ରାପ୍ତ ଜିଲାପାଳଙ୍କ ଗସ୍ତ ପୂର୍ବରୁ ସମ୍ପୃକ୍ତ ଗୋଷ୍ଠୀ ନଗଡ଼ାର ହିତାଧିକାରୀଙ୍କଠାରୁ ସାମଗ୍ରୀ ନେଇଥିବା ରେଜିଷ୍ଟାରରେ ଦସ୍ତଖତ କରାଇ ନେଇଥିବା ବିଷୟରେ ପ୍ରକଳ୍ପ ନିର୍ଦ୍ଦେଶକ ଜାଣିବାକୁ ପାଇଥିଲେ। ସେହିପରି ଅଧିକାଂଶ ଜୁଆଙ୍ଗ ହିତାଧିକାରୀଙ୍କ କିରୋସିନକୁ ହଡପ କରାଯାଉଥିବା ଜଣାପଡିଥିଲା। ଖାଦ୍ୟ ସୁରକ୍ଷା ସାମଗ୍ରୀର ହେଉଥିବା ବାଟମାରଣାକୁ ରୋକିବା ପାଇଁ ନଗଡ଼ାରେ ହିଁ ସେମାନଙ୍କ ସାମଗ୍ରୀ ପ୍ରଦାନ କରିବାକୁ ପାଟିଲ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତିରାଜ ପ୍ରକଳ୍ପ ନିର୍ଦ୍ଦେଶକ ପାଟିଲଙ୍କ ଉପସ୍ଥିତିରେ ଅଙ୍ଗନୱାଡ଼ି କେନ୍ଦ୍ରରେ ସକାଳ ଜଳଖିଆ ଦିଆ ଯାଉ ନ ଥିବା ଅଭିଯୋଗ ପରେ ସୁକିନ୍ଦା ସିଡିପିଓ ସଂଯୁକ୍ତା କାନୁନ୍‌ଗୋ ଉକ୍ତ କେନ୍ଦ୍ରକୁ ଏକ ହାଇଜେନିକ୍ କିଟ୍, ସକାଳ ଜଳଖିଆ ସାମଗ୍ରୀ ପ୍ରଦାନ କରିଥିଲେ। ଗୁହିଆଶାଳରେ ୩ଜଣ ଓ ତଳ ନଗଡ଼ାରେ ଜଣେ ଦୁର୍ବଳ ଶିଶୁଙ୍କୁ ସ୍ପେସିଆଲ ନ୍ୟୁଟ୍ରିଶନ୍ ସାମଗ୍ରୀ ପ୍ରଦାନ କରାଯାଇଛି। ନଗଡ଼ା ଭଳି ତୁମୁଣି ଓ ଗୁହିଆଶାଳରେ ରହୁଥିବା ବାସିନ୍ଦାଙ୍କ ବିଷୟରେ ମଧ୍ୟ ସେମାନେ ଆଲୋଚନା କରି ଫେରିଥିଲେ। ପରେ ସୁକିନ୍ଦା ବ୍ଲକ ସଭାଗୃହରେ ଏକ ସମୀକ୍ଷା ବୈଠକ ହୋଇଥିଲା। ସେଠାରେ ନଗଡ଼ାର ବିକାଶ ପାଇଁ ନିଆଯାଇଥିବା ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ କରାଯିବା ଦିଗରେ ଆଲୋଚନା ହୋଇଥିଲ।

ପ୍ରକାଶ ଯେ, ୨୦୧୬ରେ ଅପପୁଷ୍ଟିରେ ଶିଶୁମୃତ୍ୟୁ ଘଟଣା ପରେ ନଗଡ଼ାର ଉନ୍ନତି ପାଇଁ ସରକାର ପାଣି ଭଳି ଅର୍ଥ ଖର୍ଚ୍ଚ କରିଛନ୍ତି। ହେଲେ ୩ ବର୍ଷ ପରେ ବି ଏଠାକାର ଅଧିବାସୀଙ୍କ ଜୀବନଶୈଳୀ କିମ୍ବା ପାରିପାର୍ଶ୍ୱିକ ଉନ୍ନୟନ ଦିଗହରା ହୋଇଥିବା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଲୋକାୟୁକ୍ତଙ୍କ ନୋଟିସ୍‌କୁ ନେଇ ଦୈନନ୍ଦିନ ନଗଡ଼ାରେ ସରକାରୀ ଅଧିକାରୀ ଗସ୍ତରେ ଆସି ସ୍ଥିତି ସମୀକ୍ଷା କରୁଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ହୋଇକରି ତପସ୍ୟା କରିବ**
**ଦୁଇଜଣ ମିଶି ପଢ଼ିବ ପାଠ**
**ତିନିଜଣ ମିଶି ସଙ୍ଗାତ ବସିବ**
**ଚାରିଜଣ ମିଶି ଚାଲିବ ବାଟ ।**

ଏକୁଟିଆ ନିରୋଳା ସ୍ଥାନରେ ତପସ୍ୟା କଲେ ତପସ୍ୟା ସଫଳ ହୋଇଥାଏ। ଦୁଇଜଣ ପରସ୍ପର ମଧ୍ୟରେ ଆଲୋଚନା କରି ପାଠ ପଢ଼ିଲେ ପାଠ ଅଧିକ ମନେ ରହିଥାଏ। ତିନିଜଣ ମିଶି ସଙ୍ଗାତ ବସିବା ଲାଭପ୍ରଦ ହେଉଥିବା ସ୍ଥଳେ ଚାରିଜଣ ମିଶି ବାଟ ଚାଲିଲେ ଚାଲିବାର ଶ୍ରମ ଜଣା ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକା ଲୋକ ବୋକା**
**ପିଲାଏ ମାରନ୍ତି ଟେକା ।**

ନିଃସଙ୍ଗ ଜୀବ ବଡ଼ କଷ୍ଟଦାୟକ। ଏକାହେଲେ ସବୁକାମ ନିଜେ କରିପାରିବନି, ଅନ୍ୟର ସାହାଯ୍ୟ ପାଇଲେ କାମଟି କରିବାକୁ ସାହସ ଆସେ, କାମଟି ସହଜରେ କରିହୁଏ। କାମଟି କେମିତି ହେବ ଜଣାଥିଲେ ମଧ୍ୟ ଏକୁଟିଆ ହୋଇ କରିବାକୁ ସାହସ ପାଇ ନ ଥାଏ। ଏକୁଟିଆ ଲୋକ ବେଶି ଦୁଃଖ ଦୁର୍ଦ୍ଦଶା ଭୋଗ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଜନସଚେତନତା ଦ୍ୱାରା ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ନିଶ୍ଚିତ କରାଯିବ:ମନ୍ତ୍ରୀ

ଭୁବନେଶ୍ୱର,୭।୧୧(ବ୍ୟୁରୋ)

ରାଜ୍ୟରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଦ୍ୱାରା ଅପପୁଷ୍ଟିକୁ ଦୂର କରାଯାଇପାରିବ। ଭାରତ ସରକାରଙ୍କ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ ଅଥରିଟି ଅଫ୍ ଇଣ୍ଡିଆର ଅଧ୍ୟକ୍ଷା ରୀତା ତିଓତିଆ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଏହା ପ୍ରକାଶ କରିଛନ୍ତି। ପ୍ରସଙ୍ଗରେ ମନ୍ତ୍ରୀ ଦାସ କହିଛନ୍ତି ଯେ, ସମାଜର ତଳସ୍ତରରେ ଥିବା ସାଧାରଣ ଲୋକଟିଏ ଯେମିତି ଭୋକିଲା ନ ରହେ ସେଥିପ୍ରତି ସରକାର ଅଙ୍ଗୀକାର ବଦ୍ଧ। ଏହାସହିତ ଖାଦ୍ୟ ପଦାର୍ଥର ଗୁଣାତ୍ମକମାନ ଓ ପୁଷ୍ଟିକର ତତ୍ତ୍ୱ ଯେମିତି ବଜାୟ ରହେ ଏଥିପ୍ରତି ଗୁରୁତ୍ୱ ଦେଉଛନ୍ତି। ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ ଅଥରିଟି ଅଫ୍ ଇଣ୍ଡିଆ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଏକ ଶାଖା ଅଟେ। ଖାଦ୍ୟ ସୁରକ୍ଷା ଦିଗରେ ସାଧାରଣ ଲୋକ କିପରି ଉପକୃତ ହୋଇପାରିବେ ସେଥିପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ଏହାଦ୍ୱାରା ଅପମିଶ୍ରଣକୁ ମଧ୍ୟ ରୋକାଯାଇ ପାରିବ। ଖାଦ୍ୟ ସୁରକ୍ଷା ବ୍ୟବସ୍ଥାର ଠିକ୍ ସଂଚାଳନ କରିବା ପାଇଁ ୩୦ ଜିଲାର ଜିଲାପାଳମାନଙ୍କୁ ଅଧିକ ଧ୍ୟାନ ଦେବାକୁ ପଡ଼ିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ଏହାସହ ବ୍ୟବସ୍ଥାର ତଦାରଖ କରିବା ପାଇଁ ଅଧିକ ସଂଖ୍ୟକ କର୍ମଚାରୀ ନଯୁକ୍ତି ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ରାଜ୍ୟରେ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଇ ପାରିବ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ପ୍ରାମୋଦ କୁମାର ମେହେର୍ଦ୍ଦା, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଟି ପାଇଁ କ୍ରଶର ମ୍ୟାନେଜରଙ୍କୁ ଗୁଳି

■ପୋଲିସ ଗୁଳିରେ ନକଲି ମାଓବାଦୀ ଆହତ

■ମାଉଜର, ଦେଶୀ ବନ୍ଧୁକ, ଗୁଳି ଜବତ

କୋରାପୁଟ,୭।୧୧(ସ୍ୱ.ପ୍ର.)

କୋରାପୁଟ ଜିଲା ମାଛକୁଣ୍ଡ ଥାନା ସିଲପଣ୍ଡି ଗ୍ରାମସ୍ଥିତ ଏସ୍ଇପିଏଲ କ୍ରଶର ୟୁନିଟରେ ଟଙ୍କା ଆଦାୟ କରିବାକୁ ଯାଇ ବୁଧବାର ରାତିରେ ସେଠାକାର ମ୍ୟାନେଜରଙ୍କୁ ଗୁଳି କରିଛନ୍ତି ନକଲି ମାଓବାଦୀ। ଏଥିରେ କ୍ରଶର ମ୍ୟାନେଜର ଗୁରୁତର ହୋଇଛନ୍ତି। ପୋଲିସର ପାଲଟା ଗୁଳିରେ ଜଣେ ନକଲି ମାଓବାଦୀ ମଧ୍ୟ ଆହତ ହୋଇଛନ୍ତି। ସେମାନଙ୍କଠାରୁ ମାଉଜର, ଦେଶୀ ବନ୍ଧୁକ, ଗୁଳି, ୨ଟି ମୋବାଇଲ ଜବତ ହୋଇଛି। ଗୁରୁବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ କୋରାପୁଟ ଏସ୍ପି ମୁକେଶ କୁମାର ଭାମୁ ଏହି ସୂଚନା ଦେଇଛନ୍ତି।

ପୋଲିସ ତଥ୍ୟ ଅନୁଯାୟୀ, ଦୁଇଦିନ ତଳେ ସିଲପଣ୍ଡି କ୍ରଶର ୟୁନିଟ୍ ମ୍ୟାନେଜର ଭି. ପ୍ରସାଦ ରାଓଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ କେତେକ ନକଲି ମାଓବାଦୀ। ବୁଧବାର ରାତିରେ ଏହି ଅର୍ଥରାଶି ଦେବା ପାଇଁ ସେମାନେ ତାଙ୍କୁ ତାଗିଦ୍ ମଧ୍ୟ କରିଥିଲେ। କିନ୍ତୁ ମ୍ୟାନେଜର ଟଙ୍କା ଦେବା ପୂର୍ବରୁ ମାଛକୁଣ୍ଡ ପୋଲିସକୁ ସବୁକଥା ଜଣାଇଥିଲେ। ବୁଧବାର ବିଳମ୍ବିତ ରାତିରେ ନକଲି ମାଓବାଦୀଙ୍କ ୭ ଜଣିଆ ଦଳ ମାଉଜର, ଦେଶୀ ବନ୍ଧୁକ ଧରି କ୍ରଶରରେ ପହଞ୍ଚି ଟଙ୍କା ମାଗିଥିଲେ। କିନ୍ତୁ ମ୍ୟାନେଜର ମାତ୍ର ୫୦ ହଜାର ରଖିଛି ବୋଲି କହିଥିଲେ। ନକଲି ମାଓବାଦୀମାନେ ସେହି ଟଙ୍କା ଛଡ଼ାଇନେଇ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହି ସମୟରେ ପୋଲିସ ସେଠାରେ ପହଞ୍ଚିଯିବାରୁ ସେମାନେ ପୋଲିସ ଉପରକୁ ମଧ୍ୟ ଗୁଳିମାଡ଼ କରିଥିଲେ। ପୋଲିସ ପାଲଟା ଜବାବ ଦେବାରୁ ଜଣେ ନକଲି ମାଓବାଦୀଙ୍କ ଗୋଡ଼ରେ ଗୁଳି ବାଜିଥିଲା। ସେ ପୋଲିସ ହାତରେ ଧରାପଡ଼ିଥିଲେ। ଗୁରୁତର ପ୍ରସାଦଙ୍କୁ ପ୍ରଥମେ ଲମତାପୁଟ ଓ ପରେ କୋରାପୁଟ ମେଡିକାଲ ନିଆଯାଇଥିଲା। କିନ୍ତୁ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଗୁରୁବାର ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଆହତ ନକଲି ମାଓବାଦୀ ଲକ୍ଷ୍ମଣ ଶିଶା କୋରାପୁଟ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ସିଲପଣ୍ଡି ଗାଁରେ ହିଁ ତାଙ୍କର ଘର। ଘଟଣାରେ ଜଡ଼ିତ ମେରିପେଟା ଗ୍ରାମର ଦୀପକ, ମହେନ୍ଦ୍ର ଶିଶା, କୈଳାସ ଶିଶା, ସନ୍ତୋଷ ଶିଶା ଓ ଅନ୍ୟ ୨ ଜଣ ଫେରାର ହୋଇଯାଇଛନ୍ତି। ଏନେଇ ମାଛକୁଣ୍ଡ ଥାନାରେ ଧାରା ୩୫୩, ୩୦୭, ୩୪ ଆଇପିସି, ୨୫ (୧ ବି), ୨୭ ଆର୍ମସ ଆକ୍ଟ ଅନୁଯାୟୀ କେସ୍ ନଂ ୬୭/୨୦୧୯ରେ ମାମଲା ରୁଜୁକରି ଲକ୍ଷ୍ମଣଙ୍କୁ ଗିରଫ କରାଯାଇଛି।

# କୁଏଟ୍‌ରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ପାତ୍ରପୁର,୭।୧୧(ଡି.ଏନ.ଏ.): ସୁଦୂର କୁଏଟ୍‌ରୁ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜୟନ୍ତୀପୁର ପଞ୍ଚାୟତ ବୋରିବାଡ଼ ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ଗୁରୁବାର ସନ୍ଧ୍ୟାରେ ଫେରିଛି। ମୃତକ ହେଲେ ଜି. ଶେଖର (୪୮)। ତାଙ୍କର କିଭଳି ମୃତ୍ୟୁ ଘଟିଲା ସେ ନେଇ ପରିବାର ଲୋକେ ସନ୍ଦେହରେ ରହିଛନ୍ତି। ଶେଖର ୧୦ ମାସ ହେଲା କୁଏଟ୍‌ର ତୁରିମାଲା କମ୍ପାନୀକୁ ଯାଇ ଖଲାସି କାମ କରୁଥିଲେ। ଗତ ଶୁକ୍ରବାର ରାତିରେ ସେ ତାଙ୍କ ସ୍ତ୍ରୀ ଜି. ଦେବୀଙ୍କ ସହ ମୋବାଇଲ ଫୋନରେ ଭଲରେ କଥା ହୋଇଥିଲେ। ଶନିବାର ସନ୍ଧ୍ୟାରେ ଶେଖର ଆତ୍ମହତ୍ୟା କରିଥିବା ନେଇ ଘରକୁ ଫୋନ ଆସିଥିଲା। ଶେଖର ଆତ୍ମହତ୍ୟା କରିଛନ୍ତି ବୋଲି ସେଠାକାର ପ୍ରଶାସନ ଦର୍ଶାଇଛି। ତେବେ ଜି. ଶେଖରଙ୍କ ହତ୍ୟାକରି ଆତ୍ମହତ୍ୟାର ରୂପ ଦିଆଯାଇ ଥାଇପାରେ ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ହୋଟେଲରେ ୫୬...

ପ୍ରଥମ ପୃଷ୍ଠାରୁ...

ବସ୍‌ଷ୍ଟାଣ୍ଡ ନିକଟସ୍ଥ ହୋଟେଲ ରଙ୍ଗ ଶାରଦାକୁ ନିଆଯାଇଛି। ସମୁଦ୍ରକୂଳରେ ଶାନ୍ତ ପରିବେଶରେ ଥିବା ଏହି ମଧ୍ୟମ ଧରଣର ହୋଟେଲରେ ସେମାନଙ୍କୁ ଦୁଇରୁ ତିନିଦିନ ରଖାଯାଇପାରେ। ଏଠାରେ ରାତି ବିତାଇବା ପାଇଁ ରୁମ୍ ପିଛା ୩,୫୦୦ ଟଙ୍କା। ଅତି ବିଳାସପୂର୍ଣ୍ଣ ନ ହୋଇ ମଧ୍ୟମ ଧରଣର ସେବା ଉପଲବ୍ଧ ଏହି ହୋଟେଲରୁ ଅଭିନେତା ସଲମାନ୍ ଖାନ୍, ଶାହରୁଖ୍ ଖାନ୍, ରେଖା ଓ ଅନ୍ୟ କେତେଜଣ ସେଲିବ୍ରିଟିଙ୍କ ଘର ବେଶି ଦୂର ନୁହେଁ। ସାମ୍ପ୍ରତିକ ରାଜନୈତିକ ସଙ୍କଟ ଦୃଷ୍ଟିରୁ ଶିବସେନା ଏହି ହୋଟେଲକୁ ବାଛିଥିବା କୁହାଯାଉଛି। କାରଣ ବାନ୍ଦ୍ରା ଇଷ୍ଟରେ ଥିବା ଠାକ୍‌ରେ ବାସଭବନରୁ ମଧ୍ୟ ଏହାର ଦୂରତା ୨ କି.ମି. ଭିତରେ ହେବ। ଶିବସେନା ଭବନରୁ ୪ କି.ମି., ରାଜଭବନରୁ ୧୬ କି.ମି. ଓ ବିଧାନସଭାରୁ ୧୯ କି.ମି. ଦୂରରେ ରହିଛି ଏହି ହୋଟେଲ।

ବିଧାୟକମାନଙ୍କୁ ଅପରାହ୍ନରେ ମିନି ବସ୍‌ରେ ହୋଟେଲକୁ ନିଆଯିବା ପୂର୍ବରୁ ଶିବସେନାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ଦଳୀୟ ବିଧାୟକଙ୍କୁ ମନ୍ତ୍ରଣା ଦେବା ସମୟରୁ ସେମାନଙ୍କ ମୋବାଇଲ ଫୋନ୍ ସୁଇଚ୍ ଅଫ୍ ରହିଛି। ଏନେଇ ଦଳର ବରିଷ୍ଠ ନେତା ସଞ୍ଜୟ ରାଉତ୍ କହିଛନ୍ତି, ରାଜ୍ୟର ଦୂରଦୂରାନ୍ତରୁ ବିଧାୟକମାନେ ମୁମ୍ବାଇ ଆସିଛନ୍ତି। ସାଉଥ୍ ମୁମ୍ବାଇରେ ରହିବା ପାଇଁ ସେମାନେ ହୋଟେଲ ପାଇନାହାନ୍ତି। ସେମାନଙ୍କ ଯତ୍ନ ନେବା ଆମର ଉତ୍ତରଦାୟିତ୍ୱ। ତେଣୁ ବିଧାୟକମାନଙ୍କ ଖାଇବା, ରହିବା, ସୁରକ୍ଷା ଏବଂ ଆବଶ୍ୟକ ସ୍ଥଳେ ଉପସ୍ଥିତି ଉପଲବ୍ଧ କରାଇବା ଲାଗି ଆମେ ସୁନିଶ୍ଚିତ କରୁଛୁ। ଆମର କୌଣସି ବିଧାୟକଙ୍କ ଉପରେ ଶିକାର ଭୟ ନାହିଁ ବୋଲି ରାଉତ୍ କହିଛନ୍ତି। ହୋଟେଲରେ ସନ୍ଧ୍ୟା ସୁଦ୍ଧା ବିଶେଷ ସୁରକ୍ଷା ବନ୍ଦୋବସ୍ତ କରାଯାଇ ନ ଥିଲେ ହେଁ ବିଧାୟକଙ୍କ ଗତିବିଧି ଉପରେ ଶିବ ସୈନିକ ଓ କଂଗ୍ରେସ-ଏନ୍‌ସିପି କର୍ମୀଙ୍କ କଡ଼ା ନଜର ରହିଥିବା କୁହାଯାଉଛି। ଭାଜପାକୁ ଯେପରି ଜଣେ ହେଲେ ଶିବସେନା ବିଧାୟକ ଖସି ନ ଯିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଇତିମଧ୍ୟରେ ଶିବସେନା, କଂଗ୍ରେସ ଏବଂ ଏନ୍‌ସିପି ମଧ୍ୟରେ ସମ୍ଭାବ୍ୟ ଦଳବଦଳକାରୀଙ୍କ ବିରୋଧରେ ଅନୌପଚାରିକ ଭାବେ ଏକ ସହମତି ପ୍ରକାଶ ପାଇଛି। ଯଦି କୌଣସି ଦଳର କେହି ବିଧାୟକ ଭାଜପାରେ ମିଶନ୍ତି ତେବେ ପରବର୍ତ୍ତୀ ନିର୍ବାଚନରେ ତିନି ଦଳର ମିଳିତ ପ୍ରାର୍ଥୀ ଲଢ଼େଇ କରିବେ ଓ ତାଙ୍କୁ ମିଳିମିଶି ହରାଇବା ପାଇଁ ନିଷ୍ପତ୍ତି ହୋଇଛି।


## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

EDUCATION
LAST DATE OF ADMISSION ON 10/11/2019
B.Ed
Acharya Nagarjuna University Equivalent to Govt. of Odisha
FREE Practical, Study Material, Formfillup fees & Weekend Class
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
7978204082, 9438286091

BUSINESS
BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍ ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ ।
7838639856
8826558929

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1988ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

FINANCE
FINANCE

FINANCE
All India ଋଣ ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୦% ସୁଧ ୫୦% ଛାଡ ଘରେବସି ପାଆନ୍ତୁ
Call / SMS Now
Janavi - 7566-888-563
Sagar - 7773-817-838
Manasi- 8827-505-029
Manisa- 7772-970-949
Sradha - 7583-808-884
Visakha- 8269-150-310
Vasundhara Mall, West Boring Canal Rd, Rajapur, Patna, Bihar 800001

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି । ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

LOAN DHAMAKA
1) Mudra Loan
2) Term Loan
3) Cash Credit
4) Vehicle Loan
5) Housing Loan
6) Agriculture Loan
7) Used Car Loan
8) Mortgaged Loan
PD ASSOCIATE
91, Kharvela Nagar, BBSR
8895436156

ASTROLOGY
ASTROLOGY

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ
DIGITAL
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଶୁଭଜନଲକ୍ଷ୍ମୀ ଫାଇନାନ୍ସ
ଗୃହ ଋଣ, ମାର୍କଶିଟ୍ ଋଣ, କୃଷି ଋଣ, ପର୍ସନାଲ ଋଣ, ଗ୍ରୁପ୍ ଋଣ, ମାତ୍ର 5 ବାର୍ଷିକ ସୁଧ ହାରରେ ।
ଯୋଗାଯୋଗ କରନ୍ତୁ
9899289162
9858323204
Dehradun, UK

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୋଖରୀରେ ବୁଡ଼ି ଏସ୍‌ପିଓ ମୃତ

ଦଶମନ୍ତପୁର,୭।୧୧(ଡି.ଏନ୍.ଏ.)

ଅସୁସ୍ଥ ଥିବା ଭଉଣୀଙ୍କୁ ଭେଟିବା ପାଇଁ ତାଙ୍କ ଗାଁକୁ ଯାଇଥିବା ବେଳେ ପୋଖରୀରେ ବୁଡ଼ି ଜଣେ ଏସ୍‌ପିଓଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ବୁର୍ଜା ପଞ୍ଚାୟତ ବନ୍ଦିଗାର ଗ୍ରାମର ଗିରିଜା ମିଣିଆକା (୩୦)।

ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ ବିରିଗୁଡ଼ା ଆଦିବାସୀ ସାହିରେ ରୁହନ୍ତି ଗିରିଜାଙ୍କ ଭଉଣୀ ବୁଦ୍ରି ମାଣ୍ଡିଙ୍ଗା। ବୁଦ୍ରିଙ୍କ ଦେହ ଅସୁସ୍ଥ ଥିବାରୁ ବୁଧବାର ତାଙ୍କୁ ଦେଖିବା ପାଇଁ ଆସିଥିଲେ ଗିରିଜା। ଗୁରୁବାର ପୂର୍ବାହ୍ଣ ୧୧ଟା ୩୦ରେ ୨ ଭଣଜାଙ୍କ ସହ ଗାଁ ପୋଖରୀକୁ ଯାଇଥିଲେ। ପୋଖରୀ କୂଳରେ ସେମାନଙ୍କୁ ବସାଇ ଗିରିଜା ଗାଧୋଉଥିଲେ। ତେବେ ବହୁ ସମୟ ଧରି କୂଳକୁ ନ ଆସିବାରୁ ଭଣଜାମାନେ ଚିତ୍କାର କରିବା ପରେ ସେଠାକୁ ଗାଧୋଇବାକୁ ଆସିଥିବା ଗାଁର ହରି ମାଣ୍ଡିଙ୍ଗା ଓ ଲଇଚନ୍ ମାଣ୍ଡିଙ୍ଗା ପୋଖରୀକୁ ଡେଇଁଥିଲେ। କିନ୍ତୁ ଗିରିଜାଙ୍କୁ ଉଦ୍ଧାର କରାଯିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏନେଇ ପରିବାର ଲୋକେ ଦଶମନ୍ତପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ କରାଇବା ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗିରିଜା ଏକମାତ୍ର ରୋଜଗାରିଆ ସଦସ୍ୟ ହୋଇଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି।


## REGIONAL PLANT RESOURCE CENTRE

Ekamra Kanan, Nayapalli, Bhubaneswar-751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel No.:0674-2557925, 2552002, Email : rprcbbsr@gmail.com, Website:www.rprcbbsr.in

T-30/2015 No.2817/RPRC — Date : 7.11.19

### SHORT TENDER CALL NOTICE

Sealed Tenders are invited from interested firms/individuals having PAN/GST no for supply of good quality earthen pots. The quoted rate should be inclusive of cost of transportation to RPRC premises. The sealed Tenders superscribed "**Tenders for Supply of Earthen pots**" should reach the undersigned by **5 PM on 23.11.2019**. The Tenders should be accompanied with an EMD of Rs.2500/- in shape of B.D drawn in favour of the Chief Executive RPRC, Bhubaneswar. Further details can be obtained from RPRC website (www.rprcbbsr.in) and Notice Board.

Sd/-
Administrative Officer



idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR - 751022, ODISHA

RFP Call Notice No. IDCO/ H.O./ P&C/ EST/ E – 729/ 03/ 2018/ P-III/ 18978 Date : 04.11.2019

No. CAD-546

### NOTICE INVITING REQUEST FOR PROPOSAL UNDER NATIONAL COMPETITIVE BDDING THROUGH e-procurement

1. Name of the Work :- Fixation of rate for pre-cast R.C.C. Drain & Cover.
2. Other details :-

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar-751022 | RFP Reference No.- PC/EST/E- 39/ 2019-20 | 16:00 Hours of dt.15.11.2019 | 17:00 Hours of dt.27.11.2019. |

Further details can be seen from the e-Procurement Portal. www.tendersodisha.gov.in. Corrigendum or addendum if any will not be published in news papers and can only be seen in the e-procurement portal www.tenderodisha.gov.in as well as IDCO website www.idco.in.

Sd/-
Chief General Manager (P&C), I/C
IDCO, Bhubaneswar

14003/11/0006/1920



GOVERNMENT OF ODISHA
OFFICE OF THE EXECUTIVE ENGINEER, PARALAKHEMUNDI(R&B) DIVISION, PARALAKHEMUNDI.
E-mail I.D: eerbparala@yahoo.com

### TENDER CALL NOTICE

No.B-281

**Bid Identification No. E.E., PKD. R&B DIVN. - 07 /2019-20**

1. The Executive Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in single cover system to be received in on ONLINE MODE only for the construction of works as mentioned below:
2. Nature of the work : BUILDING works
3. No. of works : (2) Two numbers only
4. Tender Paper Cost (online) : 6,000/-
5. Class of Contractor. : "C" & "B"
6. Availability of Bid documents : From Dt: 16.11.2019 (10.00 AM) to 23.11.2019 (05.00 PM).
7. Date of Opening of Bid : 25.11.2019 at 12.00 Noon
8. The Bidders have to participate in ONLINE bidding only. Further details can be seen from the website http://tendersorissa.gov.in. Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Sd./- Executive Engineer
Paralakhemundi(R&B) Division

34065/11/0003/1920



## ତହସିଲ କାର୍ଯ୍ୟାଳୟ, ଦାରିଙ୍ଗବାଡ଼ି

ଜ୍ଞାପକ ସଂ. ୨୮୨୪ / ତା୭।୧୧।୨୦୧୯

### ସଂଶୋଧନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଜ୍ଞାପନ ସଂଖ୍ୟା ୨୭୮୯/ ତା୪।୧୧।୨୦୧୯ରିଖରେ ପ୍ରକାଶିତ ହୋଇଥିବା ଲଘୁ ଖଣିଜ ଖାଦାନ ପାଇଁ ହୋଇଥିବା ଲିଜ୍ ଇସ୍ତାହାରଟିରେ ଥିବା ତ୍ରୁଟି ଗୁଡ଼ିକୁ ନିମ୍ନମତେ ପାଠ କରିବାକୁ ଅନୁରୋଧ।

| | ତ୍ରୁଟି | ସଂଶୋଧିତ |
|---|---|---|
| ସର୍ତ୍ତାବଳୀ କ୍ର.ନଂ. ୧ | ଆବେଦନକାରୀ OMMC Rules, 2004 ଓ OMMC (Amendment) Rules, 2014 ଏବଂ OMMC (Amendment) Rules, 2016ର ପରିସରଭୁକ୍ତ ରହିବେ। | ଆବେଦନକାରୀ "The Odisha Minor Mineral Concession Rules, 2016"ର ପରିସରଭୁକ୍ତ ରହିବେ। |
| ସର୍ବନିମ୍ନ ରୟାଲଟି | ଟ.୧୦୧/– | ଟ.୧୩୦/– ପ୍ରତି କ୍ୟୁବିକ ମିଟର |

ସ୍ୱା./– ତହସିଲଦାର, ଦାରିଙ୍ଗବାଡ଼ି



ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING
PANTHANIVAS (OLD BLOCK): LEWIS ROAD: BHUBANESWAR-14
INVITATIONS FOR BIDS (IFB)

Letter No.- 6665 — Date:06.11.2019

**NOTICE INVITATION FOR BIDS (NIFB)**
**E-Procurement Notice No. BP –I/16/2019-20 dt. 06.11.2019**

No. CAD-549

1. Nature of Work : Musical fountain, Organic waste converters, Signages, Lift, façade, Civil Construction work, Repair work etc.
2. Total No.of Works : 8 Nos.
3. Value of Works : Rs. 8.83 lakhs to 200.00 lakhs
4. Bid Security : As per NIT
5. Class of Contractor: As Per NIT
6. Period of Completion: 3 (Three) months to 11 (Eleven) months
7. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of opening of Tender |
|---|---|---|---|---|
| Superintending Engineer, OTDC Ltd. | BP-I/16/2019-20 dt. 06.11.2019 | From 14.11.2019 | To 23.11.2019 | 11.30 Hours of dt.25.11.2019 in the office of the Superintending Engineer, OTDC Ltd, Bhubaneswar |

*Further details can be seen from the Govt. Website* ***www.etenderodisha.gov.in***

*Sd/- Superintending Engineer*
*O.T.D.C. L.td., BBSR*

37002/11/0015/1920



OFFICE OF THE
## NOTIFIED AREA COUNCIL, KHARIAR

Tender Reference No. KHR-NAC-01/2019-20
Bid Reference No.- ORULB 01 KHR

**Tender Call Notice No. 3776/KHR_NAC/2019-20 Dt.06.11.2019**

Bid documents consisting of specification, the scheduled of quantities and the set of terms and conditions of contract and other necessary documents can be seen in the Office Notice Board.

| | | | |
|---|---|---|---|
| 1. | Nature of Work | : | Civil Construction Works as mentioned in website |
| 2. | Estimated Cost | : | Rs.14.05 Lakhs & 56.21 Lakhs |
| 3. | Period of Completion | : | As per DTCN |
| 4. | Date and time of availability of the documents in the portal | : | 10.00 A.M. of Dt.07.11.2019 to 05.00 P.M. 16.11.2019 |
| 5. | Last date/time for receipt of Bids document in the Office | : | Dtd. 19.11.2019 upto 4.00 P.M. |
| 6. | Date of Opening | : | Dtd.20.11.2019 at 11.00 A.M. |
| 7. | Name and address of the Officer Inviting Bid | : | Executive Officer, Khariar NAC, Dist.- Nuapada |

Further, the details can be seen from the "e" procurement portal: **www.tendersorissa.gov.in**.

Sd./- Executive Officer
Notified Area Council, Khariar



## ଓଡ଼ିଶା ଉଠାଜଳସେଚନ ନିଗମ କାର୍ଯ୍ୟାଳୟ

(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଏନ୍.–୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର
**Website: www.odishalift.co.in**

### ଅଗଭୀର ନଳକୂପ ସେଚ କାର୍ଯ୍ୟକ୍ରମ: ୨୦୧୯–୨୦

No.: CAD-547: ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ, ଉଠାଜଳସେଚନ ନିଗମ ଜରିଆରେ ଜଳନିଧି–୨ ଯୋଜନା ମାଧ୍ୟମରେ ରାଜ୍ୟର ୧୩ ଗୋଟି ଜିଲ୍ଲା **(ରାୟଗଡ଼ା, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଓ କେଉଁଝର)**ମାନଙ୍କରେ ଅଗଭୀର ନଳକୂପ ସେଚ ପ୍ରକଳ୍ପ (Cluster-Shallow Tubewell Project) ପାଇଁ ଚାଷୀମାନଙ୍କଠାରୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ Onlineରେ ପଞ୍ଜୀକରଣ ଓ ହିତାଧିକାରୀ ଅଂଶଧନ ପଇଠ କରିବା ପାଇଁ ତା୩୧।୧୦।୨୦୧୯ରିଖ ଶେଷଦିନ ରୂପେ ଧାର୍ଯ୍ୟ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା Online ତଥ୍ୟ ଭିତ୍ତିରେ ଏହା ଜଣାପଡୁଛି ଯେ ଯାଜପୁର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର ଚାଷୀମାନେ ସେମାନଙ୍କର ହିତାଧିକାରୀ ଅଂଶଧନ Union Bank of Indiaରେ ଜମା କରିସାରିଛନ୍ତି ଓ ଅନ୍ୟ ଜିଲ୍ଲାମାନଙ୍କରେ ଏହି ସଂଖ୍ୟା କମ୍ ରହିଅଛି।

ଏହି ପରିପ୍ରେକ୍ଷୀରେ ଅଗଭୀର ନଳକୂପ ସେଚ ପ୍ରକଳ୍ପ ପାଇଁ ଚାଷୀମାନଙ୍କ Online ଦରଖାସ୍ତ ପଞ୍ଜୀକରଣ ଓ Union Bank of Indiaର ନିର୍ଦ୍ଧାରିତ ଶାଖା କାର୍ଯ୍ୟାଳୟରେ ହିତାଧିକାରୀ ଅଂଶଧନ ପଇଠ କରିବା ପାଇଁ ତା୩୧।୧୨।୨୦୧୯ରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଗଲା।

ଏ ସମ୍ପର୍କିତ ଅନ୍ୟାନ୍ୟ ତଥ୍ୟ ଓ ନିୟମାବଳୀ ବିଷୟରେ ନିକଟସ୍ଥ ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଚାଷୀ ଭାଇମାନଙ୍କୁ ଅନୁରୋଧ କରାଯାଉଅଛି।

32135/11/0007/1920 — ପରିଚାଳନା ନିର୍ଦ୍ଦେଶିକା



## କୃଷକମାନଙ୍କ ପାଇଁ ବିଶେଷ ସୂଚନା

L-75:- ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆସନ୍ତା ୮ ରୁ ୧୦ ତାରିଖ ମଧ୍ୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳ ଓ ଉତ୍ତର ଓଡ଼ିଶାରେ ଲଘୁଚାପ ଜନିତ ବର୍ଷା ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ପ୍ରବଳ ହେବାର ସମ୍ଭାବନା ରହିଛି। ଏହି ଅଞ୍ଚଳର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ବର୍ଷା ହେବା ପୂର୍ବରୁ ଧାନ ଫସଲ ଶତକଡ଼ା ୮୫ ଭାଗ ପାକଳ ହୋଇଯାଇଥିଲେ ତୁରନ୍ତ ଅମଳ କରି ସୁରକ୍ଷିତ ସ୍ଥାନକୁ ନେଇଯାଆନ୍ତୁ।

01034/11/0028/1920

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା



No. CAD-550

### NOTICE INVITING BID/TENDER

**Odisha State Medical Corporation Limited (OSMCL)**
**Convent Square, Unit – III,**
**Bhubaneswar -751 007**

Tel.: (0674) 2380950, Website: www.osmcl.nic.in, E-mail: logistics.osmcl.od@nic.in

**Bid Reference No. : OSMCL/2019-20/D & S/LOGISTICS/01** — **Date: 07.11.19**

Bids are invited from eligible transporters to transport **Long Lasting Insecticide-Treated Nets (LLINs)** from Central Medical Services Society, Dhabalgiri, Jajpur Road, Jajpur to the Community Health Centers (CHCs)/ Blocks of different Districts of Odisha as per the details in **Annexure I** and as per the particulars mentioned below:

| Sl. No. | Particulars | Date and Time | |
|---|---|---|---|
| 1. | Date of release of bid | 08.11.19 | |
| 2. | Date & time of Pre-bid meeting | 14.11.19, 11.30 AM | Venue: Tender Hall, OSMCL |
| 3. | Date of Publication of Pre-bid corrigendum | 18.11.19 | OSMCL Website |
| 4. | Last date & time for submission of bid | 27.11.19, 11.00 AM | OSMCL Office |
| 5. | Date & time of Technical bid opening | 27.11.19, 11.30 AM | Venue: Tender Hall, OSMCL |
| 6. | Date of opening of Price Bid | To be informed to the technically qualified bidders | |

The bid document with all information relating to the bidding process including cost of bid document, EMD, Eligibility criteria and terms & conditions are available in the website: **www.osmcl.nic.in**. The Authority reserves the right to accept/ reject any part thereof or all the bids without assigning any reason thereof.

-Sd- **Managing Director**
**OSMCL**

10112/11/0013/1920



### ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ
## ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର – ୧

**ବିଜ୍ଞାପନ**

ପ୍ରାପ୍ତେଷୁ – **ଶ୍ରୀ ଗନ୍ଧର୍ବ ଚରଣ ମାଝୀ,** ସାହାଯ୍ୟକାରୀ
ଗ୍ରାମ – ଘାଟିକିଆ
ପୋ – ଚନ୍ଦକା
ଜିଲ୍ଲା – ଖୋର୍ଦ୍ଧା

No.: n-44: ଏତଦ୍ୱାରା ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର ଶ୍ରୀ ଗନ୍ଧର୍ବ ଚରଣ ମାଝୀ, ସାହାଯ୍ୟକାରୀ, ଗ୍ରାମ–ଘାଟିକିଆ, ପୋ– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା ଏହି ବିଜ୍ଞାପନ ଜରିଆରେ ଜଣାଇ ଦିଆଯାଉଅଛି କି, ଆପଣ ଦରଖାସ୍ତ ନ ଦେଇ ବିନା ଅନୁମତିରେ ତା୧୧।୦୫।୧୯୯୯ରିଖଠାରୁ ଆଜି ପର୍ଯ୍ୟନ୍ତ ନିଜ କାର୍ଯ୍ୟ କ୍ଷେତ୍ରରେ ଅନୁପସ୍ଥିତ ରହିଛନ୍ତି। ଆପଣଙ୍କ ଘର ଠିକଣାରେ ବାରମ୍ବାର ପତ୍ର ପଠାଯାଇଥିଲେ ମଧ ତାହା ଫେରିଆସୁଅଛି। ତେଣୁ ଆପଣଙ୍କୁ ଏହି ବିଜ୍ଞାପନ ପ୍ରକାଶ ପାଇବାର ୭ଦିନ ମଧ୍ୟରେ କାର୍ଯ୍ୟାଳୟରେ ହାଜର ହୋଇ ପତ୍ର ଗ୍ରହଣ କରନ୍ତୁ। ଯଦି ଏହି ସମୟ ମଧ୍ୟରେ କାର୍ଯ୍ୟାଳୟରେ ହାଜର ନ ହୁଅନ୍ତି ତେବେ ନିୟମ ଅନୁଯାୟୀ ଆପଣଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରିବାକୁ କର୍ତ୍ତୃପକ୍ଷ ବାଧ୍ୟ ହେବେ।

ସ୍ୱା./– ନିର୍ଦ୍ଦେଶକ
ସରକାରୀ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ
ଭୁବନେଶ୍ୱର – ୧

02005/11/0007/1920



## ଓଡ଼ିଶା ସରକାର
## ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ

### ଘୋଷଣା

No.RDM–LAA–JAJ–0019–2018/ 18757 — R&DM, Dated: 3 JUL. 2019

No.XXIV–46 :– ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା–ମହମ୍ମଦ ହୋସେନପୁର, ଥାନା–କୋରେଇ, ନଂ.–୬୨, ତହସିଲ–ବ୍ୟାସନଗର, ଜିଲ୍ଲା–ଯାଜପୁରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୨୯୩୨୫ ତା.୦୮।୦୮।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା–ମହମ୍ମଦ ହୋସେନପୁର, ଥାନା–କୋରେଇ, ଜିଲ୍ଲା–ଯାଜପୁରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.dkl.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**

**ଜିଲ୍ଲା-ଯାଜପୁର** — **(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)** — **ତହସିଲ-ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର କରବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମହମ୍ମଦ ହୋସେନପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୧.୮୫ | ଏଥି ସହିତ ସଂଲଗ୍ନ |

**• ଉକ୍ତ ଅଧିସୂଚୀତ ଜମିର ରକବା ମଧ୍ୟରୁ ଏକର ୨.୫୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।**

**ତଫସିଲ-ଖ**

**ଜିଲ୍ଲା-ଯାଜପୁର** — **(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)** — **ତହସିଲ-ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର କରବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ-୧୫।୧୦।୧୮** — **ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅଭୟ କୁମାର ନାୟକ**
**ଅତିରିକ୍ତ ଶାସନ ସଚିବ**

### ଜମି ଅନୁସୂଚୀ

**ଗ୍ରାମର ନାମ: ମହମ୍ମଦ ହୋସେନପୁର**
**ଥାନାର ନାମ: କୋରେଇ ନଂ.୬୨** — **ତହସିଲ-ବ୍ୟାସନଗର**
**ଜିଲ୍ଲା-ଯାଜପୁର**
**ଜମି ଅଧିଗହଣ କେସ୍ ନଂ.: /**

| କ୍ର. ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟ୍‌ର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୪ | ୬ | ୦.୪୮ | ୦.୨୦ | ସୁଶାନ୍ତ ଶେଖର ଜେନା, ପିତା–ବିରଞ୍ଚି ନାରାୟଣ ଜେନା, ଜା–ଖଣ୍ଡାୟତ, ବା:ତାହାରପୁର | |
| ୨ | ୧୪ | ୧ | ୦.୨୪ | ୦.୦୪ | ଆରତ ଜେନା ଓଗେର, ପିତା–ଦୈତାରୀ ଜେନା, ଜା–ସଅର, ବା–ଆଖନପୁର | |
| ୩ | | ୩ | ୦.୧୩ | ୦.୧୩ | ଆରତ ଜେନା ଓଗେର, ପିତା–ଦୈତାରୀ ଜେନା, ଜା–ସଅର, ବା–ଆଖନପୁର | |
| ୪ | ୨୧ | ୮୯୫ | ୦.୩୯ | ୦.୩୦ | କହ୍ନେଇ ମଳିକ, ପିତା–ଅନାମ ମଳିକ, ଜା–ପାଣ, ବା–ରହେମନପୁର | |
| ୫ | | ୮୯୯ | ୦.୩୦ | ୦.୦୨ | କହ୍ନେଇ ମଳିକ, ପିତା–ଅନାମ ମଳିକ, ଜା–ପାଣ, ବା–ରହେମନପୁର | |
| ୬ | ୩୭ | ୮୯୩ | ୦.୯୧ | ୦.୪୮ | କୂଳମଣି ମଳିକ ଓଗେର ପିତା–ପର୍ଶୁରାମ ମଳିକ, ଜା–ପାଣ, ବା–ରହେମନପୁର | |
| ୭ | ୩୭ | ୯୦୩ | ୦.୩୨ | ୦.୧୩ | କୂଳମଣି ମଳିକ ଓଗେର ପିତା–ପର୍ଶୁରାମ ମଳିକ, ଜା–ପାଣ, ବା–ରହେମନପୁର | |
| ୮ | ୩୮ | ୯୦୨ | ୧.୨୩ | ୧.୧୮ | କୂଳମଣି ମଳିକ ଓଗେର ପିତା–ପର୍ଶୁରାମ ମଳିକ, ଜା–ପାଣ, ବା–ରହେମନପୁର | |
| ୯ | | ୯୦୪ | ୦.୮୧ | ୦.୩୮ | କୂଳମଣି ମଳିକ ଓଗେର ପିତା–ପର୍ଶୁରାମ ମଳିକ, ଜା–ପାଣ, ବା–ରହେମନପୁର | |
| ୧୦ | ୪୫ | ୮୯୪ | ୧.୧୧ | ୦.୯୦ | କୋଇଲି ମଳିକ, ସ୍ୱାମୀ–ଗୁରି ମଳିକ | |
| ୧୧ | ୬୫ | ୨୮୦ | ୦.୦୫ | ୦.୦୫ | ଚିନ୍ତାମଣି ଜେନା ଓଗେର, ପିତା–ନବଘନ ଜେନା, ଜା–ଖଣ୍ଡାୟତ, ବା–ଅଖନପୁର | |
| ୧୨ | | ୨୮୧ | ୦.୭୮ | ୦.୦୬୦ | ଚିନ୍ତାମଣି ଜେନା ଓଗେର, ପିତା–ନବଘନ ଜେନା, ଜା–ଖଣ୍ଡାୟତ, ବା–ଅଖନପୁର | |
| ୧୩ | ୭୪ | ୮୭୬ | ୦.୪୪ | ୦.୩୮ | ଜଳଧର ଜେନା ଓଗେର, ପିତା–କିର୍ତ୍ତନ ଜେନା, ଜା–ପାଣ, ବା:ରହେମନପୁର | |
| ୧୪ | ୮୫ | ୯୦୧ | ୧.୦୧ | ୦.୦୫ | ଶ୍ରୀ ରାଧାବଲ୍ଲଭ ଜୀଉ ବିଜେ ନିଜଗାଁ ମାର୍ଫତ–ଦାମୋଦର ମହାନ୍ତି, ପିତା–ବଦ୍ୟନାଥ ମହାନ୍ତି | |
| ୧୫ | ୯୬ | ୮୭୧ | ୦.୨୧ | ୦.୦୪ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୧୬ | ୯୬ | ୮୭୨ | ୦.୧୪ | ୦.୦୬ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୧୭ | | ୮୭୩ | ୦.୪୯ | ୦.୪୯ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୧୮ | | ୮୭୭ | ୦.୪୫ | ୦.୪୫ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୧୯ | | ୮୭୮ | ୦.୦୪ | ୦.୦୪ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୨୦ | | ୮୯୬ | ୦.୧୮ | ୦.୦୧ | ନୀଳମଣି ମହାନ୍ତି, ପିତା–ଦାମୋଦର ମହାନ୍ତି, ଜା–କରଣ, ବା–ତୁଳତୀ | |
| ୨୧ | ୧୦୧ | ୮୬୮ | ୦.୨୦ | ୦.୦୪ | ପଦନ ମଳିକ ଓଗେର, ପିତା–ଭଜୁ ମଳିକ, ଜା–ପାଣ, ବା:ତୁଳତୀ | |
| ୨୨ | | ୮୬୯ | ୦.୪୪ | ୦.୩୮ | ପଦନ ମଳିକ ଓଗେର, ପିତା–ଭଜୁ ମଳିକ, ଜା–ପାଣ, ବା:ତୁଳତୀ | |
| ୨୩ | ୧୦୨ | ୮୭୪ | ୦.୧୦ | ୦.୧୦ | ପଦନ ମଳିକ ଓଗେର, ପିତା–ଭଜୁ ମଳିକ, ଜା–ପାଣ, ବା–ରହେମନପୁର | |
| ୨୪ | | ୮୭୫ | ୦.୧୯ | ୦.୧୯ | ପଦନ ମଳିକ ଓଗେର, ପିତା–ଭଜୁ ମଳିକ, ଜା–ପାଣ, ବା–ରହେମନପୁର | |
| ୨୫ | ୧୨୭ | ୯୦୯ | ୦.୦୬ | ୦.୦୨ | ବାବାଜୀ ଆଚାର୍ଯ୍ୟ, ପିତା–ଚକ୍ରଧର ଆଚାର୍ଯ୍ୟ, ଜା–ବ୍ରାହ୍ମଣ, ବା–ନିଜଗାଁ | |
| ୨୬ | ୧୩୮ | ୩୦୮ | ୦.୩୦ | ୦.୩୦ | ବୈଷ୍ଣବ ଚରଣ ସାହୁ, ପିତା–ଜଇରାମ ସାହୁ, ଜା–ତେଲି, ବା–ତୁଳତୀ | |
| ୨୭ | | ୩୧୦ | ୦.୦୯ | ୦.୦୨ | ବୈଷ୍ଣବ ଚରଣ ସାହୁ, ପିତା–ଜଇରାମ ସାହୁ, ଜା–ତେଲି, ବା–ତୁଳତୀ | |
| ୨୮ | ୧୪୦ | ୩୦୬ | ୨.୩୫ | ୦.୭୪ | ବୈଷ୍ଣବ ଚରଣ ସାହୁ ଓଗେର, ପିତା–ଜଇରାମ ସାହୁ, ଜା: ବା–ତୁଳତୀ | |
| ୨୯ | ୧୫୫ | ୮୭୦ | ୧.୩୨ | ୦.୯୦ | ମନମୋହନ ସାହୁ, ପିତା–ଅନନ୍ତ ସାହୁ, ଜା–ତେଲି, ବା–ରହେମନପୁର | |
| ୩୦ | ୨୦୦ | ୮୭୯ | ୦.୨୩ | ୦.୧୦ | ପ୍ରଦୀପ କୁମାର ଜେନା ଓଗେର, ପିତା–ଲକ୍ଷ୍ମୀଧର ଜେନା, ଜା–ପାଣ, ବା–ରହେମନପୁର | |
| ୩୧ | | ୮୮୦ | ୦.୬୧ | ୦.୨୮ | ପ୍ରଦୀପ କୁମାର ଜେନା ଓଗେର, ପିତା–ଲକ୍ଷ୍ମୀଧର ଜେନା, ଜା–ପାଣ, ବା–ରହେମନପୁର | |
| ୩୨ | ୨୦୫ | ୯୦୮ | ୦.୯୭ | ୦.୩୫ | ହାଡିବନ୍ଧୁ ମଳିକ ଓଗେର, ପିତା–ଗୁରି ମଳିକ, ଜା–ପାଣ, ବା–ରହେମନପୁର | |
| ୩୩ | ୬୪ | ୨୪ | ୨.୬୮ | ୨.୩୦ | ଚିନ୍ତା ଜେନା, ପିତା–ସତୁରୀ ଜେନା, ଜା–ସଅର, ବା–ଆଖନପୁର | ଗୋଚର ବଦଳି |
| ୩୪ | ୧୯୪ | ୨୩ | ୦.୩୬ | ୦.୨୦ | ଶ୍ରୀଧର ରାଜ, ପିତା–ପରମାନନ୍ଦ ରାଜ, ଜା–ଖଣ୍ଡାୟତ, ବା–କୋଗାଁ | ଗୋଚର ବଦଳି |
| | | | ମୋଟ | ୧୧.୮୫ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା.୩୪ (ଚଉତିରିଶି), ମୋଟ ଅଧିଗୃହିତ ଜମି: ୧୧.୮୫ ଏକର

24001/14/0278/1920

## ସଂକ୍ଷେପରେ

### ଆକ୍ରମଣରେ ବ୍ୟବସାୟୀ ଗୁରୁତର

ବଆଁରପାଳ, ୭।୧୧(ଡି.ଏନ.ଏ.)- ବଆଁରପାଳ ଥାନା ନାଲ୍କୋ ଥର୍ମାଲ ରାସ୍ତାର ରେଳଧାରଣା ନିକଟରେ ବଳରାମପ୍ରସାଦ ଗ୍ରାମର ବିପିନ ବିହାରୀ ନାୟକ(୩୩) ଗୁରୁବାର ଆକ୍ରମଣର ଶିକାର ହୋଇଥିବା ଜଣାପଡିଛି। ବିପିନ ଥର୍ମାଲ ହାଟ ସାରି ଘରକୁ ଫେରୁଥିବାବେଳେ ପାଣିଓଳା ନିକଟରେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଲୁଟ୍ ଉଦ୍ୟମ କରିବା ସହ ଏକ ଭୁଜାଲିରେ ତାଙ୍କ ହାତକୁ ହାଣି ଦେଇଥିଲେ। ଏଥିରେ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ପରୀକ୍ଷାରେ ବ୍ୟାପକ କପି ଚର୍ଚ୍ଚା



ଛେଣ୍ଡିପଦା, ୭।୧୧(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ସଦର ମହକୁମା ସ୍ଥିତ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟରେ ଅନୁଗୋଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ କିଶୋରନଗର ଶିକ୍ଷା ପ୍ରଶିକ୍ଷଣ ବିଦ୍ୟାଳୟ ପ୍ରଶିକ୍ଷାର୍ଥୀଙ୍କ ପରୀକ୍ଷା କେନ୍ଦ୍ର କରାଯାଇଛି। ଏଥିରେ ପ୍ରତିଷ୍ଠାନର ପ୍ରଥମ ଓ ଦ୍ୱିତୀୟ ବର୍ଷର ପ୍ରଶିକ୍ଷାର୍ଥୀମାନେ ପରୀକ୍ଷା ଦେଉଛନ୍ତି। ଗୁରୁବାର ପରୀକ୍ଷାର ଦ୍ୱିତୀୟ ଦିନ ଥିବାବେଳେ ଏହି ପରୀକ୍ଷାରେ ବହୁ ଛାତ୍ରୀଛାତ୍ର କପି କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ପରୀକ୍ଷା ପରେ ଉକ୍ତ କକ୍ଷଠାରୁ ଆରମ୍ଭକରି ବିଦ୍ୟାଳୟ ବାରଣ୍ଡାରେ ଥିବା ଡଷ୍ଟବିନ ଓ ଝରକା ତଳେ ବହୁ କପି ପଡିଥିବା ଆଲୋଚନା ହେଉଛି। ତେବେ ଏପରି ଚର୍ଚ୍ଚାକୁ ପରୀକ୍ଷା କେନ୍ଦ୍ରର ଅଧୀକ୍ଷକ ଦୁର୍ଯ୍ୟୋଧନ ଭୂତିଆ ଅସ୍ୱୀକାର କରିଛନ୍ତି। ଛାତ୍ରୀଛାତ୍ରମାନେ କପି କରୁ ନ ଥିବା ସେ କହିଛନ୍ତି।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ଅନୁଗୋଳ ଅଫିସ, ୭।୧୧- ଅନୁଗୋଳ ଜିଲା ଜରପଡ଼ା ଥାନା ଜେରେଙ୍ଗ ଗ୍ରାମର ସନ୍ତୋଷ କୁମାର ମାଝି(୪୫) ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାରୁ ଜଣାପଡିଛି, ଗୁରୁବାର ସକାଳେ ଜେରେଙ୍ଗ ଦେହୁରୀ ସାହି ବନ ସୁରକ୍ଷା ସମିତି ପକ୍ଷରୁ ସନ୍ତୋଷଙ୍କ ସମେତ ୫ ଜଣ ଗ୍ରାମବାସୀ ଗାଁ ଜଙ୍ଗଲ ଜଗିବାକୁ ଯାଇଥିଲେ। ସକାଳ ପ୍ରାୟ ସାଢେ ୭ଟା ବେଳେ ଜଙ୍ଗଲରେ ସନ୍ତୋଷଙ୍କୁ ଏକ ଭାଲୁ ଆକ୍ରମଣ କରିଥିଲା। ସେଠାରେ ଥିବା ଅନ୍ୟମାନେ ପାଟି କରିବାରୁ ଭାଲୁଟି ପଳାଇଯାଇଥିଲା। ଖବରପାଇ ବନ କର୍ମଚାରୀ ପହଞ୍ଚି ସନ୍ତୋଷଙ୍କୁ ପ୍ରଥମେ ଜରପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା।

### କେନାଲରୁ ନବଜାତକ ମୃତଦେହ ଉଦ୍ଧାର

ଅନୁଗୋଳ ଅଫିସ, ୭।୧୧- ଅନୁଗୋଳ ସହର ଉପକଣ୍ଠ ଖଲାରି ଗ୍ରାମ ସ୍କୁଲ ପଛପାର୍ଶ୍ୱ କେନାଲରୁ ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ଗୁରୁବାର ଅପରାହ୍ନ ପ୍ରାୟ ୨ଟା ବେଳେ କେନାଲରେ ଶିଶୁର ମୃତଦେହ ଭାସୁଥିବାର ସ୍କୁଲ ପିଲାମାନେ ଦେଖିବାକୁ ପାଇଥିଲେ। ଖବରପାଇ ସନ୍ଧ୍ୟାରେ ପୋଲିସ ସେଠାରେ ପହଞ୍ଚିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଣିଛି। ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ରଖାଯାଇଛି।

### ପଞ୍ଚୁକ ଉତ୍ସବ, କାର୍ତ୍ତିକ ପୂଜା

ଛେଣ୍ଡିପଦା, ୭।୧୧(ଡି.ଏନ.ଏ.)- ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ଗୁରୁବାରଠାରୁ ପବିତ୍ର ପଞ୍ଚୁକ ଉତ୍ସବ ସହ ବାର୍ଷିକ କାର୍ତ୍ତିକ ପୂଜା ଶୁଭାରମ୍ଭ ହୋଇଛି। ଏ ନେଇ ସମଗ୍ର ପୁରପଲ୍ଲୀ ଚଳଚଞ୍ଚଳ ହୋଇପଡିଛି। ଛେଣ୍ଡିପଦା ଜଗନ୍ନାଥ ମନ୍ଦିର, କୋଶଳା ଜଗନ୍ନାଥ ମନ୍ଦିର, ବାଗେଡିଆ ଜଗନ୍ନାଥ ମନ୍ଦିର, କୋରଡା ଜଗନ୍ନାଥ ମନ୍ଦିର, ଜରପଡା ଜଗନ୍ନାଥ ମନ୍ଦିର, ଦୁର୍ଗାପୁର ହରିହର ମନ୍ଦିର, ଦୁର୍ଗାପୁର ବନଦୁର୍ଗାପଡା ପଞ୍ଚକ ଉତ୍ସବ, କମ୍ପସଲା ଜଗନ୍ନାଥ ମନ୍ଦିର ଆଦି ସ୍ଥାନରେ ଏହି ଉତ୍ସବ ପାଳିତ ହେଉଛି। ସେହିପରି ବ୍ରାହ୍ମଣବିଲ, ରାଇଝରଣ, ବରପଦା ସମେତ ନିଶା ଶିଳ୍ପାଞ୍ଚଳ ଥାନା ବଡକେରଜାଙ୍ଗ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଧୂମଧାମରେ ବାର୍ଷିକ ପୂଜା ଉତ୍ସବ ପାଳିତ ହେଉଛି।

## ■ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ
# 'ମୟୂରୀ' ଏକ ସଫଳ ପ୍ରୟାସ




ବଆଁରପାଳ, ୭।୧୧(ଡି.ଏନ.ଏ.)

ବଆଁରପାଳ ବ୍ଲକ ମହିଧରପୁର ପଞ୍ଚାୟତରେ ଆଞ୍ଚଳିକ ସାଂସ୍କୃତିକ ମହୋତ୍ସବ ମୟୂରୀ-୨୦୧୯ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଯୁବ ସ୍ୱେଚ୍ଛାସେବୀ ଅର୍ଣ୍ଣବ ସିଂ, ସହକାରୀ ଯନ୍ତ୍ରୀ ପି.ଏଚ ବିଭାଗ ଈଶ୍ୱର ଚନ୍ଦ୍ର ପ୍ରଧାନ, ବଆଁରପାଳ ଥାନା ଅଧିକାରୀ ସୁନୀଲ କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି କହିଲେ, ସାଂସ୍କୃତିକ ଜାଗରଣ ଓ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ 'ମୟୂରୀ'ଏକ ସଫଳ ପ୍ରୟାସ। ସମ୍ମାନିତ ଅତିଥି ସହକାରୀ ଯନ୍ତ୍ରୀ ପ୍ରଧାନ କହିଲେ, ଆଗାମୀ ଦିନରେ ମୟୂରୀ କାର୍ଯ୍ୟକ୍ରମ କଳା ବିକାଶରେ ଅଗ୍ରଣୀ ଭୂମିକା ନେବ। ମୟୂରୀ-୨୦୧୯ର ସଭାପତି ବିନୋଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଗ୍ରାମ ସଭାପତି ରାଜକିଶୋର ଜେନା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ସଭ୍ୟ ଲକ୍ଷ୍ମୀଧର ସାହୁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କମିଟି ସଭାପତି ବିନୋଦ ବେହେରା ଧନ୍ୟବାଦ ଦେଇଥିଲେ। ତାଳଚେରର ଅମୃତ ଅନୁଷ୍ଠାନର ସମ୍ବଲପୁରୀ ଏବଂ ଘୁମୁରା ନାଚର ଦର୍ଶକ ଭରପୁର ମଜା ଉଠାଇଥିଲେ। ସ୍କୁଲ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ଦେଶାତ୍ମକ ନୃତ୍ୟ ବେଶ ମନୋରମ ହୋଇଥିଲା। ଶୁକ୍ରବାର ଉତ୍ସବ ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ବିଚାରକ ଭାବରେ ବିଜୟାନନ୍ଦ ସାହୁ, ମାନସ କୁମାର ସାହୁ, ମୋହନ କୁମାର ସାହୁ, ସନ୍ତୋଷ କୁମାର ବେହେରା ଯୋଗ ଦେଇଥିଲା।

## ଡାକ୍ତରଙ୍କୁ ଗାଳିଗୁଲଜ ଅଭିଯୋଗ, ୩ ଗିରଫ

ଅନୁଗୋଳ ଅଫିସ, ୭।୧୧

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ଯନ୍ତ୍ରାଂଶ ଭାଙ୍ଗିବା ଅଭିଯୋଗରେ ଅନୁଗୋଳ ପୋଲିସ ୩ ଜଣ କଲେଜ ଛାତ୍ରଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏ ସଂକ୍ରାନ୍ତରେ ନଂ. ୯୨୫/୧୯ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ମୁତାବକ, ବୁଧବାର ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଦୀପକ ଗଡ଼ନାୟକ କାର୍ଯ୍ୟରତ ଥିଲେ। ରାତି ସାଢ଼େ ୩ଟା ସମୟରେ ସମ୍ପୃକ୍ତ ଛାତ୍ରମାନେ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ଜଣଙ୍କ ମୁଣ୍ଡ ଫାଟିଯିବାରୁ ୩ ଜଣ ଯାକ ଚିକିତ୍ସାଳୟକୁ ଆସି ତୁରନ୍ତ ଚିକିତ୍ସା ଯୋଗାଇବାକୁ ଡାକ୍ତର ଗଡନାୟକଙ୍କୁ କହିଥିଲେ। ଡାକ୍ତର ପ୍ରଥମେ ଟିକେଟ ଆଣିବାକୁ କହିବା ପରେ ଛାତ୍ରମାନେ ତାଙ୍କୁ ଗାଳି ଗୁଲଜ କରିବା ସହ ଟେବୁଲରେ ଥିବା ରକ୍ତଚାପ ମପା ଯନ୍ତ୍ରାଂଶକୁ ଭାଙ୍ଗି ଦେଇଥିଲେ। ଏ ନେଇ ଡା. ଗଡ଼ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି।

# ଦିଲୀପ ନିଜିଗଡ ସମିତିସଭ୍ୟ ନିର୍ବାଚିତ



ବିଧାୟକଙ୍କ ସହ ବିଜୟୀ ସମିତି ସଭ୍ୟ ଦିଲୀପ କୁମାର ଉଦାବଳ।

ପାଲଲହଡ଼ା, ୭।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ନିଜିଗଡ଼ ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନରେ ଏକମାତ୍ର ପ୍ରାର୍ଥୀ ଭାବେ ଦିଲୀପ କୁମାର ଉଦାବଳ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୂଚନା ଅନୁଯାୟୀ, ସମିତି ସଭ୍ୟ ମୁକେଶ କୁମାର ପାଲ ବିଧାୟକ ଭାବେ ନିର୍ବାଚିତ ହେବା ପରଠାରୁ ଏହି ପଦବୀ ଖାଲି ପଡିଥିଲା। ପରେ ଏହି ପଦବୀରେ ଉପନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସମୁଦାୟ ୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ଥିବାବେଳେ ଦୁଇ ପ୍ରାର୍ଥୀ ଦିଲେଶ୍ୱର ସାମଲ ଓ ସୁଶୀଲ ସାମଲ ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। ଫଳରେ ନିର୍ବାଚନ ଅଧିକାରୀ ତଥା ପାଲଲହଡ଼ା ବିଡିଓ ତ୍ରିବିକ୍ରମ କୁମୁରା ଏବଂ ଏବିଡିଓ ଏସ୍ ନୈବେଦ୍ୟ ଲଲାଟେନ୍ଦୁ ଏକମାତ୍ର ପ୍ରାର୍ଥୀ ଦିଲୀପଙ୍କୁ ନିର୍ବାଚିତ ଘୋଷଣା କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

ବଇଣ୍ଡା, ୭।୧୧(ଡି.ଏନ୍.ଏ.)

କିଶୋରନଗର ବ୍ଲକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ଶିଶୁ ବାଟିକା ବିଭାଗର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୨ ଦିନ ଧରି ଅନୁଷ୍ଠିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୪୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନ୍ନପୂର୍ଣ୍ଣା ରାଉତ, ମିନାକ୍ଷୀ ପ୍ରଧାନ, ରତ୍ନମଞ୍ଜରୀ ସାହୁ, ଶୁଭଶ୍ରୀ ରାଉଳ, ସୁମତି ପ୍ରଧାନ ପରିଚାଳନା କରିଥିଲେ।

## ଜାନୁୟାରୀ ୧୪ରୁ ଡଗରା ବେଳାଭୂମି ମହୋତ୍ସବ

ବାଲିଆପାଳ, ୭।୧୧(ଡି.ଏନ.ଏ.)

ବାଲିଆପାଳ ବ୍ଲକ ପର୍ଯ୍ୟଟନ କେନ୍ଦ୍ର ଡଗରା ବେଳାଭୂମିରେ ୧୫ତମ ଡଗରା ବେଳାଭୂମି ମହୋତ୍ସବ ଆସନ୍ତା ଜାନୁୟାରୀ ୧୪ ତାରିଖରୁ ଆରମ୍ଭ ହେବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସହାୟତାରେ ୩ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହବନ୍ଧିତ ନୃତ୍ୟଦଳ, କଳାକାର ସମାବେଶ, ସାରସ୍ୱତ ସମ୍ମିଳନୀ, ପ୍ରତିଭା ଅନ୍ୱେଷଣ, କ୍ରୀଡା ପ୍ରତିଯୋଗିତା, ସିନେତାରକାଙ୍କ ସମାବେଶ ଆଦି କାର୍ଯ୍ୟକ୍ରମ ହେବ। ଏଥିପାଇଁ ମଙ୍ଗଳବାର ପ୍ରେସ କ୍ଲବ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ଅନୁଗୋଳ ଅଫିସ, ୭।୧୧

ଅନୁଗୋଳ ଜିନ୍ଦଲ ରୋଡରେ ଥିବା ଗାଣ୍ଡୁ ପଡ଼ିଆରେ ବୁଧବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବାବେଳେ ୪ ଜଣଙ୍କୁ ଅନୁଗୋଳ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କୁମଣ୍ଡର ଅନିଲ ସେଠୀ, ହେମସୁରପଡ଼ାର ରାଜୁ ବେହେରା ଓ ଅନ୍ୟ ୨ ଜଣ ନାବାଳକ ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ ଭୁଜାଲି, ଛୁରି ଓ ଲୁହା ରଡ ଜବତ କରାଯାଇଛି।



ପୋଲିସ ସହ ଗିରଫ ୪ ଅଭିଯୁକ୍ତ।

ପୋଲିସ ସୂଚନା ମୁତାବକ, ଅନିଲ ଓ ରାଜୁ ଅନ୍ୟ ଦୁଇ ଜଣ ନାବାଳକଙ୍କ ସହ ମିଶି ଡକାୟତି ଯୋଜନା କରୁଥିବାବେଳେ ଅନୁଗୋଳ ଥାନା ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି କୌଣସି ସୂତ୍ରରୁ ସୂଚନା ପାଇଥିଲେ। ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ଓ ଅନ୍ୟମାନଙ୍କୁ ଧରି ସେ ଉକ୍ତ ପଡିଆରେ ଚଢ଼ାଉ କରିଥିଲେ। ଏକ ଟ୍ରକ୍‌କୁ ଲୁଟ କରିବାକୁ ସେମାନଙ୍କ ଯୋଜନା ରହିଥିଲା ବୋଲି ପୋଲିସ କହିଛି। ଦୁଇ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଛି।

## ବାୟାଣୀ ଠାକୁରାଣୀ ମନ୍ଦିର ଭୂମିପୂଜା

ଛେଣ୍ଡିପଦା, ୭।୧୧(ସ୍ୱ.ପ୍ର.)



ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାତ୍ରପଡାର ଅଧିଷ୍ଠାତ୍ରୀ ଦେବୀ ମା'ବାୟଣୀ ଠାକୁରାଣୀଙ୍କ ନୂତନ ମନ୍ଦିର ନିର୍ମାଣ ନିମନ୍ତେ ଗୁରୁବାର ଭୂମିପୂଜା ସହ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପାତ୍ରପଡା ଗ୍ରାମ ସଭାପତି ଚୈତନ୍ୟ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଦେବୀନଗର ପାହାଡ ପାଦ ଦେଶରେ ବହିଯାଇଥିବା କେନାଲର ଉଭୟ ପାର୍ଶ୍ୱରେ ଔଷଧୀୟ ଓ ଅନ୍ୟାନ୍ୟ ବୃକ୍ଷରୋପଣ କରାଯାଇଥିଲା। ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ, ଗ୍ରାମ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଅଧକ୍ଷ ଲୋକନାଥ ସାହୁ, ବାନାମ୍ବର ସାହୁ, ମନ୍ଦିର କମିଟି ସମ୍ପାଦକ ଶଶିଭୂଷଣ ସାହୁ, କୋଷାଧକ୍ଷ ଯଦୁମଣି ସାହୁ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ସାହୁ, ବ୍ରଜବନ୍ଧୁ ସାହୁ, ମୋହନ ଚନ୍ଦ୍ର ସାହୁ, ବାସୁଦେବ ସାହୁ, ମଙ୍ଗୁଲୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୭୦ ଫୁଟ ଉଚ୍ଚର ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି। ଆଗାମୀ ଦିନରେ ପାତ୍ରପଡା ବାୟାଣୀ ପୀଠ ସ୍ଥଳର ଚତୁଃପାର୍ଶ୍ୱକୁ ସବୁଜ ବନାନୀ କରିବା ପାଇଁ ଗ୍ରାମବାସୀଙ୍କ ଉଦ୍ୟମ ଜାରି ରହିବ ବୋଲି ସରପଞ୍ଚ କହିଛନ୍ତି।

## ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ

ଆଠମଲ୍ଲିକ,୭।୧୧(ଡି.ଏନ୍.ଏ.)

ଆଠମଲ୍ଲିକ ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଆଠମଲ୍ଲିକ ଉପଜିଲାପାଳ ଡ. ରଜନୀକାନ୍ତ ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ଆଠମଲ୍ଲିକ ବିଡ଼ିଓ ସଞ୍ଜୟ କୁମାର ଆଚାର୍ଯ୍ୟ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଉପସ୍ଥିତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆଠମଲ୍ଲିକ ତହସିଲଦାର ଅଶୋକ କୁମାର ଦେହୁରି, ସହକାରୀ ଜିଲାପାଳ ନାରାୟଣ ମହାପାତ୍ର ଉପସ୍ଥିତ ଥିଲେ। ଗୁଗଲ ମାଧ୍ୟମରେ ଏମ୍‌ଭିଏସପି ପୋର୍ଟାଲ ୱେବ ସାଇଟକୁ ଯାଇ କିପରି ଫର୍ମ ପୂରଣ କରିହେବ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ସେମିନାର, ସ୍ୱାଗତ ଉତ୍ସବ

ବନ୍ତଳା, ୭।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା ଯୁକ୍ତ ୩ ଉଚ୍ଚତର ଶିକ୍ଷା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ସେମିନାର ଓ ପ୍ରଥମ ବର୍ଷ ପିଲାମାନଙ୍କ ନିମନ୍ତେ ସ୍ୱାଗତ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଗଙ୍ଗାଧର ସାହୁଙ୍କ ନେତୃତ୍ୱରେ ଏହି ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ମନମୋହନ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ପ୍ରୋବେଶନାଲ ଆଇଏଫଏସ ଅନୁଗୋଳ ଏସିଏଫ ସାଇ କିରଣ ଡି. ଏନ., ସମ୍ମାନିତ ଅତିଥି ଭାବେ ଓଏଫ୍‌ଏସ୍ ଅନୁଗୋଳ ଏସିଏଫ୍ ଦେବୀ ପ୍ରସାଦ ରାଉତ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ପୁନମ ସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ।




ଅତିଥିମାନେ ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା ଉପରେ ପିଲାମାନେ କରିଥିବା ଡ୍ରଇଂସିଟ ଉଦ୍‌ଘାଟନ କରିଥିଲେ। ଛାତ୍ରୀ ଆଶା ଜ୍ୟୋତି ସାହୁ, ରୋଜାଲିନ ରାଉତ ଓ ଶୁଭମ ମହାପାତ୍ର ସହଯୋଗ କରିଥିଲେ। ମହାବିଦ୍ୟାଳୟର ୨୦୧୮ ମସିହାରେ ବିଭାଗ ଟପ୍ପର ଛାତ୍ରୀ ପ୍ରଜ୍ଞା ପରିମିତା ସାହୁ ସମ୍ମାନିତ କରାଯାଇଥିଲା। ସେମିଷ୍ଟାର ସମ୍ପାଦକ ଶ୍ରାବଣୀ ପ୍ରିୟଦର୍ଶିନୀ, ସହସମ୍ପାଦକ ଶୁଭମ ମହାପାତ୍ର, ରାଜେଶ ବେହେରା ପ୍ରମୁଖ ସହାୟତା କରିଥିଲେ।

## ଦେଶ ନିର୍ମାଣରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅନୁଗୋଳ ଅଫିସ, ୭।୧୧

ଅନୁଗୋଳ ଜିଲା ନାଲ୍‌କୋନଗର ଠାରେ ସିଆଇଟିୟୁ ଅନୁଗୋଳ-ଢେଙ୍କାନାଳର ୪ର୍ଥ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ସେଠୀଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀରେ ଜିଲାର ବିଭିନ୍ନ କଳକାରଖାନା ଓ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୨ ଶହ ପ୍ରତିନିଧି ଯୋଗଦେଇଥିଲେ।

ସିଆଇଟିୟୁର କେନ୍ଦ୍ରୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ସମ୍ମିଳନୀକୁ ଉଦ୍‌ଘାଟନ କରି କହିଲେ ଯେ, ଦେଶ ନିର୍ମାଣରେ ଶ୍ରମିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଶ୍ରମିକମାନେ ଏକାଠି ହୋଇ ଶ୍ରମିକ ବିରୋଧୀ ସରକାର ବିରୋଧରେ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମା ନୂତନ ପ୍ରସ୍ତାବ ସମ୍ମିଳନୀରେ ଉପସ୍ଥାପନ କରିଥିଲେ। ପରେ ସଙ୍ଗଠନ ପରିଚାଳନା ପାଇଁ ଏକ ୫୧ ଜଣିଆ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ନାରାୟଣ ସେଠୀ, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ପଣ୍ଡା, ସୀତାରାମ ପ୍ରଧାନ, ଆନନ୍ଦ ଆଚାର୍ଯ୍ୟ, ଉପସଭାପତି ପ୍ରକାଶ ତ୍ରିପାଠୀ, ମହେନ୍ଦ୍ର ସାହୁ, କୈଳାସ ମହାରଣା, ସାଧାରଣ ସମ୍ପାଦକ ଉପେନ୍ଦ୍ର ଶର୍ମା, ସହ ସମ୍ପାଦକ ପ୍ରଶାନ୍ତ କୁମାର ବରାଳ, ସମ୍ପାଦକ ପବନା ମହାନ୍ତି ପ୍ରମୁଖ ମନୋନୀତ ହୋଇଥିଲେ।



ସିଆଇଟିୟୁ ଅନୁଗୋଳ-ଢେଙ୍କାନାଳର ୪ର୍ଥ ଜିଲା ସମ୍ମିଳନୀ।

## ■'ଥ୍ରୀ-ଇ-ମିଶନ' କାର୍ଯ୍ୟକ୍ରମ ଆରମ୍ଭ
# 'ଜିଲାର ସମ୍ମାନ ରକ୍ଷା ଦିଗରେ ଯତ୍ନଶୀଳ ହୁଅ'




ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଠାରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଥ୍ରୀ-ଇ-ମିଶନ' କାର୍ଯ୍ୟକ୍ରମ ଆରମ୍ଭ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ ଅଫିସ, ୭।୧୧

ଅନୁଗୋଳ ଜିଲାରେ ଆଗାମୀ ଦିନରେ ହାଇସ୍କୁଲ ପରୀକ୍ଷାରେ ଉନ୍ନତମାନର ଫଳାଫଳ ପାଇଁ ଗୁରୁବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'ଥ୍ରୀ-ଇ-ମିଶନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଠାରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ମନୋଜ କୁମାର ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଜିଲାର ସମ୍ମାନ ତଥା ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ହାଇସ୍କୁଲ ପରୀକ୍ଷାରେ ଯେପରି କୌଣସି ପିଲା ବିଫଳ ନ ହେବେ ସେ ଦିଗରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯତ୍ନଶୀଳ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଅନୁଗୋଳ ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ, ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ତାଳଚେରର ସୁନୀଲ ମୁଣ୍ଡ, ପାଲଲହଡ଼ାର ଚିତ୍ତରଞ୍ଜନ ପରିଡ଼ା, କଣିହାଁର ଖଗେଶ୍ୱର ବେହେରା 'ଥ୍ରୀ-ଇ-ମିଶନ' ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ସାହୁ, ବିଜୟ ନନ୍ଦ, ଭାରତୀ ପଟ୍ଟନାୟକ, କିଶୋର କର, ପ୍ରଭାତ ବିଶ୍ୱାଳ ପ୍ରମୁଖ ନିଜ ନିଜର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଜିଲାର ପ୍ରାୟ ୨୪୦ ଜଣ ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ପରିଚାଳନା କରିଥିବାବେଳେ ଅନୁଗୋଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସ୍ମିତା ନନ୍ଦ ଧନ୍ୟବାଦ ଦେଇଥିଲେ।

### ରାଜ୍ୟରେ ବଢୁଛି ବନ୍ୟପ୍ରାଣୀ ଅପରାଧ

# ଭବାନୀପାଟଣାରୁ ହାତୀଦାନ୍ତ ଜବତ, ୩ ଗିରଫ

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)



- ଆନ୍ତଃରାଜ୍ୟ ର୍ୟାକେଟ୍‌ର ସମ୍ପୃକ୍ତି ସନ୍ଦେହ
- ବର୍ଷକରେ କ୍ରାଇମବ୍ରାଞ୍ଚ୍ ଜବତ କରିଛି ୬ ବାଘଛାଲ

ଦିନକୁ ଦିନ ଓଡ଼ିଶାରେ ବଢ଼ିଚାଲିଛି ବନ୍ୟପ୍ରାଣୀ ଅପରାଧ। ଏହି କ୍ରମରେ ଗୁରୁବାର କ୍ରାଇମବ୍ରାଞ୍ଚ୍ ଏସ୍‌ଟିଏଫ୍ ଭବାନୀପାଟଣାରୁ ଏକ ହାତୀଦାନ୍ତ ଓ ବାଘଛାଲ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଗତ ଏକ ବର୍ଷ ମଧ୍ୟରେ କେବଳ କ୍ରାଇମବ୍ରାଞ୍ଚ୍ ଏସ୍‌ଟିଏଫ୍ ପକ୍ଷରୁ ସାରା ଓଡ଼ିଶାରେ ୬ଟି କଲରାପତରିଆ ବାଘର ଛାଲ ଜବତ କରାଯାଇଛି। ତନ୍ମଧ୍ୟରୁ କୁଚିଣ୍ଡା ଅଞ୍ଚଳରେ ୪ଟି, ଦେବଗଡ଼ରେ ଗୋଟିଏ ଏବଂ ଗୁରୁବାର ଭବାନୀପାଟଣାରେ ଗୋଟିଏ ଅନ୍ତର୍ଭୁକ୍ତ। ଏହାସହ ଉଦଳା ରେଞ୍ଜରୁ ଏକ ମା' ଏବଂ ଛୁଆ ବଜ୍ରକାପ୍ତା ଉଦ୍ଧାର କରିଥିଲା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ତେବେ ୨୦୧୭ରେ କ୍ରାଇମବ୍ରାଞ୍ଚ୍ ଏସ୍‌ଟିଏଫ ବରଗଡ଼ ଦେବ୍ରିଗଡ଼ରେ ଏକ ହାତୀ ଦାନ୍ତ ଜବତ କରିଥିଲା। କିନ୍ତୁ ଗୋଟିଏ ଚଢ଼ାଉରେ ବାଘଛାଲ ସହ ହାତୀଦାନ୍ତ ଜବତ ହେବା ସମ୍ଭବତଃ ରାଜ୍ୟରେ ପ୍ରଥମ ଘଟଣା।

କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ କିଛିଦିନ ତଳେ ହାତୀଦାନ୍ତ ଓ ବାଘଛାଲର ଚୋରା ଚାଲାଣରେ ସକ୍ରିୟ ରହିଥିବା ଏକ ର୍ୟାକେଟ୍ ସମ୍ପର୍କରେ ଖବର ପାଇଥିଲା। ଏନେଇ ଗୁରୁବାର ର୍ୟାକେଟ୍‌କୁ ଧରିବା ଲାଗି କ୍ରାଇମବ୍ରାଞ୍ଚ୍ ଟିମ୍ ଗ୍ରାହକ ହୋଇ ସେଠାରେ ପହଞ୍ଚିଥିଲା। ଦୁଇଟି ବନ୍ୟପ୍ରାଣୀ ସାମଗ୍ରୀକୁ ମୋଟ ୮ଲକ୍ଷ ଟଙ୍କାରେ ମୂଲଚାଲ ହୋଇଥିଲା। ଏହି ସମୟରେ ସେମାନଙ୍କୁ ଧରାଯାଇଥିଲା। ଜବତ ହୋଇଥିବା ବାଘ ଚମଡ଼ା ୨୪୫ସେଣ୍ଟିମିଟର ହୋଇଥିବାବେଳେ ହାତୀଦାନ୍ତ ୫୦ସେଣ୍ଟିମିଟର ଲମ୍ବ ରହିଛି। ଗିରଫ ହୋଇଥିବା ତିନିଜଣ ହେଲେ ନର୍ଲାର ଡିଗି ଶବର ଓ ସୁକ୍ରୁ ମାଝି ଏବଂ ଛତିଶଗଡ଼ର ରବୀନ୍ଦ୍ର ସିଂହ। ଗିରଫ ତିନିଜଣଙ୍କୁ କଲରାପାଟ ବନାଞ୍ଚଳ କାର୍ଯ୍ୟାଳୟରେ ରଖାଯାଇ ଅଧିକ ପଚରାଉଚୁରା କରାଯାଉଛି। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ତେବେ ଛତିଶଗଡ଼ର ଜଣେ ବାସିନ୍ଦାଙ୍କୁ ଗିରଫ କରାଯାଇଥିବା ଯୋଗୁ ଏହା ଆନ୍ତଃରାଜ୍ୟ ର୍ୟାକେଟ୍ ଦିଗରେ ସନ୍ଦେହ କରାଯାଉଛି।

ଜବତ ହୋଇଥିବା ବାଘ ଚମଡ଼ାର ଆଖି ତଳକୁ ଏକ ବଡ଼ କଣା ହୋଇଛି। ମୁହଁରେ ଆକ୍ରମଣ ଦ୍ୱାରା ବାଘର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଫୋରେନ୍‌ସିକ୍ ରିପୋର୍ଟ ଆସିବା ପରେ ବାଘର ଶିକାର କିପରି ହୋଇଥିଲା ତାହା ଜଣାପଡ଼ିବ। ଚମଡ଼ା ଦେଖି ପ୍ରାୟ ୭ବର୍ଷ ଅଣ୍ଡିରା ବାଘ ବୋଲି ଅନୁମାନ କରାଯାଉଥିବା ଭବାନୀପାଟଣା ଏସିଏଫ୍ ମଳୟ ରଞ୍ଜନ କାଲୋ କହିଛନ୍ତି। ଏହି ଅପରେଶନରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଡିଏସ୍‌ପି ବିଳାସିନୀ ନାୟକ, ସବ୍‌ଇନ୍‌ସପେକ୍ଟର ନଳିନୀକାନ୍ତ ଦାସ, ଜଗନ୍ନାଥ ସାହୁ, ଭବାନୀପାଟଣା ଏସିଏଫ୍ ମଳୟ ରଞ୍ଜନ କାଲୋ, ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଥିଲେ। ଡବ୍ଲ୍ୟୁସିସିବି ପକ୍ଷରୁ ମଧ୍ୟ ଏକ ଟିମ୍ ଏଥିରେ ସାମିଲ ଥିଲେ।

ଘଟଣାରେ ତଦନ୍ତରେ ଭବାନୀପାଟଣା ବନଖଣ୍ଡ ତରଫରୁ କ୍ରାଇମବ୍ରାଞ୍ଚକୁ ସମ୍ପୂର୍ଣ୍ଣ ସହଯୋଗ କରାଯାଉଛି। ତେବେ ଶିକାର କିଏ କରୁଛି ଏବଂ ଶେଷରେ କାହା ପାଖକୁ ଛାଲ ବା ଦାନ୍ତ ଯାଉଛି, ଖୋଜି ବାହାର କରିବା ସହ ଏଭଳି ଘଟଣାଗୁଡ଼ିକରେ ସମ୍ପୃକ୍ତ ଥିବା ସବୁ ଅପରାଧୀ, ବ୍ୟବସାୟୀ, ଦଲାଲ ଆଦିଙ୍କୁ ଧରିବା ଏବଂ ଉପଯୁକ୍ତ ଦଣ୍ଡବିଧାନ କରିବା ଏକ ଚ୍ୟାଲେଞ୍ଜ ହୋଇପଡ଼ିଛି। ଗିରଫ ହୋଇଥିବା ତିନିଜଣଙ୍କୁ ଏସ୍‌ଟିଏଫ୍ ଆଗକୁ ରିମାଣ୍ଡରେ ନେଇ ପଚରାଉଚୁରା କରିବାର ଯୋଜନା ରହିଛି। ସେପଟେ ଏହି ଘଟଣାକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ତୀବ୍ର ନିନ୍ଦା କରିବା ସହ ତୁରନ୍ତ ଏ ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି।


## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ନୀହାରିକା ସାହୁ


ସୁଚିତ ପ୍ରଧାନ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର


### ହବିଷିଆଳି ଆଶ୍ରୟସ୍ଥଳୀରୁ...

# ବ୍ରତ ଆଗରେ ବାତ୍ୟା ଭୟ ଫିକା

ପୁରୀ ଅଫିସ, ୭।୧୧: ସରକାରଙ୍କ ହବିଷିଆଳି ଯୋଜନାରେ ପ୍ରାୟ ୨,୫୦୦ରୁ ଊର୍ଦ୍ଧ୍ୱ ହବିଷିଆଳି ଆଶ୍ରୟସ୍ଥଳୀରେ ରହି ପାଳୁଛନ୍ତି କାର୍ତ୍ତିକ ବ୍ରତ। ଏମାନଙ୍କ ମଧ୍ୟରେ ପ୍ରାୟ ୮୦ ଭାଗ ବ୍ରତଧାରୀ ଅଛନ୍ତି ଯେଉଁମାନେ ପରିଣତ ବୟସରେ ଧର୍ମ ଅର୍ଜନ କରିବାକୁ ଆସିଛନ୍ତି। ଘରକୁ ଫେରିବାକୁ ଆଉ ୫ଦିନ ବାକି ଥିବାବେଳେ ଅଚାନକ ବାତ୍ୟା ଖବର ଅନେକଙ୍କୁ ବିଚଳିତ କରିଦେଇଛି। ସେମାନେ ଭାବୁଛନ୍ତି ଘର କଥା। ବାତ୍ୟା ପ୍ରଭାବରେ ବର୍ଷା, ପବନ କେତେଦିନ ଧରି ହେବ, ଗାଁରେ ପରିବାର ସଦସ୍ୟ କେମିତି ରହିବେ, କ'ଣ ଖାଇବେ ଏମିତି ଏକାଧିକ ହବିଷିଆଳି ପରସ୍ପର ମଧ୍ୟରେ ଆଲୋଚନା କରୁଥିବା ଗୁରୁବାର ଶୁଣିବାକୁ ମିଳିଥିଲା। ତେବେ ଯଦି କେହି ଚାହିଁବେ ଗାଁକୁ ଫେରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇ ଆଶ୍ରୟସ୍ଥଳୀରେ ମତାମତ ନିଆଯାଇଥିଲା। ହେଲେ ବ୍ରତ ପାଇଁ ବାତ୍ୟାକୁ ଭୟ କରି ନ ଥିଲେ ଜଣେ ହେଲେ ବି ହବିଷିଆଳି। ବ୍ରତ ସାରି ଘରକୁ ଫେରିବେ ବୋଲି କହିଥିଲେ।ସମ୍ଭାବ୍ୟ ବର୍ଷା, ପବନ ନେଇ ଜିଲାପାଳ ବଲୱନ୍ତ ସିଂ କହିଥିଲେ, ତିନୋଟି ଯାକ ଆଶ୍ରୟସ୍ଥଳୀ ହବିଷିଆଳିଙ୍କ ପାଇଁ ନିରାପଦ ଅଛି। ଗତ ବର୍ଷାରେ କେତେକ ସ୍ଥାନରେ ପାଣି ଛିଟ୍‌କା ମାରିଥିଲା। ସେ ସବୁ ସ୍ଥାନକୁ ଭଲ ଭାବେ ସିଲ୍ କରି ଦିଆଯିବ। ହବିଷିଆଳିଙ୍କ ସୁରକ୍ଷିତ ରହଣି ପାଇଁ ଯାହା ଦରକାର ସେ ସବୁ ବ୍ୟବସ୍ଥା କରାଯାଉଛି। ତେବେ ଏହି ସମୟରେ ନିଜ ପରିବାର ଲୋକଙ୍କ ସହିତ ରହିବା ପାଇଁ ଅନେକ ଉଚିତ ମନେ କରିଥାନ୍ତି। ତେଣୁ କେହି ଯଦି ଚାହିଁବେ ସେମାନେ ତାଙ୍କ ଘରକୁ ଯାଇପାରିବେ ବୋଲି ଗୁରୁବାର ହବିଷିଆଳିଙ୍କୁ ପଚରାଯାଇଥିଲା। ହେଲେ କେହି ବି ଘରକୁ ଯିବାକୁ ରାଜି ହୋଇ ନ ଥିଲେ। ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସର ରଙ୍ଗଲତା କହିଥିଲେ, ଓଡ଼ିଶାରେ ବାତ୍ୟା ହେବ ନାହିଁ ବୋଲି ଜଣେ ଅଧିକାରୀ କହୁଥିଲେ। ଯାହା ଖାଲି ବର୍ଷା ଓ ପବନ ହୋଇପାରେ। ଘର କଥା ତ ଚିନ୍ତା ହେଉଛି। ହେଲେ ହବିଷ କରିବାକୁ ଆସିଛି, ଅଧାରୁ ପଳାଇବା ଠିକ୍ ହେବନି। ବ୍ରତ ସାରି ଘରକୁ ଫେରିବି। ଠାକୁରଙ୍କ ଆଶୀର୍ବାଦ ଥିଲେ ବାତ୍ୟା କିଛି କରିପାରିବନି।

### ଶିକ୍ଷୟିତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣା

# ଅଭିଯୋଗ ଭିତ୍ତିହୀନ: ମନ୍ତ୍ରୀ

### ପରିସ୍ଥିତି ଶାନ୍ତ ପାଇଁ ଦୁଇ ଶିକ୍ଷକଙ୍କ ବଦଳି

ବାଲିଆପାଳ, ୭।୧୧ (ସ୍ୱ.ପ୍ର./ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜାଠିଆଠାରେ ଥିବା ଏକ ହାଇସ୍କୁଲର ଜନୈକା ଶିକ୍ଷୟିତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଯୌନ ନିର୍ଯାତନା ଦେବା ଘଟଣା ପଦାକୁ ଆସିବା ପରେ ଗତ ତିନି ଦିନ ହେଲା ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଥିଲା। ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ ତୁରନ୍ତ ଏହାର ତଦନ୍ତ କରି ବୁଧବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀଙ୍କ ତଦନ୍ତ ରିପୋର୍ଟ ପାଇବା ପରେ ଶିକ୍ଷୟିତ୍ରୀଙ୍କ ଅଭିଯୋଗର ସତ୍ୟାସତ୍ୟ ନ ଥିବା ଗଣଶିକ୍ଷାମନ୍ତ୍ରୀ ଗୁରୁବାର ପ୍ରକାଶ କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ଅନ୍ୟଜଣେ ସହକାରୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଏହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଦୀର୍ଘଦିନ ହେଲା ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ଦେଇ ଆସୁଥିଲେ ବୋଲି ଶିକ୍ଷୟିତ୍ରୀ ଜଣକ ବାଲିଆପାଳ ଥାନା ଓ ଜିଲା ଶିକ୍ଷାଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ଏହି ଘଟଣା ବାହାରେ ପ୍ରକାଶ ନ କରିବାକୁ ତାଙ୍କୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓ ଅନ୍ୟଜଣେ ସହକାରୀ ଶିକ୍ଷକ ଧମକଚମକ ଦେଇଥିବା ଶିକ୍ଷୟିତ୍ରୀଜଣକ ଅଭିଯୋଗରେ ଦର୍ଶାଇଥିଲେ। ଦୀର୍ଘ ଦିନ ଧରି ଏହାର କୌଣସି ତଦନ୍ତ ନ ହେବାରୁ ସେ ବାଧ୍ୟ ହୋଇ ବିଭିନ୍ନ ଗଣମାଧ୍ୟମରେ ସମସ୍ତ କଥା ପ୍ରକାଶ କରିଥିଲେ। ଗଣମାଧ୍ୟମରେ ଏହି ଖବର ବାରମ୍ବାର ପ୍ରଚାରିତ ହେବା ପରେ ଶିକ୍ଷା ବିଭାଗ ଏବଂ ପୋଲିସ ତତ୍ପର ହୋଇପଡିଥିଲା। ଗଣଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଇ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶରେ ବାଲିଆପାଳ ବିଇଓ ନାରାଅଭିୟଣ ଦାସ ଏବଂ ପ୍ରଧାନଶିକ୍ଷୟିତ୍ରୀ ରେବତୀ ଜେନା ମିଳିତ ଭାବେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଆଣିଥିବା ଯୌନ ନିର୍ଯାତନା ଅଭିଯୋଗର ସତ୍ୟତା ନାହିଁ, ଏହା କପୋଳକଳ୍ପିତ ବୋଲି ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ କହିଛନ୍ତି, ଅଭିଯୋଗ ପାଇ ତଦନ୍ତ କରାଯାଇଥିଲା। ତଦନ୍ତରେ ଘଟଣା ସମ୍ପର୍କରେ କୌଣସି ସତ୍ୟାସତ୍ୟ ମିଳି ନ ଥିବାବେଳେ ଉଭୟ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ମନୋମାଳିନ୍ୟ କାରଣରୁ ବିଭିନ୍ନ ସମସ୍ୟା ଉପୁଜିଥିଲା। ବିଦ୍ୟାଳୟର ହିତ ଦୃଷ୍ଟିରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୂତି ପାଢ଼ୀ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ନିମପଦାସ୍ଥିତ ନାୟକରାମଚନ୍ଦ୍ର ସ୍କୁଲ ଓ ସହକାରୀ ଶିକ୍ଷକଙ୍କୁ ଛଡ଼ାସ୍ଥିତ ଆର୍‌କେ ହାଇସ୍କୁଲକୁ ବଦଳି କରିଛନ୍ତି।

# ପାଞ୍ଚବର୍ଷର ଝିଅକୁ ବଳାତ୍କାର

ବୋରିଗୁମ୍ମା, ୭।୧୧ (ଡି.ଏନ୍.ଏ.)

- ଗୁରୁତର ଅବସ୍ଥାରେ ପୀଡ଼ିତା ଜିଲା ଚିକିତ୍ସାଳୟରେ ଭର୍ତ୍ତି
- ଥାନାର ଏତଲା ଦେଲେ ପରିବାର ଲୋକେ

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ବିଜାପୁର ପଞ୍ଚାୟତର ଏକ ଗାଁରେ ଜଣେ ପାଞ୍ଚବର୍ଷର ଶିଶୁକନ୍ୟା ବଳାତ୍କାରର ଶିକାର ହୋଇଛି। ବୁଧବାର ଉକ୍ତ ଗ୍ରାମର ଡମ୍ବୁ ମୁଦୁଲି (୨୫) ମାଛ ଧରିବା ବାହାନାରେ ନାବାଳିକାଙ୍କୁ ଡାକିନେଇ ପାଖ ଜଙ୍ଗଲରେ ବଳାତ୍କାର କରିଥିଲେ। ଏହାପରେ ତାଙ୍କୁ ଘରେ ଆଣି ଛାଡ଼ିଦେବା ସହ ଘଟଣା ବିଷୟରେ ବାହାରେ ପ୍ରକାଶ ନ କରିବା ପାଇଁ ପରିବାର ଲୋକଙ୍କୁ ଧମକ ଦେଇଥିଲେ ଡମ୍ବୁ। କିନ୍ତୁ ପୀଡ଼ିତା ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ପରିବାର ଲୋକେ ଗୁରୁବାର ତାଙ୍କୁ ପ୍ରଥମେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜୟପୁର ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ପରିବାର ଲୋକେ ବୋରିଗୁମ୍ମା ଥାନାରେ ଏତଲା ଦେଇଥିଲେ। ଦଫା ୩୭୬ (ଏବି), ୨୯୪, ୫୦୬ (ବି), ପୋକ୍‌ସୋ ଆଇନ ଅନୁସାରେ କେସ୍ ନଂ ୧୬୧ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସଞ୍ଜୟ ମଣ୍ଡଳ ପ୍ରକାଶ କରିଛନ୍ତି। ଏଯାବତ୍ ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରି ନାହିଁ।

## ଜିଲା ଚିଠି



### ବାଲେଶ୍ୱର

# ଆଦର୍ଶ ବିଦ୍ୟାଳୟ

**ବା**ଲେଶ୍ୱର ଜିଲାର ୧୨ ବ୍ଲକରେ ୧୨ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ୨୦୧୬ ମସିହାରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଗତ ୩ବର୍ଷ ମଧ୍ୟରେ କେବଳ ଗୋଟିଏ ବ୍ଲକରେ ଏହି ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି। ଆଉ ୨ ଆଦର୍ଶ ବିଦ୍ୟାଳୟ ପାଖ ସ୍କୁଲରେ ସାମୟିକ ଭାବେ ଚାଲିଛି। ଅବଶିଷ୍ଟ ୯ ଆଦର୍ଶ ବିଦ୍ୟାଳୟ କାମ ମୂଳରୁ ଆରମ୍ଭ ହୋଇନି। ପ୍ରସ୍ତାବିତ ଯୋଜନା ଅନୁଯାୟୀ ସମସ୍ତ ବ୍ଲକରେ କେବେ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ ହେବ ଓ ଛାତ୍ରୀଛାତ୍ରମାନେ ଏହାର ସୁବିଧା ପାଇବେ ସେନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଢାଞ୍ଚାରେ ଓଡ଼ିଶାରେ ମଡେଲ ସ୍କୁଲ ବା ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ସରକାର ଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସହ କମ୍ପ୍ୟୁଟର ଶିକ୍ଷାରେ ଦକ୍ଷ କରିବା ଏବଂ ଖେଳକୁଦରେ ଆଗୁଆ କରିବା ଭଳି ଉଚ୍ଚାଭିଳାଷ ନେଇ ଏହି ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ବି ଏହି ବିଦ୍ୟାଳୟକୁ ନେଇ ନୂଆ ଆଶା ସଞ୍ଚାର ହୋଇଥିଲା। ରାଜ୍ୟର ସମସ୍ତ ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲାଯିବାକୁ ସ୍ଥିର ହୋଇଥିଲା। ସେଣ୍ଟ୍ରାଲ ବୋର୍ଡ ଅଫ୍ ଏଜୁକେଶନ୍ ଅଧୀନରେ ଷଷ୍ଠଶ୍ରେଣୀରୁ ଯୁକ୍ତ ୨ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣାରେ ୟୁନିଫର୍ମ, ବହିପତ୍ର, ସାଇକେଲ, ହଷ୍ଟେଲ ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏଭଳି ଉନ୍ନତମାନର ଯୋଜନା ଏବେ ଅଧାପନ୍ତରିଆ ଅବସ୍ଥାରେ ରହିଛି ବୋଲି ଅଭିଭାବକଙ୍କ ମହଲରେ ଆଲୋଚନା ହେଉଛି। ବାଲେଶ୍ୱର ଜିଲାର ରେମୁଣା, ନୀଳଗିରି ଓ ଔପଦା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଆଦର୍ଶ ବିଦ୍ୟାଳୟ ଖୋଲିବ ବୋଲି କୁହାଯାଇଥିଲା। ଏଥିଲାଗି ପ୍ରତି ସ୍କୁଲ ପାଇଁ ପ୍ରାୟ ୫କୋଟି ଟଙ୍କା ମଞ୍ଜୁର ହୋଇଥିଲା। କେବଳ ରେମୁଣା ବ୍ଲକରେ ଜିଲାର ପ୍ରଥମ ଆଦର୍ଶ ବିଦ୍ୟାଳୟ ଖୋଲିଥିଲେ ମଧ୍ୟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନି। ୨ବର୍ଷ ହେବ ସେଠାରେ ପାଠପଢ଼ା ଆରମ୍ଭ ହୋଇଥିଲେ ବି ଭିତ୍ତିଭୂମିର ବିକାଶ ହୋଇନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଉକ୍ତ ସ୍କୁଲରେ ପାଠ ପଢୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଛାତ୍ରାବାସ କାମ ଆରମ୍ଭ ହୋଇନି। ଶିକ୍ଷକ ପଦବୀ ଖାଲି ପଡ଼ିଛି। ଅନ୍ୟପକ୍ଷେ ୨୦୧୯-୨୦ ସୁଦ୍ଧା ଔପଦା ଓ ନୀଳଗିରି ବ୍ଲକରେ ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ତରବରିଆ ଭାବେ ଜୁଲାଇ ମାସରୁ ଏହି ୨ ସ୍କୁଲରେ ପାଠପଢ଼ା ଆରମ୍ଭ ହୋଇଛି। ଉକ୍ତ ୨ ସ୍କୁଲରେ ମୋଟ ୧୬୦ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ହେଲେ ଏହାର ନିଜସ୍ୱ କୋଠା ନାହିଁ। ନୀଳଗିରି ସ୍କୁଲ ଜାମୁଡ଼ିହା ୟୁଜିଏମ୍‌ଇ ସ୍କୁଲ ଓ ଔପଦା ନୋଡାଲ ହାଇସ୍କୁଲରେ ଉକ୍ତ ବିଦ୍ୟାଳୟ ଚାଲିଛି। ଶିକ୍ଷକ ଅଭାବରୁ ଉପରୋକ୍ତ ସ୍କୁଲରେ ଅସ୍ଥାୟୀ ଭାବେ ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲାରେ ସିମୁଳିଆ, ବସ୍ତା, ଖଇରା ଓ ଜଳେଶ୍ୱର ବ୍ଲକରେ ବିଦ୍ୟାଳୟ କାମ ନାମକୁ ମାତ୍ର ଆରମ୍ଭ ହୋଇଛି। ସୋର, ଭୋଗରାଇ, ବାହାନଗା, ସଦର ଓ ବାଲିଆପାଳ ବ୍ଲକରେ ଜମି ସମସ୍ୟା ନେଇ କାମ ଅଟକି ରହିଥିବା ଜିଲା ଶିକ୍ଷାଧିକାରୀଙ୍କ ଅଫିସ ସୂତ୍ରରୁ ସୂଚନା ମିଳିଛି।

– ମାନସ ବିଶ୍ୱାଳ

# ଝାରସୁଗୁଡ଼ା-ମୁମ୍ବାଇ ବିମାନ ସେବା ଲାଗି ଧର୍ମେନ୍ଦ୍ରଙ୍କ ଚିଠି

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)

ଝାରସୁଗୁଡ଼ା ଓ ମୁମ୍ବାଇ ମଧ୍ୟରେ ସିଧାସଳଖ ବିମାନ ସେବା ଆରମ୍ଭ କରିବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀଙ୍କୁ ଗୁରୁବାର ପତ୍ର ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ପତ୍ରରେ ଉଲ୍ଲେଖ କରିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଡାନ ଯୋଜନା ସାଧାରଣ ଲୋକଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ପୂରଣ କରିଛି। ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ଝାରସୁଗୁଡା ବିମାନବନ୍ଦର ପ୍ରତିଷ୍ଠା ଯୋଗୁ ଏହି ଯୋଜନାରେ ଓଡିଶା ଲାଭବାନ ହୋଇଛି। ପଶ୍ଚିମ ଓଡିଶା ଲୋକଙ୍କ ଇଚ୍ଛାକୁ ଦୃଷ୍ଟିରେ ରଖି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ସିଧା ବିମାନ ସଂଯୋଗ ସ୍ଥାପନ କରନ୍ତୁ। ପୂର୍ବରୁ ସ୍ପାଇଶଜେଟ୍ ପକ୍ଷରୁ ଝାରସୁଗୁଡାରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ସିଧାସଳଖ ବିମାନ ସେବା ଆରମ୍ଭ ହୋଇଥିଲା। ଏହାଦ୍ୱାରା ପଶ୍ଚିମ ଓଡିଶାର ଅଧିକାଂଶ ଲୋକ ସେବା ପାଇଥିଲେ। ବାଣିଜ୍ୟିକ ଦୃଷ୍ଟିରୁ ମଧ୍ୟ ସଫଳ ହୋଇଥିଲା। ଏହାବ୍ୟତୀତ ସ୍ପାଇଶଜେଟ୍ ଝାରସୁଗୁଡାରୁ ହାଇଦ୍ରାବାଦ ଏବଂ କୋଲକାତାକୁ ମଧ୍ୟ ବିମାନ ସେବା ଆରମ୍ଭ କରିଛି। ଯାହାଦ୍ୱାରା ଦେଶର ଉତ୍ତରପୂର୍ବ ଏବଂ ଦକ୍ଷିଣ ଭାଗରେ ବିମାନ ଯୋଗାଯୋଗ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଦେଶର ବାଣିଜ୍ୟିକ ରାଜଧାନୀ ମୁମ୍ବାଇ ଏବଂ ପଶ୍ଚିମ ଓଡିଶା ମଧ୍ୟରେ ସିଧାସଳଖ ବିମାନ ଯୋଗାଯୋଗର ଅଭାବ ରହିଛି। ଝାରସୁଗୁଡା ଓ ମୁମ୍ବାଇକୁ ସିଧାସଳଖ ବିମାନ ଚଳାଚଳ କରିବା ପାଇଁ ଯାତ୍ରୀମାନଙ୍କ ପକ୍ଷରୁ ଦାବି ରହିଛି। ଲୋକଙ୍କ ସୁବିଧାକୁ ଧ୍ୟାନରେ ରଖି ଖୁବ୍‌ଶୀଘ୍ର ଝାରସୁଗୁଡା ଓ ମୁମ୍ବାଇ ମଧ୍ୟରେ ବିମାନ ସେବା ଆରମ୍ଭ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

# ଏକାଥରେ ଦାନ୍ତ ଘଷି ଗିନିଜ୍ ରେକର୍ଡ

ଭୁବନେଶ୍ୱର, ୭।୧୧ (ବ୍ୟୁରୋ)


କିସ୍ ପରିସରରେ ୨୬,୩୮୨ ଛାତ୍ରୀଛାତ୍ର ଓ ଅନ୍ୟମାନେ ଦାନ୍ତ ଘଷି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି।

ଜଣେ କି ଦୁଇଜଣ ନୁହେଁ, ଗୋଟିଏ ସ୍ଥାନରେ ଏକାସାଙ୍ଗରେ ୨୬,୩୮୨ଜଣ ଦାନ୍ତ ଘଷି କରିଛନ୍ତି ବିରଳ ବିଶ୍ୱ ରେକର୍ଡ। ଗୁରୁବାର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ(କିସ୍) ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିସ୍ ଛାତ୍ରୀଛାତ୍ର, ଅନୁଷ୍ଠାନର କର୍ମଚାରୀ ଏବଂ ଜନଜାତିର ପିଲାମାନଙ୍କ ସମେତ ମୋଟ ୨୬,୩୮୨ ଲୋକ ସାମୁହିକ ଦାନ୍ତ ଘଷି ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛନ୍ତି। କୋଲ୍‌ଗେଟ୍ ପାମୋଲିଭ୍ ଇଣ୍ଡିଆ ଲିମିଟେଡ, ଇଣ୍ଡିଆନ୍ ଆସୋସିଏଶନ ଅଫ୍ ପବ୍ଲିକ ହେଲ୍‌ଥ ଡେଣ୍ଟିଷ୍ଟ୍ରି (ଆଇଏପିଏଚଡି) ଏବଂ କିସ୍‌ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିବାବେଳେ ଏହି ଅବସରରେ ସମସ୍ତେ କୋଲଗେଟ ଟୁଥ୍‌ପେଷ୍ଟ ଏବଂ କୋଲଗେଟ ଟୁଥ୍‌ବ୍ରଶରେ ଦାନ୍ତ ଘଷିଥିଲେ। ଓରାଲ୍ ହେଲ୍‌ଥ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ କୋଲଗେଟ୍‌ର 'କିପ୍ ଇଣ୍ଡିଆ ସ୍ମାଇଲିଂ' ମିଶନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କୋଲ୍‌ଗେଟ୍ ପାମୋଲିଭ୍ ଇଣ୍ଡିଆ ପରିଚାଳନା ନିର୍ଦ୍ଦେଶକ ରାମ ରାଘବନ ଏବଂ ଇଣ୍ଡିଆନ୍ ଆସୋସିଏଶନ୍ ଅଫ୍ ପବ୍ଲିକ ହେଲ୍‌ଥ ଡେଣ୍ଟିଷ୍ଟ୍ରିର ସମ୍ପାଦକ ଡ. ସବ୍ୟସାଚୀ ଶାହା ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଏସ୍‌ଆଇଙ୍କୁ ଦୁର୍ବ୍ୟବହାର, ୨ ଗିରଫ

କଟକ ଅଫିସ, ୭।୧୧– ନିଶାସକ୍ତଙ୍କ କବଳରୁ ବାଦ ପଡ଼ିନାହାନ୍ତି ମହିଳା ପୋଲିସ। କମିଶନରେଟ୍ ପୋଲିସ ଅଧୀନରେ ଘଟିଥିବା ଏଭଳି ଅଭାବନୀୟ ଘଟଣା କଟକର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ବାଦାମବାଡି ଥାନାର ମହିଳା ଏସ୍‌ଆଇ ପୁଷ୍ପଲତା ରାଉତରାୟଙ୍କୁ ନିଶାସକ୍ତ ଅବସ୍ଥାରେ ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦରଘାବଜାର ଚିତ୍ରକାର ସାହିର ତପନ ମହାପାତ୍ର(୪୧) ଓ ଜଗତ୍‌ସିଂପୁର ଜିଲା କୁଜଙ୍ଗ ଅଞ୍ଚଳର ସଚ୍ଚିଦାନନ୍ଦ ପାଣି(୪୦)। ଏସ୍‌ଆଇ ରାଉତରାୟଙ୍କ ପକ୍ଷରୁ ଏ ନେଇ ଅଭିଯୋଗ ହେବା ପରେ ବାଦାମବାଡି ପୋଲିସ ଏକ ମାମଲା(ନଂ. ୨୬୧/୧୯) ରୁଜୁ କରିଛି।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୭ଟାରେ ତପନ ଓ ସଚ୍ଚିଦାନନ୍ଦ ବାଦାମବାଡି ନିୟୁ ଏଲ୍‌ଆଇସି କଲୋନୀ ନିକଟରେ ଥିବା ମଦ ଦୋକାନ ସମ୍ମୁଖ ମୁଖ୍ୟ ରାସ୍ତାରେ ବାଇକ ଉପରେ ବସି ମଦ ପିଉଥିଲେ। ସେହି ସମୟରେ ପାଟ୍ରୋଲିଂ କରୁଥିବା ଏସ୍‌ଆଇ ପୁଷ୍ପଲତାଙ୍କ ନଜରରେ ଏହା ପଡିଥିଲା। ନିୟମାନୁଯାୟୀ ପୁଷ୍ପଲତା ଅଭିଯୁକ୍ତଙ୍କୁ ଜରିମାନା ମାଗିଥିଲେ। ତେବେ ଅଭିଯୁକ୍ତ ଦ୍ୱୟ ନିଶାସକ୍ତ ଅବସ୍ଥାରେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିବାକୁ ଧମକ ଦେଇଥିଲେ। ତେବେ ସନ୍ଧ୍ୟା ସମୟରେ ବାଦାମବାଡି ଭଳି ଜନବହୁଳ ସ୍ଥାନରେ ଯଦି ଜଣେ ମହିଳା ପୋଲିସଙ୍କ ସହ ଏଭଳି ଘଟୁଛି ତା'ହେଲେ ସାଧାରଣ ଜନତାଙ୍କ ପ୍ରତି କ'ଣ ନ ଘଟିବ ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।



ବାପା ଆଦିତ୍ୟ ପାଞ୍ଚୋଲିଙ୍କଠାରୁ ମା ଜରିନା ମାନସିକ ଭାବେ ଅଧିକ ସୁସ୍ଥ। ଅଭିନେତ୍ରୀ କଙ୍ଗନା ରଣାୱତ୍‌ଙ୍କ ସହ ବାପାଙ୍କ ସମ୍ପର୍କକୁ ନେଇ ଉଠିଥିବା ଝଡ଼ର ସମାଧାନ ଘରେ ହୋଇସାରିଛି। ମୁଁ ସେ ସମ୍ପର୍କରେ କହିବା ଠିକ୍ ହେବନି।

-ସୂରଜ ପାଞ୍ଚୋଲି, ବଲିଉଡ୍ ଅଭିନେତା

# ବଲିଉଡ୍‌ର ଦାମୀ ହିରୋ ଅକ୍ଷୟ



**ମୁମ୍ବାଇ:** ସଲ୍‌ମାନ ଖାନ୍ ହୁଅନ୍ତୁ ବା ଶାହରୁଖ୍ ଖାନ୍, ଆମୀର ଖାନ୍ ହୁଅନ୍ତୁ ବା ହ୍ରିତିକ୍ ରୋଶନ, ଏହି ହିରୋମାନେ ଦଶନ୍ଧି ଧରି ବଲିଉଡ୍‌ରେ ନିଜର ଦବ୍‌ଦବା ବଜାୟ ରଖିଛନ୍ତି। ହେଲେ ବଲିଉଡ୍ ସୁପରଷ୍ଟାର ଅକ୍ଷୟ କୁମାରଙ୍କ କଥା ଟିକେ ଅଲଗା। ଅକ୍ଷୟଙ୍କର ରହିଛି ଏକ ସ୍ୱତନ୍ତ୍ର ଫ୍ୟାନ୍ ଫଲୋଇଂସ୍। ସେ ଜଣେ ଏଭଳି ଅଭିନେତା, ଯିଏ ଯେକୌଣସି ଚରିତ୍ରକୁ ନିଜର ଏକ ସ୍ୱତନ୍ତ୍ର ଅଭିନୟ ଶୈଳୀରେ ପରଦାରେ ଫୁଟାଇପାରନ୍ତି। ଖାସ୍ ଏଥିପାଇଁ ବର୍ଷରେ ସର୍ବାଧିକ ଫିଲ୍ମରେ ନଜର ଆସିଥାନ୍ତି ଅକ୍ଷୟ। ଗୋଟିଏ ବର୍ଷରେ ତାଙ୍କର ପ୍ରାୟ ୪-୫ ଟି ଫିଲ୍ମ ରିଲିଜ୍ ହୋଇଥାଏ। ଆକ୍ସନ, କମେଡ଼ି, ଇନ୍‌ଟେନ୍ସ ଲଭ୍, ରୋମାଣ୍ଟିକ୍, ଦେଶଭକ୍ତି ଉପରେ ଆଧାରିତ ହେଉ ବା କୌଣସି ସାମାଜିକ ସମସ୍ୟାକୁ ନେଇ ପ୍ରସ୍ତୁତ ଫିଲ୍ମ ହେଉ ସବୁଥିରେ ଅକ୍ଷୟ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଏଥିପାଇଁ ସେ ଫିଲ୍ମ ପାଇ ଚାଲିଛନ୍ତି ଆଉ ତାଙ୍କ ବଜେଟ୍ ମଧ ବଢ଼ି ଚାଲିଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଅକ୍ଷୟଙ୍କ ୩ଟି ଫିଲ୍ମ ରିଲିଜ୍ ହୋଇସାରିଛି। କେସରୀ, ମିଶନ୍ ମଙ୍ଗଲ୍ ଓ ହାଉସ୍‌ଫୁଲ୍-୪ ରିଲିଜ୍ ହୋଇସାରିଥିବାବେଳେ ଡିସେମ୍ବର ୨୭ରେ ଗୁଡ୍ ନ୍ୟୁଜ୍ ଫିଲ୍ମ ରିଲିଜ୍ ହେବ ବୋଲି ସୂଚନା ମିଳିଛି। ସେହିପରି ଆସନ୍ତା ବର୍ଷ ଅର୍ଥାତ ୨୦୨୦ରେ ସୂର୍ଯ୍ୟବଂଶୀ, ବଚ୍ଚନ ପାଣ୍ଡେ, ପୃଥ୍ୱୀରାଜ୍ ଏବଂ ଲକ୍ଷ୍ମୀ ବମ୍ବ ଫିଲ୍ମ ରିଲିଜ୍ ହେବ। ତେବେ ଏହାରି ଭିତରେ ଅକ୍ଷୟ ପୁଣି ଏକ ଫିଲ୍ମ ସାଇନ୍ କରିଥିବା ଜଣାପଡ଼ିଛି। ଏୟାର ଲିଫ୍‌ଟ ଫିଲ୍ମର ନିର୍ଦ୍ଦେଶକ ନିଖିଲ୍ ଆଡ୍‌ଭାନୀ ଓ ବାସୁ ଭାଗନାନୀଙ୍କ ସହ ଅକ୍ଷୟ ଏହି ଆକ୍ସନ ଫିଲ୍ମରେ କାମ କରିବେ। ଏହା ଏକ ହାଇ-ବଜେଟ୍ ଫିଲ୍ମ ହେବ, ଯାହାର ଅଧିକାଂଶ ଶୁଟିଂ ଲୋକେଶନ୍ ଲଣ୍ଡନ ରହିଛି। ଫିଲ୍ମରେ ଭରପୂର ମନୋରଞ୍ଜନ ସହ ଆକ୍ସନ ଡ୍ରାମା ଦେଖିବାକୁ ମିଳିବ, ଯାହା ବାସ୍ତବିକ କାହାଣୀ ସହ ଜଡ଼ିତ। ତେବେ ଅକ୍ଷୟ ତ ଫିଲ୍ମ ପାଇଁ ରାଜି ଅଛନ୍ତି। ହେଲେ ଫିଲ୍ମ ପାଇଁ ସେ ୧୦୦ କୋଟି ପାଉଣା ନେଇଥିବା ଜଣାପଡ଼ିଛି। ଏବେ ଅକ୍ଷୟ କୁମାର ବଲିଉଡ୍‌ର ସବୁଠାରୁ ଦାମୀ ଅଭିନେତା ବୋଲି କୁହାଯାଉଛି।

# ପ୍ରେମୀଯୁଗଳଙ୍କ ଆଶା 'ଜୁଲିଏଟ୍ କ୍ଲବ'





**ଭେରୋନା:** ପ୍ରେମ ପ୍ରଣୟର କବି ୱିଲିୟମ ସେକ୍ସପିୟର, ଯାହାଙ୍କ କାଳଜୟୀ କବିତା, ଗଳ୍ପ, ଉପନ୍ୟାସ, ନାଟକକୁ ଆଜି ବି ଝୁରି ହେଉଛନ୍ତି ବିଶ୍ୱବାସୀ। 'ଦି ବାର୍ଡ ଅଫ୍ ଏଭନ' ନାମରେ ପରିଚିତ ଏହି ପ୍ରସିଦ୍ଧ ଲେଖକଙ୍କ ବିଷୟରେ ଯେତେ ପ୍ରଶଂସା କଲେ ବି କମ୍ ହେବ। ହୁଏତ ଅନେକେ ଜାଣି ନ ଥିବେ ସେକ୍ସପିୟରଙ୍କ ପ୍ରେମିକା 'ଜୁଲିଏଟ୍'ଙ୍କ ନାମରେ ଏବେ ବି ଆସୁଛି ହଜାର ହଜାର ଚିଠି। ଆଉ ସବୁଠାରୁ ରୋଚକ କଥା ହେଉଛି, ସବୁ ଚିଠିର ଉତ୍ତର ମଧ ଦିଆଯାଉଛି। ଏଥିପାଇଁ ଗଠିତ ହୋଇଛି 'ଜୁଲିଏଟ୍ କ୍ଲବ'। ଇଟାଲୀର ଅନ୍ୟତମ ସୁନ୍ଦର ସହର 'ଭେରୋନା'। ଏକଥା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ ସୁନ୍ଦରତା ପାଇଁ ନୁହେଁ, ବରଂ ସେକ୍ସପିୟରଙ୍କ ପ୍ରେମିକା 'ଜୁଲିଏଟ'ଙ୍କ ସହର ପାଇଁ ଏହା ବେଶି ପରିଚିତ। ଜୁଲିଏଟଙ୍କ ସ୍ମୃତିରକ୍ଷା ପାଇଁ ଏଠାରେ ରହିଛି 'ଜୁଲିଏଟ କ୍ଲବ'। ଏଠାକୁ ସାରା ଦୁନିଆଁରୁ ବିଭିନ୍ନ ଭାଷାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଚିଠି ଆସୁଛି। ସେଥିମଧ୍ୟରୁ ଅଧିକାଂଶ ଚିଠି ପ୍ରେମରେ ବିଫଳ ହୋଇଥିବା ପ୍ରେମିକାପ୍ରେମିକଙ୍କର। ଏହା ପଛରେ ରହିଥିବା ବିଶ୍ୱାସ ବି ବଡ଼ ଆଶ୍ଚର୍ଯ୍ୟଜନକ। ଜୁଲିଏଟ୍‌ଙ୍କ ନାମରେ ଚିଠି ଲେଖିଲେ ପ୍ରେମର ପଥ କୁସୁମିତ ହେବ। ଖାସ୍ ଏଇ ବିଶ୍ୱାସ ପାଇଁ ସେକ୍ସପିୟରଙ୍କ ମୃତ୍ୟୁର ଦୀର୍ଘ ୪ଶହ ବର୍ଷ ପରେ ଏବେ ବି 'ଲଭ୍ ସିମ୍ବଲ' ଭାବେ ପରିଗଣିତ ହେଉଛନ୍ତି 'ଜୁଲିଏଟ'। ମଜାରକଥା ହେଉଛି ସିଂହଭାଗ ଚିଠି ଜୁଲିୟଟ୍‌ଙ୍କ ନାମରେ ଆସୁଛି। ହାତଗଣତି ପତ୍ର ସେକ୍ସପିୟରଙ୍କ ଉଦ୍ଦେଶ୍ୟରେ ଲେଖାଯାଉଥିବା ଦେଖିବାକୁ ମିଳିଛି। ପତ୍ରର ଉତ୍ତର ରଖିବାକୁ ଏକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି। ଏହି ଟିମ୍‌ରେ ଅନେକ ଭାଷା ଅନୁବାଦକ, ମନୋବିଜ୍ଞାନୀ, ଡାକ୍ତର, ଉଚ୍ଚକୋଟୀର ଲେଖକ, ଶିକ୍ଷାବିତ୍, ବୁଦ୍ଧିଜୀବୀଙ୍କ ସମେତ ମାର୍ଗଦର୍ଶକ ଅଛନ୍ତି। ଜୁଲିଏଟ୍‌ଙ୍କ ପ୍ରତିନିଧି ଭାବେ ସେମାନେ ମାତ୍ର କିଛି ମିନିଟ୍ ମଧ୍ୟରେ ଚିଠିଗୁଡ଼ିକର ଉତ୍ତର ପତ୍ରପ୍ରେରକଙ୍କ ଉଦ୍ଦେଶ୍ୟରେ ପଠାଇଥାନ୍ତି। କ୍ଲବର ୪୧ବର୍ଷୀୟ ସଦସ୍ୟ ମାର୍ଟିନ ହୋପ୍‌ଲେ କୁହନ୍ତି, କ୍ଲବର ଲୋକପ୍ରିୟତା ଏତେ ଯେ, କେବଳ 'ଜୁଲିଏଟ...ଭେରୋନା...ଇଟାଲୀ' ଠିକଣା ଲେଖିଦେଲେ ଚିଠିଟି ବିନା କୌଣସି ପ୍ରତିବନ୍ଧକରେ ଆସିଯାଇଥାଏ। ଅନୁଭବ ଆଧାରରେ କ୍ଲବର ସଦସ୍ୟମାନେ ପ୍ରେମିକାପ୍ରେମିକଙ୍କ ମନକୁ ବୁଝି ସେମାନଙ୍କୁ ସନ୍ତୁଷ୍ଟ କରିବା ଭଳି ଚଠି ଲେଖିଥାନ୍ତି। ପ୍ରେମର ଦ୍ୱନ୍ଦ୍ୱ ଭିତରେ ଥିବା ଲଭବାର୍ଡଙ୍କୁ ମୂଲ୍ୟବାନ ପରାମର୍ଶ ଦିଆଯାଇଥାଏ। ଏଥିଲାଗି ସେମାନେ ପ୍ରତିଶ୍ରୁତିବଦ୍ଧ। ହୋପ୍‌ଲେ ଆହୁରି ମଧ କହିଛନ୍ତି, ଡାକବାଲା ପ୍ରତିଦିନ ଚିଠି ଦେଇଯାଏ। ଏହାପରେ ସେଗୁଡ଼ିକୁ ପଢ଼ି ଉତ୍ତର ଦିଆଯାଏ। ଏହା ସତ୍ୟ ଯେ, ଉତ୍ତର ଦେଇଦେଲେ ପ୍ରେମୀଯୁଗଳଙ୍କ ସମସ୍ୟା ସମାଧାନ ହୋଇଯିବ ତାହା ନୁହେଁ, ଆମର ମୌଳିକ ଉଦ୍ଦେଶ୍ୟ ପ୍ରେମର ପ୍ରତୀକ 'ଜୁଲିଏଟ'ଙ୍କୁ ଲୋକଙ୍କ ମନରେ ଜୀବିତ ରଖିବା।

# ସାଇନାଙ୍କ ବାୟୋପିକ୍ ପାଇଁ କଠିନ ପରିଶ୍ରମ କରୁଛନ୍ତି ପରୀ



**ମୁମ୍ବାଇ:** ଯେତେବେଳେ ବାୟୋପିକ୍ କଥା ଆସେ, ସେତେବେଳେ ଅଭିନେତ୍ରୀ/ଅଭିନେତାଙ୍କୁ ବିଶେଷ ପ୍ରସ୍ତୁତି କରିବାକୁ ପଡ଼ିଥାଏ। କାରଣ କୌଣସି କାଳ୍ପନିକ ଚରିତ୍ରକୁ ପରଦା ଉପରେ ଜୀବନ୍ତ କରି ଉତାରିବାଠାରୁ କାହିଁ କେତେ ଗୁଣ କଷ୍ଟକର ଜଣେ ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ଚରିତ୍ରରେ ଅଭିନୟ କରିବା। କାରଣ ବାୟୋପିକ୍‌ରେ ଉକ୍ତ ଚରିତ୍ର ସହ ଦର୍ଶକେ ଆଗରୁ ଅଳ୍ପବହୁତେ ଜଡ଼ିତ ଥାଆନ୍ତି। ଏଣୁ ଅଭିନୟ ଜୀବନ୍ତ ଓ ବାସ୍ତବିକ ଅନୁଭବ ନ ହେଲେ, ଦର୍ଶକ ତୁଳନାତ୍ମକ ଦୃଷ୍ଟିକୋଣରୁ ଅସନ୍ତୁଷ୍ଟ ହୋଇପାରନ୍ତି। ଏଣୁ ଅନେକ ସମୟରେ ବାୟୋପିକ୍‌ରେ ଅଭିନୟ କରୁଥିବା ଅଭିନେତ୍ରୀ/ଅଭିନେତାଙ୍କୁ ସମ୍ପୃକ୍ତ ଚରିତ୍ରରେ ବାସ୍ତବିକତା ଆଣିବାକୁ ଅଧିକରୁ ଅଧିକ ପରିଶ୍ରମ ଓ ପ୍ରୟାସ କରିବାକୁ ପଡ଼ିଥାଏ। ଏହି କ୍ରମରେ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଆଜିକାଲି କରୁଛନ୍ତି କଠିନ ପରିଶ୍ରମ। କାରଣ ଭାରତର ଗର୍ବ ଓ ଗୌରବ ବ୍ୟାଡ୍‌ମିଣ୍ଟନ୍ ଖେଳାଳୀ ସାଇନା ନେହ୍ୱାଲ୍‌ଙ୍କ ଜୀବନୀକୁ ନେଇ ପ୍ରସ୍ତୁତ ଫିଲ୍ମରେ ପରିଣୀତି ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଏବେ ଏଭଳି ଜଣେ ତାରକାଙ୍କ ଜୀବନୀକୁ ପରଦାରେ ଫୁଟାଇବାକୁ ହେଲେ ପରୀଙ୍କୁ କଷ୍ଟ ତ କରିବାକୁ ପଡ଼ିବ। ଏଥିପାଇଁ ତାଙ୍କୁ ସାଇନାଙ୍କ ଚାଲିଚଳନ, କଥାବାର୍ତ୍ତା, ବେଶଭୂଷା ଓ ବିଶେଷକରି ବ୍ୟାଡ୍‌ମିଣ୍ଟନ ଖେଳିବା ଷ୍ଟାଇଲ୍ ଶିଖିବାକୁ ପଡୁଛି। ବାକି ସବୁ ଠିକ୍ ଅଛି, କିନ୍ତୁ ବ୍ୟାଡ୍‌ମିଣ୍ଟନ୍ ଅଭ୍ୟାସ କରିବାରେ ପରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ବ୍ୟାଡ୍‌ମିଣ୍ଟନ୍ ଅଭ୍ୟାସ ପାଇଁ ପରୀଙ୍କୁ ମୁମ୍ବାଇସ୍ଥିତ ରାମଶେଠ୍ ଠାକୁର ଇଣ୍ଟରନ୍ୟାଶନାଲ୍ ସ୍ପୋର୍ଟସ୍ କମ୍ପ୍ଲେକ୍ସ ଯିବାକୁ ପଡୁଛି, ଯେଉଁଥିରେ ତାଙ୍କର ୫-୬ ଘଣ୍ଟା ସମୟ ନଷ୍ଟ ହୋଇଯାଉଛି। ଫଳରେ ସେ ଆବଶ୍ୟକତା ଅନୁଯାୟୀ ଶୋଇପାରୁ ନାହାନ୍ତି ଓ ଅନ୍ୟ କାମ ମଧ ଠିକ୍ ସମୟରେ କରିପାରୁନାହାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଏଣିକି ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ହିଁ ଅଭ୍ୟାସ ସରିବା ପର୍ଯ୍ୟନ୍ତ ରହିବାକୁ ସେ ସ୍ଥିର କରିଛନ୍ତି। ଘରଠାରୁ ଦୂର ସେଠାରେ ରହି ଏବେ ସାଇନାଙ୍କ ଭଳି ଖେଳିବାର ଅଭ୍ୟାସ ଚଳାଇଛନ୍ତି ପରିଣୀତି। ଅନ୍ୟପକ୍ଷରେ ସାଇନା ନେହ୍ୱାଲ୍‌ଙ୍କ ବାୟୋପିକ୍‌ରେ ପ୍ରଥମେ ଶ୍ରଦ୍ଧା କପୁରଙ୍କୁ ଫାଇନାଲ୍ କରାଯାଇଥିଲା। ତେବେ ଶ୍ରଦ୍ଧାଙ୍କ ହାତରେ ଅନେକ ଫିଲ୍ମ ଥିବାରୁ ସେ ଏହି ଫିଲ୍ମକୁ ରିଜେକ୍ଟ କରିଦେଇଥିଲେ। ପରେ ପରିଣୀତିଙ୍କୁ ଏହି ଫିଲ୍ମ ପାଇଁ ଚୟନ କରାଗଲା ଓ ସେ ରାଜି ମଧ ହୋଇଗଲେ। ଫିଲ୍ମକୁ ସୁପରହିଟ୍ କରିବା ଲାଗି ଏବେ ପରୀ ସମ୍ପୂର୍ଣ୍ଣଭାବେ ଲାଗିପଡିଛନ୍ତି। ସେ କଠିନ ପରିଶ୍ରମ ଜାରି ରଖିଛନ୍ତି। ଆଗାମୀ ଦିନରେ ଫିଲ୍ମଟି କେତେ ସଫଳ ହେଉଛି ଓ ଦର୍ଶକଙ୍କ ମନକୁ ଛୁଉଁଛି ତାହା ସମୟ ହିଁ କହିବ।

# ୮୦ ଭାଗ ଲୋକ ଖାଆନ୍ତି କୀଟପତଙ୍ଗ

**ଆଲମୋରା:** ଆଗାମୀ ଦିନରେ ପୃଥିବୀରେ ଖାଦ୍ୟ ସଙ୍କଟ ଦେଖାଯିବ। ଏପରିସ୍ଥଳେ କୀଟପତଙ୍ଗଙ୍କୁ ଖାଦ୍ୟ ଭାବେ ବ୍ୟବହାର କରାଗଲେ ଏହି ସମସ୍ୟାର ସହଜରେ ସମାଧାନ ହୋଇପାରିବ। ସମ୍ପ୍ରତି ପୃଥିବୀର ୮୦ ପ୍ରତିଶତ ଲୋକ କୀଟପତଙ୍ଗଙ୍କୁ ଖାଦ୍ୟ ଭାବେ ଗ୍ରହଣ କରୁଛନ୍ତି। ତେବେ ଅବଶିଷ୍ଟ ୨୦ ପ୍ରତିଶତ ଲୋକ ଏଭଳି କରୁ ନ ଥିବା ଉତ୍ତରାଖଣ୍ଡର ଆଲମୋରା ସ୍ଥିତ ଜି.ବି. ପନ୍ଥ ଜାତୀୟ ହିମାଳୟ ପରିବେଶ ସଂରକ୍ଷଣ ଏବଂ ବିକାଶ ସଂସ୍ଥା ପକ୍ଷରୁ ପ୍ରକାଶିତ ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଭାରତର ଉତ୍ତର ପୂର୍ବ ରାଜ୍ୟ ମଧ୍ୟରେ ମଣିପୁର, ଅରୁଣାଚଳ ପ୍ରଦେଶ ଏବଂ ନାଗାଲାଣ୍ଡରେ ବଜାରରେ କୀଟପତଙ୍ଗ ବିକ୍ରି ହୋଇଥାଏ। ଏସବୁରେ ଉଚ୍ଚକୋଟୀର ପୋଷକ ତତ୍ତ୍ୱ ରହିଥାଏ। ସେହିପରି କେରଳ, ତାମିଲନାଡୁ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ମଧ କେତେକ କୀଟପତଙ୍ଗଙ୍କୁ ଖାଦ୍ୟ ଭାବେ ବ୍ୟବହାର କରାଯାଇଥାଏ। ଭାରତରେ ଶହେରୁ ଅଧିକ ପ୍ରଜାତିର କୀଟପତଙ୍ଗଙ୍କୁ ଲୋକେ ଖାଇଥାନ୍ତି। ଚାଇନା, ଜାପାନ, ଥାଇଲାଣ୍ଡ, ମ୍ୟାନ୍‌ମାର୍ ଏବଂ ଆମେରିକା ସହିତ ୟୁରୋପ, ଆଫ୍ରିକାରେ ମଧ କୀଟପତଙ୍ଗଙ୍କୁ ଖାଦ୍ୟ ରୂପେ ବ୍ୟବହୃତ କରାଯାଇଥାଏ। ତେଣୁ କୀଟପତଙ୍ଗ ପ୍ରଜାତି ସଂରକ୍ଷଣ କରିବା ଆବଶ୍ୟକ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି। ଇତି ମଧ୍ୟରେ ପୃଥିବୀରୁ ଖାଦ୍ୟ ଯୋଗ୍ୟ ୪୩୯ ପ୍ରଜାତିର କୀଟପତଙ୍ଗ ଲୋପ ପାଇଯାଇଛନ୍ତି। ସାରା ପୃଥିବୀରେ ୧୯ ଶହରୁ ଅଧିକ ପ୍ରଜାତିର କୀଟପତଙ୍ଗଙ୍କୁ ଲୋକେ ପାରମ୍ପରିକ ଖାଦ୍ୟ ଭାବେ ଗ୍ରହଣ କରୁଥିବା ରିପୋର୍ଟରେ ଦର୍ଶାଯାଇଛି।



# ମନ୍ଦିର ସଜ୍ଜାରେ ଲାଗୁଛି ମୁସଲମାନଙ୍କ ହାତଗୁନ୍ଥା ଫୁଲ



**ଅଯୋଧ୍ୟା:** ଫୁଲ କାମ ମାଳୀ ସମ୍ପ୍ରଦାୟର ଲୋକମାନେ କରୁଥିବାବେଳେ ଅଯୋଧ୍ୟାରେ ୯୦ ପ୍ରତିଶତ ମୁସଲମାନ ପରିବାର ଏହି କାମରେ ଲାଗିଥାନ୍ତି । ଫୈଜାବାଦ (ଯାହାର ନାମ ପରିବର୍ତ୍ତନ କରାଯାଇ ଏବେ ଅଯୋଧ୍ୟା ରଖାଯାଇଛି)ରେ ମୁସଲମାନମାନେ ମନ୍ଦିରଗୁଡିକ ପାଖରେ ଥିବା ଦୋକାନରେ ଫୁଲ କାମରେ ଲାଗିଥାନ୍ତି । ଫୁଲ କ୍ଷେତରୁ ନିତିଦିନ ଅଯୋଧ୍ୟାରେ ଫୁଲ ପହଞ୍ଚାଇଥାନ୍ତି ଏମାନେ। ଫୁଲ ମାଳା, ତୋଡା ତିଆରି କରିବା ସମେତ ବିଭିନ୍ନ ସାଜସଜ୍ଜା କାର୍ଯ୍ୟରେ ସେମାନେ ଲାଗିପଡନ୍ତି। ଅଜମଲ ହେଉକି ଅମୀନ ଭଣ୍ଡାର ନାମରେ ପୁରୁଣା ଫୈଜାବାଦର ସବୁ ଗଳିକନ୍ଦିରେ ଦେଖିବାକୁ ମିଳେ ଫୁଲର ଭଣ୍ଡାର । ସେମାନଙ୍କ ଫୁଲ ମନ୍ଦିର ସଜ୍ଜାରେ ବ୍ୟବହାର କରାଯାଉଛି। ସୁପ୍ରିମକୋର୍ଟରେ ଶ୍ରୀରାମମନ୍ଦିର ଓ ବାବ୍ରୀ ମସଜିଦ ବିବାଦର ଶୁଣାଣୀ ଶେଷ ହୋଇଛି। ଏହାର ଚୂଡ଼ାନ୍ତ ରାୟକୁ ଏବେ ଅପେକ୍ଷା। କିନ୍ତୁ ସେଠାରେ ଯେ ମୁସଲମାନଙ୍କ ମେହନତି ସୂତାରେ ହିନ୍ଦୁମାନଙ୍କ ଆସ୍ଥାର ଫୁଲ ଗୁନ୍ଥାଯାଇ ଭଗବାନଙ୍କୁ ଅର୍ପଣ କରାଯିବା ଶାନ୍ତି ଓ ସଦ୍‌ଭାବନାର ବାର୍ତ୍ତା ଦେଉଛି। ଶ୍ରଦ୍ଧାଳୁମାନେ ମନ୍ଦିରରେ ଫୁଲ ଚଢାଇଲେ ବି ପରୋକ୍ଷରେ ସେମାନଙ୍କ ପ୍ରାର୍ଥନା ପ୍ରଭୁଙ୍କ ପାଖରେ ପହଞ୍ଚିଯାଉଛି। ଅଯୋଧ୍ୟାରେ ଶାନ୍ତି ରହିବ ଓ ଏହାଯୋଗୁ ସେମାନେ ଫୁଲ ବ୍ୟବସାୟରୁ ଜୀବିକା ଲାଭ କରିପାରିବେ ବୋଲି ଏମାନେ ଆଶାବାନ୍ଧିଛନ୍ତି।

# ଡାଇବେଟିସ୍ ଦୂର କରେ ଧନିଆପତ୍ର ଚଟଣି

**ନୂଆଦିଲ୍ଲୀ:** ଧନିଆ ପତ୍ର ଚଟଣି ଶରୀର ପାଇଁ ବହୁ ଉପକାରୀ। ନିୟମିତ ଏହାକୁ ଖାଇଲେ ଶରୀରରେ ଇନ୍‌ସୁଲିନ କ୍ଷରଣ ସ୍ୱାଭାବିକ ହେବା ସହ ସୁଗାର ଲେବଲ୍ କମ ହୋଇଥାଏ। ଫଳରେ ଡାଇବେଟିସ୍ ସମସ୍ୟା ଦୂର ହୋଇଥାଏ। ଏହା ରକ୍ତସଞ୍ଚାଳନକୁ ନିୟନ୍ତ୍ରିତ କରିବା ସହ ହାର୍ଟ ଆଟାକ୍‌ରୁ ଦୂରେଇ ରଖେ। ଏହାକୁ ଖାଇଲେ ହଜମ ଶକ୍ତି ବୃଦ୍ଧି ପାଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ କରାଯାଇଛି। ଏଥିରେ ଭିଟାମିନ୍-ସି ଓ ଭିଟାମିନ୍-କେ ଥାଏ। ଏହା କ୍ୟାନ୍‌ସର ଆଶଙ୍କା ମଧ ଦୂରକରିଥାଏ ବୋଲି ଦର୍ଶାଯାଇଛି।



# ୱାର୍ଡର ଭୋଟର ସଂଖ୍ୟା ୧୬

**ଜୟପୁର:** ନଗରପାଳିକା ନିର୍ବାଚନର ଏକ ରୋଚକ ଖବର ଏବେ ସାମ୍‌ନାକୁ ଆସିଛି , ଯେଉଁଠି ମାତ୍ର ୯ ଖଣ୍ଡ ଭୋଟ ପାଇଲେ ଜଣେ ୱାର୍ଡସଭ୍ୟ ନିର୍ବାଚିତ ହେବେ । ଏହି ଘଟଣା ହେଉଛି ଦେଶର ପ୍ରମୁଖ ସେନାଛାଉଣୀ ମଧ୍ୟରୁ ରାଜସ୍ଥାନର ଆଜ୍‌ମେର ଜିଲା ଅନ୍ତର୍ଗତ ନସିରାବାଦ ନଗର ନିଗମର। ନସିରାବାଦରେ କ୍ୟାଣ୍ଟନମେଣ୍ଟ ପରିଷଦ ଅଧୀନରେ ଥିବା ଏକ ହାଉସିଂ ବୋର୍ଡ କଲୋନୀକୁ ନୂଆ ନଗର ନିଗମ ଭାବେ ଘୋଷଣା କରାଯାଇଥିଲା ୨୦୧୮ରେ। ଦୀର୍ଘଦିନ ଧରି କଲୋନୀର ଲୋକମାନେ ଏଥିପାଇଁ ଦାବି କରିଆସୁଥିଲେ ଓ ତତ୍‌କାଳୀନ ସରକାର ଏହାକୁ ନଗରନିଗମର ମାନ୍ୟତା ପ୍ରଦାନ କରିଥିଲେ। ନିଗମ ଘୋଷଣା କରାଯାଇଥିଲେ ମଧ ଏହାର ବାସିନ୍ଦା କ୍ୟାଣ୍ଟେନମେଣ୍ଟ ପରିଷଦ ଅଧୀନରେ ହିଁ ରହିଛନ୍ତି। ନିଗମରେ ଥିବା ୨୦ଟି ୱାର୍ଡରେ ୧୦୦୦ଟି ଘର ଓ ୯୫୭ ଜଣ ଭୋଟର ରହିଛନ୍ତି। ଏହା ସବୁଠାରୁ ଛୋଟ ନଗରନିଗମ। ନଭେମ୍ବର ୧୬ରେ ପ୍ରଥମଥର ପାଇଁ ଏହାର ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ନିଗମର ୮ ନମ୍ବର ୱାର୍ଡରେ ରହିଛନ୍ତି ୧୬ ଜଣ ଭୋଟର। ଏଥିରୁ ଜଣେ ପ୍ରାର୍ଥୀଙ୍କୁ ଯଦି ୯ ଖଣ୍ଡ ଭୋଟ୍ ମିଳିଯାଏ ତେବେ ସେ ବିଜୟୀ ହୋଇପାରିବେ। ଏହାକୁ ଏମିତି ଗଠନ କରାଯାଇଛି ଯେ ଯଦି କୌଣସି ପରିବାର ସଦସ୍ୟ ସଂଖ୍ୟା ୧୦ ଥିବେ ତେବେ ସେହି ପରିବାରର କୌଣସି ସଦସ୍ୟ ସହଜରେ ନିଗମର ୱାର୍ଡ ସଭ୍ୟ ହୋଇପାରିବେ ।



## ସଂକ୍ଷେପରେ

### ମଦ ଜବତ, ୩ ଗିରଫ

**ପରଜଙ୍ଗ, ୭।୧୧(ଡି.ଏନ.ଏ.):** ପରଜଙ୍ଗ ଅବକାରୀ ବିଭାଗ କର୍ମଚାରୀ ଗୁରୁବାର ମହାବିରୋଡ ଫାଣ୍ଡି ଅଞ୍ଚଳରେ ଚଢ଼ାଉ କରି ୫୦ ଲିଟର ଚୋରା ମହୁଲି ମଦ ସହ ଏକ ବାଇକ୍ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୁରୁଜାଙ୍ଗୁଲି ଗ୍ରାମର ମଧୁ ପ୍ରଧାନ, ଆମ୍ବପଳାସ ଗ୍ରାମର ସିପୁ ସାହୁ ଏବଂ ସୁଶାନ୍ତ ସାହୁ। ଏ ନେଇ ପୃଥକ୍ ମାମଲା ରୁଜୁ କରାଯାଇଛି। ଅବକାରୀ ଏସ୍ଆଇ ନିରଞ୍ଜନ ନାୟକ, ଏଏସ୍ଆଇ ବଟକୃଷ୍ଣ ରାଉଳ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ଅବସରପ୍ରାପ୍ତ ପ୍ରଶାସକଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୭।୧୧:** ଓଡ଼ାପଡ଼ା ବ୍ଲକ ବେଲପଡ଼ା ଗ୍ରାମର ଅବସରପ୍ରାପ୍ତ ପ୍ରଶାସକ ଦୋଳଗୋବିନ୍ଦ ବରାଳ (୭୪)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଛି। ସେ ଢେଙ୍କାନାଳ ଶିଳ୍ପକେନ୍ଦ୍ର ମ୍ୟାନେଜର, ମହିଳା ପଲିଟେକ୍ନିକ ଅଧକ୍ଷ ଏବଂ କଟକ ଆଇଟିଆଇର ଅଧକ୍ଷ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରି ଅବସର ନେଇଥିଲେ। ସ୍ୱର୍ଗତ ବରାଳ କଟକ ସତ୍ୟସାଇ ସେବା ସମିତିର ଆବାହକ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳବାସୀଙ୍କ ମଧରେ ଶୋକ ପ୍ରକାଶ ପାଇଛି।

### ନାବାଳିକାଙ୍କ ଆତ୍ମହତ୍ୟା

**ବଡ଼ସାହି,୭।୧୧(ସ୍ୱ.ପ୍ର):** ବଡ଼ସାହି ବ୍ଲକ ଅଞ୍ଚଳର ଜନୈକା ୧୫ ବର୍ଷୀୟା ନାବାଳିକା ବୁଧବାର ରାତିରେ ଆତ୍ମହତ୍ୟା କରିଛନ୍ତି। ଘରେ ସମସ୍ତେ ଖାଇପିଇ ଶୋଇଥିବା ବେଳେ ନାବାଳିକା ଜଣକ ପିନ୍ଧା ଲୁଗାରେ ଫାଶି ଦେଇଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ଝୁଲୁଥିବା ପରିବାର ଲୋକ ଦେଖିଥିଲେ। ଖବରପାଇ ବୈଶିଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୦/୧୯) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ଷଣ୍ଢ ଚାଲାଣ ଘଟଣାରେ ୨ ଗିରଫ

**ଖୁଣ୍ଟା,୭।୧୧(ଡି.ଏନ୍.ଏ.):** ଖୁଣ୍ଟା ଥାନା ଅଧୀନ ଭୋଲାଗଡ଼ିଆ ଗ୍ରାମରୁ ୩ଟି ବୁଲା ଷଣ୍ଢଙ୍କୁ ଏକ ପିକ୍ଅପ୍ ଭ୍ୟାନରେ ଚାଲାଣ କରୁଥିବା ୨ ଅଭିଯୁକ୍ତଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ. ୧୩୬/୧୯) ରୁଜୁ କରିବା ସହ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୁଣ୍ଟା ଥାନା ଅଧୀନ ବାରଡାଙ୍ଗୁଆ ଗ୍ରାମର ରଞ୍ଜିତ କୁଅଁର ଓ ବୈଶିଙ୍ଗା ଥାନା ଅଧୀନ ପଦ୍ମପୁର ଗ୍ରାମର ଜଟିଆ ସିଂ।

ନନ୍ଦୁର ସରପଞ୍ଚ ନିର୍ବାଚନ ମାମଲା

### ଆଜି କୋର୍ଟରେ ପୁନଃ ଗଣତି

**ଖଇରା, ୭।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ପଞ୍ଚାୟତ ସରପଞ୍ଚ ଆସନ ଲାଗି ପୁନଃ ଗଣତି ପାଇଁ ସୋର କୋର୍ଟ ତରଫରୁ ଶୁକ୍ରବାର ଦିନ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ଖଇରା ରାଜନୈତିକ ମହଲରେ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ପ୍ରକାଶଥାଉ କି, ଗତ ୨୦୧୭ ପଞ୍ଚାୟତ ନିର୍ବାଚନରେ ପ୍ରଥମ ଭୋଟ କେନ୍ଦ୍ରରେ ହୋଇଥିବା ଗଣତିରେ ଭାଜପା ସମର୍ଥିତ ପ୍ରାର୍ଥୀ ସୁରେନ୍ଦ୍ର ନାଥ ନାୟକ ୭ଖଣ୍ଡ ଭୋଟରେ ବିଜେଡି ସମର୍ଥିତ ଜୟନ୍ତୀ ପତିଙ୍କୁ ହରାଇଥିଲେ। ପରେ ବ୍ଲକ ପରିସରରେ ହୋଇଥିବା ପୁନଃ ଗଣତିରେ ଏହି ବ୍ୟବଧାନ କମି ୧କୁ ଚାଲି ଆସିଥିଲା। ଏଥିରେ ଅସନ୍ତୁଷ୍ଟ ଜୟନ୍ତୀ ପତି ପୁନଃ ଗଣତି ପାଇଁ ସୋର କୋର୍ଟର ଆଶ୍ରୟ ନେଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ମହିଳାଙ୍କ ମୃତ୍ୟୁ

**ବଡ଼ସାହି,୭।୧୧(ସ୍ୱ.ପ୍ର)** ବୈଶିଙ୍ଗା ଥାନା ମାଣତ୍ରୀ ଗ୍ରାମରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଶ୍ୟାମ ସୁନ୍ଦର ଦେହୁରୀଙ୍କ ସ୍ତ୍ରୀ ଝୁନାମଣି(୪୫)ଙ୍କ ମୃତ୍ୟୁ ଘଟିଛି। ଝୁନା ଦୀପାବଳି ସମୟରୁ ବାହାରେ ଲଗାଯାଇଥିବା ଲାଇଟ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମାଣତ୍ରୀ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ବୈଶିଙ୍ଗା ପୋଲିସ ଅପମୃତ୍ୟୁ ମାମଲା (ନଂ.୩୧/୧୯) ରୁଜୁ କରି ମୃତଦେହ ବ୍ୟବେଚ୍ଛଦ ପାଇଁ ପଠାଇଛି।

■ ବାର୍ଷିକ ମେଳାରେ ମୁଖରିତ ତପୋବନ

# ସାମିଲ ହେଲେ ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ଢେଙ୍କାନାଳ ଅଫିସ, ୭।୧୧**

କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ତିଥିରେ ମହିମା ଧର୍ମର ଆଦିପୀଠ ତପୋବନରେ ଗୁରୁବାର ଅନୁଷ୍ଠିତ ହୋଇଛି ପ୍ରସିଦ୍ଧ ତପୋବନ ମେଳା। ରାଜ୍ୟ ସମେତ ବାହାର ରାଜ୍ୟରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ପୀଠ ପରିସରରେ ଥିବା ଶୂନ୍ୟ ମନ୍ଦିରରେ ଅହୋରାତ୍ର ଧୁନି ପ୍ରଜ୍ୱଳନ କରାଯାଇଥିଲା। ମାନସିକଧାରୀ ଶ୍ରଦ୍ଧାଳୁମାନେ ଶୂନ୍ୟପ୍ରଭୁଙ୍କ ଉଦ୍ଦେଶ୍ୟରେ ଘୃତ ଅର୍ପଣ କରିଥିବାବେଳେ ଅଲେଖ ମହିମା ଧ୍ୱନିରେ ପୀଠ ପରିସର ପ୍ରକମ୍ପିତ ହୋଇଉଠିଥିଲା।

ମେଳା ପରିସରରେ ଆୟୋଜିତ ଧର୍ମସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ମହିମା ଧର୍ମରେ ବିଶ୍ୱର ମଙ୍ଗଳ କାମନା କରାଯାଇଛି। ମହିମା ଗୋସାଇଁ ଜଗତର କଲ୍ୟାଣ ହେଉ ବୋଲି କହୁଥିଲେ। ଏଭଳି ଧର୍ମପୀଠର ଐତିହ୍ୟ ଅନନ୍ୟ। ପୀଠକୁ ଗମନାଗମନ ପାଇଁ ଥିବା ରାସ୍ତାର ଉନ୍ନତିକରଣକୁ ଅଗ୍ରାଧିକାର ଦିଆଯିବ। ସମସ୍ତଙ୍କ ସହଯୋଗ ମିଳିଲେ ପୀଠର ବିକାଶ ହୋଇପାରିବ ବୋଲି ଜିଲାପାଳ କହିଥିଲେ। ପୀଠର ମୁଖ୍ୟ ତଥା କୌପିନଧାରୀ ମହିମା ସମାଜର ସନ୍ନ୍ୟାସୀ ରଘୁନାଥ ବାବା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ, ସଚେତନ ନାଗରିକ ଫୋରମ୍‌ର ସମ୍ପାଦକ ଭରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଶାନ୍ତ ମହାପାତ୍ରଙ୍କ ସମ୍ପାଦନାରେ ପ୍ରକାଶିତ 'ତପୋବନ ପତ୍ରିକା'ର ୨୫ତମ ବାର୍ଷିକ ସଂସ୍କରଣକୁ ଜିଲାପାଳ ଉନ୍ମୋଚନ କରିଥିଲେ।

ପରମ୍ପରା ଅନୁଯାୟୀ ଗୁରୁଶିଷ୍ୟ ମିଳନର ସ୍ମାରକୀ ସ୍ୱରୂପ ଚକାପଥର ଉପରେ ନିର୍ମିତ ଅଖଣ୍ଡବଟି ମନ୍ଦିରରେ ନୀତିକାର୍ଯ୍ୟ ସମ୍ପାଦିତ ହୋଇଥିଲା। ମନ୍ଦିର ସମ୍ମୁଖରେ ଅଖଣ୍ଡ ବ୍ରହ୍ମଧୁନି ସ୍ଥାପନ କରାଯାଇଥିଲା। ବଟି ମନ୍ଦିର ଚତୁଃପାର୍ଶ୍ୱରେ ଗୋମୟ, କର୍ପୁର, ଅଗୁରପାଣି ସିଞ୍ଚନ ପରେ ସନ୍ନ୍ୟାନୀମାନେ ଚାମର ସେବା କରିଥିଲେ। ଏହାପରେ ଖଞ୍ଜଣି ଭଜନ କରାଯାଇଥିଲା। ଶୂନ୍ୟପ୍ରଭୁଙ୍କ ଉଦ୍ଦେଶ୍ୟରେ ଅମୁଣିଆ ଅର୍ପଣ ପରେ ସାମୂହିକ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଧୁନିମନ୍ଦିରେ ଅଖଣ୍ଡ ଧୁନି ଏବଂ ଝାଡ଼ଦୀପ ପ୍ରଜ୍ୱଳିତ ହୋଇଥିଲା। ଢେଙ୍କାନାଳ, ଅନୁଗୋଳ, ରେଢ଼ାଖୋଲ, ଦେବଗଡ଼, ସମ୍ବଲପୁର, ଆଠଗଡ଼, ବଡ଼ମ୍ବା, କଟକ, ଯାଜପୁର, କେନ୍ଦୁଝର, ଭଦ୍ରକ ସମେତ ବିଭିନ୍ନ ସ୍ଥାନରୁ ସାଧୁସନ୍ନ୍ୟାସୀଙ୍କ ସାମଗମ ହୋଇଥିଲା। ଆଖପାଖ ଗ୍ରାମର ବାସିନ୍ଦା, ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନେ ତପୋବନ ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

■ ବିଲକୁ ଓଲଟିଲା ନାଇଟ୍ କୋଚ୍

# ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ, ୪ ଗୁରୁତର

**ସାତମାଇଲ, ୭।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକଦେଇ ଯାଇଥିବା ପୁରୁଣାକଟକ-ସମ୍ବଲପୁର ରାସ୍ତାର ପଡ଼ାଛକ ନିକଟରେ ଗୁରୁବାର ଭୋର୍ ୪ଟାରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ସମ୍ବଲପୁରରୁ ଢେଙ୍କାନାଳ ଦେଇ ଭୁବନେଶ୍ୱରକୁ ଅଧିକାଂଶ ନାଇଟ୍ କୋଚ୍ ବସ୍ ଯାତାୟାତ କରିଥାନ୍ତି। ଢେଙ୍କାନାଳ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ବସ୍‌ଗୁଡ଼ିକ ଏବେ ପୁରୁଣାକଟକ-ସମ୍ବଲପୁର ରାସ୍ତାଦେଇ ଭୁବନେଶ୍ୱର ଯାଉଛନ୍ତି। ନାଇଟ୍ କୋଚ୍ ବସ୍ 'ମା' ପ୍ରମୋଦା' (ନଂ. ଓଡ଼ି ୧୫ ଜେ ୭୬୫୫) ମଧ୍ୟ ଏହି ରାସ୍ତା ଦେଇ ଭୁବନେଶ୍ୱର ଯାଉଥିଲା। ହେଲେ କୌଣସି କାରଣରୁ ଏହା ଭାରସାମ୍ୟ ହରାଇ ପଡ଼ାଛକ ନିକଟରେ ବିଲକୁ ଓଲଟି ପଡ଼ିଥିଲା। ସ୍ଥାନୀୟ ବାସିନ୍ଦା ଏବଂ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ଆହତ ଯାତ୍ରୀଙ୍କୁ ହାତୁରା, ଖଜୁରିଆକଟା ଏବଂ ହିନ୍ଦୋଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅଧିକାଂଶ ଘରକୁ ଫେରିଛନ୍ତି। ଗୁରୁତର ଥିବା ୪ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।



ଦୁର୍ଘଟଣାଗ୍ରସ୍ତ ବସ୍।

■ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

# ଧାରଣାରେ ବସିଲେ ଛାତ୍ରୀଛାତ୍ର

**ବାରିପଦା ଅଫିସ,୭।୧୧**

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ କିଛିଦିନ ହେବ ଛାତ୍ର ଅଶାନ୍ତି ଲାଗି ରହିଛି। ବୁଧବାର ବିଶ୍ୱବିଦ୍ୟାଳୟର ବିଏଡ଼ ଓ ଏମଏଡ଼ ବିଭାଗର ସମସ୍ତ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ପରୀକ୍ଷା ଫି' କମାଇବା ଦାବି ନେଇ ମୁଖ୍ୟ ଫାଟକ ବନ୍ଦ କରି ଆନ୍ଦୋଳନ କରିଥିଲେ। ଏହାର କିଛି ସମାଧାନ ନ ହେବାରୁ ଗୁରୁବାର ଛାତ୍ରୀଛାତ୍ରମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଅନ୍ୟପକ୍ଷରେ କର୍ତ୍ତୃପକ୍ଷ ବାତ୍ୟା ଆଶଙ୍କା କରି ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟକୁ ଛୁଟି ଘୋଷଣା କରିଛନ୍ତି। ଜିଲା ପ୍ରଶାସନ ବାତ୍ୟା ଯୋଗୁ କୌଣସି ପଦକ୍ଷେପ ନେଇ ନ ଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣି ଶୁଣି ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ଧାରଣାରତ ଛାତ୍ର ନେତା ଚିତେଶ୍ୱର ବେହେରା ଗଣମାଧ୍ୟମକୁ କହିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ଫି' ୭୪୦ ଟଙ୍କାରୁ ୩୧୦ ଟଙ୍କା କମା ଯାଇଥିବା ବେଳେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଫି' ୭୪୦ ଟଙ୍କା ରଖା ଯାଇଛି। ଛାତ୍ରନେତା ମନୀଷ ଗିରି, ଆକାଶ ମହାନ୍ତି, ଅସଲାମ ମହମ୍ମଦ, ଲୋକନାଥ ମହାନ୍ତ, ରାଜେଶ ସାହୁ, ରାଜକିଶୋର ସ୍ୱାଇଁ, ସମୀର ଲେଙ୍କା, ଗୁଣନିଧି ସାହୁ ପ୍ରମୁଖଙ୍କ ସହ ସମସ୍ତ ଛାତ୍ରୀଛାତ୍ର ଧାରଣାରେ ସାମିଲ ହୋଇଛନ୍ତି।

**ସମ୍ଭାବ୍ୟ ବାତ୍ୟା ପାଇଁ ୧୧ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ବନ୍ଦ**



ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

### ଯନ୍ତ୍ରୀଙ୍କଠାରୁ ୫୦ ହଜାର ଲୁଟ୍

**ଠାକୁରମୁଣ୍ଡା,୭।୧୧ (ଡି.ଏନ୍.ଏ.)**

କରଞ୍ଜିଆ ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ଏକ ଦୋକାନରେ ଜୋତା ପଲିସ କରୁଥିବା ବେଳେ ଗୁରବାର ଜଣେ ଯନ୍ତ୍ରୀଙ୍କ ୫୦ ହଜାର ଟଙ୍କା ଥିବା ବ୍ୟାଗ ଲୁଟ ହୋଇଥିବା ଅଭିଯୋଗ ହୋଇଛି। କରଞ୍ଜିଆ ଥାନା ପୋଲିସ ଏହି ଘଟଣାରେ ସନ୍ଦେହରେ ଜଣକୁ ଅଟକ ରଖି ପଚରାଉଚରା କରୁଛି। କରଞ୍ଜିଆରେ ରହୁଥିବା ରାଇରଙ୍ଗପୁର ଉପଖଣ୍ଡ ଜାମଦା ବ୍ଲକର କନିଷ୍ଠ ଯନ୍ତ୍ରୀ ଯଦୁମଣି ନାୟକ ମଧ୍ୟାହ୍ନ୧୨ଟା ସମୟରେ ବ୍ୟାଙ୍କରୁ ଟଙ୍କା ଉଠାଇ ଏକ ପ୍ଲାଷ୍ଟିକ ବ୍ୟାଗରେ ରଖି କରଞ୍ଜିଆ ବଜାରରେ ଥିବା ଏକ ଦୋକାନରେ ଜୋତା ପଲିସ କରୁଥିବା ବେଳେ ତାଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଟଙ୍କା ବ୍ୟାଗକୁ ନେଇଯାଇଥିଲେ। ବ୍ୟାଗରେ ତାଙ୍କ ବ୍ୟାଙ୍କର ପାଶ ବହି ଓ ଅନ୍ୟାନ୍ୟ କାଗଜପତ୍ର ଥିଲା।

■ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା

# ଜେଲ୍ ଗଲେ ୪ ଅଭିଯୁକ୍ତ

**ଚାନ୍ଦବାଲି, ୭।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲିରୁ ଅପେରା ଦେଖି ଫେରୁଥିବା ବେଳେ ନାବାଳିକାଙ୍କୁ ଗଣବଳାତ୍କାର ମାମଲାରେ ସ୍ଥାନୀୟ ପୋଲିସ ଗୁରୁବାର ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ପ୍ରକାଶ ଦାସ, ପିଣ୍ଟୁ ମହାଳିକ ଓ ସୁବ୍ରତ ସାହୁ। ସନ୍ଧ୍ୟାରେ ପୂର୍ବରୁ ଗିରଫ ହୋଇଥିବା ବିଶ୍ୱଜିତ ନାୟକଙ୍କ ସମେତ ଏହି ୪ ଅଭିଯୁକ୍ତଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଭଦ୍ରକ ଜେଲକୁ ପଠାଯାଇଛି ବୋଲି ଏସ୍‌ପି ରାଜେଶ ପଣ୍ଡିତ ସୂଚନା ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ନାବାଳିକାଙ୍କୁ ଗଣବଳାତ୍କାର ନେଇ ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ସୋମବାର ଚାନ୍ଦବାଲି ଥାନା ପୋଲିସ ଏକ ମାମଲା(ନଂ.୨୭୪/୧୯) ରୁଜୁ କରିଥିଲା। ସେହିଦିନ ଘଟଣାସ୍ଥଳରୁ ବିଶ୍ୱଜିତ୍‌ଙ୍କୁ ଗିରଫ କରିଥିବାବେଳେ ବୁଧବାର ପିଣ୍ଟୁ ଓ ସୁବ୍ରତଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ବୁଧବାର ଅପରାହ୍ନରେ ପୋଲିସ ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳ ଚାନ୍ଦବାଲି କଲେଜରୋଡ୍‌ର ଫାୟାର ଷ୍ଟେଶନ ନିକଟସ୍ଥ ଅଞ୍ଚଳକୁ ଯାଇ ତଥ୍ୟ ସଂଗ୍ରହ କରିଥିଲା। ଗୁରୁବାର ମଧ୍ୟାହ୍ନରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ଏହି ୩ ଜଣଙ୍କର ଡାକ୍ତରୀ ମାଇନା କରାଯାଇଥିଲା। ଅପରାହ୍ନରେ ଫେରାର ଥିବା ଅଭିଯୁକ୍ତ ପ୍ରକାଶଙ୍କୁ ବାଲେଶ୍ୱର ଅଞ୍ଚଳରୁ ଧରାଯାଇ ଚାନ୍ଦବାଲିକୁ ଅଣାଯାଇ ସନ୍ଧ୍ୟାରେ ଡାକ୍ତରୀମାଇନା କରାଯାଇଥିଲା। ସୂଚନାଥାଉ କି, ଗତ ୪ ତାରିଖରେ ଏହି ଘଟଣା ପରେ ପୂର୍ବାଞ୍ଚଳ ଆଇଜି ଦିପ୍ତେଶ ପଟ୍ଟନାୟକ ଓ ଭଦ୍ରକ ଜିଲା ଏସ୍‌ପି ପଣ୍ଡିତ ଚାନ୍ଦବାଲିରେ ଅବସ୍ଥାନ କରି ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରିଥିଲେ। ବିଭିନ୍ନ ସ୍ଥାନରେ ଚଢ଼ାଉ ସହିତ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କୁ ପଚରାଉଚୁରା କରାଯାଇଥିଲା। ୩ ଦିନ ମଧ୍ୟରେ ୪ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇଛି।



# ରାସ୍ତା ଅବରୋଧ ନେଇ ଉତ୍ତେଜନା



ରାସ୍ତା ଅବରୋଧ ସ୍ଥଳରେ ଗ୍ରାମବାସୀ।

**ଭୋଗରାଇ, ୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଟେଙ୍ଗରାମାରି ଗ୍ରାମ ୫ନଂ. ୱାର୍ଡ଼ରେ ଜଣେ ବ୍ୟକ୍ତି ରାସ୍ତା ଅବରୋଧ କରିବାରୁ ଉତ୍ତେଜନା ପ୍ରକାଶ ପାଇଛି। ଅବିଳମ୍ବେ ଏହି ଅବରୋଧକୁ ପ୍ରଶାସନ ପକ୍ଷରୁ ହଟା ନ ଗଲେ ସମୂହ ଗ୍ରାମବାସୀ ଭୋଗରାଇ ତହସିଲରେ ଗଣଆନ୍ଦୋଳନ କରିବା ସହ ଜୟରାମପୁର-ଥାନାଛକ ମୁଖ୍ୟ ରାସ୍ତାକୁ ଅବରୋଧ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

ଟେଙ୍ଗରାମାରି ୫ ନଂ. ଓ ଜୟରାମପୁର ୧୩ ନଂ. ୱାର୍ଡ଼ରେ ୫ଶହରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। ଏହି ଗାଁ ରାସ୍ତା ଦେଇ ଲୋକେ ଯିବା ଆସିବା କରୁଥିଲେ। ଜଣେ ବ୍ୟକ୍ତି ଏହି ରାସ୍ତାକୁ ନିଜ ରେକର୍ଡ଼ଭୁକ୍ତ ଦର୍ଶାଇ ଅବରୋଧ କରିବାରୁ ସ୍ଥାନୀୟ ଜନସାଧାରଣ ଗମନାଗମନରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମ ରାସ୍ତା ଗମନାଗମନର ଏକମାତ୍ର ରାସ୍ତା ହୋଇଥିବାରୁ ଜୀବନଯାପନ ପ୍ରଭାବିତ ହୋଇଥିବା ଗ୍ରାମବାସୀ ଶଶିକାନ୍ତ ବିଜୁଳି, ହେମନ୍ତ ବିଜୁଳି, ଅଶ୍ୱିନୀ ବିଜୁଳି, ସଞ୍ଜୟ ବିଜୁଳି ପ୍ରମୁଖ ତହସିଲଦାର, ବିଡ଼ିଓ ଏବଂ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

### ମହିଳା କର୍ମଚାରୀଙ୍କୁ ଅସଦାଚରଣ: ଜିଆରଏସ୍ ଗିରଫ

**ବାସୁଦେବପୁର, ୭।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଫିସ୍‌ରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ(ଯୁବତୀ)ଙ୍କୁ ବୁଧବାର ସନ୍ଧ୍ୟାରେ ଅସଦାଚରଣ କରିବା ଅଭିଯୋଗରେ ଜିଆର୍‌ଏସ୍ ମଧୁସୂଦନ ସାହୁଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ବାସୁଦେବପୁର ପୋଲିସ ସୂଚନା ଅନୁଯାୟୀ, ବ୍ଲକ କାର୍ଯ୍ୟାଳୟ ପରିସର କମ୍ପ୍ୟୁଟର ସେକ୍ସନ ରୁମ୍‌ରେ ମହିଳା କର୍ମଚାରୀ ଜଣଙ୍କ କାର୍ଯ୍ୟରେ ନିୟୋଜିତ ଥିବାବେଳେ ପାଖରେ ବସିଥିବା ଜିଆର୍‌ଏସ୍ ମଧୁସୂଦନ ତାଙ୍କୁ ଅସଦାଚରଣ କରିଥିଲେ। ଉକ୍ତ ମହିଳା କର୍ମଚାରୀଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୩୪୮/୧୯) ରୁଜୁ କରାଯାଇ ତଦନ୍ତ ପୂର୍ବକ ଗୁରୁବାର ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

■ ବାରଣ ସତ୍ତ୍ୱେ ଚାଲୁଛି ଭାରିଯାନ

# ଛାତ୍ରଙ୍କୁ ଧକ୍କା ଦେଲା ଟିପ୍ପର,

**ଭୁବନ, ୭।୧୧(ଡି.ଏନ.ଏ.)**

ଭୁବନ ଏନ୍ଏସି ୩ନଂ. ୱାର୍ଡ ଅଧୀନ ଗୋଡ଼ିପାଟଣାରେ ଗୁରୁବାର ଏକ ଟିପ୍ପର (ନଂ. ଓଆର ୦୯-ଜି-୯୯୨୯) ଧକ୍କାରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଭୁବନ ନୋଡାଲ ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ର କୃଷ୍ଣଚନ୍ଦ୍ର ପୋଥାଳ। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଅଞ୍ଚଳବାସୀ ଟିପ୍ପର ଡ୍ରାଇଭରଙ୍କୁ ଅଟକ ରଖିଥିଲେ। ଘଣ୍ଟାଏ ପରେ ଗାଡ଼ି ମାଲିକ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସ୍କୁଲ ଛୁଟି ପରେ କୃଷ୍ଣଚନ୍ଦ୍ର ସାଇକେଲରେ ଘରକୁ ଫେରୁଥିବାବେଳେ ଉକ୍ତ ଟିପ୍ପର ପଛପଟୁ ଧକ୍କା ଦେଇଥିଲା। ସେ ରାସ୍ତାରେ ଛିଟିକି ପଡ଼ିଥିବାବେଳେ ଟିପ୍ପରଟି ସାଇକେଲ ଉପରେ ଚଢ଼ିଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ଅନ୍ୟପଟେ ପ୍ରାଥମିକ ଚିକିତ୍ସା ପରେ ଛାତ୍ର ଜଣକ ସୁସ୍ଥ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ୫୩ନଂ. ଜାତୀୟ ରାଜପଥର ନୂଆଭୁବନ ଛକଠାରୁ ବୁଦ୍ଧେଶ୍ୱର ଶୈବପୀଠକୁ ଗ୍ରାମ ମଧଦେଇ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ରାସ୍ତାରେ ଦୈନିକ ୫୦ରୁ ଊର୍ଦ୍ଧ୍ୱ ବାଲି ବୋଝେଇ ଭାରିଯାନ ଚଳାଚଳ କରୁଛନ୍ତି। ଏହାକୁ ନେଇ ପୂର୍ବରୁ ବିରୋଧଭାସ ଉଠିଥିଲା। ଏହାର ସମାଧାନ ଲାଗି ତହସିଲଦାର, ବାଲି ଖାଦାନ ମାଲିକ ଏବଂ ଅଞ୍ଚଳବାସୀଙ୍କୁ ନେଇ ତ୍ରିପାକ୍ଷିକ ବୈଠକ ବସିଥିଲା। ଉକ୍ତ ରାସ୍ତା ପାର୍ଶ୍ୱରେ ହାଇସ୍କୁଲ, ପ୍ରାଥମିକ ବିଦ୍ୟାଳୟ ଏବଂ ଅଙ୍ଗନୱାଡି କେନ୍ଦ୍ର ଅଛି। କୋମଳମତି ପିଲାଙ୍କ ସୁରକ୍ଷା ପାଇଁ ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା ଜାରି କରିବାକୁ ଗ୍ରାମବାସୀ ଅଡ଼ି ବସିଥିଲେ। ଫଳରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ନ କରିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ଏହାକୁ ଅଣଦେଖା କରି ପୂର୍ବପରି ବାଲି ପରିବହନ କରାଯାଉଛି। ଏଣୁ ଏପରି ଦୁର୍ଘଟଣା ଘଟିଥିବା ଅଞ୍ଚଳବାସୀ କହିଛନ୍ତି। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ୱାର୍ଡବାସୀ ଚେତାବନୀ ଦେଇଛନ୍ତି।



ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

# ୩ ବର୍ଷ ପୂରିଲା ବିମୁଦ୍ରୀକରଣ

ବିଗତ କିଛି ମାସ ହେବ ଭାରତୀୟ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ଦେଖାଦେଇଛି, ତା'ର ମୂଳକୁ ଗଲେ ୮ ନଭେମ୍ବର ୨୦୧୬ କଥା ମନକୁ ଆସୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିମୁଦ୍ରୀକରଣ ଘୋଷଣା କରିବା ପରେ ଅଚାନକ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦିଆଯାଇଥିଲା। କଳାଧନ ଠାବ, ଜାଲ୍ ନୋଟଧାରୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ବନ୍ଦ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିଲା ବୋଲି ସେତେବେଳେ ହୁରି ପଡ଼ିଥିଲା। ଅନେକ ଭାରତୀୟ ଭାବିନେଲେ ଯେ, ବଡ଼ ନୋଟଧାରୀମାନେ ରଖିଥିବା କଳାଧନ ଠାବ ହୋଇଗଲେ ଦେଶର ଆର୍ଥିକ ପରିସ୍ଥିତିରେ ଉନ୍ନତି ଆସିବ। ବିମୁଦ୍ରୀକରଣ ଯୋଗୁ ପୁରୁଣା ନୋଟ ବଦଳାଇବାକୁ ପଡ଼ିଲା। ୧୦୦୦ ଟଙ୍କିଆ ନୋଟ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ୨୦୦୦ ଟଙ୍କିଆ ନୋଟ୍ ନୂଆ ଆସିଥିବା ବେଳେ ୫୦୦ ଟଙ୍କିଆ ନୋଟର କଳେବର ବଦଳି ଯାଇଥିଲା। ବିମୁଦ୍ରୀକରଣକୁ ୮ ନଭେମ୍ବର ୨୦୧୯ରେ ୩ ବର୍ଷ ପୂରିଯିବା ପରେ ମଧ୍ୟ ଯେଉଁ ୩ଟି ବିନ୍ଦୁ ଆଧାରରେ ଏଭଳି ପଦକ୍ଷେପ ନିଆଯାଇଥିଲା, ତାହାର ଲକ୍ଷ୍ୟ ସାଧନ ଆଶାନୁରୂପ ହୋଇପାରି ନାହିଁ। କଳାଧନ ଠାବ ହୋଇପାରି ନ ଥିବା ବେଳେ ଜାଲ୍ ନୋଟ ପ୍ରସାରଣରେ ପୂର୍ଣ୍ଣଚ୍ଛେଦ ପଡ଼ିପାରି ନାହିଁ। ଅନୁରୂପ ଭାବେ ଆତଙ୍କବାଦୀଙ୍କଠାରୁ ନୂଆ କରି ବଜାରକୁ ଆସିଥିବା ୨୦୦୦ ଟଙ୍କିଆ ନୋଟ ମଧ୍ୟ ମିଳିଥିବାର ପ୍ରମାଣ ରହିଛି।

କୌଣସି ଏକ ନୂଆ ପଦକ୍ଷେପ ନିଆଗଲେ ତା'ର ପ୍ରଭାବ ସଙ୍ଗେ ସଙ୍ଗେ ଉପଲବ୍ଧ ହୋଇପାରି ନ ଥାଏ ବୋଲି କୁହାଯାଇପାରେ। କିନ୍ତୁ ଅର୍ଥନୀତି ଓ ବଜାର ବ୍ୟବସ୍ଥାରେ ୩ ବର୍ଷ ସ୍ୱଳ୍ପ ସମୟ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। କାରଣ ଅର୍ଥନୀତିରେ ଗୋଟିଏ ଗୋଟିଏ ନିଷ୍ପତ୍ତି ବିରାଟ ପରିବର୍ତ୍ତନ ଆଣିପାରେ।

## ଏବେ ବି ମିଳୁଛି ଅଚଳ ଟଙ୍କା




କଳାଧନ ରୋକିବା ଲାଗି ମୋଦି ସରକାର ମୁଖ୍ୟତଃ ବିମୁଦ୍ରୀକରଣକୁ ଗୁରୁତ୍ୱ ଦେଇଥିଲେ। ଆର୍‌ବିଆଇ ପକ୍ଷରୁ ନୂଆ ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ଛପାଯାଇଥିଲା। ପ୍ରଚଳିତ ପୁରୁଣା ନୋଟ୍ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଥିଲା। ହେଲେ ଏବେ ବି ଚଢାଉ ବେଳେ ପର୍ଯ୍ୟାପ୍ତ ପରିମାଣର ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ମିଳୁଛି। ୨୦୧୫–୧୬ରେ ୪ ଲକ୍ଷ ଜାଲ୍‌ନୋଟ୍ ଜବତ କରାଯାଇଥିଲା। ୨୦୧୮–୧୯ରେ ଏହା କମି ୪୫,୪୦୦ରେ ପହଞ୍ଚିଥିବା ଆର୍‌ବିଆଇ ରିପୋର୍ଟରୁ ଜଣାପଡ଼ିଛି। ଏବେ ବି ଅନେକ ଅଚଳ ଟଙ୍କା ହୋର୍ଡିଂକରି ରଖାଯାଇଥିବା କୁହାଯାଉଛି।

## ପଥ ବହୁଦୂର...




୨୦୧୬ ନଭେମ୍ବର ୮ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରିବା ଦ୍ୱାରା ଦେଶରେ ପ୍ରଚଳିତ ୧୦୦୦ ଏବଂ ୫୦୦ ଟଙ୍କିଆ ନୋଟ୍ ଅଚଳ ହୋଇଗଲା। ବିମୁଦ୍ରୀକରଣ ଦ୍ୱାରା ଡିଜିଟାଲ କାରବାର ପ୍ରୋତ୍ସାହିତ ହେବ ବୋଲି ସରକାର ସେହି ସମୟରେ ଯୁକ୍ତି ବାଢିଥିଲେ। ସରକାରଙ୍କ ଏହି ପଦକ୍ଷେପକୁ ଦେଶର ଅନେକ ଅର୍ଥନୀତିଜ୍ଞ ନାପସନ୍ଦ କରିଥିଲେ। ଚଳିତ ବର୍ଷ ନୋବେଲ ପୁରସ୍କାର ଲାଭ କରିଥିବା ଅର୍ଥନୀତିଜ୍ଞ ଅଭିଜିତ ବାନାର୍ଜୀ ମଧ୍ୟ ଏହି ପଦକ୍ଷେପକୁ ବିରୋଧ କରିଥିଲେ। ଏହା ଅର୍ଥ ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ଅଧିକାଂଶ ଅର୍ଥନୀତିଜ୍ଞ ଯୁକ୍ତି ବାଢିଥିବା ବେଳେ ଜିଡ଼ିପି ଗଭୀର ଭାବେ ଖସିଯିବ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ସରକାରଙ୍କୁ କହିଥିଲେ। ଏହା ମଧ୍ୟରେ ବିମୁଦ୍ରୀକରଣକୁ ୩ ବର୍ଷ ବିତି ଯାଇଛି। ହେଲେ ଯେଉଁ ଉଦ୍ଦେଶ୍ୟ ନେଇ ଏହା ଘୋଷଣା କରାଯାଇଥିଲା, ତାହା ସମ୍ପୂର୍ଣ୍ଣ ପୂରଣ ହୋଇ ନ ଥିବାରୁ ପଥ ବହୁ ଦୂର ଭଳି ଲାଗୁଥିବା ସମାଲୋଚକମାନେ ମତ ବାଢୁଛନ୍ତି।




ଏହି ସମୟ ମଧ୍ୟରେ ଦେଶର ଜିଡ଼ିପି ଅଭିବୃଦ୍ଧି ହାର ତୁଳନାରେ ମୋଟ ନୋଟ ପ୍ରଚଳନ(ସିଆଇସି) ଯଥେଷ୍ଟ ବୃଦ୍ଧି ଘଟିଛି। ଜୁନ ଏବଂ ସେପ୍ଟେମ୍ବର ତ୍ରୈମାସରେ ସିଆଇସିର ଅଭିବୃଦ୍ଧି ହାର ୧୩% ରହିଛି। ଏହାକୁ ବିମୁଦ୍ରୀକରଣ କୁହାଯାଇ ପାରିବ ନାହିଁ। ବଜାରରେ ନୋଟ୍ ପ୍ରଚଳନ ବଢୁଥିବାରୁ ଏହି ଧାରାକୁ ବଜାର ବିଶେଷଜ୍ଞମାନେ ପୁନଃମୁଦ୍ରୀକରଣ ବୋଲି କହିଛନ୍ତି। ଏହାଦ୍ୱାରା ଅର୍ଥନୀତିର ନଗଦ ଉପରେ ନିର୍ଭରଶୀଳତା ୧୧%ରୁ ଊର୍ଦ୍ଧ୍ୱକୁ ବଢିଛି। ଏସବୁ ଧାରାକୁ ଦେଖିଲେ ବିମୁଦ୍ରୀକରଣ ଦ୍ୱାରା ଅର୍ଥ ବ୍ୟବସ୍ଥାରେ ନଗଦ ଉପରେ ନିର୍ଭରଶୀଳତା କମିଛି ବୋଲି କୁହାଯାଇ ପାରିବ ନାହିଁ ବୋଲି ବିଶେଷଜ୍ଞ ପ୍ରକାଶ କରିଛନ୍ତି।

ସରକାର ବିମୁଦ୍ରୀକରଣ ଦ୍ୱାରା ଅଚଳ କରିଦେଇଥିବା ବଡ ବଡ ନୋଟ ମଧ୍ୟରୁ ପ୍ରାୟ ୯୯.୩% ବ୍ୟାଙ୍କ ବ୍ୟବସ୍ଥାକୁ ଫେରି ଆସିଛି। ଅର୍ଥାତ ଅତି ନଗଣ୍ୟ ଅଂଶ ଫେରି ପାରିନାହିଁ। ନୋଟ ଛାପିବା ଏବଂ ଅନ୍ୟାନ୍ୟ କାର୍ଯ୍ୟ ଲାଗି ରିଜର୍ଭ ବ୍ୟାଙ୍କକୁ ପ୍ରାୟ ୨୧,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିଛି। ବିମୁଦ୍ରୀକରଣ ଦ୍ୱାରା ଅର୍ଥ ବ୍ୟବସ୍ଥା କେତେ କ୍ଷତିଗ୍ରସ୍ତ ହେଲା ତା'ର ପ୍ରକୃତ ହିସାବ ସରକାରଙ୍କ ପାଖରେ ନାହିଁ। ନଗଦ ଉପରେ ଆଧାରିତ ଭାରତୀୟ ଅର୍ଥନୀତିରେ ଏଭଳି ଏକ ପଦକ୍ଷେପ ଅନେକ ହାରରେ ଚାକିରି ଛଟେଇ ସହ ଛୋଟଛୋଟ ଉଦ୍ୟୋଗଗୁଡିକର ଅଣ୍ଟା ଭାଙ୍ଗିଦେଇଥିବା ଅର୍ଥନୀତିଜ୍ଞମାନେ କୁହନ୍ତି। ଯଦି ଏଭଳି ଏକ ପଦକ୍ଷେପ ଦ୍ୱାରା ଲାଭ କିଞ୍ଚିତ ତେବେ ଏହାକୁ ସରକାର ଭାବି ଚିନ୍ତି କାହିଁକି ଲାଗୁ କଲେ ନାହିଁ। ଯାହାର ଦଶା ଏବେ ଅର୍ଥ ବ୍ୟବସ୍ଥା ଉପରେ ପଡିଛି।

ବିମୁଦ୍ରୀକରଣ ସମୟରେ ୧୫.୪୪ ଲକ୍ଷ କୋଟି ଅଚଳ ହୋଇଥିବା ନୋଟ ମଧ୍ୟରୁ ପ୍ରାୟ ୩୦% ନୋଟ ବ୍ୟାଙ୍କ ବ୍ୟବସ୍ଥାକୁ ଆସିବ ନାହିଁ ବୋଲି ଆକଳନ କରାଯାଇଥିଲା। ୨.୫ ଲକ୍ଷ କୋଟି ନୋଟ ବ୍ୟବସ୍ଥାକୁ ଫେରିବ ନାହିଁ ବୋଲି ଏସ୍‌ବିଆଇ (ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ) କହିଥିଲା। ବିମୁଦ୍ରୀକରଣ ହୋଇଥିବା ନୋଟ ମଧ୍ୟରେ ୧୫.୨୮ ଲକ୍ଷ କୋଟି ବ୍ୟାଙ୍କଗୁଡିକରେ ଜମା ହୋଇଛି। ଫେରି ନ ଥିବା ମାତ୍ର ୧୬ ହଜାର କୋଟିକୁ କଳାଟଙ୍କା କୁହାଯାଉଛି। ହେଲେ ଏହା ସତ ନୁହେଁ ବୋଲି ଅଧିକାଂଶ ବିଶେଷଜ୍ଞ ଯୁକ୍ତି କରିଛନ୍ତି। ସେମାନେ କହିଛନ୍ତି, ଏତେ ସ୍ୱଳ୍ପ ସଂଖ୍ୟକ କଳାଧନ ଲାଗି ସରକାର କାହିଁକି ଏତେ ବଡ ପଦକ୍ଷେପ ନେଲେ। ବିମୁଦ୍ରୀକରଣ ପରେ ପ୍ରାୟ ୩,୩୦୦ କୋଟି ଟଙ୍କା ନେପାଳ ଏବଂ ଭୁଟାନରେ ରହିଥିବା ଏକ ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାକୁ ସରକାର ଏବେ ଯାଏ ସଂଗ୍ରହ କରି ନାହାନ୍ତି। ଏହାବାଦ ବିଦେଶରେ ରହୁଥିବା ଭାରତୀୟଙ୍କ ପାଖରେ କିଛି ଟଙ୍କା ରହିଯାଇଛି। କିଛି ଗରିବ ଲୋକ ବ୍ୟାଙ୍କରେ ନ ରଖି ଅନ୍ୟ ସ୍ଥାନରେ ରଖିଥିବା ବେଳେ ଏହାକୁ ଫେରାଇ ପାରି ନାହାନ୍ତି। ଏହାବାଦ ମନ୍ଦିର, ଟ୍ରଷ୍ଟଗୁଡିକରେ ମଧ୍ୟ କିଛି ଅଚଳ ନୋଟ ରହିଯାଇଛି। ଏଥିରୁ ବୁଝାଯାଉଛି ଯେ, ହୁଏତ ଦେଶରେ କଳାଧନ ନ ଥିଲା କିମ୍ବା କଳାଧନକୁ ଲୁଚାଇବା ଲାଗି ଲୋକମାନେ ନୂଆ ତରିକା ଆପଣେଇ ନେଇଛନ୍ତି। ଏକ ରିପୋର୍ଟ ମୁତାବକ ୨୦୧୭ ଜୁନ ଯାଏ ୧୧ କୋଟି ଟଙ୍କାର ନକଲି ନୋଟ ଧରା ପଡିଥିଲା। ୫୦୦ ଟଙ୍କିଆ ନକଲି ନୋଟ ୧୨୧% ବୃଦ୍ଧି ହୋଇଥିବା ଏକ ଅଧ୍ୟୟନରୁ ସାମ୍ନାକୁ ଆସିଛି। ଧରା ନ ପଡିଥିବା ନୋଟ ଏହା ମଧ୍ୟରୁ ବାଦ ପଡିଛି। ଏଥିରୁ ଜଣାପଡୁଛି ନକଲି ନୋଟ କାରବାର କିଭଳି ବଢିଛି।

ବିମୁଦ୍ରୀକରଣ ଯୋଗୁ ହୋଇଥିବା କ୍ଷତିକୁ ବିଚାର କଲେ ଜଣାଯିବ ଯେ, ଏହା ଘୋଷଣା ହେବାର ୫୦ ଦିନ ମଧ୍ୟରେ ଅର୍ଥନୀତିକୁ ୧୧.୨୮ ଲକ୍ଷ କୋଟି କ୍ଷତି ହୋଇଥିବା ଏକ ପ୍ରାରମ୍ଭିକ ଆକଳନ କରାଯାଇଥିଲା। ହେଲେ ପ୍ରକୃତ ପକ୍ଷେ ଅର୍ଥନୀତି କେତେ ପ୍ରଭାବିତ ତାର ହିସାବ କାହା ପାଖରେ ନାହିଁ। ବିମୁଦ୍ରୀକରଣର ୪ ମାସ ମଧ୍ୟରେ ୧୫ ଲକ୍ଷ ଲୋକଙ୍କ ଚାକିରି ଚାଲିଯାଇଥିବା ମଧ୍ୟ ଖବର ସାମ୍ନାକୁ ଆସିଥିଲା। ହେଲେ ଏହାଯୋଗୁ ବନ୍ଦ ହୋଇଥିବା କିମ୍ବା କ୍ଷତିଗ୍ରସ୍ତ ହୋଇଥିବା ଶିଳ୍ପରୁ କେତେ ଲୋକ ଛଟେଇ ହୋଇଛନ୍ତି ତାର ହିସାବ କାହା ପାଖେ ନ ଥିବା ବଜାର ବିଶେଷଜ୍ଞ ଯୁକ୍ତି ବାଢନ୍ତି। ଅନ୍ତର୍ଜାତୀୟ ଏଜେନ୍ସିଗୁଡିକ ପକ୍ଷରୁ ହୋଇଥିବା ଏକ ସର୍ଭେ ମୁତାବକ ପ୍ରାୟ ୫୦ ଲକ୍ଷରୁ ଦେଢ କୋଟି ଲୋକଙ୍କ ନିଯୁକ୍ତି ଏହାର ଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଏବେ ଯାଏ ଦେଶର ଜିଡିପି ୨%ରୁ ଅଧିକ ଖସିଛି। ବିମୁଦ୍ରୀକରଣ ବେଳେ ୧୫୦ ଲୋକ ମରିଥିବା ମଧ୍ୟ କୁହାଯାଏ। କେତେଜଣ ନୋଟ ପାଇଁ ଲାଇନରେ ଛିଡା ହୋଇ, ଅଚଳ ନୋଟ ଗ୍ରହଣ ନ ହେବା ଯୋଗୁ କେତେକ ହସ୍ପିଟାଲ ସାମ୍ନାରେ ଛିଡା ହୋଇ ପ୍ରାଣ ହରାଇଥିଲେ।

## ମହିଳା ଶ୍ରମଶକ୍ତି ପ୍ରଭାବିତ: ବିଶ୍ୱବ୍ୟାଙ୍କ୍

୨୦୧୬ ନଭେମ୍ବର ୮ , ବିମୁଦ୍ରୀକରଣର ଦିନ। ସେହିଦିନଠାରୁ ପ୍ରାୟ ବର୍ଷେଯାଏ ଲୋକମାନେ ସାମାଜିକ କ୍ଷେତ୍ରର ଯେଉଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ତାହା ଏବେ ବି ମନରୁ ଯାଇନାହିଁ। ବିମୁଦ୍ରୀକରଣ ବି ଜୀବନ ନେଇଛି। ତେବେ ଏହାର ସମାଜିକ ପ୍ରଭାବକୁ ଭାରତୀୟମାନେ ଯାହା ଉପଲବ୍ଧି କରିଛନ୍ତି ତାହାଠାରୁ ବେଶି ସମୀକ୍ଷା କରିଛି ବିଶ୍ୱବ୍ୟାଙ୍କ। ନିକଟରେ ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶ କରାଯାଇଛି ଯେ, ବିମୁଦ୍ରୀକରଣ ପରେ ଅସଂଗଠିତ ଅର୍ଥବ୍ୟବସ୍ଥାରେ ସାଂଘାତିକ ଭାବେ ବାଧା ଉପୁଜିବାର ଆଶଙ୍କା ରହିଛି। ସେଥିପାଇଁ ସମାଜିକ ସ୍ତରରେ କ୍ଷତି ପହଞ୍ଚିବ। ଅସଂଗଠିତ ଅର୍ଥବ୍ୟବସ୍ଥା ଭାରତର ଜିଡିପିର ପ୍ରାୟ ୪୦ ପ୍ରତିଶତ । ଏହା ଭିତରେ ଭାରତର ୯୦ ପ୍ରତିଶତ ଶ୍ରମିକ ରହନ୍ତି। ଏଣୁ ଏହା ନିଶ୍ଚିତ ଭାବେ ଶ୍ରମିକମାନଙ୍କୁ ଆର୍ଥିକ ସ୍ତରରେ ଦୁବଳ କରିଦେବ। ଅସଂଗଠିତ କ୍ଷେତ୍ରରେ ବେଶି ଗରିବ କାର୍ଯ୍ୟ କରୁଛନ୍ତି। ସାଧାରଣତଃ କୃଷି, ଖୁଚୁରା ତଥା ନିର୍ମାଣ କ୍ଷେତ୍ରରେ ଏମାନଙ୍କ ସଂଖ୍ୟା ବେଶି। ଅର୍ଥନୀତିରେ ଆସିଥିବା ମାନ୍ଦାବସ୍ଥା ପ୍ରଭାବ ଏବେ ଏହି ସ୍ତରକୁ ଏମତି ଦୁର୍ବଳ କରିଛି ଯେ ,ତାହା ଗ୍ରାମାଞ୍ଚଳରେ ଲୋକମାନଙ୍କ ବ୍ୟୟକରିବାର ସାମର୍ଥ୍ୟକୁ ପ୍ରଭାବିତ କରିଛି। ଦୁଇଚକିଆ ଯାନ ବିକ୍ରି କମିଯିବା ଏହାର ଏକ ଜ୍ୱଳନ୍ତ ଉଦାହରଣ।

ସାମଜିକ ସ୍ତରରେ ଭାରତୀୟଙ୍କ କ୍ରୟ ଶକ୍ତି କମିଛି। ଅନ୍ୟପକ୍ଷରେ ମହିଳା ଶ୍ରମିକମାନଙ୍କ ସଂଖ୍ୟା ଅସଂଗଠିତ କ୍ଷେତ୍ରରେ କମ୍ ରହିଛି। ଏମିତି କି ବିଶ୍ୱରେ ଏହି ହାର ସବୁଠାରୁ କମ୍। ୧୩୧ଟି ଦେଶମାନଙ୍କୁ ନେଇ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ସେମାନଙ୍କ ମଧ୍ୟରେ ଭାରତର ସ୍ଥାନ ୧୨୦। ଭାରତରେ ଔଦ୍ୟୋଗିକ କ୍ଷେତ୍ରରେ ମହିଳାଙ୍କ ଶ୍ରମଶକ୍ତି ମାତ୍ର ୧୭ ପ୍ରତିଶତ। ଏହା ଇଣ୍ଡୋନେସିଆ ଓ ବାଂଲାଦେଶଠାରୁ ବି କମ୍। ବିଶ୍ୱ ବ୍ୟାଙ୍କର ଆକଳନରୁ ଜଣାପଡିଛି ଯେ, ଯଦି ମହିଳା ଶ୍ରମଶକ୍ତିର ବିକାଶ ନ ହୁଏ ତେବେ ଜିଡିପିରେ ଦ୍ରୁତ ବୃଦ୍ଧି ସମ୍ଭବ ହୋଇପାରିବନାହିଁ। ଏଣୁ ବିମୁଦ୍ରୀକରଣ ପରେ ଭାରତର ଶ୍ରମ ଶକ୍ତି ଉପରେ ଯାହା ପ୍ରଭାବ ପକାଇଛି ତାହାକୁ ସୁଧାରିବା ପାଇଁ ଅସଂଗଠିତ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅଧିକ ନିଯୁକ୍ତି ସୃଷ୍ଟି କଲେ ସମସ୍ୟା କିଛିଟା ଦୂର ହୋଇପାରିବ ବୋଲି ବିଶ୍ୱବ୍ୟାଙ୍କ ପ୍ରକାଶ କରିଛି।



## ଆତଙ୍କବାଦ ଉପରେ ଲାଗିପାରିନି ଅଙ୍କୁଶ



ଆତଙ୍କବାଦକୁ ନେଇ ସରକାର ଯେଉଁ ତଥ୍ୟ ରଖିଥିଲେ, ତାହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଆତଙ୍କବାଦୀ କାର୍ଯ୍ୟକଳାପରେ ଅଙ୍କୁଶ ଲାଗିପାରି ନାହିଁ। ବରଂ ବିମୁଦ୍ରୀକରଣ ପରେ ୨୦୧୬, ୨୦୧୭, ୨୦୧୮ରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ସାଉଥ ଏସିଆ ଟେରରିଜମ୍ ପୋର୍ଟାଲ ଡାଟା ଅନୁଯାୟୀ ୨୦୧୫ରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୭୨୮ ଜଣ ଭାରତୀୟ ପ୍ରାଣ ହରାଇଥିବାବେଳେ ୨୦୧୬ରେ ଏହା ବୃଦ୍ଧିପାଇ ୯୦୫ରେ ପହଞ୍ଚିଥିଲା। ସେହିପରି ୨୦୧୭ରେ ୮୧୨ ଓ ୨୦୧୯ରେ ୯୪୦ ଜୀବନ ଯାଇଥିଲା। ଆତଙ୍କବାଦୀମାନେ ବିମୁଦ୍ରୀକରଣକୁ ଭୃକ୍ଷେପ ନ କରି ପାଣ୍ଠି ଯୋଗାଡ଼ କରିବାରେ ସମର୍ଥ ହୋଇଥିବା ଏଥିରୁ ସହଜେ ଅନୁମେୟ।

## ବଢ଼ିଛି ଡିଜିଟାଲ ପେମେଣ୍ଟ୍‌ସ



ଏଟିଏମ୍ ଆଗରେ ଲୋକେ ଲମ୍ବା ଧାଡ଼ି ଲଗାଇବା, ଘଣ୍ଟାଘଣ୍ଟା ଛିଡ଼ାହେବା ପରେ ବି ନିରାଶ ହୋଇ ଫେରିବା ଥିଲା ସବୁଠାରୁ ବିରକ୍ତିକର। ବିମୁଦ୍ରୀକରଣର ସୁଫଳ ନେଇ ଏବେ ବି ଲୋକେ ପ୍ରଶ୍ନ କରୁଛନ୍ତି। ଭାରତ ବିମୁଦ୍ରୀକରଣର ୩ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ଦେଶରେ ଡିଜିଟାଲ ପେମେଣ୍ଟ୍‌ସ ବୃଦ୍ଧି ପାଇଛି। ଟଙ୍କା ବଦଳରେ ଡିଜିଟାଲ୍ ପେମେଣ୍ଟ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି। ଟଙ୍କାଚୋରିକୁ ରୋକିବା ଲାଗି ଡିଜିଟାଲ୍ ପେମେଣ୍ଟ ମଧ୍ୟ ବେଶ୍ ସହାୟକ ହୋଇଛି। ଏଥିପ୍ରତି ଲୋକମାନେ ସଚେତନ ହେବା ସହ ଅଧିକ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି।

## ପ୍ରତିକ୍ରିୟା

### ଦେଶରେ ଦୁର୍ନୀତି ହ୍ରାସ ପାଇଛି



ବିମୁଦ୍ରୀକରଣ ଯୋଗୁ ଦେଶରେ ଦୁର୍ନୀତି ହ୍ରାସ ପାଇଛି। ଆତଙ୍କବାଦ ମଧ୍ୟ ବହୁ ମାତ୍ରାରେ କମିଛି। କେନ୍ଦ୍ର ମନ୍ତ୍ରୀମଣ୍ଡଳର ଏତେଦିନ ପରେ ମଧ୍ୟ କୌଣସି ଦୁର୍ନୀତି ଗନ୍ଧ ନାହିଁ। କୌଣସି ମନ୍ତ୍ରୀଙ୍କ ବିରୋଧରେ କିଛି ଅଭିଯୋଗ ଆସିନାହିଁ। କ୍ୟାଶ୍‌ଲେସ୍ ସିଷ୍ଟମ ବଢିଛି। ଦେଶର ଅର୍ଥନୀତିରେ ସୁଧାର ଆସିପାରିଛି। ବର୍ତ୍ତମାନ କେବଳ ବିଶ୍ୱ ବଜାର ସମସ୍ୟା ଯୋଗୁ ସାମାନ୍ୟ ଆର୍ଥିକ ମନ୍ଦାବସ୍ଥା ସୃଷ୍ଟି ହୋଇଛି। ଦେଶରେ ଆର୍ଥିକସଂସ୍କାର ଆଣିବା ପାଇଁ ବିମୁଦ୍ରୀକରଣ ଏକ ବଡ ପଦକ୍ଷେପ। ଆଗାମୀ ଦିନରେ ଏହାର ଲାଭ ଆହୁରି ମିଳିବ।

–ମୋହନ ଚରଣ ମାଝୀ,
ବିରୋଧୀ ଦଳ ମୁଖ୍ୟ ସଚେତକ

### ଭବିଷ୍ୟତରେ ଆଉ କେବେ ନ ହେଉ



କଳାଧନ ହ୍ରାସ କରିବା ଦିଗରେ ରହିଥିବା ବିମୁଦ୍ରୀକରଣର ମୂଳ ଲକ୍ଷ୍ୟ ହାସଲ ବିଫଳ ହୋଇଛି। ଏଥିରେ ପ୍ରାୟତଃ ସର୍ବସମ୍ମତି ରହିଛି। ବିମୁଦ୍ରୀକରଣ ପ୍ରଭାବରେ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି ହାର ମଧ୍ୟ ହ୍ରାସ ହୋଇଛି। ଭବିଷ୍ୟତରେ ଆଉ କେବେ ବିମୁଦ୍ରୀକରଣ ନ କରିବା ଏଥିରୁ ଶିକ୍ଷା ନେବା ଉଚିତ।

– ଅମରେନ୍ଦ୍ର ଦାସ, ଆସିଷ୍ଟାଣ୍ଟ ପ୍ରଫେସର, ନାଇଜର

### ବିମୁଦ୍ରୀକରଣ ସମ୍ପୂର୍ଣ୍ଣ ବିଫଳ ହୋଇଛି



୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ପଦକ୍ଷେପ ନେଇଥିଲେ। ଏହି ପଦକ୍ଷେପ ଦ୍ୱାରା କଳାଧନ, ଆତଙ୍କବାଦ/ନକ୍ସଲବାଦ ହ୍ରାସ ପାଇବା ସହ ଡିଜିଟାଲ ଅର୍ଥନୀତିର ଆରମ୍ଭ ହେବ ବୋଲି କୁହାଯାଇଥିଲା। ଏହାର କିଛି ମାସ ପରେ ଜିଏସ୍‌ଟି ମଧ୍ୟ ଲାଗୁ କରାଯାଇଥିଲା। ଏହି ଦୁଇ ପଦକ୍ଷେପ ଅର୍ଥନୀତିକୁ ପ୍ରଗତି ପଥରେ ନେବ ବୋଲି ଆଶା କରାଯାଉଥିଲା। ହେଲେ ଇତି ମଧ୍ୟରେ ୩ ବର୍ଷ ବିତିଛି, ପୁଲୱାମାରେ ଆତଙ୍କବାଦ ଆକ୍ରମଣ ହୋଇଛି। ନକ୍ସଲ ପ୍ରଭାବିତ କହି ଝାଡଖଣ୍ଡରେ ୫ ପର୍ଯ୍ୟାୟରେ ନିର୍ବାଚନ କରାଯାଉଛି। କଳାଧନ ଆସିବା କଥା ଛାଡ, ନୀରବ ମୋଦି ଭଳି ଲୋକ ଏ ପର୍ଯ୍ୟନ୍ତ ଦଣ୍ଡିତ ହୋଇନାହାନ୍ତି। ଖୋଦ୍ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥା ସାମାନ୍ୟ ଖୁଚୁରା ବ୍ୟବସାୟରେ ଏଟିଏମ୍ କାର୍ଡ ସ୍ୱାଇପ୍ ମେଶିନ୍ ବ୍ୟବହାର କରୁନାହାନ୍ତି। ଜିଡିପି ଗତ ତ୍ରୈମାସରେ ୫ ପ୍ରତିଶତକୁ ଖସି ଆସିଛି। କ୍ଷୁଦ୍ର ବେପାରୀ ବହୁଳ ଭାବେ ପ୍ରଭାବିତ ହୋଇଛନ୍ତି। ଏହାର କୌଣସି ସୁଫଳ ଅନୁଭବ ହେଉନାହିଁ, ଓଲଟି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ଘଟୁଛି। ତେଣୁ ବିମୁଦ୍ରୀକରଣ ସମ୍ପୂର୍ଣ୍ଣ ବିଫଳ ହୋଇଛି।

–ଜନାର୍ଦ୍ଦନ ପତି, ସିପିଏମ୍ ନେତା

## ୩୩ ପ୍ରତିଶତ ଲୋକଙ୍କ ମତ

## ମାନ୍ଦାବସ୍ଥାର କାରଣ ବିମୁଦ୍ରୀକରଣ

ନୂଆଦିଲ୍ଲୀ, ୭।୧୧

୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିମୁଦ୍ରୀକରଣ ଘୋଷଣା କରିଥିଲେ। ଏଥିଯୋଗୁ ୮୬% ନୋଟ୍ ଅଚଳ ଓ ଅବୈଧ ହୋଇଯାଇଥିଲା। ଏବେ ଏହାର ଠିକ୍ ତିନିବର୍ଷ ପରେ ବିମୁଦ୍ରୀକରଣକୁ ନେଇ ଲୋକାଲ୍ ସର୍କଲ୍ସ ନାମକ ଏକ ସଂସ୍ଥା ପକ୍ଷରୁ ଅନ୍‌ଲାଇନ୍‌ରେ ସର୍ବେକ୍ଷଣ କରାଯାଇଛି। ଅର୍ଥନୀତି ଉପରେ ମୋଦି ସରକାରଙ୍କ ଏହି ଦୁଃସାହସିକ ପଦକ୍ଷେପର ନକାରାତ୍ମକ ପ୍ରଭାବ ପଡ଼ିଥିବା ୬୬% ଲୋକ କହିଛନ୍ତି। ସେହିପରି ୩୩% ଲୋକ ଆର୍ଥିକ ମାନ୍ଦାବସ୍ଥା ପାଇଁ ବିମୁଦ୍ରୀକରଣକୁ ଦାୟୀ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ୩ ବର୍ଷ ତଳେ ରାତି ୮ଟାରେ ବିମୁଦ୍ରୀକରଣ ନେଇ ଟେଲିଭିଜନ୍‌ରେ ଦେଶ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଥିଲେ। ଏଥିସହ ଦୁଇଟି ବଡ଼ ୧,୦୦୦ ଓ ୫୦୦ ଟଙ୍କିଆ ନୋଟ ଅଚଳ ହୋଇଯାଇଥିଲା। କଳାଧନ ରୋକିବା, ଭ୍ରଷ୍ଟାଚାର ଉପରେ ଅଙ୍କୁଶ ଲଗାଇବା ଓ ଆତଙ୍କବାଦ ପାଇଁ ଅର୍ଥ ଯୋଗାଣକୁ ବନ୍ଦ କରିବା ନୋଟ୍‌ବନ୍ଦୀର ଉଦ୍ଦେଶ୍ୟ ବୋଲି ପ୍ରଧାନମନ୍ତ୍ରୀ ସେତେବେଳେ ଘୋଷଣା କରିଥିଲେ। ଏତେଦିନ ବିତିଯିବା ପରେ ବିମୁଦ୍ରୀକରଣର ପ୍ରଭାବକୁ ନେଇ ଏକ ଅନ୍‌ଲାଇନ୍ ସର୍ଭେ କରାଯାଇଛି। ଭାରତୀୟ ଅର୍ଥନୀତି ଓ ଶ୍ରମ ନିୟୋଜନ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଛି ବୋଲି ସର୍ବେକ୍ଷଣରେ ଭାଗନେଇଥିବା ଲୋକଙ୍କ ମଧ୍ୟରୁ ୬୬% କହିଛନ୍ତି। ବିମୁଦ୍ରୀକରଣର

**୬୬% କହିଲେ: ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପକାଇଛି ନୋଟ୍‌ବନ୍ଦୀ**

କୌଣସି ପ୍ରକାର ନକାରାତ୍ମକ ପ୍ରଭାବ ନ ଥିବା କେବଳ ୨୮% ଉତ୍ତରଦାତା ମତ ଦେଇଛନ୍ତି। ୩୩% ମତଦାତାଙ୍କ କହିବା ହେଲା, ଅର୍ଥନୀତିରେ ମାନ୍ଦାବସ୍ଥାର କାରଣ ବିମୁଦ୍ରୀକରଣ। ସରକାର ଏହାର ସମାଧାନ କରିବାରେ ସକ୍ଷମ ହୋଇନାହାନ୍ତି। ବିମୁଦ୍ରୀକରଣ ଘୋଷଣା କରାଯିବା ସମୟରେ ଭାରତୀୟ ଅର୍ଥନୀତିର ଅବସ୍ଥା ବହୁତ ଭଲ ଥିଲା ବୋଲି ସେମାନେ କହିଛନ୍ତି। ସେମାନଙ୍କ ମତରେ ଏହି ଘୋଷଣାର କିଛି ମାସ ପରେ ଅର୍ଥନୀତି ନିମ୍ନଗାମୀ ହେବାରେ ଲାଗିଲା। ୨୦୧୭–୧୮ରେ ଏହା କିଛି ମାତ୍ରାରେ ଠିକ୍ ଅବସ୍ଥାକୁ ଆସୁଥିଲା। କିନ୍ତୁ ପରେ ପୁଣି ତଳକୁ ଖସିବାରେ ଲାଗିଲା। ବିଗତ ୫ଟି ଚତୁର୍ମାସରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ଲଗାତର ଖସିବାରେ ଲାଗିଛି। ତେବେ ଏହି ସ୍ଥିତି ପାଇଁ କେବଳ ବିମୁଦ୍ରୀକରଣକୁ ଦାୟୀ କରାଯାଇ ପାରିବ ନାହିଁ।

ଅର୍ଥନୀତି ଉପରେ ତୀକ୍ଷ୍ଣ ନଜର ରଖୁଥିବା ଲୋକେ କହିଛନ୍ତି ଯେ, ବିମୁଦ୍ରୀକରଣ ଯୋଗୁ ଅସଙ୍ଗଠିତ କ୍ଷେତ୍ର ସବୁଠୁ ବେଶୀ କ୍ଷତିଗ୍ରସ୍ତ ହୋଇଛି। ନିଯୁକ୍ତିରେ ଛଟେଇ ଓ ତଦ୍‌ଜନିତ ସର୍ପିଳ ପ୍ରଭାବ ଯୋଗୁ ଲୋକଙ୍କ ଆୟ କମିବା ସହ କ୍ରୟ ଦକ୍ଷତା ମଧ୍ୟ ହ୍ରାସ ପାଇଛି। ବିଶେଷକରି ଗ୍ରାମାଞ୍ଚଳରେ ଏପରି ଦେଖିବାକୁ ମିଳୁଛି। ସେହିପରି ବିମୁଦ୍ରୀକରଣ ଯୋଗୁ ଅନେକ ଅସଙ୍ଗଠିତ କ୍ଷେତ୍ରର ଶ୍ରମିକଙ୍କ ଆୟ କମିବାର ମୁଖ୍ୟ କାରଣ ବୋଲି ଏହି ସଦ୍ୟ ସର୍ଭେରେ ଭାଗ ନେଇଥିବା ୩୨% ଲୋକ ଏକମତ ହୋଇଛନ୍ତି। ଅନ୍ୟପକ୍ଷରେ ବିମୁଦ୍ରୀକରଣ ସପକ୍ଷରେ ଭୋଟ ଦେଇଥିବା ଲୋକଙ୍କ ମଧ୍ୟରୁ ୪୨ ପ୍ରତିଶତଙ୍କ ମତରେ ଏହି ପଦକ୍ଷେପ ଟିକସ ଠକେଇ କରୁଥିବା ବହୁସଂଖ୍ୟକ ଲୋକଙ୍କୁ ଏହାର ପରିସର ମଧ୍ୟରୁ ଟାଣିଆଣି ଏକ ବର୍ଦ୍ଧିତ ଟାକ୍ସ ନେଟ୍ ଆଣିପାରିଛି। ସର୍ଭେରେ ଆହୁରି ଜଣାପଡ଼ିଛି ଯେ, ବିମୁଦ୍ରୀକରଣ ଘୋଷଣାର ଠିକ୍ ପରେ ବ୍ୟବସାୟ ଓ ବ୍ୟକ୍ତିଗତ କାରବାରରେ ନଗଦ ଅର୍ଥର ବ୍ୟବହାର କମିଥିବାବେଳେ ବିଗତ ଦୁଇବର୍ଷରେ ବୃଦ୍ଧି ପାଇଛି।

# ଫର୍ମୁଲା ୱାନ୍ ସୁପରଷ୍ଟାର

ବ୍ରିଟେନର ଲୁଇସ୍ ହାମିଲଟନ ଏବେ ଫର୍ମୁଲା ୱାନର ଗ୍ଲୋବାଲ ସୁପରଷ୍ଟାର ବନିଯାଇଛନ୍ତି। ଜଣେ ସାଧାରଣ ଯୁବ ରେସରରୁ ସେ ଫର୍ମୁଲା-୧ ତାରକା ବନିଯାଇଛନ୍ତି। ମାତ୍ର ୧୨ ବର୍ଷ ମଧ୍ୟରେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି ଓ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫର୍ମୁଲା-୧ ଡ୍ରାଇଭର ମାନ୍ୟତା ପାଇଛନ୍ତି।

ରବିବାର ଅନୁଷ୍ଠିତ ୟୁଏସ୍ ଓପନ ଗ୍ରାଁ ପ୍ରିରେ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ ହେବା ସହ ମର୍ସିଡିଜ ଡ୍ରାଇଭର ହାମିଲଟନ ଆଉଏକ ବିଶ୍ୱ ଟାଇଟଲ ଜିତିଛନ୍ତି। ସେ ଇତିହାସର ଦ୍ୱିତୀୟ ଡ୍ରାଇଭର ଭାବେ ୬ଟି ବିଶ୍ୱ ଟାଇଟଲ ଅର୍ଜନ କରିଛନ୍ତି। ଏହି କ୍ରମରେ ସେ ୫୦ ଦଶକର ଲିଜେଣ୍ଡ ଡ୍ରାଇଭର ଆର୍ଜେଣ୍ଟିନାର ଜୁଆନ ମାନୁଏଲ ଫାଙ୍ଗିଓଙ୍କୁ ପଛରେ ପକାଇଛନ୍ତି। ସେ ଏବେ ବିଶ୍ୱର ସର୍ବଶ୍ରେଷ୍ଠ ଫର୍ମୁଲା-୧ ଡ୍ରାଇଭର ମାଇକେଲ ସୁମାକରଙ୍କଠାରୁ ଆଉ ଗୋଟିଏ ପାଦ ଦୂରରେ ରହିଛନ୍ତି। ସୁମାକର ୭ଥର ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଆଉ ଗୋଟିଏ ଟାଇଟଲ ଜିତିଲେ ସୁମାକରଙ୍କ ସମକକ୍ଷ ହେବେ ହାମିଲଟନ। ୨୦୦୮ରେ ସେ ମ୍ୟାକଲରେନ୍ ସହ କ୍ୟାରିୟରର ପ୍ରଥମ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିଥିଲେ। ଏହାପରେ ସେ ମର୍ସିଡିଜ ସହ ଜଡିତ ରହି ଗୋଟିଏ ପରେ ଗୋଟିଏ ଟାଇଟଲ ଜିତିବାକୁ ସକ୍ଷମ ହୋଇଥିଲେ। ତାଙ୍କର ଏହି ବିଜୟଧାରା ୨୦୧୪ରୁ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଚାଲୁ ରହିଛି। ୨୦୧୭, ୨୦୧୮ ଓ ୨୦୧୯ରେ କ୍ରମାଗତ ଭାବେ ବିଜୟୀ ହୋଇ ହ୍ୟାଟ୍ରିକ ଟାଇଟଲ ଅର୍ଜନ କରିଥିଲେ। କ୍ୟାରିୟରରେ ମୋଟ ଉପରେ ୮୩ଟି ଟାଇଟଲ ହାସଲ କରି ସେ ସର୍ବ କାଳୀନ ଦ୍ୱିତୀୟ ଶ୍ରେଷ୍ଠ ଡ୍ରାଇଭର ବିବେଚିତ ହୋଇଛନ୍ତି। ବର୍ତ୍ତମାନ ସେ ୩ଟି ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ସର୍ବକାଳୀନ କ୍ୟାରିୟର ପଏଣ୍ଟ (୩୩୯୯), ସର୍ବକାଳୀନ ସର୍ବାଧିକ ପୋଲ ପୋଜିଶନ (୮୭) ଓ ଗୋଟିଏ ସେସନରେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଜିତିବାର ରେକର୍ଡ ଅର୍ଜନ କରିଛନ୍ତି। ଏବେକାର କୌଣସି ଡ୍ରାଇଭର ତାଙ୍କ ପାଖରେ ନାହାନ୍ତି।

ବ୍ରିଟେନର ହର୍ଟଫୋର୍ଡସାୟାରରେ ଜନ୍ମିତ ହାମିଲଟନ ପିଲାଟିବେଳୁ ରେସିଂକୁ ନେଇ ବେଶ୍ ଉତ୍ସାହିତ ରହିଥିଲେ। ମାତ୍ର ୬ ବର୍ଷ ବୟସରେ ତାଙ୍କ ବାପା ଏକ ରେଡିଓ ନିୟନ୍ତ୍ରିତ କାର ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ୧୯୯୮ରେ ସେ ମ୍ୟାକଲରେନ ୟଙ୍ଗ ଡ୍ରାଇଭର ସପୋର୍ଟ ପ୍ରୋଗ୍ରାମ୍ ସହିତ ଜଡିତ ରହିଥିଲେ ଓ ଏହା ସହ ସ୍ୱାକ୍ଷର କରିଥିଲେ। ଏହାପରଠାରୁ ସେ ପଛକୁ ଫେରି ଚାହିଁନାହାନ୍ତି। ବ୍ରିଟିଶ ଫର୍ମୁଲା ରିନଲ୍ଟ, ଫର୍ମୁଲା ୩ ୟୁରୋ ସିରିଜ ଓ ଜିପି-୨ ଚାମ୍ପିୟନଶିପ୍ ଜିତି ଯୁବ ଡ୍ରାଇଭର ହିସାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଶେଷରେ ଦୀର୍ଘଦିନର ସଂଘର୍ଷ ପରେ ସେ ୨୦୦୭ରେ ଫର୍ମୁଲା- ୧ ରେସ୍‌ରେ ପଦାର୍ପଣ କରି ମ୍ୟାକଲରେନ ପାଇଁ ରେସ୍‌ରେ ଅବତୀର୍ଣ୍ଣ ହୋଇଥିଲେ।

ଏକ ମିଶ୍ରିତ ପୃଷ୍ଠଭୂମିରୁ ଆସିଥିବା ହାମିଲଟନଙ୍କ ପିତା ଜଣେ କୃଷ୍ଣକାୟ ହୋଇଥିବା ବେଳେ ମା ଜଣେ ଗୋରା ମହିଳା। ଫର୍ମୁଲା-୧ ରେସ୍‌ରେ ସେ ପ୍ରଥମ ଓ ଏକମାତ୍ର କୃଷ୍ଣକାୟ ଡ୍ରାଇଭର ଭାବେ ଯାତ୍ରା ଜାରି ରଖିଛନ୍ତି। ଫର୍ମୁଲା-୧ରେ ନିଜର ପ୍ରଥମ ସେସନରେ ସେ ଏକାଧିକ ରେକର୍ଡ ସ୍ଥାପନ କରିଥିଲେ। ୨୦୦୭ ସେସନରେ ମାତ୍ର ଗୋଟିଏ ପଏଣ୍ଟ ପାଇଁ କିମି ରାଇକୋନେନଙ୍କ ପଛରେ ରହି ରନର୍ସ ହୋଇଥିଲେ। ପଦାର୍ପଣ ସେସନରେ ସେ ସର୍ବାଧିକ ୯ ଥର ପୋଡିୟମ ଫିନିଶ୍ କରିଥିଲେ। ପଦାର୍ପଣ ସେସନରେ ସେ ଯୁଗ୍ମଭାବେ ସର୍ବାଧିକ ୪ଟି ଟାଇଟଲ ହାସଲ କରିଥିଲେ ଓ ସର୍ବାଧିକ ୧୦୯ ପଏଣ୍ଟ ହାସଲ କରିଥିଲେ। ସେ ମଧ୍ୟ ସେତେବେଳେ ଇତିହାସର ସର୍ବକନିଷ୍ଠ ଡ୍ରାଇଭର ଭାବେ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ମ୍ୟାକଲରେନଙ୍କ ସହ ୪ ବର୍ଷ ଜଡିତ ରହିବା ପରେ ସେ ୨୦୧୩ରେ ମର୍ସିଡିଜ ସହ ଚୁକ୍ତି କରିଥିଲେ। ଏହାପରେ ସେ ଗୋଟିଏ ପରେ ଗୋଟିଏ ସଫଳତା ଅର୍ଜନ କରି ଅନ୍ୟ ବିଶ୍ୱସ୍ତରୀୟ ଡ୍ରାଇଭରଙ୍କୁ ପଛରେ ପକାଇଥିଲେ। ଜଣେ କୃଷ୍ଣକାୟ ଡ୍ରାଇଭର ହୋଇଥିବାରୁ ସେ ତାଙ୍କ କ୍ୟାରିୟର ସାରା ବର୍ଣ୍ଣବୈଷମ୍ୟବାଦର ଶିକାର ହୋଇ ଆସିଛନ୍ତି। ଏହା ଦ୍ୱାରା ସେ ଆହତ ହୋଇଥିଲେ ମଧ୍ୟ କେବେ ପଛକୁ ହଟିନାହାନ୍ତି। ବରଂ ଏଥିରେ ସେ ଆହୁରି ଦୃଢ଼ ଭାବେ ନିଜକୁ ଗଢ଼ି ତୋଳିବାରେ ସକ୍ଷମ ହୋଇଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଡ୍ରାଇଭର ନିକୋ ରସବର୍ଗ ଓ ଫର୍ନାଣ୍ଡୋ ଆଲୋନ୍ସୋଙ୍କ ସହ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା ବେଶ୍ ଆଲୋଚନା ତଥା ଚର୍ଚ୍ଚା ସୃଷ୍ଟି କରିଥିଲା। ବ୍ୟକ୍ତିଗତ ଜୀବନରେ ସେ ବେଶ୍ ରୋମାଣ୍ଟିକ ରହିଆସିଛନ୍ତି। ଏକାଧିକ ହାଇପ୍ରୋଫାଇଲ ମହିଳାଙ୍କ ସହ ସେ ବନ୍ଧୁତ୍ୱ ସ୍ଥାପନ କରି ବେଶ୍ ଚର୍ଚ୍ଚିତ ରହି ଆସିଛନ୍ତି। ୨୦୦୭ରେ ସେ ଆମେରିକୀୟ ମହିଳା ଗାୟିକା ନିକୋଲ ସେର୍ଜିଙ୍ଗରଙ୍କ ସହ ଡେଟିଂ କରୁଥିଲେ। ୨୦୧୫ରେ ସେ ବ୍ରିଟେନର ସବୁଠାରୁ ଧନୀ କ୍ରୀଡ଼ାବିତ୍ ବିବେଚିତ ହୋଇଥିଲେ। ଆଗକୁ ସେ ଆହୁରି କେତୋଟି ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବେ ଓ ସୁମାକରଙ୍କୁ ପଛରେ ପକାଇ ବିଶ୍ୱର ସର୍ବଶ୍ରେଷ୍ଠ ଫର୍ମୁଲା- ୧ ଡ୍ରାଇଭର ଭାବେ ନିଜକୁ ପ୍ରତିଷ୍ଠା କରାଇବେ।

**ଲୁଇସ୍ ହାମିଲଟନ ଷଷ୍ଠଥର ପାଇଁ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରି ମାଇକେଲ ସୁମାକରଙ୍କଠାରୁ ଗୋଟିଏ ପାଦ ଦୂରରେ ରହିଛନ୍ତି। ୩୪ ବର୍ଷରେ ପଦାର୍ପଣ କରିଥିବାରୁ ଆଗକୁ ସେ ଆହୁରି କେତୋଟି ବିଶ୍ୱ ଟାଇଟଲ ଜିତି ନିଜକୁ ବିଶ୍ୱର ସର୍ବଶ୍ରେଷ୍ଠ ଫର୍ମୁଲା- ୧ ଡ୍ରାଇଭର ଭାବେ ପ୍ରତିଷ୍ଠା କରାଇବେ ବୋଲି ଆଶା କରାଯାଉଛି...**

### ସଂକ୍ଷେପରେ...

**ପୂରା ନାମ:** ଲୁଇସ୍ କାର୍ଲ ଡେଭିଡସନ ହାମିଲଟନ
**ଜନ୍ମ:** ୧୯୮୫ ଜାନୁୟାରୀ ୭
**ବୟସ:** ୩୪
**ଦେଶ:** ୟୁନାଇଟେଡ କିଙ୍ଗଡମ୍
**୨୦୧୯ ଟିମ:** ମର୍ସିଡିଜ୍
**ବିଶ୍ୱ ଚାମ୍ପିୟନ:** ୬ (୨୦୦୮, ୨୦୧୪, ୨୦୧୫, ୨୦୧୭, ୨୦୧୮, ୨୦୧୯)
**ବିଜୟ:** ୮୩
**ପୋଡିୟମ:** ୧୫୦
**କ୍ୟାରିୟର ପଏଣ୍ଟ:** ୩୩୯୯
**ପୋଲ ପୋଜିଶନ:** ୮୭
**ପ୍ରଥମ ଏଣ୍ଟ୍ରି :** ୨୦୦୭ ଅଷ୍ଟ୍ରେଲିଆ ଗ୍ରାଁ ପ୍ରି
**ପ୍ରଥମ ବିଜୟ:** ୨୦୦୭ କାନାଡିଆନ ଗ୍ରାଁ ପ୍ରି
**ଶେଷ ବିଜୟ:** ୨୦୧୯ ମେକ୍ସିକାନ ଗ୍ରାଁ ପ୍ରି
**ଶେଷ ଏଣ୍ଟ୍ରି:** ୨୦୧୯ ୟୁଏସ୍ ଗ୍ରାଁ ପ୍ରି





**ମା' ହେବା ପରେ ଟେନିସ ଖେଳାଳିମାନେ ସଫଳ ପ୍ରତ୍ୟାବର୍ତ୍ତନ କରିବାର ଉଦାହରଣ କମ୍ ରହିଛି। ତେବେ ସେରେନା ୱିଲିୟମ, ମାର୍ଗାରେଟ୍ କୋର୍ଟ, ଇଭୋନ ଗୁଲାଗଙ୍ଗ ଓ କିମ୍ କ୍ଲିଷ୍ଟର୍ସ ଏଥିରେ ବ୍ୟତିକ୍ରମ ଆଣିଛନ୍ତି। ସାନିଆଙ୍କ ପାଇଁ ଏହି ଖେଳାଳିମାନେ ଏବେ ପ୍ରେରଣା ସୃଷ୍ଟି କରିଛନ୍ତି...**

# ଫେରିବେ ସାନିଆ

ଭାରତର ସଫଳତମ ଟେନିସ ତାରକା ସାନିଆ ମିର୍ଜା ଦୀର୍ଘଦିନ ପରେ ପୁଣି ଥରେ ଟେନିସକୁ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ସାନିଆ ଏଥିପାଇଁ କଠିନ ପରିଶ୍ରମ ଆରମ୍ଭ କରିଦେଇଛନ୍ତି। ମା ହେବା ପରେ ସେ ୨୦୨୦ ଜାନୁୟାରୀରେ କମ୍ପିଟିଟିଭ ଟେନିସକୁ ଫେରିବା ଲକ୍ଷ୍ୟରେ ରହିଛନ୍ତି। ଏଥିପାଇଁ ସେ ଅତ୍ୟନ୍ତ ବ୍ୟଗ୍ର ନୁହନ୍ତି। ମା' ହେବାର ଦୁଇ ବର୍ଷ ପରେ ସେ ଜବରଦସ୍ତ ଟ୍ରେନିଂ କରୁଛନ୍ତି। ସେ ଦିନକୁ ୪ ଘଣ୍ଟା ଅଭ୍ୟାସ କରିଛନ୍ତି। ଏହି ପ୍ରକ୍ରିୟାରେ ସେ ୨୬ କେ.ଜି. ଓଜନ କମାଇଛନ୍ତି। ସେ ହାସଲ କରିଥିବା ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲରେ ୬ଟି ମିକ୍ସଡ ଟାଇଟଲ ସାମିଲ ରହିଛି। ସେ ମଧ୍ୟ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୧ ନମ୍ବର ସ୍ଥାନ ହାସଲ କରିଛନ୍ତି। ସୁଇଜରଲାଣ୍ଡର କିମ୍ବଦନ୍ତୀ ମହିଳା ଖେଳାଳି ମାର୍ଟିନା ହିଙ୍ଗିସ୍‌ଙ୍କ ସହ ସେ ସାଥିହୋଇ ସଫଳତାର ଶୀର୍ଷକୁ ଛୁଇଁଥିଲେ। ଆସନ୍ତା ଅଗଷ୍ଟରେ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି ବୋଲି ସାନିଆ କହିଛନ୍ତି। ଆଗକୁ ଯଦି କିଛି ସଫଳତା ମିଳେ ତା'ହେଲେ ଏହା ମୋ ପାଇଁ ବୋନସ ହେବ। ପୁଅ ଇଝାନ ମୋ ପାଇଁ ସବୁଠାରୁ ବଡ଼ ଆଶୀର୍ବାଦ ସଦୃଶ ହୋଇଛି। ଯଦି ମୋର ପ୍ରତ୍ୟାବର୍ତ୍ତନ ସଫଳ ହୁଏ ତା'ହେଲେ ଏହା ନିଶ୍ଚିତ ଭାବେ ଆନନ୍ଦଦାୟକ ହେବ। ଟେନିସ ପ୍ରତି ମୋର ଥିବା ଦୁର୍ବଳତା ଓ ଭଲପାଇବା କାରଣରୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି।

ମା' ହେବା ପରେ ମହିଳା ଖେଳାଳିମାନେ ସଫଳ ପ୍ରତ୍ୟାବର୍ତ୍ତନ କରିବାର ଉଦାହରଣ କମ୍ ରହିଛି। ମା ହେବା ପରେ ମାର୍ଗାରେଟ୍ କୋର୍ଟ, ଇଭୋନ ଗୁଲାଗଙ୍ଗ ଓ କିମ୍ କ୍ଲିଷ୍ଟର୍ସ ପ୍ରତ୍ୟାବର୍ତ୍ତନ କରି ସିଙ୍ଗଲ୍ସ ମେଜର ଟାଇଟଲ ହାସଲ କରିଛନ୍ତି। ସେରେନା ୱିଲିୟମ୍ସ ହେଉଛନ୍ତି ସଦ୍ୟତମ ଉଦାହରଣ। ସେରେନା ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ନବମ ସ୍ଥାନରେ ରହିଛନ୍ତି। ଭିକ୍ଟୋରିଆ ଆଜାରେଙ୍କା ମା' ହେବା ପରେ ପ୍ରତ୍ୟାବର୍ତ୍ତନ କରି ଏବେ ସିଙ୍ଗଲ୍ ଓ ଡବଲ୍ସ ବିଭାଗର ଶ୍ରେଷ୍ଠ ୫୦ରେ ସ୍ଥାନ ପାଇଛନ୍ତି। ଆଣ୍ଠୁରେ ଥିବା ପୁରୁଣା ଇଞ୍ଜୁରି ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ପ୍ରଶଂସକ ଓ ଶୁଭଚିନ୍ତକଙ୍କ ଆଶା ରହିଛି। ତେବେ ସବୁଠାରୁ ବଡ଼ କଥା ହେଉଛି ପ୍ରତ୍ୟାବର୍ତ୍ତନକୁ ସଫଳ କରିବା। ଗତ ୨ ବର୍ଷ ହେବ ଟେନିସ ଖେଳିନାହିଁ। ଯଦି ସଫଳ ହୁଏ ତା'ହାଲେ ଟୋକିଓ ଅଲିମ୍ପିକ୍ସ ଖେଳିବା ମୋର ମୁଖ୍ୟ ଲକ୍ଷ୍ୟ ହେବ ବୋଲି ସାନିଆ କହିଛନ୍ତି।

### କ୍ୱାଲିଫାଏ

ଭାରତୀୟ ପୁରୁଷ ହକି ଦଳ ସଙ୍ଗେ
ଲେଡି ହକି ଦଳ ରେଡି
କଳିଙ୍ଗରୁ ସିଧା ଟୋକିଓ ଟିକେଟ
କୋଡିଏରେ ଯିବେ ଉଡି
କ୍ୱାଲିଫାଏ କରି ଖୁଡ୍ରୀ
ଜାତୀୟ ଖେଳରେ ଅଲିମ୍ପିକ ଜିତି
ଟିମ୍ ସହ ରାଣୀ ଲଢ଼ି।।୧

ଭରତ ବିପକ୍ଷ ପ୍ରଥମ ଟିଟେଣ୍ଟି
ଫର୍ମାଟ୍‌ରେ ବାଂଲାଦେଶ
ଜିତି ଦିଲ୍ଲୀଠାରେ ଇତିହାସ କଲା
ମୁସଫିକର ମୋଡେ ନିଶ
କୋହଲିର ବନବାସ
ବାର୍ଥ ଡେ'ରେ ଓଲ୍ଡ ଚିଠି ଶେୟାର କରେ
ହବ ପ୍ରଦୂଷଣ ଦୋଷ ? ।।୨



ପୁରୁଷ ଟେନ ମିଟର ଏୟାର ରାଇଫଲ
ଇଭେଣ୍ଟରେ ବ୍ରୋଞ୍ଜ୍ ଜିତି
ଦୀପକ କୁମାର କ୍ୱାଲିଫାଏ କଲା
ଅଲିମ୍ପିକ୍ସ ପାଇଁ ସାଥୀ
ଅଯୋଗ୍ୟ ହୋଇଲେ ନାଡି
ରବିପରି ନିଶା ପାନ କରି ଶେଷେ
ରଚିନି ଜଣେ ବି କୀର୍ତ୍ତି।।୩
– ସୁବାସ ଚନ୍ଦ୍ର ପ୍ରଧାନ



# ରେକର୍ଡ ବିଜୟ

**ଗଲ୍ଫ ସୁପରଷ୍ଟାର ଟାଇଗର ଉଡ୍ସ ବିଭିନ୍ନ କାରଣରୁ ଫର୍ମ ଓ ଫିଟ୍‌ନେସ ପାଇଁ ସଂଘର୍ଷ କରିଆସୁଥିଲେ ମଧ୍ୟ ନିକଟରେ ଜୋଜୋ ଚାମ୍ପିୟନଶିପ୍‌ରେ ବିଜୟୀ ହୋଇଛନ୍ତି। ଏଥିସହିତ ସେ ୮୨ତମ ପିଜିଏ ଟୁର ଟାଇଟଲ ହାସଲ କରି ସର୍ବାଧିକ ଟୁର୍ନାମେଣ୍ଟ ଜିତିବାରେ ନିଜ ଦେଶର ସାମ ସ୍ନିଡଙ୍କ ସମକକ୍ଷ ହୋଇଛନ୍ତି...**

ଆମେରିକୀୟ ଗଲ୍ଫ ସୁପରଷ୍ଟାର ଟାଇଗର ଉଡ୍ସ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ସେ ରେକର୍ଡ ସଂଖ୍ୟକ ଟୁର୍ନାମେଣ୍ଟରେ ବିଜୟ ହାସଲ କରିଛନ୍ତି। ଜାପାନର ଗ୍ରେଟର ଟୋକିଓ ଏରିଆରେ କିଛିଦିନ ତଳେ ଖେଳାଯାଇଥିବା ପେସାଦାର ଗଲ୍ଫ ଟୁର୍ନାମେଣ୍ଟ ଜୋଜୋ ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିଛନ୍ତି ଟାଇଗର। ଏହି କ୍ରମରେ ସେ କ୍ୟାରିୟରର ୮୨ତମ ପିଜିଏ ଟୁର ଟାଇଟଲ ହାସଲ କରିଛନ୍ତି ଓ ସର୍ବାଧିକ ଟୁର୍ନାମେଣ୍ଟ ଜିତିବାରେ ନିଜ ଦେଶର ସାମ ସ୍ନିଡଙ୍କ ସମକକ୍ଷ ହୋଇଛନ୍ତି। ୪୩ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ପୁଣି ବହୁ ବିବାଦ ଓ ଦୀର୍ଘ ବର୍ଷଧରି ଆଘାତ ସମସ୍ୟା ଦେଇ ଗତି କରୁଥିବା ସତ୍ତ୍ୱେ ଟାଇଗରଙ୍କ ଚମକ କମିନାହିଁ। ଗତ ୧୩ ବର୍ଷ ମଧ୍ୟରେ ସେ ଜାପାନର ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହା ଟାଇଗରଙ୍କ ପାଇଁ ସେତେଟା ବଡ଼ ଟୁର୍ନାମେଣ୍ଟ ହୋଇ ନ ଥିଲେ ମଧ୍ୟ କ୍ୟାରିୟର ଏ ଭଳି ମୋଡରେ ଏହି ବିଜୟ ତାଙ୍କ ପାଇଁ ବିଶେଷ ଭାବେ ମହତ୍ତ୍ୱ ରଖୁଛି। କ୍ୟାରିୟରରେ ସବୁ ପ୍ରକାର ସଫଳତା ହାସଲ କରିଥିବା ଟାଇଗରଙ୍କ ପାଇଁ ଏହି ବିଜୟ ବିଶେଷ ଭାବେ ମହତ୍ତ୍ୱ ରଖୁଛି।

ଟାଇଗରଙ୍କ ଏହି ସଫଳତାର ପଛରେ ୩ଟି ମୁଖ୍ୟ କାରଣ ରହିଛି। ଇଞ୍ଜୁରିରୁ ମୁକୁଳି ପୁଣି ଥରେ ସୁସ୍ଥ ହେବା ସହ ଫିଟ୍‌ନେସ ହାସଲ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା। ଅନ୍ୟତମ କାରଣ ହେଉଛି ଟାଇଗର ସହଜରେ ହାର ମାନି ନ ଥାନ୍ତି ଓ ସେ ଏତେଶୀଘ୍ର କିଛି ତ୍ୟାଗ କରି ନ ଥାନ୍ତି। ଅନ୍ୟ କାରଣଟି ହେଉଛି ସେ ଜଣେ ଉଚ୍ଚ ଓ ଦକ୍ଷତାସମ୍ପନ୍ନ ଖେଳାଳି। ୧୯୯୬ରେ ପେସାଦାର ଗଲ୍ଫରେ ପଦାର୍ପଣ କରିଥିବା ଏହି ତାରକା କ୍ୟାରିୟରରେ ୧୦୯ଟି ପେସାଦାର ବିଜୟ ହାସଲ କରିଛନ୍ତି। ବିଶ୍ୱ ଗଲ୍ଫ ର୍‍ୟାଙ୍କିଙ୍ଗ୍‌ରେ ସେ ୬୮୩ ସପ୍ତାହ ଧରି ଏକ ନମ୍ବର ସ୍ଥାନ ହାସଲ କରି ରେକର୍ଡ କରିଥିଲେ। ସେ ୮୨ଟି ପିଜିଏ ଟୁର ଟାଇଟଲ ହାସଲ କରିଥିବା ବେଳେ ୪୧ଟି ୟୁରୋପିଆନ ଟୁର ବିଜୟ ହାସଲ କରିଛନ୍ତି। ସେହିପରି ସେ ୩ଟି ଜାପାନ ଗଲ୍ଫ ଟୁର ବିଜୟ, ଗୋଟିଏ ଏସିଆନ ଟୁର ବିଜୟ, ଗୋଟିଏ ପିଜିଏ ଟୁର ଅଫ୍ ଅଷ୍ଟ୍ରେଲେସିଆ ବିଜୟ ହାସଲ କରିଛନ୍ତି। ୧୬ଟି ଅନ୍ୟ ପେସାଦାର ବିଜୟ ସହ ସେ ୨୧ଟି ଆମେଚର ବିଜୟ ମଧ୍ୟ ହାସଲ କରିଛନ୍ତି। ସେ ୧୫ଟି ମେଜର ଚାମ୍ପିୟନଶିପ୍‌ରେ ମଧ୍ୟ ବିଜୟ ହାସଲ କରିଛନ୍ତି। ଜୁନିୟରଠାରୁ ସିନିୟରସ୍ତର ପର୍ଯ୍ୟନ୍ତ ଗଲ୍ଫରେ ସଫଳତାର ଶୀର୍ଷକୁ ଛୁଇଁ ଥିବା ଟାଇଗର ପ୍ରାୟ ସବୁ ପୁରସ୍କାର ହାସଲ କରିଛନ୍ତି। ୪୬ ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କ କ୍ୟାରିୟର ଆଗକୁ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ଯେପର୍ଯ୍ୟନ୍ତ ଫିଟ୍ ଥିଲେ ଖେଳ ଜାରି ରଖିବେ ବୋଲି ଟାଇଗର କହିଛନ୍ତି।

ଟାଇଗରଙ୍କ ଅସାଧାରଣ ପ୍ରତିଭା ଓ ସଫଳତାରେ ବେଶ୍ ପ୍ରଭାବିତ ହୋଇଛନ୍ତି ଉତ୍ତର ଆୟର୍ଲାଣ୍ଡର ଅଭିଜ୍ଞ ଗଲ୍ଫର ରୋରି ମ୍ୟାକଲୋରି। ଟାଇଗର ହେଉଛନ୍ତି ଗଲ୍ଫ ଇତିହାସର ଶ୍ରେଷ୍ଠ ଖେଳାଳି ଓ ତାଙ୍କ ସଫଳତା ଦୃଷ୍ଟାନ୍ତମୂଳକ ବୋଲି ୪ଥର ମେଜର ଟାଇଟଲ ଜିତିଥିବା ମ୍ୟାକଲୋରି କହିଛନ୍ତି।

"ଦ୍ରୁତ ଅଭିବୃଦ୍ଧିଶୀଳ ଡିଜିଟାଲ ବାଣିଜ୍ୟକୁ ଧ୍ୟାନରେ ରଖି ୨୦୨୦ କ୍ୟାଲେଣ୍ଡର ବର୍ଷରେ ୨୦ ହଜାର ବିଜ୍ଞାନ, ଟେକ୍ନୋଲୋଜି, ପ୍ରଯୁକ୍ତି ଏବଂ ଗଣିତ ଭଳି ବର୍ଗରୁ ୨୩ ହଜାର ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନ ନେଇ ଯୋଜନା ରଖାଯାଇଛି।

–ରାମକୁମାର ରାମମୂର୍ତ୍ତି, କଗନିଜାଣ୍ଟ ଇଣ୍ଡିଆ ଏମ୍‌ଡି



"ଆଇଟି କମ୍ପାନୀଗୁଡିକ ଅଧିକ ପ୍ରତିଦ୍ୱନ୍ଦ୍ୱୀ ହେବା ଲାଗି ସେମାନଙ୍କ ମୋଟ ଶ୍ରମ ଶକ୍ତିର ୫ରୁ ୧୦% ମିଡ୍ ଲେଭଲ କର୍ମଚାରୀଙ୍କୁ ଛଟେଇ କରିବା ନେଇ ଯୋଜନା କରିପାରନ୍ତି।

– ଭି.ବାଲକ୍ରିଷ୍ଣନ, ପୂର୍ବତନ ସିଏଫ୍‌ଓ, ଇନ୍‌ଫୋସିସ୍



# ଆଇଆଇଟି ନିଯୁକ୍ତି ଉପରେ ମାନ୍ଦାବସ୍ଥା ପ୍ରଭାବ

ମୁମ୍ବାଇ,୭–୧୧

ମାନ୍ଦାବସ୍ଥାର ପ୍ରଭାବ ଚଳିତ ବର୍ଷ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ଛାତ୍ରୀଛାତ୍ରଙ୍କ ନିଯୁକ୍ତି ଉପରେ ପଡିଥିବା ଦେଖାଯାଇଛି। ଡିସେମ୍ବରରୁ ଦେଶର ବିଭିନ୍ନ ଆଇଆଇଟିରେ ସାଧାରଣତଃ ନିଯୁକ୍ତି ସିଜନ୍ ଚାଲିଥାଏ। ହେଲେ ଚଳିତ ବର୍ଷ ପ୍ରମୁଖ ଫାର୍ମଗୁଡିକ ପୂର୍ବବର୍ଷଗୁଡିକ ଭଳି ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ଦେବା ଲାଗି ଆଗେଇ ଆସିବା ଦେଖାଯାଉନାହିଁ। ପ୍ରଥମ ଦିନ ଆସୁଥିବା(ଡେୱାନ) ଫାର୍ମଗୁଡିକ ସାଧାରଣତଃ ଛାତ୍ରୀଛାତ୍ରଙ୍କୁ ଭଲ ପ୍ୟାକେଜରେ ନିଯୁକ୍ତି ଦେଇଥାନ୍ତି। ମାତ୍ର ଚଳିତ ବର୍ଷ ପ୍ଲେସ୍‌ମେଣ୍ଟ ସେଲ୍ ପକ୍ଷରୁ ବିଭିନ୍ନ କମ୍ପାନୀଙ୍କୁ ସମ୍ପର୍କ କରାଯାଇଥିବା ବେଳେ ସେମାନେ ଏତେଟା ରେସ୍‌ପନ୍ସ ଦେଖାଇନାହାନ୍ତି। ଅପରପକ୍ଷରେ କ୍ୟାମ୍ପସ ଚୟନ ଲାଗି ଆସିବାକୁ ଆଉ କିଛି ଫାର୍ମ ଅଗ୍ରାହ୍ୟ କରି ଦେଇଛନ୍ତି। ଅଧିକ ସଂଖ୍ୟକ ନିଯୁକ୍ତିଦାତା ଏବଂ ନୂଆ ଫାର୍ମଙ୍କୁ ଆଣିବା ଲାଗି ଆଇଆଇଟିର ପ୍ଲେସ୍‌ମେଣ୍ଟ ସେଲ୍ ପକ୍ଷରୁ ଦୁଇଗୁଣ ଚେଷ୍ଟା କରାଯାଇଥିବା ଜଣାପଡିଛି।

କ୍ୱାଣ୍ଟିଟେଟିଭ ଇନ୍‌ଭେଷ୍ଟମେଣ୍ଟ ମ୍ୟାନେଜମେଣ୍ଟ ଫାର୍ମ ୱାର୍ଲଡ କ୍ୱାଣ୍ଟ ବମ୍ବେ ଆଇଆଇଟି ଆସିବା ସହ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ପ୍ୟାକେଜ ଦେଇଥାଏ। ବର୍ତ୍ତମାନ ସୁଦ୍ଧା ଏହା ଆସିବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ଅନ୍ୟ ଆଇଆଇଟିଗୁଡିକର ସ୍ଥିତି ମଧ୍ୟ ସମାନ ଥିବା ଏକ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଅନୁଧ୍ୟାନ କଲା ପରେ ରିପୋର୍ଟ ପ୍ରକାଶ ପାଇଛି। ଟାୱାର ରିସର୍ଚ୍ଚ ଏବଂ ଗ୍ରାଭିଟନ ରିସର୍ଚ୍ଚ ଭଳି ପ୍ରମୁଖ ନିଯୁକ୍ତିଦାତା ଫାର୍ମଗୁଡିକର ସ୍ଥିତି ମଧ୍ୟ ସମାନ ରହିଛି। ଏମାନେ କ୍ୟାମ୍ପସ କରିବା ନେଇ କୌଣସି ସୂଚନା ଦେଇନାହାନ୍ତି। ଏହାବାଦ ଆମେରିକାର କ୍ଲାଉଡ୍ ଡାଟା ପରିଚାଳନା କମ୍ପାନୀ ରୁବରିକ୍ ମଧ୍ୟ କିଛି ସ୍ପଷ୍ଟ ସୂଚନା ଦେଇ ନାହିଁ।



- ପ୍ରଥମ ଦିନ ପ୍ଲେସମେଣ୍ଟ ଦେଉଥିବା କମ୍ପାନୀଙ୍କ ସଂଖ୍ୟା କମିବ
- ନୂଆ ଫାର୍ମଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ
- ନୂତନ ବର୍ଗରେ ସୁଯୋଗ ସନ୍ଧାନକୁ ଗୁରୁତ୍ୱ
- ଅଟୋ, କୋର ସେକ୍ଟରର କମ୍ପାନୀ ନିଯୁକ୍ତି କମାଇବା ଆଶଙ୍କା

ନିୟମିତ ଆସୁଥିବା କମ୍ପାନୀ ଚଳିତ ବର୍ଷ କମ୍ ରହିଛନ୍ତି, ଫଳରେ ଛାତ୍ରୀଛାତ୍ର ଅନ୍ୟଠାରେ ନୂଆ ସୁଯୋଗ ସନ୍ଧାନ କରୁଥିବା ଆଇଆଇଟି ଖଡଗପୁରର ଜଣେ ଛାତ୍ର ପ୍ରତିନିଧି କହିଛନ୍ତି। ମାନ୍ଦାବସ୍ଥା ଚାଲିଥିବାରୁ ଏହାର ପ୍ରଭାବ ନିଯୁକ୍ତି ଉପରେ ଯେଭଳି ନ ପଡେ ଅଧିକରୁ ଅଧିକ ଫାର୍ମଙ୍କୁ ଚଳିତ ବର୍ଷ ଆଣିବାକୁ କର୍ତ୍ତୃପକ୍ଷ ଯୋଜନା କରିଥିବା ସେ କହିଛନ୍ତି। ପ୍ରଥମ ପର୍ଯ୍ୟାୟ ପ୍ଲେସମେଣ୍ଟ ଡିସେମ୍ବର ୧ରୁ ଆରମ୍ଭ ହୋଇ ପ୍ରାୟ ୩ ସପ୍ତାହ ଚାଲିବ। ଅଟୋମୋବାଇଲ ଶିଳ୍ପ କ୍ଷତିଗ୍ରସ୍ତ ହୋଇଥିବା ବେଳେ କୋର ସେକ୍ଟରର ପ୍ରଭାବିତ ହୋଇଛି। ଏଭଳି କ୍ଷେତ୍ରଗୁଡିକରେ ନିଯୁକ୍ତି କମିବ ବୋଲି ଅନୁଷ୍ଠାନଗୁଡିକ ପକ୍ଷରୁ କୁହାଯାଇଛି। ସେହିଭଳି କୋର୍ ସେକ୍ଟରରେ ନିଯୁକ୍ତି ପ୍ରଦାନ କରିବା ଲାଗି ଗତ ବର୍ଷ ଇଚ୍ଛୁକ ଥିବା କିଛି ଫାର୍ମ ଚଳିତ ବର୍ଷ ଅଗ୍ରାହ୍ୟ କରି ଦେଉଥିବା ଆଇଆଇଟି ଦିଲ୍ଲୀର ଜଣେ ଛାତ୍ର ପ୍ରତିନିଧି କହିଛନ୍ତି।

# ବିତ୍ତୀୟ ଗଣିତକୁ ନେଇ ଆଇଏମ୍‌ଏଫ୍‌ର ପ୍ରଶ୍ନବାଚୀ

ମୁମ୍ବାଇ,୭–୧୧

ଭାରତର ବିତ୍ତୀୟ ଗଣିତ ଉପରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିତ୍ତୀୟ ଶୃଙ୍ଖଳା ଉପରେ ରହିଥିବା ବିଭିନ୍ନ ତଥ୍ୟ ସ୍ୱଚ୍ଛ ହେବା ଆବଶ୍ୟକତା ରହିଛି। ଜି–୨୦ ଦେଶ ସମୂହକୁ ବିଚାର କଲେ ଭାରତ ଏହି କ୍ଷେତ୍ରରେ ବହୁ ପଛରେ ରହିଥିବା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଗୁରୁବାର କହିଛି। ବଜେଟରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ହାସଲ କରିବା ଲାଗି ଭାରତ ଗତ କିଛି ବର୍ଷ ହେବ ସକ୍ଷମ ହେଉ ନାହିଁ। ଏଦିଗରେ ଏହା ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଥିବା ଆଇଏମ୍‌ଏଫ୍‌ର ଉପନିର୍ଦ୍ଦେଶକ ଆନି ମ୍ୟାରି ଗୁରୁବାର ଏନ୍‌ଏସ୍‌ଇର ଏକ କାର୍ଯ୍ୟକ୍ରମରେ କହିଛନ୍ତି।

କର୍ପୋରେଟ ଟିକସ ହ୍ରାସ ଦ୍ୱାରା ରାଜକୋଷକୁ ୧.୪୫ ଲକ୍ଷ କୋଟି ଟଙ୍କା କ୍ଷତି ହେବ। ଏହାକୁ ଭରଣା ଲାଗି ଭାରତ କିଭଳି ପଦକ୍ଷେପ ନେବ ସେ ଦିଗରେ କିଛି ସ୍ପଷ୍ଟ କରି ନ ଥିବା ସେ କହିଛନ୍ତି। ସରକାରଙ୍କ ଡାଟାକୁ ନେଇ ଦେଶର ୧୦୦ ଅର୍ଥନୀତିଜ୍ଞ ବିଭିନ୍ନ ଆଶଙ୍କା କରିବା ସହ ପ୍ରଶ୍ନ ଉଠାଇଥିଲେ। ଏଭଳି ସମୟରେ ବିତ୍ତୀୟ ସ୍ୱଚ୍ଛତା ବୃଦ୍ଧି ହେବାର ଆବଶ୍ୟକତା ରହିଛି। ବିତ୍ତୀୟ ସ୍ଥିତିର ସମ୍ପୂର୍ଣ୍ଣ ଛବି ଘରୋଇ କ୍ଷେତ୍ର ପାଇବା ଏବେ କଷ୍ଟକର। ଏହା ହେଲେ ଉଚ୍ଚ ସ୍ତରର ଋଣ ହ୍ରାସ ଘରୋଇ କ୍ଷେତ୍ର ଲାଗି ଆର୍ଥିକ ସମ୍ପତ୍ତି କ୍ଷେତ୍ରରେ ସୁଯୋଗ ସୃଷ୍ଟିକରା ଯାଇପାରିବ। ମନ୍ଥର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ବିତ୍ତୀୟ ପ୍ୟାକେଜ ପ୍ରଦାନ କରିଦେଲେ ଅର୍ଥ ବ୍ୟବସ୍ଥା ବଢିଯିବ ବୋଲି କହି ହେବ ନାହିଁ। ଏହା କେବେ ପର୍ଯ୍ୟାପ୍ତ ନୁହେଁ। ଅନ୍ୟ ଅଭିବୃଦ୍ଧିଶୀଳ ଅର୍ଥନୀତିଗୁଡ଼ିକ ତୁଳନାରେ ସରକାରଙ୍କ ଋଣ ଅଧିକ ରହିଲେ ଏହା ଅଭିବୃଦ୍ଧିକୁ ପଛକୁ ଟାଣିବ ବୋଲି ସେ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରକୃତ ସ୍ଥିତିକୁ ଦେଖି ବିତ୍ତୀୟ ଧାରା ଆକଳନ ହେବାର ଆବଶ୍ୟକତା ରହିଛି। ଏହା ହେଲେ ଘରୋଇ କ୍ଷେତ୍ରର ଆଶାକୁ ଏକ ଉନ୍ନତ ଦିଶା ମିଳିପାରିବ। ଏକ୍ଷେତ୍ରରେ ଭାରତ ସରକାର ଉଭୟ ଚକ୍ରୀୟ ଏବଂ ଢାଞ୍ଚାଗତ ଚ୍ୟାଲେଞ୍ଜକୁ ବିଚାର କରି ବିଭିନ୍ନ ନୀତି ଉପରେ କାର୍ଯ୍ୟ କରିବାର ଆବଶ୍ୟକତାକୁ ବୁଝିବାକୁ ହେବ। ଶ୍ରମ ଜମି ଏବଂ ବଜାର ଲାଗି ସଂସ୍କାର ପଦକ୍ଷେପ ଉପରେ ମ୍ୟାରି ଗୁରୁତ୍ୱାରୋପ କରିଛନ୍ତି। ଏହା ହେଲେ ଜିଡିପି ଅଭିବୃଦ୍ଧିକୁ ଫେରାଇ ଅଣାଯାଇ ପାରିବ ଏବଂ ଅର୍ଥ ବ୍ୟବସ୍ଥାରେ ସ୍ଥିତାବସ୍ଥା ବଜାୟ ରହିବ। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ବେଳେ ସରକାର ବିଭିନ୍ନ ସାବଧାନତା ବଜାୟ ରଖିବାକୁ ପଡିବ। ଏହାବାଦ ଗଭର୍ନାନ୍ସ ଏବଂ ପୁଞ୍ଜି ପ୍ରଦାନ ଭଳି ବିଷୟକୁ ଭାରତ ସରକାର ବିଚାର କରିବାକୁ ହେବ। ଏହାବାଦ ଏନ୍‌ବିଏଫ୍‌ସି କ୍ଷେତ୍ର ଉପରେ ଫୋକସ କରିବାକୁ ସେ ମତ ରଖିଛନ୍ତି।


## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଗଜପତି, ପାରଳାଖେମୁଣ୍ଡି

**ବିଜ୍ଞାପନ**

ଗଜପତି ଜିଲ୍ଲାରେ କେତେକ ବେସରକାରୀ ଅନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷମାନଙ୍କ ଦ୍ୱାରା ୧୮ବର୍ଷରୁ କମ ବୟସର ଶିଶୁମାନଙ୍କ ଆବାସିକ ହଷ୍ଟେଲ୍ ସରକାରଙ୍କ କିମ୍ବା ଜିଲ୍ଲା ପ୍ରଶାସନର ବିନା ଅନୁମତିରେ ବିଭିନ୍ନ ସ୍ଥାନରେ ପରିଚାଳିତ ହେଉଥିବା ଖବର ଜିଲ୍ଲା ପ୍ରଶାସନର ନଜରକୁ ଆସିଛି। ଯେଉଁ ଅନୁଷ୍ଠାନଗୁଡିକ ଶିକ୍ଷାର ଉନ୍ନତି ନିମନ୍ତେ ଉଦ୍ଦିଷ୍ଟ ସେମାନେ Regulatory Guideline for Registration of Educational Hostel under NCPCR ରେ ପଞ୍ଜୀକୃତ କରିବା ପାଇଁ ଉକ୍ତ Guidelineରେ ପ୍ରଦତ୍ତ ନିର୍ଦ୍ଧାରିତ ଫର୍ମ ମାଧ୍ୟମରେ ତାରିଖ ୨୩।୧୧।୨୦୧୯ ସୁଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ, ଗଜପତିଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ସବିଶେଷ ବିବରଣୀ ଏବଂ ସୂଚନା www.gajapati.nic.inରେ ଉପଲବ୍ଧ।

ସ୍ୱା./- ଜିଲ୍ଲା ଶିକ୍ଷା ଅଧିକାରୀ, ଗଜପତି, ପାରଳାଖେମୁଣ୍ଡି

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LTD.

(A Government of Odisha Undertaking)
OPTCL Lifeline of Odisha
OFFICE OF THE DEPUTY GENERAL MANAGER, TELECOM. DIVISION, OPTCL
PLOT NO-1040, DHABALAGIRI, PO-SOBRA, JAJPUR ROAD, PIN-755019, CIN : U40102OR2004SGC007553

Advt. No-1/2019-20 **TENDER NOTICE NO. TCDJR-1/2019-20** Dt. 05.11.2019

Sealed tenders are invited from the registered Travel Agency / Private Organization / Individual / Owner of the vehicle having GST Registration Certificate and PAN card for **supply of one no. of diesel run hired commercial Light vehicle (5 seated, A.C. Maruti Swift Dzire / Tata Indigo or Equivalent) for official use of the Deputy General Manager, Telecommunication Division, Jajpur Road**. Cost of tender paper is ₹2,240/- (including GST). Sale of tender documents **from 11.11.2019 to 21.11.2019** in any working days (During office hour). Last date of submission of tender document is **22.11.2019 up to 1.00 PM**. Date of opening of tender **22.11.2019 at 3.00 PM**. For details please visit our website **www.optcl.co.in. Corrigendum if any will be published in the OPTCL website only.**

Sd/-
Dy. General Manager, (TC), Telecom Division, Jajpur Road

## OFFICE OF THE PRINCIPAL TENTULIA SASANDEBASTHAN COLLEGE

**At/Po: BijayaDhanurjayaPur, Dist.-Ganjam**
**Odisha (PIN-761120)**
**Tender Notice No.TSD/OHEPEE/03/2019, Date: 06.11.2019**

**QUOTATION / TENDER CALL NOTICE**

Sealed quotations are invited from reputed Authorized Distributors / Dealers for procurements of CBCS Books / water purifier with RO for IDP (World Bank Funding under OHEPEE, Govt. of Odisha). Detailed specifications, terms and conditions, tender paper are available in the OHEPEE link of college website: tsdcollege.in. Last date for submission of Quotations / Tender is 15 days from the date of publication of the notice.

**Sd./- Principal**

## Fakir Mohan University

**Vyasavihar, Nuapadhi, Balasore, Odisha-756089**
**Tel: 06782-275787 Email: registrarfmuniversity@gmail.com Website: www.fmuniversity.nic.in**
**No.FMU/OHEPEE/CoE/04/2019/7606, Date: 06.11.19**

**Indicative Notice Inviting Tender**

Sealed quotations are invited from interested Dealers, Suppliers and Manufacturers with valid GSTIN certificate, PAN card and authorised dealer certificate for supply of Lab equipment/ Chemicals/ Consumables (Glassware, plastic ware and miscellaneous items)/ Computer, Printer and Scanner/ Godrej Furniture to Fakir Mohan University, Balasore for the Center of Excellence under OHEPEE. The quotations completed in all respect should reach to the Office of the Registrar, F.M. University, Nuapadhi, Balasore-756089 by Regd. / Speed Post on or before 09.12.2019 by 04:00 PM. The tender papers will be opened on 10.12.2019 at 11:30 AM in the office chamber of the undersigned. The tender papers along with the details of make and model, specifications, terms and conditions are available in the University website **www.fmuniversity.nic.in.** The quotations are required to deposit the tender papers along with the tender paper fee i.e. Rs.2,000/- (non- refundable) and EMD @ 2 % of the quoted price in shape of Demand Draft in favour of F.M. University Development Fund-II payable at Balasore. The authority reserves the right to cancel any/all the quotation(s) without assigning any reason thereof.

**Sd./- Registrar**

No. XXIV-39

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

No. RDM-LAA-JAJ-0056-2018/ 18709 R&DM, Dated : 03. Jul 2019

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– ଗୋହିରାଗଡିଆ, ଥାନା– କୋରେଇ ନଂ ୪, ତହସିଲ – ବ୍ୟାସନଗର, ଜିଲ୍ଲା – ଯାଜପୁରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୩୦୩, ତା.୧୦.୧୦.୨୦୧୮ରିଖ ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– ଗୋହିରାଗଡିଆ, ଥାନା– କୋରେଇ, ଜିଲ୍ଲା – ଯାଜପୁର ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.dkl.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http:revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ–କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା : ଯାଜପୁର** **ତହସିଲ : ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୋହିରାଗଡିଆ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୧.୨୫ | ଏଥି ସହିତ ସଂଲଗ୍ନ |

**ତଫସିଲ–ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା : ଯାଜପୁର** **ତହସିଲ : ବ୍ୟାସନଗର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

• ଅଧିସୂଚନାର ବୈଧ ତାରିଖ : ୦୫.୦୧.୨୦୧୯

ରାଜ୍ୟପାଳନଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ), ଅତିରିକ୍ତ ଶାସନ ସଚିବ

**ଜମି ଅନୁସୂଚି**

**ଗ୍ରାମର ନାମ : ଗୋହିରାଗଡିଆ, ଥାନାର ନାମ : କୋରେଇ ନଂ :୪, ତହସିଲ : ବ୍ୟାସନଗର, ଜିଲ୍ଲା : ଯାଜପୁର**

**ଜମି ଅଧିଗ୍ରହଣ କେସ୍ ନଂ :**

| କ୍ର. ନଂ. | ଖତିୟାନ ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା (ଏକରରେ) | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୮୦ | ୨୩୭ | ୧.୫୪ | ୦.୩୭ | ରାଧାଶ୍ୟାମ ଜେନା, ପିତା– ଗଙ୍ଗାଧର ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୨ | | ୨୩୯ | ୦.୯୬ | ୦.୩୦ | ରାଧାଶ୍ୟାମ ଜେନା, ପିତା– ଗଙ୍ଗାଧର ଜେନା, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୩ | ୧୯୫ | ୨୩୮ | ୧.୨୫ | ୦.୫୮ | ସଦାଶିବ ଭଳ, ପିତା– ଗୁଣ୍ଠୁଚି ଭଳ ଓଗେର, ଜ: ଖଣ୍ଡାୟତ, ବା: ନିଜଗାଁ | |
| | | | ମୋଟ | ୧.୨୫ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା : ୩ (ତିନି), ମୋଟ ଅଧିଗୃହିତ ଜମି : ୧.୨୫ ଏକର

24001/14/0271/1920

## GOVERNMENT OF ODISHA
## OFFICE OF THE EXECUTIVE ENGINEER
## RURAL WORKS DIVISION, BALLIGUDA

PhoneNo.-06846-243114, Mobile No: 9437562286
No.486 :- E-Mail: rw_balliguda@yahoo.com
No. 3561 / RWDB, Dated: 04.11.2019

**Government of Odisha e-Procurement Notice**
**Bid Identification No. Online Tender/ 10 /EE RWD BLG/2019-20**

1 Name of the work :: Building Works.
2 Total Number of Works :: 13 (Thirteen) Nos.
3 Estimated cost :: As per Annexure
4 Class of Contractors :: As per Annexure
5 Period of Completion :: As per Annexure
6 Others Details

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works Division Balliguda | Online Tender/ 10 /EE RWD BLG/ 2019-20 | 16.11.2019 at 10.00 AM | 30.11.2019 up to 5.00 PM |

Further details can be seen from the e-procurement portal website www.tendersorissa.gov.in

Executive Engineer
Rural Works Division, Balliguda

25150/11/0008/1920

## INTEGRATED TRIBAL DEVELOPMENT AGENCY, CHAMPUA
### INVITATION FOR EXPRESSION OF INTEREST (EOI)

**EOI No.: 1232** **Dated: 04.11.19**

Expression of Interest (EOI) are hereby invited from Project Implementing Agencies for conduct of Skill Development Training (SDT) and Placement Linked Employability Training (PLET) for unemployed ST youth under Champua ITDA area in the following trades for the year 2019-20. The preference shall be given to the Government Institutions, Govt. ITIs, Polytechnic. The other PIAs those are empanelled by OSDA are also eligible for apply. The training is purely residential in nature. The Expression of Interest (EOI) should be addressed to Project Administrator, ITDA, Champua, At/P.O.- Champua, Dist.- Keonjhar, Odisha, PIN - 758041 and reach the Office of the PA, ITDA, Champua by 25.11.2019 at 5.00 P.M. through Registered Post/Speed Post only. The PIA should clearly mention on the top of the envelope as "EOI for SDT" or "EOI for PLET". The sealed EOI will be opened on 26.11.2019 at 11.00 A.M. in the Office Chamber of PA, ITDA, Champua. The PIAs those who intend to apply are requested to remain present in the Officer Chamber of PA, ITDA, Champua on the date of opening. Only PIA head will be allowed at the time of opening the sealed EOI. The details will be available in the District website: **www.kendujhar.nic.in**.

| Sl. No. | Trade | Category of Training | Qualification | Duration |
|---|---|---|---|---|
| 01 | Plastic Processing (TQC & FEMO/PMM) | PLET | 8th Pass | 4 Months |
| 02 | Sewing Machine Operator/Garment Construction Techniques | PLET | 8th Pass | 3 Months |
| 03 | Health Care and Multi Purpose Worker/Frontline Health Worker | PLET | 10th Pass | 3 Months |
| 04 | Front Office-cum-Receptionist | PLET | +2 Pass | 3 Months |
| 05 | Two/Three Wheeler Mechanic | PLET | 8th Pass | 1 Year |
| 06 | Plumber/Mason | SDT | 8th Pass | 3 Months |
| 07 | Domestic Electrician/Assistant Electrician/Mining Electrician | SDT | 8th Pass | 4 Months |
| 08 | Driver-cum-Mechanic | SDT | 8th Pass | 4 Months |
| 09 | AC & Refrigerator Repairing | SDT | 8th Pass | 3 Months |
| 10 | Beauty Care & Hair Styling | SDT | 8th Pass | 3 Months |

**Terms & Conditions**

The PIAs intending for conduct of SDT/PLET shall fulfill the following terms and conditions.

01. The PIAs other than Govt. Institutions should be empanelled by OSDA. They have to submit/ enclose relevant MoUs/Documents in support of empanelment with OSDA.
02. The PIAs should have at least three year proven experience in undertaking SDT/PLET training.
03. The PIA have to submit/enclose latest copy of renewal letter & last three years placement records.
04. The PIAs have to submit/enclose audited financial statement of last three years relating to conduct of SDT & PLET taining.
05. The PIAs should submit the Services Tax/GST/TDS Clearance Certificate and Income Tax return copy for last three years.
06. The training is purely residential in nature & the PIAs are required to mention clearly the location of training centers, name of the trades etc.
07. The PIAs should maintain due diligence as per Standard Operation Procedure (SOP)/Latest guidelines of OSDA.
08. No franchise and engagement of 3rd parties by the PIA will be allowed.
09. The authority reserves all the rights to cancel or modify the EOI without assigning any reason thereof.

**Sd./- Project Administrator, ITDA, Champua**

## Odisha Mineral Exploration Corporation Ltd. OMECL

**Regd. Office: OMC House, Bhubaneswar-751001, Odisha**
**CIN : U13209OR2016SGC025960**

**NIT No.02/OMECL/e-PROC/2019** **Date.08.11.2019**

**E-Procurement Notice**

| | | |
|---|---|---|
| 1 | Name of the work | Request for Proposal for **"Engagement of Management Consultant Cum Transaction Advisor"** at Odisha Mineral Exploration Corporation Limited. |
| 2 | Mode of submission of Bids | Hard copy through speed post/courier/by hand. |
| 3 | RFP Availability | RFP shall be available in **www.omcltd.in** |
| 4 | Type of Tender | Open Tender |
| 5 | Tender Fee & Earnest Money Deposit (EMD) (In INR) | Tender Fee : INR 5,900/- (inclusive of 18% GST) EMD : INR 5,00,000/- (Rupees Five Lakh) only |
| 6 | Total Time Period | Initially for a period of 1 Year (12 months) extendable for another 3 years maximum, on year to year renewal basis, subject to satisfactory performance of the agency. |
| 7 | Date of Publication of Tender on Website **www.omcltd.in** | 08.11.2019 |
| 8 | Last date of submission of pre-bid queries | 11.11.2019 till 15:00 Hrs at omecloffice@gmail.com |
| 9 | Date of Pre-Bid meeting | 13.11.2019 at 11:30 Hrs at OMC House, Bhubaneswar -751001 |
| 10 | Uploading of final RFP document in OMC website | 16.11.2019 |
| 11 | Last Date/Time for submission of bids | 22.11.2019 till 03:00 PM |
| 12 | Date & Time of Bid Opening | 23.11.2019 at 04:00 PM |
| 13 | Bid Submission address | GM (Exploration), Odisha Mineral Exploration Corporation Limited, Boyan Bhawan, Bhubaneswar |
| 14 | Contact No. | Phone : 0674-2399950, E-mail : omecloffice@gmail.com |

Sd/-
**General Manager (Exploration)**



ମୋତେ ଅପ୍ରତ୍ୟାଶିତ ଭାବେ ଟେଷ୍ଟ ଦଳର ଅଧିନାୟକ ପଦ ମିଳିବା ଏବଂ ଭାରତ ବିପକ୍ଷରେ ନେତୃତ୍ୱ ନେବାର ସୁଯୋଗ ଖୁସିର ବିଷୟ ।
–ମୋମିନୁଲ ହକ୍, ବାଂଲାଦେଶ କ୍ରିକେଟର



ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା)କୁ ଯେଉଁ ତଥ୍ୟ ପ୍ରଦାନ କରାଯାଇଛି, ସେଥିରେ କୌଣସି ଜାଲିଆତି କରାଯାଇନାହିଁ ।
–ପାଭେଲ କୋଲୋଭ୍‌କୋଭ୍, ରୁଷିଆ କ୍ରୀଡ଼ାମନ୍ତ୍ରୀ

## ସଂକ୍ଷେପରେ

### କ୍ରୋଏସିଆ ଦଳରୁ ଓହରିଲେ ସିଲିକ୍

ଜାଗ୍ରେବ୍, ୭।୧୧(ଏଏଫ୍‌ପି)- ପୂର୍ବତନ ୟୁଏସ୍ ଓପନ୍ ବିଜେତା ମାରିନ୍ ସିଲିକ୍ କ୍ରୋଏସିଆ ଡେଭିସ୍ କପ୍ ଦଳରୁ ଓହରି ଯାଇଛନ୍ତି। ଆଣ୍ଠୁରେ ଇଞ୍ଜୁରି ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରି କ୍ରୋଏସିଆ ଚାମ୍ପିୟନ ହୋଇଥିଲା। ଏଥର ଦଳ ନଭେମ୍ବର ୧୮ରେ ମାଡ୍ରିଡ୍‌ଠାରେ ଏହାର ପ୍ରଥମ ମ୍ୟାଚ୍ ରୁଷିଆ ବିପକ୍ଷରେ ଖେଳିବ। ବିଶ୍ୱର ୩୯ତମ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ସିଲିକ୍ ଫେସ୍‌ବୁକ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଆଣ୍ଠୁରେ ଇଞ୍ଜୁରି ମୋ ପାଇଁ ବାରମ୍ବାର ସମସ୍ୟା ସୃଷ୍ଟିକ କରିବାରୁ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ିଥିଲା। ମାତ୍ର ରିହାବିଲିଟେଶନ କାର୍ଯ୍ୟ ସଫଳ ହେବାରୁ ବର୍ତ୍ତମାନ ପରିସ୍ଥିତିରେ ଅସ୍ତ୍ରୋପଚାର ଦରକାର ପଡ଼ି ନ ଥିଲା। ମୁଁ ମଧ ଖେଳ ଜାରି ରଖିଥିଲି। ଟେନିସ୍ କୋର୍ଟରେ ଅଧିକ ଦିନ ତିଷ୍ଠିବା ଉଦ୍ଦେଶ୍ୟ ରଖି ମୋତେ ବେଳେବେଳେ କିଛି ପଦକ୍ଷେପ ନେବାକୁ ହେଉଛି। ଦୁର୍ଭାଗ୍ୟର ବିଷୟ, ଚଳିତ ମାସରେ ମୁଁ ଡେଭିସ୍ କପ୍‌ରେ ଅଂଶଗ୍ରହଣ ଲାଗି ଅସମର୍ଥ।

### ଆଇଟିଏଫ୍ ନିଷ୍ପତ୍ତିରେ ଆଇଟା ବିସ୍ମିତ

ନୂଆଦିଲ୍ଲୀ, ୭।୧୧ (ପି.ଟି.)-ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ମ୍ୟାଚକୁ ଶେଷ ମୁହୂର୍ତ୍ତରେ ନିରପେକ୍ଷ ଭେନ୍ୟୁକୁ ସ୍ଥାନାନ୍ତର କରିବା ଲାଗି ଅନ୍ତର୍ଜାତୀୟ ଟେନିସ୍ ମହାସଂଘ (ଆଇଟିଏଫ୍)ର ନିଷ୍ପତ୍ତିରେ 'ଆମେ ବିସ୍ମିତ ବୋଲି ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ପ୍ରକାଶ କରିଛି। ମ୍ୟାଚ ଇସ୍‌ଲାମାବାଦରେ ହେବ ବୋଲି ମନେ କରି ମହେଶ ଭୂପତିଙ୍କୁ ଅଧିନାୟକ ପଦବୀରୁ ହଟାଇ ତାଙ୍କ ସ୍ଥାନରେ ରୋହିତ ରାଜପାଲଙ୍କୁ ମନୋନୀତ କରାଯାଇଥିଲା। କାରଣ ପାକିସ୍ତାନରେ ଏହି ମୁକାବିଲା ହେଲେ ଭୂପତିଙ୍କ ସମେତ କେତେଜଣ ଆଗଧାଡ଼ିର ଖେଳାଳି ଉପଲବ୍ଧ ହେବେ ନାହିଁ ବୋଲି କହିଥିଲେ। କିନ୍ତୁ ନିରପେକ୍ଷ ଭେନ୍ୟୁରେ ଖେଳାଗଲେ ସେମାନେ ଉପଲବ୍ଧ ହେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଭାରତ- ପାକିସ୍ତାନ ଡେଭିସ୍ କପ୍ ମ୍ୟାଚ ନଭେମ୍ବର ୨୯ ଓ ୩୦ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏଆଇଟିଏ ସୁଇଓ ଆଖୁରି ବିଶ୍ୱଦୀପ କହିଛନ୍ତି ଗଣମାଧ୍ୟମକୁ କହିଛନ୍ତ ଆଇଟିଏଫ୍‌ର ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ଆମକୁ ଅଡୁଆ ପରିସ୍ଥିତିରେ ପକାଇ ଦେଇଛି। ଆମେ ଏକତରଫାର ଭାବେ ଅଧିନାୟକ ବଦଳ କରିବା ନିଷ୍ପତ୍ତି ନେଇଛୁ ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ।

### ଚାମ୍ପିୟନ୍ସ ଲିଗ୍ ପ୍ରିକ୍ୱାର୍ଟରରେ ବେୟର୍ନ ମ୍ୟୁନିକ

ମ୍ୟୁନିକ,୭।୧୧(ଏଏଫ୍‌ପି)-କୋଚ୍‌ଙ୍କ ବିନା ଖେଳୁଥିବା ବେୟର୍ନ ମ୍ୟୁନିକ ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ପୂର୍ବରୁ ଚଳିତ ଚାମ୍ପିୟନ୍ସ ଲିଗ୍‌ର ପ୍ରିକ୍ୱାର୍ଟର ଫାଇାନଲରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ରବର୍ଟ ଲେୱାଣ୍ଡୋଜକିଙ୍କ ସହାୟତାରେ ମ୍ୟୁନିକ ୨-୦ ଗୋଲରେ ଅଲିମ୍ପିଆକସକୁ ହରାଇ ଦେଇଛି। ଚଳିତ ସିଜନରେ ଏହା ଲୱାଣ୍ଡୋଜକିଙ୍କ ୧୭ ମ୍ୟାଚ୍‌ରୁ ୨୧ ତମ ଗୋଲ। ତାଙ୍କ ପରେ ଇଭାନ ପରିସିକ ମ୍ୟାଚ୍‌ର ଅନ୍ତିମ ମିନିଟ୍‌ରେ ଦଳ ପାଇଁ ଦ୍ୱିତୀୟ ଗାଲ ସ୍କୋର କରିଥିଲ। ଏହି ବିଜୟ ଯୋଗୁ ଗ୍ରୁପ୍ ବି' ଶୀର୍ଷରେ ଥିବା ବାୟର୍ନ କ୍ରମାଗତ ୧୨ଥର ପାଇଁ ଚାମ୍ପିୟନ୍ସ ଲିଗ୍‌ର ନକ୍‌ଆଉଟ ସ୍ତରରେ ପହଞ୍ଚିଛି।

# ଦ୍ୱିତୀୟ ଟି୨୦ରେ ଭାରତ ବିଜୟୀ

**ରାଜକୋଟ, ୭।୧୧**

ରୋହିତ ଶର୍ମା (୮୫ରନ, ୪୩ବଲ, ୬ ଚୌକା, ୬ ଛକା) ଏବଂ ଶିଖର ଧାୱନ (୩୧ରନ, ୨୭ ବଲ୍, ୪ଚୌକା)ଙ୍କ ଶତକୀୟ ଭାଗୀଦାରି ସହାୟତାରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ଭାରତ ୮ ଉଇକେଟରେ ବିଜୟ ସହ ସିରିଜକୁ ପ୍ରତ୍ୟାବର୍ତ୍ତନ କରିଛି। ସ୍ଥାନୀୟ ସୌରାଷ୍ଟ୍ର କ୍ରିକେଟ ଷ୍ଟାଡିୟମରେ ୧୫୪ ରନର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୧୫.୪ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଅଧିନାୟକ ଶର୍ମା ଏବଂ ଧାୱନ ପ୍ରଥମ ଉଇକେଟରେ ୧୧୮ ରନ ସଂଗ୍ରହ କରି ବିଜୟ ପଥକୁ ସହଜ କରିଦେଇଥିଲେ। ଲୋକେଶ ରାହୁଲ ଏବଂ ଶ୍ରେୟାସ ଆୟାର ଯଥାକ୍ରମେ ୮ ଓ ୨୪ ରନ କରି ଅପରାଜିତ ରହିଥିଲେ। ଆୟାର ୧୩ ବଲ୍‌ର ସାମ୍ନା କରି ୩ ଚୌକା ଓ ୧ ଛକା ଲଗାଇଥିଲେ। ବାଂଲାଦେଶ ତରଫରୁ ଅମିନୁଲ ଇସ୍‌ଲାମ ୨୯ ରନ ବିନିମୟରେ ୨ଟି ଯାକ ଉଇକେଟ ଅକ୍ତିଆର କରିଥିଲେ। ଗୁରୁବାର ଭାରତର ଏହି ବିଜୟ ଦ୍ୱାରା ଦୁଇ ଦଳ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜ ୧–୧ ସ୍ତରକୁ ଚାଲିଆସିଛି।

ଟସ୍‌ରେ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ଭଲ ଆରମ୍ଭ କରିଥିଲେ ମଧ ଏହାର ସଦୁପଯୋଗ କରିପାରି ନ ଥିଲା। ଓପନର ଲିଟନ ଦାସ (୨୧ ବଲ୍‌ରୁ ୨୯ରନ, ୪ ଚୌକା) ଏବଂ ମହମ୍ମଦ ନଇମ (୩୧ ବଲ୍‌ରୁ ୩୬, ୫ ଚୌକା) ପ୍ରଥମ ଉଇକେଟରେ ୬୦ରନ ଯୋଗକରିଥିଲେ। ନଇମ୍ ଖଲିଲ ଅହମ୍ମଦ(୧/୪୪)ଙ୍କ ବୋଲିଂରେ କ୍ରମାଗତ ୩ଟି ଚୌକା ଲଗାଇଥିଲେ। ମାତ୍ର ଯୁଜବେନ୍ଦ୍ର ଚହଲ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ୧୩ତମ ଓଭରରେ ଡବଲ ବ୍ରେକ୍ ଥ୍ରୁ ଆଣି ଭ୍ରମଣକାରୀ ଦଳକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲେ। ୪ ରନ କରି ଖେଳୁଥିବା ମୁସ୍‌ଫିକର ରହିମ ଚହଲଙ୍କ ବୋଲିଂରେ କ୍ରୁନାଲ ପାଣ୍ଡ୍ୟାଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ସୌମ୍ୟ ସରକାର(୨୦ ବଲ୍‌ରୁ ୩୦, ୨ ଚୌକା ଓ ୧ ଛକା) ଚହଲଙ୍କ ଶିକାର ହୋଇଥିଲେ। ଉଇକେଟକିପର ରିଷଭ ପନ୍ତ୍ ତାଙ୍କୁ ଷ୍ଟମ୍ପ କରିଦେଇଥିଲେ। ସେତେବେଳେ ବାଂଲାଦେଶ ୪ ଉଇକେଟ ବିନିମୟରେ ୧୦୩ ରନ ସଂଗ୍ରହ କରି ସଂଘର୍ଷ ଚଳାଇଥିଲା। ମାତ୍ର ଅଧିନାୟକ ମହମୁଦୁଲ୍ଲା ରିୟାଦଙ୍କ ଦ୍ରୁତ ୩୦ରନ (୨୧ବଲ୍) ସହାୟତାରେ ବାଂଲାଦେଶ ୧୫୦ ଅଙ୍କ ଅତିକ୍ରମ କରିଥିଲା। ସିମର ଦୀପକ ଚହର (୧/୨୫) ଏବଂ ଅଫ୍ ସ୍ପିନର ୱାଶିଂଟନ ସୁନ୍ଦର(୧/୨୫) ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କ ଉପରେ ସେତେଟା ପ୍ରଭାବ ପକାଇ ପାରି ନ ଥିଲେ। ଏହି ମ୍ୟାଚ ପାଇଁ ଉଭୟ ଦଳ ସେମାନଙ୍କ ଦଳରେ କୌଣସି ପରିବର୍ତ୍ତନ କରି ନ ଥିଲେ। ରବିବାର ଦିଲ୍ଲୀଠାରେ ଅନୁଷ୍ଠିତ ପ୍ରଥମ ଟି୨୦ରେ ବାଂଲାଦେଶ ୭ ଉଇକେଟରେ ଭାରତକୁ ପରାସ୍ତ କରିଥିଲା।

ସଂକ୍ଷିପ୍ତ ସ୍କୋର

**ବାଂଲାଦେଶ :** ୨୦ ଓଭରରେ ୧୫୩/୬ (ମହମ୍ମଦ ନଇମ୍–୩୬, ସୌମ୍ୟ ସରକାର–୩୦, ମହମୁଦୁଲ୍ଲା–୩୦, ଲିଟନ ଦାସ–୨୯, ଯୁଜବେନ୍ଦ୍ର ଚହଲ–୨/୨୮)।

**ଭାରତ:** ୧୫.୪ ଓଭରରେ–୧୫୪/୨(ରୋହିତ ଶର୍ମା–୮୫, ଶିଖର ଧାୱନ–୩୧, ଅମିନୁଲ ଇସ୍‌ଲାମ–୨/୨୯)



ମ୍ୟାଚ୍ ବିଜୟୀ ଇନିଂସ ଅବସରରେ ରୋହିତ ଶର୍ମା।

### ଶତକ କ୍ଲବରେ ରୋହିତ

ଭାରତୀୟ କାମଚଳା ଅଧିନାୟକ ରୋହିତ ଶର୍ମା ପ୍ରଥମ ଭାରତୀୟ ଓ ବିଶ୍ୱର ଦ୍ୱିତୀୟ କ୍ରିକେଟର ଭାବେ ୧୦୦ତମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି। ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଅଂଶଗ୍ରହଣ କରି ସେ ଏହି ସଫଳତା ପାଇଛନ୍ତି। ପୂର୍ବରୁ ପାକିସ୍ତାନର ସୋଏବ ମଲିକ ବିଶ୍ୱର ଏକମାତ୍ର ଖେଳାଳିଭାବେ ୧୦୦ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ଗୌରବ ଅର୍ଜନ କରିଛନ୍ତି।

ଟି୨୦ରେ ରୋହିତ ୨୪୫୨ ରନ (ଦ୍ୱିତୀୟ ଟି୨୦ ପୂର୍ବରୁ) ସଂଗ୍ରହ କରି ଟପ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଅଧିନାୟକ ବିରାଟ କୋହଲି ୨୪୫୦ ରନ ସଂଗ୍ରହ କରି ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୧୭ଟି ଅର୍ଦ୍ଧଶତକ ଓ ୪ ଶତକ ସହ ସହ ୧୩୬. ୬୭ ଷ୍ଟ୍ରାଇକରେଟ୍‌ରେ ରନ ସଂଗ୍ରହ କରି ରୋହିତ ଶୀର୍ଷରେ ରହିଛନ୍ତି। ୨୦୦୭ ଟି୨୦ ବିଶ୍ୱକପ୍‌ରେ ରୋହିତ ଟି୨୦ରେ ପଦାର୍ପଣ କରିଥିଲେ। ଗତ ୧୨ ବର୍ଷ ମଧ୍ୟରେ ରୋହିତ ବହୁ ଉତ୍ଥାନ ପତନ ଦେଇ ଗତି କରିଛନ୍ତି। ଯୁବ ଖେଳାଳି ହିସାବରେ ପ୍ରଥମେ ବହୁତ କିଛି ଶିଖିବାକୁ ହୋଇଥାଏ। ସମୟକ୍ରମେ ଖେଳକୁ ବୁଝି ଧୀରେଧୀରେ ଦକ୍ଷ ହେବାକୁ ହୋଇଥାଏ ବୋଲି ରୋହିତ କହିଛନ୍ତି। ୨୦୦୭ରେ ଡର୍ବାନରେ ରୋହିତ ଇଂଲଣ୍ଡ ବିପକ୍ଷରେ ଟି୨୦ପଦାର୍ପଣ କରିଥିଲେ।ଉଲ୍ଲେଖଥାଉ କି, ଭାରତୀୟ ମହିଳା ଟିମ୍ ଅଧିନାୟିକା ହରମନପ୍ରୀତ କୌର ଏକମାତ୍ର ଅନ୍ୟତମ ଭାରତୀୟ ଖେଳାଳିଭାବେ ୧୦୦ଟି ଟି୨୦ ମ୍ୟାଚ୍ ଖେଳି ସାରିଛନ୍ତି।

### ୧୯ ବର୍ଷରୁ କମ୍ ଫୁଟ୍‌ବଲ ଭାରତ–ସୌଦି ଆରବ ମୁକାବିଲା ଆଜି

**ଅଲ୍ ଖୋବାର (ସୌଦି ଆରବ), ୭।୧୧ (ପି.ଟି.)**

୧୯ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଭାରତ ଓ ସୌଦି ଆରବ ଶୁକ୍ରବାର ସେମାନଙ୍କ ଦ୍ୱିତୀୟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଭାରତ ବୁଧବାର ଏହାର ଓପ୍‌ନିଂ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନଠାରୁ ହାରିଯାଇଛି। ମୁଖ୍ୟ କୋଚ୍ ଫ୍ଲଏଡ୍ ପିଣ୍ଟୋ କହିଛନ୍ତି, ଏହି ଫଳାଫଳ ଆମ ଆଶା ବାହାରେ ଥିଲା। ବର୍ତ୍ତମାନ ପ୍ରଥମ ପରାଜୟ ସମ୍ପର୍କରେ ଆଲୋଚନା ନ କରିବା ଭଲ। ଆମକୁ ପରବର୍ତ୍ତୀ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ମ୍ୟାଚ୍ ଜିତିବା ଲାଗି ଦଳର ସମସ୍ତ ଖେଳାଳି ମନପ୍ରାଣ ଦେଇ ଖେଳିବା ଲାଗି ସଂକଳ୍ପ ନେଇଛନ୍ତି। ୨୦୧୮ରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍‌ରେ ଆଫଗାନିସ୍ତାନ ବିପକ୍ଷ ଓପ୍‌ନିଂ କ୍ୱାଲିଫାୟର ଜିତି ସୌଦି ଆରବ ୩ ପଏଣ୍ଟ ଅର୍ଜନ କରିସାରିଛି। ଫ୍ଲଏଡ୍ ଆହୁରି କହିଛନ୍ତି ଯେ, ସୌଦି ଆରବ ଯଦିଓ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌କୁ ଏକ ପେନାଲ୍ଟି କିକ୍ ଜରିଆରେ ୧–୦ ଗୋଲରେ ବିଜୟ ଲାଭ କରିଛି ଦଳ କିନ୍ତୁ ଖେଳ ଆରମ୍ଭରୁ ଶେଷପର୍ଯ୍ୟନ୍ତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ଅନେକ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲା। ତେଣୁ ଶନିବାର ମ୍ୟାଚ୍ ଆମ ପାଇଁ କଷ୍ଟକର ହେବ ବୋଲି ମୁଖ୍ୟ କୋଚ୍ କହିଛନ୍ତି। ଉଜ୍‌ବେକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତ ପ୍ରଥମାର୍ଦ୍ଧରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟାର୍ଦ୍ଧରେ ମନ୍ଥର ଖେଳ ଖେଳିବା ସହ ଏକାଗ୍ରତା ହରାଇଥିବା ଲକ୍ଷ୍ୟ କରାଯାଇଥିଲା। ଏହାର ଫାଇଦା ଉଠାଇ ବିପକ୍ଷ ଦଳ ୨ଟି ଗୋଲ ସ୍କୋର କରିବା ସହ ମ୍ୟାଚ୍ ଜିତି ନେଇଥିଲା।

# ଆଜି ଝାଡଖଣ୍ଡକୁ ଭେଟିବ ଓଡ଼ିଶା

**କଟକ ଅଫିସ,୭।୧୧**

ଶୁକ୍ରବାରଠାରୁ ଆରମ୍ଭ ହେବ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଘରୋଇ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି। ଏଲିଟ୍ ଗ୍ରୁପ–ଇ'ରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଥମ ମୁକାବିଲା ଏକାଧିକ ଅନ୍ତର୍ଜାତୀୟ ଖେଳାଳି ରଖିଥିବା ଝାଡ଼ଖଣ୍ଡ ଦଳ ସହ ହେବ। ସୁରଟର ସି.ବି. ପଟେଲ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱାଧୀନ ଓଡ଼ିଶା ପ୍ରଥମ ମ୍ୟାଚକୁ ଜିତି ବିଜୟ ଧାରାକୁ ପ୍ରତ୍ୟାବର୍ତ୍ତନ କରିବାର ଲକ୍ଷ୍ୟ ରଖିଛି। ଓଡ଼ିଶା–ଝାଡ଼ଖଣ୍ଡ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ମ୍ୟାଚ୍‌ରେ ଓଡ଼ିଶା ୪ଟି ବିଜୟୀ ହୋଇଛି। କେବଳ ଗତ ସଂସ୍କରଣରେ ଝାଡ଼ଖଣ୍ଡ ୮ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଥିଲା। ଏହା ପୂର୍ବର ୨୦୧୩, ୨୦୧୪, ୨୦୧୫ ଓ ୨୦୧୭ ସଂସ୍କରଣରେ ଓଡ଼ିଶା ବାଜିମାତ କରିଥିଲା।

ଅଭିଜ୍ଞ ଗୋବିନ୍ଦ ରାଜ୍ୟ ଦଳର ଅଧିନାୟକ ଦାୟିତ୍ୱ ପୁର୍ନବାର ତୁଲାଇବେ। ଗୋବିନ୍ଦଙ୍କ ନେତୃତ୍ୱରେ ଘୋଷିତ ଦଳର ବ୍ୟାଟିଂ ଭାର ଶୁଭ୍ରାଂଶୁ ଶେଖର ସେନାପତି, ବିପ୍ଳବ ସାମନ୍ତରାୟ, ରାଜେଶ ଧୂପର, ଅରବିନ୍ଦ ସିଂ, ସନ୍ଦୀପ ପଟ୍ଟନାୟକଙ୍କ ଉପରେ ରହିଛି। ଅଲରାଉଣ୍ଡ ଭାବେ ଦଳରେ ଅଛନ୍ତି ଅଭିଶେକ ରାଉତ। ନବାଗତ ଖେଳାଳିଭାବେ ଏହି ଦଳରେ ଉଇକେଟ କିପର ପ୍ରବୀଣ ଲୋହା ସ୍ଥାନ ପାଇଛନ୍ତି। ରାଜେଶ ମହାନ୍ତି ବୟସ ଜାଲିଆତି ଅଭିଯୋଗରେ ଦଳରୁ ବାଦ ପଡ଼ିବା ପରେ ତାଙ୍କ ସ୍ଥାନରେ ପ୍ରୟାସ ସିଂଙ୍କୁ ସାମିଲ କରାଯାଇଛି। ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ, ଆଶୁତୋଷ ଦାସ ପେସ ଆଟାକ ଦାୟିତ୍ୱରେ ଅଛନ୍ତି। ସ୍ପିନ ବୋଲିଂ ସମ୍ଭାଳିବେ ପପୁ ରାୟ, ଶୁଭମ ନାୟକ। ବିପକ୍ଷ ଝାଡ଼ଖଣ୍ଡ ଦଳରେ ଇଶାନ କିଶାନ, ସୌରଭ ତିୱାରୀ, ରାହୁଲ ଶୁକ୍ଳା, ଅନୁକୁଳ ରାୟ, ସେହବାଜ ନଦିମ,ବରୁଣ ଆରୋନ, ବିରାଟ ସିଂଙ୍କ ଭଳି ନାମିଦାମୀ ଖେଳାଳି ରହିଛନ୍ତି।

**ଓଡ଼ିଶା ଦଳ–** ଗୋବିନ୍ଦ ପୋଦ୍ଦାର(ଅଧିନାୟକ), ଶୁଭ୍ରାଂଶୁ ଶେଖର ସେନାପତି(ଉପଅଧିନାୟକ), ବିପ୍ଳବ ସାମନ୍ତରାୟ, ଅରବିନ୍ଦ ସିଂ, ଅଭିଶେକ ରାଉତ, ସନ୍ଦୀପ ପଟ୍ଟନାୟକ, ସୂଯର୍ୟକାନ୍ତ ପ୍ରଧାନ, ପ୍ରୟାସ ସିଂ, ଦେବବ୍ରତ ପ୍ରଧାନ, ଅଙ୍କିତ ଯାଦବ, ପପୁ ରାୟ, ପ୍ରବୀଣ ଲୋହା(ଉଇକେଟ କିପର), ରାଜେଶ ଧୂପର(ଉଇକେଟ କିପର), ଶୁଭମ ନାୟକ, ଆଶୁତୋଷ ଦାସ। ରଶ୍ମି ରଞ୍ଜନ ପରିଡ଼ା–କୋଚ୍, ଶୁଭକାନ୍ତ ସାହୁ–ଫିଜିଓ, ମନୋଜ କୁମାର ବିଶ୍ୱାଳ–ଟ୍ରେନର, ସଂଗ୍ରାମ କୁମାର ଗୁମାନ ସିଂ–ମ୍ୟାନେଜର ।

**ଓଡ଼ିଶାର ମ୍ୟାଚ୍‌ସୂଚୀ**

| ତାରିଖ | ବିପକ୍ଷ |
|---|---|
| ନଭେମ୍ବର-୮ | ଝାଡ଼ଖଣ୍ଡ |
| ନଭେମ୍ବର-୯ | ଦିଲ୍ଲୀ |
| ନଭେମ୍ବର-୧୧ | ସିକିମ୍ |
| ନଭେମ୍ବର-୧୨ | ଜମ୍ମୁ-କଶ୍ମୀର |
| ନଭେମ୍ବର-୧୪ | ସୌରାଷ୍ଟ୍ର |
| ନଭେମ୍ବର-୧୫ | ଗୁଜୁରାଟ |

**ସୟଦ ମୁସ୍ତାକ ଅଲ୍ଲୀ ଟି୨୦**

# ଆନନ୍ଦ–କାର୍ଲସେନ ଇଡେନ ଘଣ୍ଟି ବଜାଇବେ

**କୋଲକାତା,୭।୧୧(ପି.ଟି.)**

ଆସନ୍ତା ୨୨ରୁ ୨୬ ତାରିଖ ମଧ୍ୟରେ ଇଡେନ ଗାର୍ଡେନ ଷ୍ଟାଡିୟମରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦିବାରାତ୍ର ଟେଷ୍ଟ ମ୍ୟାଚ୍ ଖେଳାଳିବ। ଭାରତ ପ୍ରଥମଥର ପାଇଁ ଦିବାରାତ୍ର ଟେଷ୍ଟ ଖେଳିବାକୁ ଯାଉଥିବା ବେଳେ ଏହି ଐତିହାସିକ ମୁହୂର୍ତ୍ତରେ ଦୁଇ ଚେସ୍ ସୁପରଷ୍ଟାର ବିଶ୍ୱନାଥନ ଆନନ୍ଦ ଓ ନରୱେର ମାଗ୍ନସ କାର୍ଲସେନ ଇଡେନ ଗାର୍ଡନର ଘଣ୍ଟି ବଜାଇବେ। ପରମ୍ପରା ଦୃଷ୍ଟିକୋଣରୁ ପୂର୍ବତନ ବିଶ୍ୱ ଚାମ୍ପିୟନ ଆନନ୍ଦ ଓ ଏବେକାର ବିଶ୍ୱ ଚାମ୍ପିୟନ କାର୍ଲସେନ ମ୍ୟାଚ୍‌ର ୫ ଦିନ ମଧ୍ୟରେ ଗୋଟିଏ ଦିନରେ ଘଣ୍ଟି ବଜାଇବେ। ନବନିର୍ବାଚିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲିଙ୍କ ଇଚ୍ଛା ଅନୁଯାୟୀ ଏହି କାର୍ଯ୍ୟସମ୍ପନ୍ନ ହେବ। ତେବେ କାର୍ଲସେନ ଖୁବଶୀଘ୍ର ଏ ନେଇ ସମ୍ମତି ଜଣାଇବେ ବୋଲି ଆଶା କରାଯାଉଛି। ଗ୍ରାଣ୍ଡ ଚେସ୍ ଟୁରର ଅଂଶସ୍ୱରୂପ ଟାଟା ଷ୍ଟିଲ୍ ଚେସ ଇଣ୍ଡିଆ– ରାପିଡ ଓ ବ୍ଲିଜ ୨୦୧୯ ପ୍ରତିଯୋଗିତାରେ ଏହି ତାରକା ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

ଇଡେନ ଘଣ୍ଟି ବଜାଇବାକୁ ବିସିସିଆଇ କାର୍ଲସେନଙ୍କୁ ନିମନ୍ତ୍ରଣ କରିଛି। ଯଦି ସମୟ ମିଳେ ତା'ହେଲେ ଆନନ୍ଦ ଓ କାର୍ଲସେନ କୌଣସି ଗୋଟିଏ ଦିନରେ ଉପସ୍ଥିତ ରହିବେ ଗୁରୁବାର ଏହି ଗସ୍ତର ବ୍ରାଣ୍ଡିଂ ପାର୍ଟନର ଓ ଅଫିସିଆଲ ସ୍ପୋନସର ଓ ଗେମ୍‌ପ୍ଲାନ ସ୍ପୋର୍ଟ୍ସ ନିର୍ଦ୍ଦେଶକ ଜିତ୍ ବାନାର୍ଜୀ କହିଛନ୍ତି। ଆନନ୍ଦ ନିମନ୍ତ୍ରଣ ସ୍ୱୀକାର କରି ସାରିଛନ୍ତି ବୋଲି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ତରଫରୁ କୁହାଯାଇଛି। ତେବେ କାର୍ଲସେନଙ୍କ ସମ୍ମତିକୁ ଅପେକ୍ଷା କରାଯାଇଛି। ମ୍ୟାଚ୍ ଅପରାହ୍ନ ୧ଟାରେ ଆରମ୍ଭ ହେବ। ପ୍ରଥମ ଦିବସରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଇଡେନ ଘଣ୍ଟି ବଜାଇବା ପରେ ମ୍ୟାଚ ଆରମ୍ଭ ହେବ। ଏହି ଅବସରରେ ଏକାଧିକ ଭାରତୀୟ କ୍ରୀଡ଼ା ତାରକା ଉପସ୍ଥିତ ରହିବେ। ସେମାନଙ୍କ ମଧ୍ୟରେ ସାନିଆ ମିର୍ଜା, ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ଓ ବକ୍ସିଂ ସୁପରଷ୍ଟାର ଏମ୍.ସି. ମେରୀକମ ସାମିଲ ରହିଛନ୍ତି।

ଏହି ଅବସରରେ ୨୦୦୦ରେ ଭାରତ ଓ ବାଂଲାଦେଶ ମଧ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ ଖେଳିଥିବା କ୍ରିକେଟରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ମ୍ୟାଚ୍‌ରେ ଗାଙ୍ଗୁଲି ଅଧିନାୟକ ହିସାବରେ ପଦାର୍ପଣ କରିଥିଲେ। ମ୍ୟାଚ୍‌ର ପ୍ରଥମ ଦିନରେ ଏକ ହେଲିକାପ୍ଟର ଇଡେନ ଗାର୍ଡେନ ପରିକ୍ରମା କରିବ। ଏଥିରୁ ଜଣେ ସ୍କାଏ ଡାଇଭର ଟ୍ରଫି ସହ ଉଡିଆସି ଗ୍ରାଉଣ୍ଡରେ ପହଞ୍ଚିବ।

**ଦିବାରାତ୍ର ଟେଷ୍ଟ**



# ଫାଇନାଲରେ ସ୍ପୋର୍ଟିଂ ୟୁନିୟନ ଝାଡ଼ଖଣ୍ଡ

**ଧର୍ମଶାଳା,୭।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଆୟୋଜିତ ସର୍ବଭାରତୀୟ ୧୦ମ ବାର୍ଷିକ ସିକ୍ସ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ଏଥିରେ ରାଇଜିଂ ଷ୍ଟୁଡେଣ୍ଟ କଟକକୁ ୮ ଉଇକେଟ୍‌ରେ ହରାଇ ସ୍ପୋର୍ଟିଂ ୟୁନିୟନ ଝାଡଖଣ୍ଡ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ରାଇଜିଂ ଷ୍ଟୁଡେଣ୍ଟ ଦଳ ନିର୍ଦ୍ଧାରିତ ୩୦ ଓଭର୍‌ରୁ ୨୯ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୬୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜ୍ଞାନଜ୍ୟୋତି ରାୟ ୮୩ ଏବଂ ସୁଜିତ ଲେଙ୍କା ୫୭ ରନ୍ କରିଥିଲେ। ବିପକ୍ଷ ଝାଡ଼ଖଣ୍ଡ ଦଳର କାର୍ତ୍ତିକ ଯାଦବ ୫ ଓ ସୋନୁ ସିଂ ୨ ଉଇକେଟ ପାଇଥିଲେ। ଜବାବ୍‌ରେ ୟୁନିୟନ ସ୍ପୋର୍ଟିଂ ଦଳ ୧୮.୪ ଓଭର୍‌ରେ ୨ ଉଇକେଟ୍ ହରାଇ ୨୬୫ ରନ୍ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ରାଜୁ ଯାଦବ ୧୧୯ ରନ୍ ଓ ଅବିନାଶ ଯାଦବ ୮୯ ରନ୍ କରିଥିଲେ। ପ୍ରାଣନାଥ ଜେନା ଓ ଖଗେଶ୍ୱର ମଲିକ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଏମ୍‌ପି ପ୍ରତିନିଧି ପ୍ରକାଶ ସାମଲ ଅତିଥିଭାବେ ଯୋଗଦେଇ ବିଜୟୀ ଦଳ ରାଜୁ ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ଓଡ଼ିଶା ଏକାଦଶ ମହିଳା ଦଳ ସହିତ ରାଇପୁର ଏକାଦଶ ଓ ସୋଲାପୁର ମହିଳା ଦଳ ସହିତ ମହାରାଷ୍ଟ୍ର ମହିଳା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବା ନେଇ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିଙ୍କଠାରୁ ରାଜୁ ଯାଦବ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**୧୦ମ ସିକ୍ସ କପ୍ କ୍ରିକେଟ ଟୁର୍ନାମେଣ୍ଟ**

# କଟକ-ଏ, ଖୋର୍ଦ୍ଧା ଫାଇନାଲରେ

**କଟକ ଅଫିସ,୭।୧୧**

ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୨୫ତମ ଆନ୍ତଃ ଜିଲା ଓ ରାଜ୍ୟ ଟେବୁଲ ଟେନିସ (ଟିଟି)ଚାମ୍ପିୟନଶିପରେ ଗୁରୁବାର ବିଭିନ୍ନ ବୟସ ବର୍ଗର କ୍ୱାର୍ଟର ଫାଇନାଲ, ସେମିଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏହି ପ୍ରତିଯୋଗିତା ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଛି। ଜୁନିୟର ବାଳକ ଦଳଗତ ଇଭେଣ୍ଟରେ କଟକ-ଏ ଓ ଖୋର୍ଦ୍ଧା ଫାଇନାଲରେ ପ୍ରବେଶ କରିଛନ୍ତି। କଟକ-ଏ ୩-୦ ସେଟରେ କିଟ୍‌କୁ ଓ ଖୋର୍ଦ୍ଧା ୩-୨ ସେଟରେ ଭୁବନେଶ୍ୱରକୁ ହରାଇଥିଲା। କ୍ୟାଡେଟ ବାଳିକା ଇଭେଣ୍ଟରେ ସାଧିକା ସଦାଭରମ, ଉର୍ଜା ବର୍ମା, ସାକ୍ଷୀ ଭଗତ, ଭୂମିକା ବଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। କ୍ୟାଡେଟ ବାଳକ ଇଭେଣ୍ଟରେ ଆନିନ୍ଦ୍ୟ ଦାସ, ଜିଜ୍ଞାସୁ ସାହୁ, ଶ୍ରେୟାନ ଦାସ, ଅର୍ଚ୍ଚିତ କୁମାର ବେହେରା ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ସେମି ଫାଇନାଲରେ ଆନିନ୍ଦ୍ୟ–ଜିଜ୍ଞାସୁ ଓ ଅର୍ଚ୍ଚିତ–ଶେୟାନଙ୍କ ମଧ୍ୟରେ ମୁକାବିଲା ହେବ। ସବ୍‌ଜୁନିୟର ବାଳିକା ସିଙ୍ଗଲ୍ସରେ ଶ୍ୱେତପଦ୍ମା ଦଳାଇ, ସୋହାଲିକା ସଦାଭରମ, ବୈଶାଖୀ ବଳ, ସୁଶ୍ରୀ ପଟ୍ଟନାୟକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସବ୍‌ଜୁନିୟର ବାଳକ ସିଙ୍ଗଲ୍ସର କ୍ୱାର୍ଟରଫାଇନାଲ ତାଲିକା ଚୂଡ଼ାନ୍ତ ହୋଇଛି। ଏଥିରେ ଆନିନ୍ଦ୍ୟ ଦାସ, ଶ୍ରେୟାସ ସାହୁ, ନକୁଳ ଜାମୁଲା, ଆୟୁଷ ମହାନ୍ତି, ଦ୍ୱାରିକାନାଥ ସ୍ୱାଇଁ, ଅଙ୍କୁର ବିଶ୍ୱାଳ, ସନ୍ତୋଷ ପ୍ରୀତମ କ୍ୱାର୍ଟରରେ ପ୍ରବେଶ କରିଛନ୍ତି ।



ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ବାଳିକା ବିଭାଗରେ ଅନୁଷ୍ଠିତ ମ୍ୟାଚ୍।

**ଆନ୍ତଃ ଜିଲା ଓ ରାଜ୍ୟ ଟିଟି ଚାମ୍ପିୟନଶିପ**

ଧରିତ୍ରୀ
DHARITRI
ଢେଙ୍କାନାଳ, ଶୁକ୍ରବାର, ୮ ନଭେମ୍ବର , ୨୦୧୯





“ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଭାରତ ପ୍ରଥମ ପଦାର୍ପଣ କରିବା ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି କ୍ଷେତ୍ରରେ ଏହା କାର୍ଯ୍ୟ କରିବ ।

–ରୂପିନ୍ଦର ପାଲ ସିଂ, ଭାରତୀୟ ଡ୍ରାଗ୍‌ଫ୍ଲିକର



“ ଆସନ୍ତା ବର୍ଷ ଅଷ୍ଟ୍ରେଲିଆନ୍ ଓପନ୍ ପାଇଁ ରଡ୍ ଲାଭରଙ୍କୁ ଯେପରି ଆନୁଷ୍ଠାନିକ ନିମନ୍ତ୍ରଣ କରାଯାଇଛି, ମୁଁ ଟେନିସ୍ ଅଷ୍ଟ୍ରେଲିଆଠାରୁ ତାହା ଆଶା କରୁଥିଲି ।

–ମାର୍ଗାରେଟ୍ କୋର୍ଟ, ଅଷ୍ଟ୍ରେଲୀୟ ଟେନିସ୍ କିମ୍ବଦନ୍ତୀ

## ସଂକ୍ଷେପରେ

### ଗୌତମଙ୍କ ଚୁକ୍ତି ବାତିଲ କଲା ଜିସିଏ

ବେଙ୍ଗାଲୁରୁ,୭।୧୧(ପି.ଟି.)- କେପିଏଲ ମ୍ୟାଚ୍ ଫିକ୍ସିଂରେ ଜଡ଼ିତ ହୋଇ ଗିରଫ ହୋଇଥିବା ସି.ଏମ୍. ଗୌତମଙ୍କ ଚୁକ୍ତିକୁ ଗୁରୁବାର ଗୋଆ କ୍ରିକେଟ ଆସୋସିଏଶନ (ଜିସିଏ) ବାତିଲ କରି ଦେଇଛି। ଏଥିସହିତ ଆସୋସିଏଶନ ପକ୍ଷରୁ ନୂଆ ଅଧିନାୟକ ଘୋଷଣା କରାଯାଇଛି। ଦର୍ଶାନ ମିସାଲଙ୍କୁ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ଲାଗି ଗୋଆ ଦଳର ନେତୃତ୍ୱ ଦିଆଯାଇଛି। ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନଙ୍କ ଗିରଫ ଖବର ପାଇବା ପରେ ଆମେ ତାଙ୍କ ଚୁକ୍ତି ବାତିଲ କରିଦେଇଛୁ। ଏ ସମ୍ପର୍କରେ ଆମେ ବିସିସିଆଇକୁ ପତ୍ର ଲେଖିଛୁ। ଦଳରେ ନୂଆ ଖେଳାଳି ଭାବେ ପ୍ରଥମେଶଙ୍କୁ ସାମିଲ କରାଯାଇଛି ବୋଲି ଜିସିଏ ସମ୍ପାଦକ ବିପୁଲ ଫାଡ଼କେ କହିଛନ୍ତି। ସୟଦ ମୁସ୍ତାକ ଅଲିର ପ୍ରଥମ ମ୍ୟାଚ୍‌ରେ ଗୋଆ ବିଶାଖାପାଟଣାରେ ବରୋଦାକୁ ଭେଟିବ।

### କେପିଏଲ ଫ୍ରାଞ୍ଚାଇଜ ବେଲଗାଭି ପାନ୍ଥର୍ସ ବାସନ୍ଦ

ବେଙ୍ଗାଲୁରୁ,୭।୧୧(ପି.ଟି.)- ମ୍ୟାଚ୍ ଫିକ୍ସିଂର କଳା ବାଦଲରେ ଘେରି ହୋଇଯାଇଥିବା କର୍ଣ୍ଣାଟକ ପ୍ରିମିୟର ଲିଗ୍ (କେପିଏଲ)ରୁ ବେଲଗା ପାନ୍ଥର୍ସ ଫ୍ରାଞ୍ଚାଇଜକୁ ବାସନ୍ଦ କରାଯାଇଛି। ଏ ନେଇ ଗୁରୁବାର ଘୋଷଣା କରିଛି କର୍ଣ୍ଣାଟକ କ୍ରିକେଟ ଆସୋସିଏଶନ। ମ୍ୟାଚ୍ ଫିକ୍ସିଂରେ ଏପର୍ଯ୍ୟନ୍ତ ଗିରଫ ହୋଇଥିବା ୬ ଜଣଙ୍କ ମଧ୍ୟରେ ପାନ୍ଥର୍ସ ଫ୍ରାଞ୍ଚାଇଜ ମାଲିକ ଅଲି ଅସଫାକ ଥାରା ରହିଛନ୍ତି। ପ୍ରାଥମିକ ତଦନ୍ତ ରିପୋର୍ଟକୁ ଭିତ୍ତି କରି କେଏସ୍‌ସିଏ ପନ୍ଥର୍ସ ଫ୍ରାଞ୍ଚାଇଜ ମାଲିକଙ୍କୁ ସସପେଣ୍ଡ କରିଛି। ଏହି ସ୍କାଣ୍ଡାଲରେ ସେମାନଙ୍କ ହାତ ଥିବା ଜଣାପଡ଼ିଲେ, ଫ୍ରାଞ୍ଚାଇଜକୁ ସମାପ୍ତ କରାଯିବ ବୋଲି ଆସୋସିଏଶନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ମ୍ୟାଚ୍ ଫିକ୍ସିଂରେ ଜଡ଼ିତ ଥିବା ଅନ୍ୟ ଫ୍ରାଞ୍ଚାଇଜ, ଖେଳାଳି, ସପୋର୍ଟ ଷ୍ଟାଫ ଓ ମ୍ୟାଚ୍ ଅଫିସିଆଲଙ୍କ ସମ୍ପୃକ୍ତି ଥିଲେ ସେମାନଙ୍କୁ ତୁରନ୍ତ ବାସନ୍ଦ କରାଯିବ।

### ସାତ୍ତ୍ୱିକ ସାଇରାଜ-ଚିରାଗ କ୍ୱାର୍ଟରରେ

ଫୁଝୋଉ,୭।୧୧(ପି.ଟି.)- ଭାରତୀୟ ପୁରୁଷ ଡବଲ୍ସ ଖେଳାଳି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ଯୋଡ଼ି ଏଠାରେ ଚାଲିଥିବା ଚାଇନା ଓପନ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସାତ୍ତ୍ୱିକ ଓ ଚିରାଗଙ୍କ ଯୋଡ଼ି ୬ଷ୍ଠ ସିଡ୍ ଜାପାନର ହିରୋୟୁକି ଇଣ୍ଡୋ ଓ ୟୁତା ୱାତାନାବେଙ୍କୁ ୨୧-୧୮, ୨୧-୨୩, ୨୧-୧୧ ଗେମ୍‌ରେ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ଭାରତୀୟ ଯୋଡ଼ିକୁ ଏକ ଘଣ୍ଟା ୪ ମିନିଟ୍ ଧରି ସଂଘର୍ଷ କରିବାକୁ ପଡ଼ିଥିଲା। ଅନ୍ୟପକ୍ଷରେ ସିଙ୍ଗଲ୍ସ ବର୍ଗରେ ଭାରତର ଅଭିଯାନ ଶେଷ ହୋଇଛି। ପାରୁପଲ୍ଲୀ କାଶ୍ୟପ ଓ ବି. ସାଇ ପ୍ରଣୀଥ ଦ୍ୱିତୀୟ ରାଉଣ୍ଡ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ଏକ ଘଣ୍ଟା ୨୪ ମିନିଟ୍ ଧରି ଚାଲିଥିବା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବିଶ୍ୱର ୧୧ ନମ୍ବର ଖେଳାଳି ପ୍ରଣୀଥ ୨୨-୨୦, ୨୦-୨୨, ୨୬-୨୧ ଗେମ୍‌ରେ ଡେନମାର୍କର ଆଣ୍ଡର୍ସ ଆଣ୍ଟୋସେନଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିଭଳି କାଶ୍ୟପ ୧୩-୨୧, ୧୯-୨୧ ଗେମ୍‌ରେ ଭିକ୍ଟର ଆଲସେନଙ୍କଠାରୁ ପରାଜୟ ବରଣ କରିଛନ୍ତି। ମିକ୍ସଡ୍ ଡବଲ୍ସ ବର୍ଗରେ ରାଙ୍କିରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପାଙ୍କୁ ମଧ୍ୟ ସମାନ ଦଶା ଭୋଗିବାକୁ ପଡ଼ିଛି।

# ସିରିଜ୍ ଜିତିଲା ଭାରତୀୟ ମହିଳା ଦଳ



ଟ୍ରଫି ସହ ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳିମାନେ।

**ଆଣ୍ଟିଗୁଆ,୭।୧୧**

ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜଙ୍କ ଅର୍ଦ୍ଧଶତକ ବଳରେ ଭାରତୀୟ ଦଳ ଏଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ୩ୟ ଦିନିକିଆରେ ୬ ଉଇକେଟରେ ବିଜୟ ହାସଲ କରିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତୀୟ ଦଳ ୨–୧ରେ ଜିତି ନେଇଛି। ମ୍ୟାଚ୍‌ରେ ଅର୍ଦ୍ଧଶତକୀୟ ଇନିଂସ ଅବସରରେ କ୍ୟାରିୟରର ଦୁଇ ହଜାର ରନ୍ ପୂରଣ କରିଥିବା ମନ୍ଧାନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ଯୋଗୁ ବଡ଼ ସ୍କୋର ଛିଡ଼ା କରିପାରି ନ ଥିଲା। ଦଳ ୫୦ ଓଭରରେ ୧୯୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଅଧିନାୟିକା ଷ୍ଟେଫିନି ଟେଲର ସର୍ବାଧିକ ୭୯ ରନ୍ କରିଥିବାବେଳେ ଷ୍ଟାକି ଆନ କିଙ୍ଗ୍ ୩୮ ଓ ଓପନର ହେଲି ମାଥ୍ୟୁସ ୨୬ ରନ୍ କରିଥିଲେ। ଭାରତ ପକ୍ଷରୁ ବୋଲିଂରେ ଝୁଲଣ ଗୋସ୍ୱାମୀ ଓ ପୁନମ ଯାଦବ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଶିଖା ପାଣ୍ଡେ, ରାଜେଶ୍ୱରୀ ଗାଏକ୍ୱାଡ ଓ ଦୀପ୍ତି ଶର୍ମା ପ୍ରତ୍ୟେକ ଗୋଟିଏ କରି ଉଇକେଟ ହାସଲ କରିଥିଲେ। ଜବାବରେ ରୋଡ୍ରିଗୁଏଜ ଓ ମନ୍ଧାନାଙ୍କ ଓପନିଂ ଯୋଡ଼ି ୨୫ ଓଭରରେ ୧୪୧ ରନ୍ କରି ଭାରତୀୟ ଦଳର ବିଜୟ ସୁନିଶ୍ଚିତ କରିଦେଇଥିଲେ। ରୋଡ୍ରିଗୁଏଜ ୬୯ ଓ ମନ୍ଧାନା ୭୪ ରନ୍ କରିବା ପରେ ମାଥ୍ୟୁସଙ୍କ ବଲରେ ଆଉଟ ହୋଇ ପ୍ୟାଭେଲିଅନ ଫେରିଥିଲେ। ଏହାପରେ ଅଧିନାୟିକା ମିଥାଲି ରାଜ (୨୦) ଓ ପୁନମ (୨୪) ୩ୟ ଉଇକେଟ ପାଇଁ ୪୦ ରନ୍ ଯୋଡ଼ିଥିଲେ। ଦୁହେଁ ଆଉଟ୍ ହେବା ପରେ ଦୀପ୍ତି ଏକ ଚୌକା ଲଗାଇ ଦଳକୁ ବିଜୟ ଭେଟି ଦେଇଥିଲେ। ଘରୋଇ ଦଳ ପକ୍ଷରୁ ମାଥ୍ୟୁସ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ– ୫୦ ଓଭରରେ ୧୯୪/୧୦ (ଷ୍ଟେଫିନି ଟେଲର ୭୯, ଷ୍ଟାକି ଆନ କିଙ୍ଗ୍ ୩୮, ହେଲି ମାଥ୍ୟୁସ ୨୬, ଝୁଲଣ ଗୋସ୍ୱାମୀ ୨/୩୦, ପୁନମ ଯାଦବ ୨/୩୫)।

ଭାରତ– ୪୨.୧ ଓଭରରେ ୧୯୫/୪ (ସ୍ମୃତି ମନ୍ଧାନା ୭୪, ଜେମିମା ରୋଡ୍ରିଗୁଏଜ ୬୯, ପୁନମ ରାଉତ ୨୪, ହେଲି ମାଥ୍ୟୁସ ୩/୨୭)।

## କୋହଲିଙ୍କୁ ପଛରେ ପକାଇଲେ ମନ୍ଧାନା




ଭାରତୀୟ ମହିଳା ଦଳର ବାମହାତୀ ଓପନର ସ୍ମୃତି ମନ୍ଧାନା ନିଜ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡ଼ିଛନ୍ତି। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ଖୁବ କମ୍ ଇନିଂସ ଖେଳି ଦୁଇ ହଜାର ରନ୍ ପୂରଣ କରିଥିବା ଭାରତୀୟ କ୍ରିକେଟର(ଉଭୟ ବ୍ୟାଟ୍ସମ୍ୟାନ ଓ ବ୍ୟାଟ୍ସଓମ୍ୟାନ)ଙ୍କ ତାଲିକାରେ ମନ୍ଧାନା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏପରି କି ଦେଶର ବହୁ ମାଇଲଷ୍ଟୋନ ଅଧିକାରୀ ବିରାଟ କୋହଲିଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ୨୩ ବର୍ଷୀୟା ବ୍ୟାଟ୍ସଓମ୍ୟାନ କ୍ୟାରିୟରର ମାତ୍ର ୫୧ ତମ ଇନିଂସରେ ୨୦୦୦ ରନ୍ ପୂରଣ କରିଛନ୍ତି। ତେବେ ବିଶ୍ୱ କ୍ରିକେଟରେ ଦୁଇ ହଜାର ରନ୍ ପୂରଣ କରିବାରେ ଦ୍ରୁତତମ ବ୍ୟାଟ୍ସଓମ୍ୟାନ ହେଉଛନ୍ତି ବେଲିଣ୍ଡା କ୍ଲାର୍କ (୪୧ ଇନିଂସ)। ତାଙ୍କ ପଛକୁ ୪୫ ଇନିଂସରେ ଦୁଇ ହଜାର ପୂରଣ କରିଥିବା ମେଗ ଲାନିଂ ରହିଛନ୍ତି। ମନ୍ଧାନା ଏହି ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ଏପର୍ଯ୍ୟନ୍ତ ୫୧ ଦିନିକିଆ ଖେଳି ୪୩.୦୮ ହାରରେ ୨୦୨୫ ରନ୍ କରିଛନ୍ତି। ଏଥିରେ ୪ ଶତକ ଓ ୧୭ ଅର୍ଦ୍ଧଶତକ ରହିଛି। ୨୦୦୦ ରନ୍ ପୂରଣ କରିବାରେ ଶିଖର ଧାୱନ ଭାରତୀୟଙ୍କ ମଧ୍ୟରେ ଦ୍ରୁତତମ। ସେ କ୍ୟାରିୟରର ୪୮ତମ ଇନିଂସରେ ଏହି ମାଇଲଷ୍ଟୋନ ସ୍ପର୍ଶ କରିଥିଲେ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଦଳର ଅଧିନାୟକ କୋହଲିଙ୍କୁ ୨ ହଜାର ରନ୍ କରିବା ପାଇଁ ୫୩ ଇନିଂସ ଲାଗିଥିଲା। ପୁରୁଷ କ୍ରିକେଟରେ ଦକ୍ଷିଣ ଆଫ୍ରିକାର ଅବସରପ୍ରାପ୍ତ ହାସିମ ଆମଲାଙ୍କ ନାମରେ ଏହି ରେକର୍ଡ ରହିଛି। ସେ ମାତ୍ର ୪୦ତମ ଇନିଂସରେ ଦୁଇ ହଜାର ରନ ପୂରଣ କରିଥିଲେ।

### ଆଇପିଏଲ ମ୍ୟାଚ୍ ପୂର୍ବରୁ ହୋଇପାରେ ଜାତୀୟ ସଙ୍ଗୀତ ଗାନ

**ନୂଆଦିଲ୍ଲୀ,୭।୧୧(ପି.ଟି.)**

ପ୍ରତିଟି ଆଇପିଏଲ ମ୍ୟାଚ୍ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରାଯିବା ଲାଗି କିଙ୍ଗ୍ସ ଏକାଦଶ ପଞ୍ଜାବ ସହ ମାଲିକ ନେସ ୱାଡିଆ ଲିଖିତ ଭାବେ ବିସିସିଆଇକୁ ପ୍ରସ୍ତାବ ଦେଇଛନ୍ତି। ସାଧାରଣତଃ ଜାତୀୟ ସଙ୍ଗୀତ ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ ଗାନ କରାଯାଏ। ବିଶ୍ୱର ନମ୍ବର ୱାନ କ୍ରିକେଟ ଲିଗ୍‌ରେ ଏହି ବ୍ୟବସ୍ଥା କରାଯିବା ଦରକାର ବୋଲି ୱାଡିଆ ଯୁକ୍ତି ବାଢ଼ିଛନ୍ତି। ଏଥିସହ ବିସିସିଆଇ ବ୍ୟୟବହୁଳ ଆଇପିଏଲ ଉଦ୍‌ଘାଟନୀ ଉତ୍ସବକୁ ବନ୍ଦ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଆଇପିଏଲର ଉଦ୍‌ଘାଟନୀ ଉତ୍ସବ ଆୟୋଜନ ନ କରାଯିବା ଏକ ଭଲ ପଦକ୍ଷେପ। ଆବଶ୍ୟକତା ନ ଥାଇ ମଧ୍ୟ ଏଥିରେ ଅତ୍ୟଧିକ ଖର୍ଚ୍ଚ କରାଯାଉଛି। ଏ ସମ୍ପର୍କରେ ମୁଁ ପୂର୍ବରୁ ମଧ୍ୟ ବିସିସିଆଇକୁ ପତ୍ର ଲେଖିଥିଲି। ଏବେ ମୁଁ ବିସିସିଆଇର ନୂଆ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଲେଖିଛି ବୋଲି ୱାଡିଆ କହିଛନ୍ତି। ଜାତୀୟ ସଙ୍ଗୀତ ଇଣ୍ଡିଆନ ସୁପର ଲିଗ୍ ଓ ପ୍ରୋ କବାଡି ଲିଗ୍‌ରେ ମଧ୍ୟ ଗାନ କରାଯାଉଛି। ଚଳିତ ସପ୍ତାହରେ ଆଇପିଏଲ ଗଭର୍ଣ୍ଣିଂ କରିଷଦ ବୈଠକରେ ବହୁ ଫ୍ରାଞ୍ଚାଇଜ ବିଦେଶରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବା ଲାଗି ଇଚ୍ଛା ପ୍ରକଟ କରିଥିଲେ। ତେବେ ଏଥିନେଇ ଆଇସିସିର ଭବିଷ୍ୟତ କାର୍ଯ୍ୟସୂଚୀ (ଏଫ୍‌ଟିପି)କୁ ବିସ୍ତୃତ ଭାବେ ପରଖିବାକୁ ପଡ଼ିବ। ଏ ବିଷୟରେ ୱାଡିଆ କହିଛନ୍ତି, ଆଇପିଏଲ ବିଶ୍ୱର ସବୁଠୁ ଲୋକପ୍ରିୟ ଲିଗ୍। ଏହାର କଳେବର ବୃଦ୍ଧି ଦ୍ୱାରା ଆଇପିଏଲର ସମସ୍ତ ଅଂଶୀଦାରଙ୍କ ଲାଭାଂଶ ପରିମାଣ ବୃଦ୍ଧି ପାଇବ। ଦେଖିବାକୁ ଗଲେ, ବିଶ୍ୱର ବିଭିନ୍ନ ଫୁଟବଲ ଲିଗ୍ ସିଜନ ଆରମ୍ଭ ହେବା ପୂର୍ବରୁ ବିଦେଶରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥାନ୍ତି।

# ସାଇ ସୁନାବେଡ଼ା ବିଜୟୀ

**ନୟାଗଡ଼ ଅଫିସ, ୭।୧୧**

**ଶରଣକୁଳ ଫୁଟ୍‌ବଲ**

ନୟାଗଡ଼ ଜିଲା ଶରଣକୁଳ ଲଡୁକେଶ ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ଚାଲିଥିବା ୬୦ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ସପ୍ତମ ଦିବସ ଖେଳ ସ୍ପୋର୍ଟିଂ କ୍ଲବ ଟାଟା ଓ ସାଇ ହାଲ ସୁନାବେଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ୮ ମିନିଟରେ ସୁନାବେଡ଼ା ଦଳର ବସନ୍ତ ବିପକ୍ଷ ଦଳକୁ ପ୍ରଥମ ଗୋଲ୍ ସ୍କୋର ଦେଇଥିଲେ। ଏହାପରେ ୧୩ତମ ମିନିଟରେ ଏହି ଦଳର ଦେବ ମାର୍କାନୀ ଆଉ ଏକ ଗୋଲ୍ ସ୍କୋର କରିଥିଲେ। ପରେ ଦେବ ପୁନର୍ବାର ଆଉ ୨ଟି ଗୋଲ୍ ସ୍କୋର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ସୁନାବେଡ଼ା ୪–୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ସୁନାବେଡ଼ା ଦଳ ଗୋଟିଏ ଗୋଲ ସ୍କୋର କରିବାରେ ସମର୍ଥ ହୋଇଥିଲେ। ପରେ ଟାଟା ଦଳ ୨ଟି ଗୋଲ୍ ପରିଶୋଧ କରି ଦେଇଥିଲେ। ଫଳରେ ସୁନାବେଡ଼ା ଦଳ ୫–୨ ଗୋଲ୍‌ରେ ବିଜୟୀ ହୋଇଥିଲା। ବିଜୟୀ ଦଳର ଖେଳାଳି ମଧୁ ଜେନାଙ୍କୁ ଗୁରୁବାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଦିଗ୍‌ବିଜୟ ଦାସ ଖେଳ ପରିଚାଳନା କରିଥିବା ବେଳେ ରତ୍ନାକର ବାରିକ, ଲକ୍ଷ୍ମୀପ୍ରସାଦ, ଶିବ ପ୍ରସାଦ ଦାସ ଲାଇନ୍‌ରେ ସହାୟତା କରିଥିଲେ। ବିଷ୍ଣୁ ପ୍ରସାଦ ମିଶ୍ର ଖେଳରେ ଅତିଥିଭାବେ ଯୋଗ ଦେଇଥିଲେ। ଶୁକ୍ରବାର ମ୍ୟାଚ୍ ସ୍ପୋର୍ଟସ ହଷ୍ଟେଲ କଟକ ଓ ସାଇ ହାଲ୍ ସୁନାବେଡ଼ା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନର ସମ୍ପାଦକ ଯୋଗେନ୍ଦ୍ର ନାଥ ପ୍ରଧାନ ସୂଚନା ଦେଇଛନ୍ତି।

# କେପିଏଲ୍ ଫିକ୍ସିଂ ସ୍କାଣ୍ଡାଲ: ଗୌତମ, କାଜି ଗିରଫ

**ବେଙ୍ଗାଲୁରୁ,୭।୧୧(ପି.ଟି.)**


ସି.ଏମ୍. ଗୌତମ

ଆଇପିଏଲର ୩ ଦଳ ପାଇଁ ଖେଳିଥିବା ପ୍ରଥମ ଶ୍ରେଣୀ କ୍ରିକେଟର ସି.ଏମ୍. ଗୌତମ ଓ ତାଙ୍କର ପୂର୍ବତନ କର୍ଣ୍ଣାଟକ ସାଥୀ ଖେଳାଳି ଆବରାର କାଜିଙ୍କୁ ଗୁରୁବାର ଗିରଫ କରାଯାଇଛି। ଉଭୟେ କର୍ଣ୍ଣାଟକ ପ୍ରିମିୟର ଲିଗ୍ (କେପିଏଲ୍) ମ୍ୟାଚ୍ ଫିକ୍ସିଂ ପାଇଁ ଅର୍ଥ ନେଇଥିବା ଜଣାପଡ଼ିଛି। ବେଲାରି ଟସ୍କର୍ସ ଅଧିନାୟକ ତଥା ପୂର୍ବତନ ଉଇକେଟକିପର ବ୍ୟାଟ୍ସମ୍ୟାନ ଗୌତମ ଓ କାଜିଙ୍କୁ ସହରର ସେଣ୍ଟ୍ରାଲ କ୍ରାଇମ ବ୍ରାଞ୍ଚ (ସିସିବି) ଗିରଫ କରିଛି। କେପିଏଲର ଗତ ଦୁଇ ସିଜନରେ ସ୍ପଟ୍ ଫିକ୍ସିଂ ହୋଇଥିବା ଅଭିଯୋଗର ସିସିବି ତଦନ୍ତ କରୁଛି। କେପିଏଲ ଫିକ୍ସିଂରେ ଜଡ଼ିତ ଥିବା ଦୁଇ ଖେଳାଳିଙ୍କୁ ଗିରଫ କରାଯାଇଛି ବୋଲି ଅତିରିକ୍ତ କମିଶନର ପୋଲିସ ସନ୍ଦୀପ ପାଟିଲ କହିଛନ୍ତି। ତଦନ୍ତ ପ୍ରକ୍ରିୟାରେ ଆହୁରି ଖେଳାଳିଙ୍କ ଗିରଫ କରାଯାଇପାରେ। ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ପାଇଁ ଘୋଷିତ ଗୋଆ ଓ ମିଜୋରାମ ଦଳରେ ଉଭୟ ଖେଳାଳି ସ୍ଥାନ ପାଇଛନ୍ତି। ପୋଲିସ କହିବା ଅନୁଯାୟୀ, ଚଳିତବର୍ଷ ବେଲାରି ଟସ୍କର୍ସ ଓ ହୁବଲି ଟାଇଗର୍ସ ମଧ୍ୟରେ ଖେଳାଯାଇଥିବା କେପିଏଲ ଫାଇନାଲରେ ଦୁହେଁ ଧୀମା ବ୍ୟାଟିଂ କରିବା ଲାଗି ୨୦ ଲକ୍ଷ ଟଙ୍କା ଗ୍ରହଣ କରିଥିଲେ। ହୁବଲି ଟାଇଗର୍ସ ୮ ରନ୍‌ରେ ଜିତି ଚାମ୍ପିୟନ ହୋଇଥିଲା। ଧୀମା ବ୍ୟାଟିଂ ଓ ଅନ୍ୟ କାରଣ ପାଇଁ ୨୦ ଲକ୍ଷ ଟଙ୍କା ନେଇଥିଲେ। ବେଙ୍ଗାଲୁରୁ ଦଳର ଖେଳାଳି ନିଶାନ୍ତ ସିଂ ଶେଖାୱତଙ୍କ ସହ ଚଳିତ ସପ୍ତାହରେ ପଚାରଉଚରା ପରେ ଏହି ସବୁ ଗିରଫ କରାଯାଇଛି। ଗତ ୨୬ ତାରିଖରେ ବେଙ୍ଗାଲୁରୁ ବ୍ଲାଷ୍ଟର୍ସ ବୋଲିଂ କୋଚ୍ ଭିନୁ ପ୍ରସାଦ ଓ ବ୍ୟାଟ୍ସମ୍ୟାନ ବିଶ୍ୱନାଥନ ଗିରଫ ହୋଇଥିଲେ। ୩୩ ବର୍ଷୀୟ ଗୌତମ ଦିଲ୍ଲୀ ଡେୟାରଡେଭିଲ୍ସ, ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗଲୋର (ଆରସିବି) ପାଇଁ ଆଇପିଏଲରେ ଖେଳିଛନ୍ତି। ସେହିଭଳି ୩୦ ବର୍ଷୀୟ କାଜି ୨୦୧୧ରେ ଆରସିବି ପାଇଁ ଖେଳିଥିଲେ। କିନ୍ତୁ ଛାପ ଛାଡ଼ିବାରେ ବିଫଳ ହୋଇଥିଲେ। ସେ ୧୭ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଛନ୍ତି। ସ୍କାଣ୍ଡାଲରେ ଜଡ଼ିତ ହେବାରେ ଗୌତମ ସବୁଠୁ ବଡ଼ ନାମ। ୯୪ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିବା ସହ ସେ କର୍ଣ୍ଣାଟକ ଦଳର ନିୟମିତ ସଦସ୍ୟ ଥିଲେ। ଚଳିତ ସିଜନରେ ସେ ଗୋଆ ପାଇଁ ଖେଳିବା ଆରମ୍ଭ କରିଥିଲେ।

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
■ Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

### ଏସ୍‌ଜେଏଫ୍‌ଆଇ ନ୍ୟାଶନାଲ କନ୍‌ଫରେନ୍ସ

# ଟିମ୍ ଓସ୍‌ଜା ଫୁଟ୍‌ବଲ ରନର୍ସଅପ୍

**ଭୁବନେଶ୍ୱର, ୭।୧୧(ସ୍ପୋର୍ଟ୍ସ ବ୍ୟୁରୋ)**



**ତପନ ଶ୍ରେଷ୍ଠ ଗଲ୍ଫର୍**

ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ଆନୁକୂଲ୍ୟରେ ନାଗପୁରଠାରେ ଚାଲିଥିବା ଜାତୀୟ ସମ୍ମେଳନ (ନ୍ୟାଶନାଲ କନ୍‌ଫରେନ୍ସ) ଅନ୍ତର୍ଗତ ଫୁଟ୍‌ବଲ ପେନାଲ୍ଟି ଶୁଟ୍‌ଆଉଟ୍ ପ୍ରତିଯୋଗିତାରେ ଓଡ଼ିଶା କ୍ରୀଡ଼ା ଖବରଦାତା ସଂଘ (ଓସ୍‌ଜା) ରନର୍ସଅପ୍ ହୋଇଛି। ଅଧିନାୟକ ସଞ୍ଜୀବ ବିଶ୍ୱାଳ, ତପନ ସ୍ୱାଇଁ ଓ ସୌଭାଗ୍ୟ ରଥଙ୍କୁ ନେଇ ଗଠିତ ଟିମ୍ ଓସ୍‌ଜା ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ, କ୍ୱାର୍ଟର ଫାଇନାଲରେ ତାମିଲନାଡୁ–ଏ ଓ ସେମିଫାଇନାଲରେ ବେଙ୍ଗାଲୁରୁ–ବି’କୁ ପରାସ୍ତ କରିଥିଲା। ତେବେ ଫାଇନାଲରେ ଟିମ୍ ଓସ୍‌ଜା ସଡନ୍ ଡେଥ୍‌ରେ ତ୍ରିପୁରା ନିକଟରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା। ସରଜୁ ଚକ୍ରବର୍ତ୍ତୀ, ପ୍ରଭାତ ଦେବନାଥ ଓ ଓସ୍‌ଜାର ସମ୍ପାଦକ ସମ୍ବିତ ମହାପାତ୍ରଙ୍କୁ ନେଇ ତ୍ରିପୁରା ଦଳ ଗଠିତ ହୋଇଥିଲା। ଶୁକ୍ରବାର ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ ଦଳକୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ଗୁରୁବାର ଖେଳାଯାଇଥିବା ଗଲ୍ଫ ପ୍ରତିଯୋଗିତାରେ ଓସ୍‌ଜା ୪ର୍ଥ ସ୍ଥାନରେ ରହି ଅଳ୍ପକେ ବ୍ରୋଞ୍ଜ ପଦକ ଜିତିବାରୁ ବଞ୍ଚିତ ହୋଇଥିଲା। କିନ୍ତୁ ଏହି ଦଳର ସଦସ୍ୟ ତପନ ସ୍ୱାଇଁ ପ୍ରତିଯୋଗିତାର ଶ୍ରେଷ୍ଠ ଗଲ୍ଫର ବିବେଚିତ ହୋଇଥିଲେ। ସେହିଭଳି ବାସ୍କେଟବଲରେ ଟିମ୍ ଓସ୍‌ଜା କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିଲା। କ୍ରିକେଟ୍ ଓ ଟେବୁଲ ଟେନିସ ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ। ଦେବୀ ପ୍ରସନ୍ନ ମହାନ୍ତି ଟିମ୍ ଓସ୍‌ଜାର ମ୍ୟାନେଜର ରହିଛନ୍ତି।

### ଟାଟା ଷ୍ଟିଲ୍ ଗ୍ରାଣ୍ଡ ଚେସ୍ ଟୁର: ଆନନ୍ଦ, କାର୍ଲସେନ ଫେଭରାଇଟ

**କୋଲକାତା, ୭।୧୧(ପି.ଟି.)**

ଏଠାରେ ଆସନ୍ତା ୨୨ରୁ ୨୬ ତାରିଖ ମଧ୍ୟରେ ତାରକା ଖଚିତ ଟାଟା ଷ୍ଟିଲ ଚେସ୍ ଇଣ୍ଡିଆ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ୫ଥର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିବା ଭାରତ ବିଶ୍ୱନାଥନ ଆନନ୍ଦ ଏଥିରେ ଭଲ ପ୍ରଦର୍ଶନ କରି ବିଶ୍ୱ ଫାଇନାଲ୍ସରେ ସ୍ଥାନ ହାସଲ କରିବାକୁ ପ୍ରୟାସ କରିବେ। ଟାଟା ଷ୍ଟିଲ ଇଭେଣ୍ଟର ଏହି ଦ୍ୱିତୀୟ ସଂସ୍କରଣ ଗ୍ରାଣ୍ଡ ଚେସ୍ ଟୁରର ଅଂଶବିଶେଷ ହୋଇଛି। ୫ଦିନ ଧରି ଚାଲିବାକୁ ଥିବା ଏହି ଚେସ୍ ଇଭେଣ୍ଟ ଜଣାଶୁଣା ନ୍ୟାଶନାଲ ଲାଇବ୍ରେରିର ଭାଷା ଭବନ ଅଡିଟୋରିୟମରେ ଆୟୋଜନ ହେବ। ଏହି ଇଭେଣ୍ଟ ଗ୍ରାଣ୍ଡ ଚେସ୍ ଟୁରର ପେନଲ୍ଟିମେଟ୍ ଲେଗ୍ ସାବ୍ୟସ୍ତ ହୋଇଛି। ଅଲିମ୍ପିଆ ଲଣ୍ଡନରେ ଖେଳାଯିବାକୁ ଥିବା ଜିସିଟି ଫାଇନାଲ୍ସ ପାଇଁ ଏହି ଇଭେଣ୍ଟରୁ ଶ୍ରେଷ୍ଠ ୪ ଖେଳାଳି ଚୟନ ହେବେ।

ଆନନ୍ଦ ଏବେ ବୁଖାରେଷ୍ଟ ସୁପରବେଟ ରାପିଡ ଆଣ୍ଡ ବ୍ଲିଜ୍ ଜିସିଟି ସର୍କିଟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରୁଛନ୍ତି। ରୁଷିଆର ଭ୍ଲାଡିସ୍ଲାଭ ଆରଟେମିଏଭକୁ ହରାଇ ଆନନ୍ଦ ତାଙ୍କ ଅଭିଯାନ ଜୋର୍‌ଦାର କରିଛନ୍ତି। ଆନନ୍ଦ ଏବେ ୨୪ ଜିସିଟି ପଏଣ୍ଟ ପାଇଁ ଅଷ୍ଟମ ସ୍ଥାନରେ ରହିଛନ୍ତି। ଗତବର୍ଷ ଆନନ୍ଦ ଟାଟା ଷ୍ଟିଲ ବ୍ଲିଜ୍ ଇଭେଣ୍ଟର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ଏଥର ଏହି ପ୍ରଦର୍ଶନ ବଜାୟ ରଖିବାକୁ ସେ ଚେଷ୍ଟା କରିବେ ବୋଲି କହିଛନ୍ତି।

## ମନେ ପଡ଼ନ୍ତି

ସ୍ମୃତି ତର୍ପଣ
(୨୪ ତମ ଶ୍ରାଦ୍ଧବାର୍ଷିକୀ)



✓ବନଲତା ଦେବୀ
ଆବିର୍ଭାବ : ୦୮/୧୧/୧୯୨୬
ତିରୋଧାନ : ୦୩/୧୧/୧୯୯୫
ଚାହୁଁ ଚାହୁଁ ଚବିଶ ବର୍ଷ ହେଲା ତୁମେ ଇହଧାମ ତ୍ୟାଗ କରିବାର । ହେଲେ ତୁମର ଉପସ୍ଥିତି ମୁଁ ଆଜି ବି ଅନୁଭବ କରିପାରୁଛି । ଏହି ପବିତ୍ର କାର୍ତ୍ତିକ ମାସ, ଶୁକ୍ଳପକ୍ଷ, ବଡ଼ ଏକାଦଶୀ ତିଥିରେ (୨୪ ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ) ମୁଁ ମା’ ଦୁର୍ଗାଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛି ।
ଦେବୀ ପ୍ରସାଦ ମହାପାତ୍ର
ଧ–୬୮୦୨୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁରେନ୍ଦ୍ର ଦାଶ୍
ସ୍ଥାନ: ଚୌଦ୍ୱାରସ୍ଥିତ ଯାଜଭୈରବ ନୂଆଗାଁ, କଟକ
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମମାନଙ୍କର ଅଶ୍ରୁଳ ପ୍ରାର୍ଥନା ।
ଶୋକସନ୍ତପ୍ତ:
ସ୍ତ୍ରୀ, ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ଅଣନାତି, ଅଣନାତୁଣୀ– ବନ୍ଧୁ ଓ ପରିବାରବର୍ଗ ।
ଧ–୧୫୧୨୪

୨୯ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ନଟବର ଦେବତା
ମୀନାବଜାର, ଢେଙ୍କାନାଳ
ଆବିର୍ଭାବ: ୩୦।୧୨।୧୯୧୮
ତିରୋଧାନ: ୩୦।୧୦।୧୯୯୦
(ପବିତ୍ର କାର୍ତ୍ତିକ ମାସ ବଡ଼ ଏକାଦଶୀ)
ଚାହୁଁ ଚାହୁଁ ୨୯ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଆମ ହୃଦୟରେ ଚିରସ୍ମରଣୀୟ ହୋଇରହିବ। ଆପଣଙ୍କ ଅମରାତ୍ମା ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ, Sree Natabara Debata M/s. Balaram Febrics.
ଧ–୬୮୮୩୨

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶୁକ୍ରବାର, ୮ ନଭେମ୍ବର/୨୦୧୯, Dhenkanal, Friday, November 8 / 2019

## ସଂକ୍ଷେପରେ

### ଜଳିଗଲା ହାଇୱା



**ଓଡ଼ାପଡ଼ା, ୭।୧୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ହଳଦିଆବାହାଳ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ପାଉଁଶ ବୋଝେଇ ହାଇୱା ଜଳିଯାଇଛି। ଦୁର୍ଘଟଣା କାରଣରୁ ରାସ୍ତାର ଦୁଇପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଟାଟାଷ୍ଟିଲ ବିଏସ୍ଏଲ୍ କାରଖାନାରୁ ଉକ୍ତ ହାଇୱା (ନଂ. ଓଆର ୦୬-ଜି-୫୪୧୭) ଫ୍ଲାଏ ଆଶ ବୋଝେଇ କରି ଗୁଡିଆକାଟେଣୀ ଆଡ଼କୁ ଯାଉଥିଲା। ହଠାତ୍ ଗାଡ଼ିରେ ନିଆଁ ଲାଗିଯାଇଥିଲା। ସୂଚନା ପାଇ ଏମ୍‌ଜିଏମ୍ ପ୍ଲାଣ୍ଟର ଅଗ୍ନିଶମ କର୍ମଚାରୀ, ହିନ୍ଦୋଳରୋଡ୍ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ପୋଲିସ ପହଞ୍ଚିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

### ୧୬ରେ ଭଲିବଲ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

**ଢେଙ୍କାନାଳ ଅଫିସ, ୭।୧୧:** ନଭେମ୍ବର ୨୩ରେ ପାରାଦୀପରେ ସିନିୟର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ୧୬ ତାରିଖ ପୂର୍ବାହ୍ନ ୯ଟାରେ ଢେଙ୍କାନାଳ ଷ୍ଟାଡିୟମରେ ଖେଳାଳି ଚୟନ ଶିବିର ଆୟୋଜିତ ହେବ। ଜିଲାର ବଛା ବଛା ଖେଳାଳିଙ୍କୁ ନେଇ ଦଳ ଗଠନ କରାଯିବ। ଆଗ୍ରହୀ ଅନୁଷ୍ଠାନ ଓ ଖେଳାଳିମାନେ ପ୍ରମାଣପତ୍ର ସହିତ ଶିବିରରେ ଯୋଗଦେବାକୁ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

### ବିବାହିତା ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ହିନ୍ଦୋଳ, ୭।୧୧(ଡି.ଏନ.ଏ.):** ହିନ୍ଦୋଳ ଥାନା ନୂଆକୋଟ ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ବୁଧବାର ରାତିରେ ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୀଡ଼ିତା ଜଣକ ଅଭିଯୋଗରେ ଦର୍ଶାଇଛନ୍ତି, ସେ ହିନ୍ଦୋଳ ଏନ୍ଏସି ପଟଣା ଗ୍ରାମର ଜଣେ ମାର୍ବଲ ମିସ୍ତ୍ରିଙ୍କ ନିକଟରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିଲେ। ମିସ୍ତ୍ରି ଜଣକ ଠିକ୍ ଭାବେ ଟଙ୍କା ପଇସା ନ ଦେବାରୁ ସେ ଆଉ କାମ କରିବାକୁ ଯାଉ ନ ଥିଲେ। ବୁଧବାର ମହିଳାଙ୍କ ସ୍ୱାମୀ ଘରେ ନ ଥିଲେ। ରାତିପ୍ରାୟ ୧୦ଟାରେ ସେ ନିଜର ଦୁଇପିଲାଙ୍କ ସହ ଶୋଇଥିବାବେଳେ ଅଭିଯୁକ୍ତ ମିସ୍ତ୍ରି ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ତାଙ୍କର ଦୁଇପୁଅ ଏହାର ସାକ୍ଷୀ ଥିବା ସେ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ଗୁରୁବାର ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଛି।

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୭।୧୧:** ଢେଙ୍କାନାଳ ଗୁଡିଆନାଳି ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର କର୍ମଚାରୀ ପ୍ରସନ୍ନ କୁମାର ମହାନ୍ତିଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ରେଡିଓ ଇନ୍ସପେକ୍ଟର ଭାବେ କାର୍ଯ୍ୟକରି ଅବସରଗ୍ରହଣ କରିଥିଲେ। ସକାଳେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇଁ ଆତ୍ମୀୟସ୍ୱଜନଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ କରାଯାଇଛି।

### ଅଟୋରିକ୍ସା ୱେଲଫେୟାର ସଂଘ ସଭାପତିଙ୍କ ବିୟୋଗ

**ଢେଙ୍କାନାଳ ଅଫିସ, ୭।୧୧:** ଢେଙ୍କାନାଳ ବସ୍‌ଷ୍ଟାଣ୍ଡସ୍ଥିତ ବାବା ଆଖଣ୍ଡଳମଣି ଅଟୋରିକ୍ସା ୱେଲଫେୟାର ସଂଘର ସଭାପତି ସଞ୍ଜୟ ମହାନ୍ତିଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୪୦ବର୍ଷ ହୋଇଥିଲା। ଶାରୀରିକ ଅସୁସ୍ଥତା କାରଣରୁ ସେ କଟକର ଏକ ଘରୋଇ ନର୍ସିଂ ହୋମ୍‌ରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସଂଘ ପକ୍ଷରୁ ଅଟୋରିକ୍ସା ଚଳାଚଳ ବନ୍ଦ କରାଯାଇଥିଲା। ମରଶରୀରକୁ ଦୁର୍ଗାବଜାର ପରିକ୍ରମା କରାଯିବା ପରେ ବସ୍‌ଷ୍ଟାଣ୍ଡକୁ ଅଣାଯାଇ ସେଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

■ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ୯୨୩୫୨ ମେଟ୍ରିକ ଟନ୍ ସଂଗ୍ରହ ଲକ୍ଷ୍ୟ

**ଢେଙ୍କାନାଳ ଅଫିସ, ୭।୧୧**



ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

■ଚଳିତ ୨୯ରୁ ମାର୍ଚ୍ଚ ୩୧ ଯାଏ ଚାଲିବ

■ ଅନ୍‌ଲାଇନ୍‌ରେ ୩୯,୫୦୩ ଚାଷୀ ପଞ୍ଜୀକୃତ

■ ୨୪ରୁ ୪୮ ଘଣ୍ଟା ଭିତରେ ମିଳିବ ଟଙ୍କା

ଢେଙ୍କାନାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଚଳିତ ମାସ ୨୯ରୁ ଧାନ ସଂଗ୍ରହ ଆରମ୍ଭ ହୋଇ ମାର୍ଚ୍ଚ ୩୧ ଯାଏ ଚାଲିବ। ଧାନ ସଂଗ୍ରହର ୧୫ଦିନ ପୂର୍ବରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ରାଜ୍ୟସ୍ତରରୁ ଟୋକନ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୯୨,୩୫୨ ମେଟ୍ରିକ ଧାନ ଏବଂ ୫୯,୮୪୦ ମେଟ୍ରିକ ଟନ ଚାଉଳ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିପରି କୃଷି ବିଭାଗ ଚଳିତ ବର୍ଷ ୧ଲକ୍ଷ ୪୨ହଜାର ୩୦ ମେଟ୍ରିକ ଟନ୍ ବଳକା ଧାନ ସଂଗ୍ରହ କରିବାକୁ ଆକଳନ କରିଛି।

୨୦୧୯-୨୦ ବର୍ଷର ଖରିଫ୍ ଧାନ ବିକ୍ରି ଲାଗି ୩୯,୫୦୩ ଚାଷୀ ଅନ୍‌ଲାଇନରେ ପଞ୍ଜୀକୃତ ହୋଇଛନ୍ତି। ଅନ୍‌ଲାଇନରେ ଭି-ପାସ୍, ଭି-୨.୦ ଏବଂ ଆଇ.ଆର.ଆଇ.ଏସ୍ ସ୍କାନର ମାଧ୍ୟମରେ ଧାନ ସଂଗୃହୀତ ହେବ। ଚଳିତବର୍ଷ କୁଇଣ୍ଟାଲ ପିଛା ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୧୮୧୫ ଟଙ୍କା ଏବଂ ଏ-ଗ୍ରେଡ୍ ଧାନ ପାଇଁ ୧୮୩୫ ଟଙ୍କା ରଖାଯାଇଛି। ରାଜ୍ୟ ସମବାୟ ବ୍ୟାଙ୍କ ଦ୍ୱାରା ୨୪ରୁ ୪୮ ଘଣ୍ଟା ଭିତରେ ଚାଷୀଙ୍କ ପ୍ରାପ୍ୟ ସିଧାସଳଖ ଆକାଉଣ୍ଟକୁ ଯିବ। ଧାନ କିଣାବିକାକୁ ଶୃଙ୍ଖଳିତ କରିବା ଚାଷୀଙ୍କୁ ତାଲିମ ଦିଆଯିବ। ଧାନର ଏଫ୍ଏକ୍ୟୁ ମାନ, ସର୍ବନିମ୍ନ ସହାୟକ ମୂଲ୍ୟ, କ୍ରୟକେନ୍ଦ୍ର ନିରୂପଣ, କ୍ରୟ ତାରିଖ, ପ୍ରତିଦିନ ସର୍ବାଧିକ ଧାନକ୍ରୟର ପରିମାଣ ଆଞ୍ଚଳିକ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ନିର୍ଦ୍ଧାରିତ ହେବ। ଲିଫ୍‌ଲେଟ୍, ବ୍ୟାନର, ମାଇକ ପ୍ରଚାର, କର୍ମଶାଳା, ଗଣମାଧ୍ୟମ ଦ୍ୱାରା ସଚେତନତା ସୃଷ୍ଟି କରାଯିବ। ଆଞ୍ଚଳିତ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମସ୍ତ ଯନ୍ତ୍ରାଂଶ ଯୋଗାଇ ଦିଆଯିବ।

ଚଳିତ ଖରିଫ୍ ଋତୁରେ ୧୪ଜଣ ମିଲର ଏବଂ ସମସ୍ତ ୮୦ ପ୍ୟାକ୍ସ ଧାନକ୍ରୟରେ ଅଂଶଗ୍ରହଣ କରିବେ। ଜିଲାସ୍ତରରେ ଅତିରିକ୍ତ ଜିଲାପାଳ, ଉପଖଣ୍ଡସ୍ତରରେ ଉପଜିଲାପାଳ, ବ୍ଲକସ୍ତରରେ ବିଡିଓ ଏବଂ ତହସିଲଦାର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଛୁଟିଦିନ ବ୍ୟତୀତ ଅନ୍ୟଦିନରେ ଧାନ କିଣାଯିବ। ଧାନ ପରିବହନରେ ନିୟୋଜିତ ଗାଡ଼ିରେ ବ୍ୟାନର ଲାଗିବ। ଦୈନିକ ପ୍ୟାକ୍ସରେ ୬୦୦ କୁଇଣ୍ଟାଲ କ୍ରୟ କରାଯିବ। ପ୍ରତି ଚାଷୀ ୫୦ କୁଇଣ୍ଟାଲ ଧାନ ବିକିପାରିବେ। ଡିସେମ୍ବର ୨୦ରୁ ଧାନ କ୍ରୟର ପରିମାଣ ବୃଦ୍ଧି କରାଯିବ। ଜାନୁୟାରୀ ୧୫ରୁ ମାର୍ଚ୍ଚ ୩୧ ଯାଏ ମଣ୍ଡି ବନ୍ଦ ହେବନାହିଁ। ପ୍ୟାକ୍ସ କାମ କରୁଥିବା ନ ଥିବା ସ୍ଥାନରେ ଏସ୍ଏଚ୍‌ଜି ମାଧ୍ୟମରେ ଧାନ କିଣାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ପ୍ୟାକ୍ସରେ କ୍ୱାଲିଟି ଆନାଲିଷ୍ଟ ନିଯୁକ୍ତି, ଗୁଗୁଲ ମାଧ୍ୟମରେ ମିଲର ଟ୍ୟାଗିଂ କରିବା, ମଣ୍ଡିକୁ ଶୃଙ୍ଖଳା ପରିଷ୍କାର ଧାନ ଆଣିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା।

ବୈଠକରେ ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଇଂ. ବିଷ୍ଣୁ ପ୍ରସନ୍ନ ଆଚାର୍ଯ୍ୟ, ଉଦୟ କୁମାର ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକଙ୍କ ସମେତ ସମସ୍ତ ବ୍ଲକ ବିଡିଓ, ତହସିଲଦାର, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ମିଲର ଏବଂ ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

■ଜିଲା ଭାରତ ସ୍କାଉଟ୍ସ, ଗାଇଡ୍ସ ପ୍ରତିଷ୍ଠା ଦିବସ

# ଭଲ ମଣିଷ ହେବାକୁ ପରାମର୍ଶ




ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ, ୭।୧୧**

ଢେଙ୍କାନାଳ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲା ଭାରତ ସ୍କାଉଟ୍ସ, ଗାଇଡ୍ସ ଶାଖାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍କାଉଟ୍ସ, ଗାଇଡ୍ସ ମୁଖ୍ୟ କମିଶନର ତଥା ଡିଇଓ ସୁଧାନନ୍ଦ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଗୋବିନ୍ଦପୁର କେ.ପି. ହାଇସ୍କୁଲ, ବାରଦା ମାତୃଭବନ ହାଇସ୍କୁଲ, ଜୁବିଲି ଟାଉନ ଶ୍ରୀବଳରାମ ହାଇସ୍କୁଲ, ଏଲ୍ଏମ୍ ହାଇସ୍କୁଲ, ସୌଦାମିନୀ ସ୍ମୃତି ହାଇସ୍କୁଲର ସ୍କାଉଟ୍ସ, ଗାଇଡ୍ସ ଛାତ୍ରୀଛାତ୍ରଙ୍କୁ ନେଇ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସେମାନେ ବିଭିନ୍ନ କାର୍ଯ୍ୟାଳୟକୁ ଯାଇ ଅଧିକାରୀଙ୍କୁ ଟୋକନ ପିନ୍ଧାଇ ସଚେତନତା ସୃଷ୍ଟି କରିଥିଲେ।

ସମ୍ମାନିତ ଅତିଥି ଭାବେ ସଦର ବିଇଓ ନିତ୍ୟାନନ୍ଦ ବାରିକ, ଓଡ଼ାପଡ଼ା ବିଇଓ ଅଭିମନ୍ୟୁ ସେଠୀ, ହିନ୍ଦୋଳ ବିଇଓ ଶାନ୍ତନୁ ମଲ୍ଲିକ, କାମାକ୍ଷାନଗର ବିଇଓ ଅଜୟ ପାତ୍ର, ପରଜଙ୍ଗ ବିଇଓ ହରିହର ଦେହୁରୀ, ଭୁବନ ବିଇଓ ବ୍ରହ୍ମୋତ୍ରୀ ବିଶ୍ୱାଳ, ଗଁଦିଆ ବିଇଓ ହୃଷୀକେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ କମିଶନର ବିଜୟ ନନ୍ଦ, ଗାଇଡ୍ସ କମିଶନର ପୁଷ୍ପାଞ୍ଜଳି ଦଳେଇ, ଗାଇଡ୍ସ କ୍ୟାପଟେନ୍ ସୌଦାମିନୀ ଦଳେଇ, ସ୍କାଉଟ୍ସ ମାଷ୍ଟର ଶ୍ରୀଧର ସାହୁ, ନିଲୁଫର ଜାବେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧନ କର୍ମୀ ନରେଶ କୁମାର ମହାରଣା ଅତିଥି ପରିଚୟ ଦେଇଥିବାବେଳେ ଜିଲା ସ୍କାଉଟ୍ସ କମିଶନର ଗଗନ ବିହାରୀ ନାୟକ ଧନ୍ୟବାଦ ଦେଇଥିଲେ।

■ହିନ୍ଦୋଳରେ କୋରାପୁଟ ଏମ୍ପି

# ‘କଂଗ୍ରେସ ହିଁ ହୋଇପାରିବ ଭାଜପାର ବିକଳ୍ପ’



ବୈଠକରେ କୋରାପୁଟ ଏମ୍ପିଙ୍କ ସମେତ କଂଗ୍ରେସର କର୍ମକର୍ତ୍ତାମାନେ।

**ହିନ୍ଦୋଳ, ୭।୧୧(ଡି.ଏନ.ଏ.)**

କେନ୍ଦ୍ରରେ ଭାଜପା ସରକାର ଆସିବା ପରଠାରୁ ଦେଶର ଆର୍ଥିକ ଭିତ୍ତିଭୂମି ଭୁଶୁଡ଼ି ଯାଇଛି। ଦେଶରେ ନିଯୁକ୍ତି ଠପ୍ ହୋଇଯାଇଛି। ଦରଦାମ ଆକାଶଛୁଆଁ ହୋଇଛି। ଏହାର ପଛରେ ଭାଜପାର ଦୁର୍ବଳ ଆର୍ଥିକ ନୀତି ହିଁ ଦାୟୀ। କଂଗ୍ରେସ ହିଁ ଭାଜପାର ବିକଳ୍ପ ହୋଇପାରିବ। ଏଥିପାଇଁ ତୃଣମୂଳସ୍ତରରୁ ସମସ୍ତଙ୍କୁ ସଙ୍ଗଠିତ ହୋଇ କାମ କରିବାକୁ ପଡ଼ିବ ବୋଲି କହିଛନ୍ତି କୋରାପୁଟ ଏମ୍ପି ତଥା ଢେଙ୍କାନାଳ ଜିଲା କଂଗ୍ରେସ ପର୍ଯ୍ୟବେକ୍ଷକ ସପ୍ତଗିରି ଉଲ୍ଲାକା। ହିନ୍ଦୋଳ ଟାଉନ ହଲ୍‌ରେ ଆୟୋଜିତ କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ହିନ୍ଦୋଳ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଏମ୍ପିଙ୍କୁ ଭବ୍ୟ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ କର୍ମୀ। ଏହି ଅବସରରେ କୋର୍ଟଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଏମ୍ପି ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ନେତା ତ୍ରିନାଥ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ରାଜା ଶୈଳେନ୍ଦ୍ର ନାରାୟଣ ସିଂଦେଓ, ଜିଲା ସଭାପତି ସୁରେଶ ପାଣିଗ୍ରାହୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମମତାଞ୍ଜଳି ବେହେରା, ପିସିସି ଉପସଭାନେତ୍ରୀ ସସ୍ମିତା ବେହେରା, ଅନୁଗୁଳ ଜିଲା ସଭାପତି ବିପ୍ଳବ ଜେନା, ପୂର୍ବତନ ବିଧାୟକ ନବୀନ ନନ୍ଦ, ମହେଶ୍ୱର ନାୟକ ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ନିର୍ବାଚନରେ ଦଳ ଆଶାନୁରୂପକ ପ୍ରଦର୍ଶନ କରିପାରିନାହିଁ। ଏଥିରେ ନିରୁତ୍ସାହିତ ନ ହୋଇ ପଞ୍ଚାୟତସ୍ତରରୁ ସଙ୍ଗଠନକୁ ମଜଭୁତ କରିବାକୁ ପଡ଼ିବ। ବାଦବିବାଦ ଛାଡି ଏକଜୁଟ ହୋଇ କାମ କଲେ ଏହାର ସୁଫଳ ନିଶ୍ଚୟ ମିଳିବ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସେବାଦଳ ଅଧ୍ୟକ୍ଷ ସୁବାସ ପାଳ, ସନ୍ତୋଷ ରାଉତ, ଛବିରାଜ ବିଶ୍ୱାଳ, ରତିକାନ୍ତ ଗଡ଼ନାୟକ, ପ୍ରିୟବ୍ରତ ଗଡ଼ନାୟକ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

### ଟ୍ରକ୍ ଧକ୍କାରେ ଯୁବକ ମୃତ

**ପରଜଙ୍ଗ, ୭।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଝରଣବାହଳ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲୋଧଣି ଗ୍ରାମର ଅଜିତ ନାୟକ। ବାଇକ୍ ପଛରେ ବସିଥିବା କୁଲେଇ ବଆଁରପାଳ ଗ୍ରାମର ସିଦ୍ଧାନ୍ତ ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ତାଳଚେର ଏବଂ ପରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ଉଭୟେ ଦଦରାଘାଟିରୁ ପିଟିରି ଆଡ଼କୁ ବାଇକ୍‌ରେ ଆସୁଥିଲେ। ଏହି ସମୟରେ ସମ୍ମୁଖରୁ ଉକ୍ତ ଟ୍ରକ୍ ଧକ୍କା ଦେଇ ପଳାଇଥିଲା। ଘଟଣାସ୍ଥଳରେ ଅଜିତଙ୍କ ମୃତ୍ୟୁ ହୋଇଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ସିଦ୍ଧାନ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଫାଣ୍ଡି ଅଧିକାରୀ ସମରଜିତ ନାୟକ, ଏସ୍ଆଇ ସରୋଜ କୁମାର ସେଠୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ପରଜଙ୍ଗ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ଅଜଗର ଉଦ୍ଧାର



**ଓଡ଼ାପଡ଼ା, ୭।୧୧(ଡି.ଏନ୍.ଏ.)**

ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ସେକ୍ସନ ଏମ୍‌ଜିଏମ୍ ଷ୍ଟିଲ କାରଖାନା ଭିତରୁ ଗୁରୁବାର ସନ୍ଧ୍ୟାରେ ଏକ ୫ଫୁଟ ଲମ୍ବର ଅଜଗରକୁ ଉଦ୍ଧାର କରାଯାଇଛି। ନିକଟ ପାହାଡ଼ରୁ ସାପଟି ପଳାଇ ଆସିଥିବା ଅନୁମାନ କରାଯାଉଛି। ସାପ ଉଦ୍ଧାରକାରୀ ଦଳର ସଦସ୍ୟ ରମାକାନ୍ତ ସାହୁ, ହାତୀ ସ୍କ୍ୱାଡ୍ ସଦସ୍ୟ ଦୀପକ ରଞ୍ଜନ ସାହୁ ପ୍ରମୁଖ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ।

# ତୁରନ୍ତ ଅନୁକମ୍ପା ରାଶି ପ୍ରଦାନ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୭।୧୧**

ଢେଙ୍କାନାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ସତର୍କତା ଏବଂ ପର୍ଯ୍ୟାଲୋଚନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ୍‌ସି/ଏସ୍‌ଟି ସମ୍ପ୍ରଦାୟର ବ୍ୟକ୍ତିଙ୍କ ଉପରେ ହେଉଥିବା ନିର୍ଯାତନା, ପୀଡ଼ିତଙ୍କୁ ଆର୍ଥିକ ସହାୟତା, ଅନ୍ୟ ଜାତିରେ ବିବାହ କରୁଥିବା ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତିଙ୍କୁ ସରକାରୀ ସ୍ତରରେ ପ୍ରଦାନ କରାଯାଉଥିବା ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ନୃଶଂସତା ମାମଲା ରୁଜୁ ହେଲେ ଘଟଣାର ଯୁଗ୍ମ ତଦନ୍ତ କରି ତୁରନ୍ତ ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବିଧାୟକ ଡା. ନୃସିଂହ ଚରଣ ସାହୁ, ସୁଧୀର ସାମଲ, ବିଧାୟିକା ସୀମାରାଣୀ ନାୟକ, ଜିଲା ମଙ୍ଗଳ ଅଧିକାରୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।

# ଦନ୍ତା ଆକ୍ରମଣରେ ମା’ପୁଅ ଗୁରୁତର

**ପରଜଙ୍ଗ, ୭।୧୧(ଡି.ଏନ.ଏ.)**





ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଆତଙ୍କ ଥମିବାର ନାଁ ଧରୁନି। ଗୁରୁବାର ପାଟରପଦା ମେଡିକାଲ ନିକଟରେ ଏକ ଦନ୍ତାହାତୀ ଆକ୍ରମଣରେ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପାଟରପଦା ଗ୍ରାମର ଯାମିନୀ ନାଏକ ଓ ତାଙ୍କ ୮ ବର୍ଷର ପୁଅ ସୁରଞ୍ଜନ।

ଜାମିନୀ ତାଙ୍କ ମଝିଆ ଯାଆଙ୍କ ସମାଧିରେ ପୂଜାର୍ଚ୍ଚନା କରିବା ପରେ ପୁଅ ସହ ଅଟୋରିକ୍ସାରେ ଘରକୁ ଫେରୁଥିଲେ। ହଠାତ୍ ଉକ୍ତ ଦନ୍ତା ରାସ୍ତା ଉପରକୁ ଉଠିଆସିଥିଲା। ଡ୍ରାଇଭର ଗୁଜା ବିଶ୍ୱାଳ ଗାଡ଼ି ଛାଡ଼ି ଦୌଡ଼ି ପଳାଇଥିଲେ। ଜାମିନୀ ପୁଅଙ୍କୁ ଧରି ପ୍ରାଣବିକଳରେ ଦୌଡୁଥିବାବେଳେ ଦନ୍ତା ଉଭୟଙ୍କୁ ଶୁଣ୍ଢରେ ଟେକି ନେଇ ଫିଙ୍ଗି ଦେଇଥିଲା। ସେମାନଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଦୁଇଜଣଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ଚିକିତ୍ସା ପାଇଁ ଡିହଡୋଳ ଫରେଷ୍ଟର ରାମଚନ୍ଦ୍ର ରାଉତ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି।

ଦୀର୍ଘଦିନ ହେଲା ହାତୀପଲ ମହାବିରୋଡ ରେଞ୍ଜରେ ଆତଙ୍କ ସୃଷ୍ଟି କରି ଚାଲିଛନ୍ତି। ବନ ବିଭାଗ ପକ୍ଷରୁ ହାତୀଙ୍କୁ ଘଉଡ଼ାଇବାକୁ ଆବଶ୍ୟକ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

■ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ‘ଉତ୍ତମ ଶିକ୍ଷା ସଂସ୍କାର ବଢ଼ାଏ’

**ଢେଙ୍କାନାଳ ଅଫିସ, ୭।୧୧**




ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ।

ଉତ୍ତମ ଶିକ୍ଷା ସଂସ୍କାର ବଢ଼ାଏ। ସଂସ୍କୃତିକୁ ଆଗକୁ ନେବାକୁ ପ୍ରେରିତ କରେ। ନକରାତ୍ମକ ଦିଗକୁ ଛାଡ଼ି ସକାରାତ୍ମକ ଦିଗ ପ୍ରତି ଅଧିକ ଧ୍ୟାନ ଦେଲେ ସଫଳତା ମିଳିବ। ଦକ୍ଷତା ବଢ଼ାଇବା, ଶିଶୁମାନେ କିପରି ଆଗକୁ ବଢ଼ିବେ ସେଥିପ୍ରତି ଧ୍ୟାନ ଦେବା ଉଭୟ ଶିକ୍ଷକ ଏବଂ ଅଭିଭାବକଙ୍କ ଦାୟିତ୍ୱ। ଏଥିପ୍ରତି ଯତ୍ନବାନ ହେଲେ ଶିକ୍ଷାର ସୁଫଳ ଦେଶବାସୀ ପାଇବେ ବୋଲି କହିଛନ୍ତି ବିଧାୟକ ସୁଧୀର କୁମାର ସାମଲ। ଢେଙ୍କାନାଳ ଜିଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ଗୁରୁବାର ଆୟୋଜିତ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମଧ୍ୟାହ୍ନ ଭୋଜନ ସଚେତନତା ମେଳା-୨୦୧୯ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସମ୍ମାନିତ ଅତିଥି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କହିଲେ, ଶିଶୁ ଭିତରେ ଥିବା ପ୍ରତିଭା ଅନ୍ୱେଷଣ କରି ଏହାକୁ ବିକଶିତ କରିବା ‘ସୁରଭି’ର ମୁଖ୍ୟ ଉଦ୍ଦେଶ୍ୟ। ସ୍କୁଲ ପରିବେଶ ଯେତିକି ସୁନ୍ଦର ହେବ, ଶିକ୍ଷା ସେତିକି ସମୃଦ୍ଧ ହେବ। ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ସରକାରୀ ସ୍କୁଲରେ ସ୍ମାର୍ଟକ୍ଲାସ୍ ଆରମ୍ଭ ହେବ। ଏହାର ଶିକ୍ଷାର ଗୁଣବତ୍ତା ବଢ଼ାଇବ। କର୍ତ୍ତବ୍ୟପରାୟଣ ହେଲେ ପରୀକ୍ଷା ଫଳାଫଳ ଭଲ ହେବ ବୋଲି ଜିଲାପାଳ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ମିଶ୍ର କହିଲେ, ସମସ୍ତେ ନିଜେ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କଲେ ସମୃଦ୍ଧ ଦେଶ ଗଠନ ହୋଇପାରିବ। କଠିନ ଅଧ୍ୟବସାୟ ବଳରେ ଛାତ୍ରୀଛାତ୍ରମାନେ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ା, ବିଇଓ ନିତ୍ୟାନନ୍ଦ ବାରିକ, ଶିକ୍ଷକ ବିପିନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ଅତିରିକ୍ତ ଜିଲାପାଳ ଭବେଶ କୁମାର ନାୟକ, ଭିଜିଲାନ୍ସ ଶାଖା ଡିଏସ୍‌ପି ବେଣୁଧର ନାୟକ, ଡିଇଓ, ଡିଆଇଟି ଅଧ୍ୟକ୍ଷ ଉପସ୍ଥିତ ଥିଲେ। ଜିଲାସ୍ତରରେ ପ୍ରଥମ ହୋଇଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ସୁରଭିରେ ଭାଗନେବେ। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ସମ୍ବଳିତ ପ୍ରଦର୍ଶନୀ, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ନେଇ ପ୍ରଦର୍ଶନୀ ଏବଂ କଣ୍ଢେଇ ନାଚ ପ୍ରଦର୍ଶିତ ହୋଇଥିଲା। ସେହିପରି ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ସଦର ବ୍ଲକର ୧୦୦ ସ୍କୁଲକୁ ହାଣ୍ଡୱାସ୍ ପ୍ରଦାନ କରାଯାଇଥିଲା।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ